ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୫/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, July 25/2024 | Page 16 | ₹ 7.00 | DHENKANAL
୫୦ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 241 | ମୂଲ୍ୟ ₹୭/-



## ସୁଫିଆନଙ୍କ ଡବଲ ଗୋଲ୍

ପ୍ୟାରିସ୍ ଅଲିମ୍ପିକ୍ସରେ ସୁଫିଆନ ରହିମଙ୍କ ଡବଲ୍ ଗୋଲ ବଳରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ସହ ମ୍ୟାଚ ଡ୍ର ରଖିଛି ମରକ୍କୋ।

୧୬

୦୨

## ବିବାହବେଳେ ଅଜବ ସର୍ତ୍ତ ରଖିଥିଲେ କାଜୋଲ

ଅଭିନେତା ଅଜୟ ଦେବଗନ୍‌ଙ୍କୁ ବିବାହ କରିବା ପାଇଁ ଅଭିନେତ୍ରୀ କାଜୋଲ ଏକ ଅଜବ ସର୍ତ୍ତ ରଖିଥିଲେ ବୋଲି ବୁଧବାର କହିଛନ୍ତି।





କଟକ ଜୋବ୍ରା ଆନିକଟ ଦେଇ ମହାନଦୀରେ ବୁଧବାର ପ୍ରବାହିତ ଚଳିତବର୍ଷର ପ୍ରଥମ ବନ୍ୟାଜଳ। (ଫଟୋ: ରାଜକିଶୋର ମହାନ୍ତି)

# ୧୦ବର୍ଷ ଆୟୁଷ ବଢ଼ିଛି

ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪

**ଓଡ଼ିଶାରେ ହାରାହାରି ଆୟୁଷ**

- ୨୦୦୦-୨୦୦୪ରେ ଥିଲା ୬୦.୪ ବର୍ଷ
- ୨୦୧୬-୨୦୨୦ରେ ୭୦.୩ ବର୍ଷକୁ ବୃଦ୍ଧି

**ଭୁବନେଶ୍ୱର,୨୪।୭(ଅସମାପିକା ସାହୁ)**

ରାଜ୍ୟରେ ଲୋକଙ୍କ ଆୟୁଷ ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରାୟ ୧୦ ବର୍ଷ ବୃଦ୍ଧି ପାଇଥିବା ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ରୁ ଜଣାପଡ଼ିଛି। ଜଣେ ନବଜାତକ ହାରାହାରି କେତେ ବର୍ଷ ବଞ୍ଚିପାରିବେ ତାହା 'ଲାଇଫ୍ ଏକ୍ସପେକ୍‌ଟାନ୍ସି ଆଟ୍ ବାର୍ଥ' ବା ଜନ୍ମ ସମୟରେ ଜୀବନ ଅବଧି ଆକଳନ ସୂଚାଇଥାଏ। ଏହି ଆକଳନ ଭାରତ ସରକାରଙ୍କ ମହାନିବନ୍ଧକ ଓ ଜନଗଣନା ଆୟୁକ୍ତଙ୍କ ପକ୍ଷରୁ ସାମ୍ପଲ ରେଜିଷ୍ଟ୍ରେଶନ ସିଷ୍ଟମ(ଏସ୍‌ଆର୍‌ଏସ୍) ଭାବେ ପ୍ରକାଶ କରାଯାଇଥାଏ। ଏଥିରେ ଜନ୍ମ ସମୟରେ ହାରାହାରି ଜୀବନ ଅବଧି ବା (ଆୟୁଷ)କୁ ଆକଳନ କରାଯାଇଥାଏ। ବିଧାନସଭାରେ ବୁଧବାର ଉପସ୍ଥାପିତ ହୋଇଥିବା ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଏସ୍‌ଆର୍‌ଏସ୍ ତଥ୍ୟ ଆଧାରରେ ୨୦୦୦-୨୦୦୪ରେ ଓଡ଼ିଶାରେ ଲୋକଙ୍କ ହାରାହାରି ଆୟୁଷ ଥିଲା ୬୦.୪ ବର୍ଷ। ତେବେ ୨୦୧୬-୨୦୨୦ରେ ହାରାହାରି ଆୟୁଷ ବୃଦ୍ଧି ପାଇ ୭୦.୩ ବର୍ଷ ରହିଛି। କିନ୍ତୁ ଆୟୁଷ କ୍ଷେତ୍ରରେ ଦେଶରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ୧୭ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ୭ ରାଜ୍ୟର ଲୋକଙ୍କ ଆୟୁଷ ହାର ଓଡ଼ିଶାଠାରୁ ଅଧିକ ରହିଛି। ତେଣୁ ରାଜ୍ୟବାସୀଙ୍କ ଜୀବନଶୈଳୀ ଓ ଦୀର୍ଘ ଜୀବନ ପାଇଁ ଅଧିକ ଚେଷ୍ଟା ☞ପୃଷ୍ଠା-୪

## ସ୍କୁଲ ଡ୍ରପ୍‌ଆଉଟ୍: ଶୀର୍ଷରେ ଓଡ଼ିଶା

**ଭୁବନେଶ୍ୱର, ୨୪।୭ (ଅସମାପିକା ସାହୁ)**

ସ୍କୁଲ ଡ୍ରପ୍‌ଆଉଟ୍ ବା ଅଧାରୁ ପାଠ ଛାଡ଼ିବାରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶୀର୍ଷରେ ରହିଛି। ବିଶେଷକରି ମାଧ୍ୟମିକ ଶିକ୍ଷା ସ୍ତରରେ ଅଧାରୁ ପାଠ ଛାଡ଼ିବା ହାରରେ ଓଡ଼ିଶା ଦେଶରେ ପ୍ରଥମ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ରୁ ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ଶିକ୍ଷାବର୍ଷ ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ମାଧ୍ୟମିକ ସ୍ତରରେ ପାଠ ଛାଡ଼ିବା ହାରରେ ୨୨.୨ ପ୍ରତିଶତ ହ୍ରାସ ପାଇଥିଲେ ମଧ୍ୟ ଓଡ଼ିଶା ☞ପୃଷ୍ଠା-୪

## ଆଜି ରାଜ୍ୟ ବଜେଟ

**ଭୁବନେଶ୍ୱର,୨୪।୭(ଅନିଲ ଦାସ)**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୁରୁବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହେବ। ଗତ ଫେବୃଆରୀରେ ବିଜେଡି ସରକାର କାମଚଳା ବଜେଟ ଆଣିଥିଲେ। ତତ୍କାଳୀନ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସେ ସମୟରେ ମୋଟ ୨ ଲକ୍ଷ ୫୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ସାଧାରଣ ନିର୍ବାଚନ ଥିବାରୁ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ୧ ଲକ୍ଷ ୧୮ ହଜାର କୋଟି ଟଙ୍କାର କାମଚଳା ବଜେଟ ଅଣାଯାଇଥିଲା। ରାଜ୍ୟରେ ଶାସନ ପରିବର୍ତ୍ତନ ହୋଇଛି। ପ୍ରଥମ ଥର ଲାଗି ଭାଜପା ସରକାର ପୂର୍ଣ୍ଣାଙ୍ଗ ବଜେଟ ଆଣିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ☞ପୃଷ୍ଠା-୪

# ରେଳ ପାଇଁ ଓଡ଼ିଶାକୁ ୧୦,୫୮୬ କୋଟି

## ନୂଆ ଟ୍ରାକ୍ ପାଇଁ ୪୦ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି: ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)**

ବଜେଟ ୨୦୨୪-୨୫ରେ ରେଳ ମନ୍ତ୍ରଣାଳୟକୁ ୨,୬୨,୨୦୦ କୋଟି ଟଙ୍କା ମିଳିଥିବାବେଳେ ସେଥିମଧ୍ୟରୁ ଓଡ଼ିଶାର ଅଂଶ ୧୦,୫୮୬ କୋଟି ରହିଛି। ୟୁପିଏ ସରକାରରେ ୨୦୦୯ରୁ ୨୦୧୪ ମଧ୍ୟରେ ବଜେଟରେ ଓଡ଼ିଶା ପାଇଁ ରେଳ ବିଭାଗକୁ ବାର୍ଷିକ ହାରାହାରି ୮୩୮ କୋଟିର ଅନୁଦାନ ମିଳିଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କେବଳ ୧୦,୫୮୬ କୋଟି ଟଙ୍କାର ଅନୁଦାନ ମିଳିଛି। ବୁଧବାର ଭୁବନେଶ୍ୱରସ୍ଥିତ ରେଳ ସଦନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗଣମାଧ୍ୟମକୁ ସମ୍ବୋଧିତ କରି ଏହି ସୂଚନା ଦେଇଛନ୍ତି। କଂଗ୍ରେସ ସରକାର ସମୟରେ ଓଡ଼ିଶାକୁ ମିଳିଥିବା ଅନୁଦାନଠାରୁ ଚଳିତବର୍ଷ ମିଳିଥିବା ଅନୁଦାନ ୧୨.୫ ଗୁଣ ଅଧିକ ବୋଲି ମନ୍ତ୍ରୀ ବୈଷ୍ଣବ ଦର୍ଶାଇଛନ୍ତି। ସେହିପରି ୨୦୦୯-୧୪ ମଧ୍ୟରେ ☞ପୃଷ୍ଠା-୪

# ଟେକ୍ ଅଫ୍ ପରେ ବିମାନରେ ନିଆଁ: ୧୮ ମୃତ



**କାଠମାଣ୍ଡୁ,୨୪।୭**

ନେପାଳର କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ଘରୋଇ ବିମାନ ଉଡ଼ାଣ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ନିଆଁ ଲାଗିଯାଇଥିବାରୁ ସେଥିରେ ଥିବା ୧୮ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ପାଇଲଟ୍ ସୌଭାଗ୍ୟକ୍ରମେ ବର୍ତ୍ତିଯାଇଥିଲେ ହେଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୌର୍ଯ୍ୟ ଏୟାରଲାଇନ୍ସର ବମ୍ବାର୍ଡିଅର ସିଆର୍‌ଜେ-୨୦୦ ଏୟାରକ୍ରାଫ୍ଟରେ ପୂର୍ବରୁ କିଛି ତ୍ରୁଟି ରହିଥିଲା। କାନାଡୀୟ କମ୍ପାନୀ ବମ୍ବାର୍ଡିୟର୍ ଦ୍ୱାରା ୨୦୦୩ ଏପ୍ରିଲରେ ନିର୍ମିତ ବିମାନଟିର ମରାମତି ପାଇଁ ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୧୧ ମିନିଟ୍‌ରେ ପୋଖରା ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଏହା ଉଡ଼ାଣ ଆରମ୍ଭ କରିଥିଲା। ସେଥିରେ ୧୭ ଯାତ୍ରୀ ଓ ୨ କ୍ରିଉ ମେମ୍ବର ଥିଲେ। ରନ୍‌ୱେ ୦୨ରେ ଉଡ଼ାଣ କରିବାର କିଛି ସମୟ ପରେ ଡାହାଣ ପଟକୁ ଢ଼ଳିବାରେ ଲାଗିଲା। ରନ୍‌ୱେର ପୂର୍ବପଟରେ ଖସିପଡ଼ିବାରୁ ବିମାନରେ ନିଆଁ ଲାଗିଯାଇଥିଲା। ତତ୍କାଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ନିଆଁକୁ ଆୟତ୍ତ କରାଯିବା ବେଳକୁ ୧୮ ଜଣଙ୍କ ମୃତ୍ୟୁ ଘଟିସାରିଥିଲା। ବିମାନ ଚଳାଚଳ କର୍ତ୍ତୃପକ୍ଷ ସମସ୍ତ ମୃତକଙ୍କ ପରିଚୟ ଚିହ୍ନଟ କରିଛନ୍ତି। ସେମାନଙ୍କ ମଧ୍ୟରେ ସୂର୍ଯ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗୀତାରେ ପରିବାର**

## ଭବାନୀ ଶଙ୍କର ଭୋଇ ଉପବାଚସ୍ପତି



**ଭୁବନେଶ୍ୱର,୨୪।୭(ଅନିଲ ଦାସ)**

ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଓଡ଼ିଶା ବିଧାନସଭାର ନୂଆ ଉପବାଚସ୍ପତି ହୋଇଛନ୍ତି। କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ବୁଧବାର ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସେ ଉପବାଚସ୍ପତି ପଦ ଲାଗି ବିଧାନସଭା ସଚିବଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ☞ପୃଷ୍ଠା-୪

## ଡମଣୀ ଡ୍ୟାମ୍‌ରେ ବୁଡ଼ି ୨ ଛାତ୍ର ମୃତ

**ଚୌଦ୍ୱାର,୨୪।୭(ଆଶୁତୋଷ ଦାସ)**

କଟକ ଜିଲା ଚୌଦ୍ୱାର ଥାନା ମଙ୍ଗରାଜପୁର ପଞ୍ଚାୟତ ଅଧୀନ କୋଲିନୂଆଗାଁ ନିକଟ ପର୍ଯ୍ୟଟନସ୍ଥଳୀ ଡମଡମଣୀ ପୀଠ ପାଖରେ ଥିବା ଡମଣୀ ଡ୍ୟାମ୍‌ରେ ବୁଧବାର ବୁଡି ଯାଇ ୨ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିଡାନାସୀ ଅଞ୍ଚଳର ଶୃତିକ ଶତପଥୀ ଓ କଟକ ନୂଆପାଟଣା ଅଞ୍ଚଳର ସ୍ୱୟମ୍ ସଂକେତ ଦାଶ। ମିଳିଥିବା ସୂଚନା ଅନୁଯାୟୀ, କଟକ ଷ୍ଟୁଆର୍ଟ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଶୃତିକ, ସ୍ୱୟମ୍, କଟକ ଅଲିଶା ବଜାର ଅଞ୍ଚଳର ଆଦେଶ ପ୍ରଧାନ, ☞ପୃଷ୍ଠା-୪

# ବର୍ଷା ପାଇଁ ବେକେ ପାଣିରେ ଜପ



**ପାଟଣା,୨୪।୭(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଚାଷ ପ୍ରଭାବିତ ହୋଇଛି। ଶ୍ରାବଣ ମାସରେ ଜମି ଶୁଖିଲା ପଡ଼ିଥିବା ବେଳେ ବିଲରେ କେଉଁଠି ଧାନତଳି ବୁଢ଼ା ହେଲାଣି ତ କେଉଁଠି ଶୁଖି ମରି ଗଲାଣି। ବିଗତ ୫ବର୍ଷରେ ଜୁଲାଇ ମାସ ମଧ୍ୟରେ ୬୦୬ ମି.ମି. ବୃଷ୍ଟିପାତ ହେବା ରେକର୍ଡ ଥିବା ବେଳେ ଚଳିତ ବର୍ଷ ମାତ୍ର ୨୪୨.୮ ମି.ମି. ବୃଷ୍ଟିପାତ ହୋଇଥିବା ବ୍ଲକ୍ କୃଷି ଅଧିକାରୀ ପରେଶ କୁମାର ଦାଶ କହିଛନ୍ତି। ସ୍ୱାଭାବିକ ବର୍ଷାଠାରୁ ୩୬୪ ମି.ମି. କମ୍ ବୃଷ୍ଟିପାତ ରେକର୍ଡ ହୋଇଛି। ଫଳରେ ବିଲ ପଡ଼ିଆ ପଡ଼ିଛି। ଏଭଳି ସ୍ଥଳେ ଚାଷୀକୁଳ ହତାଶ ହୋଇ ଈଶ୍ୱରଙ୍କ ଶରଣାପନ୍ନ ହୋଇଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସାମ ଶାସନରେ ବୁଧବାର ବୃଷ୍ଟିଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବର୍ଷା ପାଇଁ ବ୍ରାହ୍ମଣମାନେ ନଦୀର ବେକେ ପାଣିରେ ପଶି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜପ କରିଛନ୍ତି। ବୃଷ୍ଟିଯଜ୍ଞ ସକାଶେ ବୈତରଣୀ ନଦୀ ☞ପୃଷ୍ଠା-୪



# ବଜେଟରେ ଉପେକ୍ଷା, ବିରୋଧୀଙ୍କ କକ୍ଷତ୍ୟାଗ



ଆପ୍ ଏମ୍‌ପି ରାଘବ ଚଡ୍ଢା ଏବଂ ଅନ୍ୟ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୂଆଦିଲ୍ଲୀ,୨୪।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର କ୍ଷମତାକୁ ଆସିବା ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ ଅଣଦେଖା କରିଛନ୍ତି। ମୋଦି ସରକାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଚାପରେ ବିହାର ଓ ଆନ୍ଧ୍ରପ୍ରଦେଶକୁ ଅଧିକ ପାଣ୍ଠି ଯୋଗାଇ ଦେଇଥିବାବେଳେ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରିଛନ୍ତି। ପାର୍ଲାମେଣ୍ଟରେ ବୁଧବାର ଏଭଳି ଅଭିଯୋଗ ଆଣି ଇନ୍‌ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ନେତାମାନେ କକ୍ଷତ୍ୟାଗ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଉପସ୍ଥାପନ କରିଥିବା ୨୦୨୪-୨୫ ଆର୍ଥିକବର୍ଷର ପୂର୍ଣ୍ଣାଙ୍ଗ ବଜେଟକୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତର ସଂଘୀୟ ବ୍ୟବସ୍ଥାର ପବିତ୍ରତା ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳରେ ବ୍ୟାଘାତ ସୃଷ୍ଟି ନ କରିବାକୁ ଚେତାବନୀ ଦେଇଥିଲେ। ତେବେ ବାଚସ୍ପତିଙ୍କ କଥାକୁ କେହି ଶୁଣି ନ ଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ଏମ୍‌ପି ଅଭିଶେକ ବାନାର୍ଜୀ ବଜେଟରେ ଦୂରଦୃଷ୍ଟି ନ ଥିବା ସମାଲୋଚନା କରିଥିଲେ। ଏହାକୁ ନେଇ ବିର୍ଲା ଓ ଅଭିଶେକଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ବିରୋଧୀ ସଦସ୍ୟମାନଙ୍କୁ ପ୍ରସଙ୍ଗ ଉଠାଇବାକୁ ଦିଆ ନ ଯିବାରୁ ସେମାନେ କକ୍ଷତ୍ୟାଗ କରିଥିଲେ। ଉଚ୍ଚ ସଦନ ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ବଜେଟରେ ଅବହେଳା ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ସୀତାରାମନ୍ ବିବୃତି ରଖୁଥିବାବେଳେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିଥିବାବେଳେ ଗୃହର ଅଧ୍ୟକ୍ଷ ଜଗଦୀପ ଧନକର ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ରାହୁଲ, ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ମୁଖ୍ୟ ସୋନିଆ ଗାନ୍ଧୀ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସମେତ ଟିଏମ୍‌ସି, ଡିଏମ୍‌କେ ଏବଂ ବାମପନ୍ଥୀ ସଦସ୍ୟମାନେ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖାର୍ଗେ ଏହାକୁ ଜନବିରୋଧୀ ବଜେଟ ଦର୍ଶାଇ ଏହାଦ୍ୱାରା କେହି ନ୍ୟାୟ ପାଇବେ ନାହିଁ ବୋଲି କହିଥିଲେ। ଅଖିଳେଶ କହିଥିଲେ, ବଜେଟରେ ଉତ୍ତର ପ୍ରଦେଶକୁ ଉପେକ୍ଷା କରାଯାଇଛି। ଏସ୍‌ପିର ରାଜ୍ୟ ସଭା ସଦସ୍ୟ ଜୟା ବଚ୍ଚନ ମଧ୍ୟ ଏଥିରେ ଯୁବପିଢ଼ିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିବା ଦର୍ଶାଇ କେନ୍ଦ୍ରକୁ ସମାଲୋଚନା କରିଥିଲେ।

## ମୋଦି ଏକଘରିକିଆ ହୋଇଯିବେ: ଷ୍ଟାଲିନ୍



ଚେନ୍ନାଇ,୨୪।୭

କେନ୍ଦ୍ର ବଜେଟରେ ତାମିଲନାଡୁ ସମେତ ବିରୋଧୀ ଶାସିତ ରାଜ୍ୟଗୁଡ଼ିକକୁ ଉପେକ୍ଷା କରାଯାଇଛି। ଏହି ଧାରା ଜାରି ରହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଘରିକିଆ ହୋଇଯିବେ ବୋଲି ବୁଧବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଚେତାବନୀ ଦେଇଛନ୍ତି। ଡିଏମ୍‌କେ ମୁଖ୍ୟ ଷ୍ଟାଲିନ୍ କହିଛନ୍ତି, ମୋଦି ସରକାର ବିରୋଧୀମାନଙ୍କୁ ଟାର୍ଗେଟ କରୁଛନ୍ତି। ସେ ଏଥିରୁ ନିବୃତ୍ତ ରହି ଶାସନ ବ୍ୟବସ୍ଥା ଉପରେ ଫୋକସ୍ କରିବା ଉଚିତ। କାରଣ ନିର୍ବାଚନ ସରିଯାଇଛି। ବର୍ତ୍ତମାନ ପ୍ରଚାରର ସମୟ ନୁହେଁ ବୋଲି ସେ ଚେତାଇ ଦେଇଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ କଲେ ୧୦ ବର୍ଷ ଜେଲ, ୧ କୋଟି ଜରିମାନା

**ବିହାର ବିଧାନସଭାରେ ବିଧେୟକ ପାରିତ**

ପାଟନା, ୨୪।୭

ବିହାରରେ ବିଭିନ୍ନ ସରକାରୀ ପରୀକ୍ଷାଗୁଡ଼ିକରେ ପେପର ଲିକ୍ କଲେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିହାର ପବ୍ଲିକ ଏକ୍ଜାମିନେଶନ୍ (ପ୍ରିଭେନ୍‌ଶନ୍ ଅଫ୍ ଅନ୍‌ଫେୟାର ମିନ୍‌ସ୍) ବିଲ୍, ୨୦୨୪ ବୁଧବାର ବିହାର ବିଧାନସଭାରେ ପାରିତ ହୋଇଛି। ଏହି ବିଧେୟକର ପ୍ରାବଧାନ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟକାରୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ୧ କୋଟି ଟଙ୍କାର ଜରିମାନା ଦିଆଯିବ। ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ବୁଧବାର ଏହି ବିଲ୍ ପାସ କରୁଥିବା ସମୟରେ ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ତେଣୁ ବାଚନିକ ଭୋଟରେ ଉକ୍ତ ବିଲ୍ ପାରିତ ହୋଇଛି। ତେବେ ଏହି ବିଧେୟକ କାର୍ଯ୍ୟକାରୀ ହେବା ପରେ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟଜନିତ ମାମଲାରେ ହ୍ରାସ ଘଟିବ ବୋଲି ଚୌଧୁରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଧାନସଭା ପରେ ଏବେ ଏହି ବିଧେୟକ ବିହାର ବିଧାନ ପରିଷଦରେ ପାରିତ ହେବ।

## ଗୁଳି ବିନିମୟ: ଯବାନ, ଆତଙ୍କବାଦୀ ମୃତ

ଶ୍ରୀନଗର, ୨୪।୭

ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ବୁଧବାର ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ତେବେ ଆତଙ୍କବାଦୀଙ୍କ ଗୁଳିରେ ଗୁରୁତର ଅବସ୍ଥାରେ ଦିଲାୱର ସିଂ ନାମକ ଜଣେ ଯବାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କୁପ୍‌ୱାଡ଼ାର କୋବୁତ ଲୋଲାବ ଅଞ୍ଚଳରେ ୨ରୁ ୩ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଫଳରେ ବୁଧବାର ଉକ୍ତ ଅଞ୍ଚଳରେ ସୁରକ୍ଷାବଳ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଥିଲେ।

## ଇଣ୍ଡିଆ ପକାଇବ 'ଏମ୍‌ଏସ୍‌ପି' ଚାପ

ନୂଆଦିଲ୍ଲୀ,୨୪।୭

କୃଷକମାନଙ୍କୁ ଉତ୍ପାଦିତ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ନେଇ ପାର୍ଲାମେଣ୍ଟରେ ଆଇନ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଇଣ୍ଡିଆ ବ୍ଲକ୍ ଚାପ ପକାଇବ ବୋଲି ବୁଧବାର ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସଂସଦ ଭବନ ପରିସରରେ କୃଷକ ନେତାମାନଙ୍କ ସହ ଆଲୋଚନା ପରେ ରାହୁଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ ଓ କର୍ଣ୍ଣାଟକର ୧୨ କୃଷକ ନେତାଙ୍କ ଏକ ପ୍ରତିନିଧି ଦଳ ରାହୁଲଙ୍କୁ ଭେଟି ଦେଶର ଚାଷୀକୁଳ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସାକ୍ଷାତ ପରେ ରାହୁଲ କହିଥିଲେ, କଂଗ୍ରେସର ନିର୍ବାଚନୀ ଇସ୍ତାହାର 'ନ୍ୟାୟପତ୍ର'ରେ ଆମେ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ଇଣ୍ଡିଆ ବ୍ଲକ୍‌ର ନେତାମାନେ ଏନେଇ ଏକ ବୈଠକରେ ଆଲୋଚନା କରିଛୁ। ଚାଷୀଙ୍କୁ ସାମଗ୍ରୀର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ସକାଶେ କେନ୍ଦ୍ର ଉପରେ ଚାପ ସୃଷ୍ଟି କରିବାକୁ ସହମତି ପ୍ରକାଶ ପାଇଛି। ଏହା ହେଉଛି କୃଷକଙ୍କ ଅଧିକାର, ଯାହାକୁ ଇଣ୍ଡିଆ ବ୍ଲକ୍ ସୁନିଶ୍ଚିତ କରିବ। ସାକ୍ଷାତ ବେଳେ ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳ, ଦୀପେନ୍ଦର ସିଂ ହୁଡ୍ଡା, କଂଗ୍ରେସ ଏମ୍‌ପି ଅମରିନ୍ଦର ସିଂ ରାଜା, ସୁଖଜିନ୍ଦର ସିଂ ରନ୍ଧାୱା ଉପସ୍ଥିତ ଥିଲେ। ଅନ୍ୟପକ୍ଷେ କୃଷକ ନେତାମାନଙ୍କୁ ଇଣ୍ଡିଆ ବ୍ଲକ୍ ଆମନ୍ତ୍ରଣ କରିଥିଲା। କିନ୍ତୁ ସେମାନଙ୍କୁ ସଂସଦ ଭିତରକୁ ଆସିବାକୁ ଦିଆଯାଇ ନ ଥିଲା। ଏହାର କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପଚାରିବାକୁ ପଡ଼ିବ ବୋଲି ରାହୁଲ ଏକ୍ସ'ରେ କହିଛନ୍ତି। ଇତିମଧ୍ୟରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବାକୁ ଘୋଷଣା କରିଛି। ସେହିପରି ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଦେଶବ୍ୟାପୀ ଟ୍ରାକ୍ଟର ରାଲି କରିବା ପାଇଁ ମଧ୍ୟ କୃଷକ ସଙ୍ଗଠନଗୁଡ଼ିକ ଯୋଜନା କରିଛନ୍ତି।

**ସ୍ୱାଧୀନତା ଦିବସରେ ଦେଶବ୍ୟାପୀ କୃଷକଙ୍କ ଟ୍ରାକ୍ଟର ରାଲି**


ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କୃଷକ ନେତାମାନଙ୍କୁ ପାର୍ଲାମେଣ୍ଟ ପରିସରରେ ଭେଟିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

## ଏବେ ଖୋଲିବ ନାହିଁ ଶମ୍ଭୁ ବର୍ଡର

- ସ୍ଥିତି ବଜାୟ ରଖିବାକୁ ଆଦେଶ ଦେଲେ ସୁପ୍ରିମକୋର୍ଟ
- କୃଷକଙ୍କ ସମସ୍ୟା ଜାଣିବାକୁ ସ୍ୱତନ୍ତ୍ର କମିଟି ଗଠନ ପାଇଁ ପରାମର୍ଶ

ନୂଆଦିଲ୍ଲୀ, ୨୪।୭




ଅନେକ ଦିନ ଧରି ବନ୍ଦ ରହିଥିବା ଶମ୍ଭୁ ବର୍ଡର ଖୋଲିବ ନା ନାହିଁ ସେନେଇ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କୃଷକଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଶମ୍ଭୁ ବର୍ଡର ଖୋଲିବା ନେଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ହରିୟାଣା ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଉଜ୍ଜଳ ଭୁଇଆଁଙ୍କୁ ନେଇ ଗଠିତ ଖଣ୍ଡପୀଠ ହରିୟାଣା ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଶମ୍ଭୁ ବର୍ଡରରେ ସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ବଡ଼ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବାର ଆବଶ୍ୟକତା ରହିଛି। କୃଷକ ଏବଂ ସରକାରଙ୍କ ମଧ୍ୟରେ ବିଶ୍ୱାସର ଅଭାବ ସୃଷ୍ଟି ହୋଇଛି। ତେଣୁ ମାମଲାର ସମାଧାନ ପାଇଁ ନିରପେକ୍ଷ ବ୍ୟକ୍ତିମାନେ ଚାଷୀଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି। ସେଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ ପାଇଁ ସୁପ୍ରିମକୋର୍ଟ ପ୍ରସ୍ତାବ ଦେଇଛନ୍ତି। ଏଥିନିମନ୍ତେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ପରାମର୍ଶ ଦେବାକୁ ପଞ୍ଜାବ ଓ ହରିୟାଣା ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହି ମାମଲାର ପୁଣି ଥରେ ଶୁଣାଣି ହେବ।

## ୮୨ ତମ ସ୍ଥାନରେ ଭାରତୀୟ ପାସ୍‌ପୋର୍ଟ

ଲଣ୍ଡନ, ୨୪।୭




ଚଳିତ ବର୍ଷର 'ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ' ଜରିଆରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସ୍‌ପୋର୍ଟ ଥିବା ଦେଶଗୁଡ଼ିକର ତାଲିକା ବୁଧବାର ଜାରି ହୋଇଛି। ଏହି ତାଲିକାରେ ଭାରତ ୨ଟି ସ୍ଥାନ ତଳକୁ ଖସି ୮୨ ତମ ସ୍ଥାନରେ ରହିଛି। ଭାରତୀୟ ନାଗରିକମାନେ ବିନା ଭିଜାରେ ୫୮ଟି ଦେଶକୁ ଯିବାକୁ ସକ୍ଷମ ହେଉଥିବା ଏହି ସୂଚକାଙ୍କ କହିଛି। ତେବେ ଗତ ବର୍ଷର 'ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ' ଅନୁଯାୟୀ ଭାରତୀୟମାନେ ବିନା କୌଣସି ଭିଜାରେ ୬୧ଟି ଦେଶକୁ ଯିବାକୁ ସକ୍ଷମ ଥିଲେ। ସେହିପରି ଗତ ବର୍ଷ ଭାରତ ବିଶ୍ୱର ଶକ୍ତିଶାଳୀ ପାସ୍‌ପୋର୍ଟ ତାଲିକାର ୮୦ ତମ ସ୍ଥାନରେ ଥିଲା। ତେବେ ଏହି ସୂଚକାଙ୍କରେ ସିଙ୍ଗାପୁର ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସ୍‌ପୋର୍ଟର ଆଖ୍ୟା ପାଇଛି। ସିଙ୍ଗାପୁରର ନାଗରିକମାନେ ବିନା କୌଣସି ଭିଜାରେ ୧୯୫ଟି ଦେଶକୁ ଗସ୍ତ କରିପାରୁଛନ୍ତି। ତାଲିକାର ଦ୍ୱିତୀୟ ସ୍ଥାନରେ ମିଳିତ ଭାବେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ୍ ଓ ସ୍ପେନ୍ ରହିଛନ୍ତି। ଏହି ସବୁ ଦେଶର ନାଗରିକ ବିନା ଭିଜାରେ ୧୯୨ ଦେଶକୁ ଯିବାକୁ ସକ୍ଷମ ହେଉଛନ୍ତି। ସେହିପରି ସୂଚକାଙ୍କର ତୃତୀୟ ସ୍ଥାନରେ ଅଷ୍ଟ୍ରିଆ, ଫିନ୍‌ଲାଣ୍ଡ, ଆୟର୍ଲାଣ୍ଡ, ଲକ୍‌ସେମ୍ବର୍ଗ, ନେଦରଲାଣ୍ଡସ୍, ଦକ୍ଷିଣ କୋରିଆ ଓ ସୁଇଡେନ ରହିଛନ୍ତି। ଭାରତର ପଡ଼ୋଶୀ ପାକିସ୍ତାନ ଏହି ତାଲିକାରେ ୧୦୦ ତମ ସ୍ଥାନରେ ରହିଛି।

**ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ**
- ପ୍ରଥମରେ ସିଙ୍ଗାପୁର
- ସବା ତଳେ ଆଫ୍‌ଗାନିସ୍ତାନ

ପାକିସ୍ତାନୀ ନାଗରିକ ୩୩ଟି ଦେଶକୁ ଭିଜା ଫ୍ରି ଗସ୍ତ କରିପାରୁଛନ୍ତି। ସୂଚକାଙ୍କର ସର୍ବନିମ୍ନ ସ୍ଥାନରେ ଆଫ୍‌ଗାନିସ୍ତାନ ରହିଛି। ଏଠାକାର ନାଗରିକମାନେ ମାତ୍ର ୨୬ଟି ଦେଶକୁ ଭିଜାମୁକ୍ତ ଭାବେ ଗସ୍ତ କରିପାରୁଛନ୍ତି। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ(ଆଇଏଟିଏ)ର ତଥ୍ୟକୁ ଆଧାରକରି ବିଶ୍ୱର ବିଭିନ୍ନ ଦେଶରେ ଅନ୍ୟ ଦେଶର ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ଭିଜା ମୁକ୍ତ ପ୍ରବେଶର ସୁବିଧାକୁ ବିଶ୍ଳେଷଣ କରି ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ ହୋଇଥାଏ।

**ଫୁରସତ୍**

## ଥଣ୍ଡାପାନୀୟରେ ବ୍ୟସ୍ତତାରୁ ବିରତି

**ନ୍ୟାଶନାଲ ରିଫ୍ରେଶ୍‌ମେଣ୍ଟ ଡେ'**



ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ଗୁରୁବାର ନ୍ୟାଶନାଲ୍ ରିଫ୍ରେଶ୍‌ମେଣ୍ଟ ଡେ' ପାଳନ କରାଯାଏ। ଏହି ଦିନ ଲୋକମାନେ ଥଣ୍ଡା ଲେମ୍ବୁ, ବରଫଯୁକ୍ତ ଚା', କୋଲ୍ଡ ପାନୀୟ, ସ୍ମୁଥ, ମକଟେଲ ଏବଂ ଅନ୍ୟାନ୍ୟ ଥଣ୍ଡା ପାନୀୟ ପିଇ ନିଜ ବ୍ୟସ୍ତବହୁଳ ଜୀବନରୁ ସାମାନ୍ୟ ବିରତି ନେଇଥାନ୍ତି।

ଆମେରିକାର ବର୍ଲିଂଟନରେ ଅବସ୍ଥିତ ଆମେରିକୀୟ ବିୟର କମ୍ପାନୀ ଟ୍ରାଭେଲର ବିୟର ୨୦୧୫ ପ୍ରତିବର୍ଷ ଜୁଲାଇର ଚତୁର୍ଥ ଗୁରୁବାର ନ୍ୟାଶନାଲ୍ ରିଫ୍ରେଶ୍‌ମେଣ୍ଟ ଡେ' ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେହି ଦିନଠାରୁ ଉତ୍ତର ଗୋଲାର୍ଦ୍ଧରେ ରହୁଥିବା ଲୋକମାନେ ପ୍ରତିବର୍ଷ ନ୍ୟାଶନାଲ୍ ରିଫ୍ରେଶ୍‌ମେଣ୍ଟ ଡେ' ପାଳନ କରନ୍ତି। ଯେହେତୁ ବର୍ଷର ଏହି ସମୟରେ ସେହି ଅଞ୍ଚଳରେ ତାପମାତ୍ରା ବଢ଼େ, ଏହାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଏ। ଟ୍ରାଭେଲର ବିୟର ଆଉ ବ୍ୟବସାୟ କରୁନାହିଁ, କିନ୍ତୁ ନ୍ୟାଶନାଲ୍ ରିଫ୍ରେଶ୍‌ମେଣ୍ଟ ଡେ' ପ୍ରତିଷ୍ଠା କରି ବିଶ୍ୱରେ ଏହାର ଅବଦାନ ଇତିହାସରେ ଲେଖିଦେଇ ଯାଇଛି।

## ବିବାହବେଳେ ଅଜବ ସର୍ତ୍ତ ରଖିଥିଲେ କାଜୋଲ



**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଦମ୍ପତିଙ୍କ ମଧ୍ୟରୁ ଅଭିନେତା ଅଜୟ ଦେବ୍‌ଗନ୍ ଓ ଅଭିନେତ୍ରୀ କାଜୋଲ ଅନ୍ୟତାମ। ବ୍ୟକ୍ତିଗତ ଜୀବନକୁ ନେଇ ଏହି ଷ୍ଟାର ଦମ୍ପତି ଅନେକବାର ଚର୍ଚ୍ଚାରେ ରହିଥାନ୍ତି। ତେବେ ନିଜ ବିବାହକୁ ନେଇ ବୁଧବାର ଏକ ସାକ୍ଷାତ୍‌କାରରେ କାଜୋଲ ନୂତନ ଖୁଲାସା କରିଛନ୍ତି। ବିବାହ ପାଇଁ ସେ ଅଜୟଙ୍କ ସମ୍ମୁଖରେ ଏକ ଅଜବ ସର୍ତ୍ତ ରଖିଥିବା କହିଛନ୍ତି।


୧୯୯୮ରେ ରିଲିଜ୍ ହୋଇଥିବା 'ପ୍ୟାର୍ ତୋ ହୋନା ହି ଥା' ଫିଲ୍ମରେ ଉଭୟେ ଅଜୟ ଓ କାଜୋଲ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମର ଶୁଟିଂ ଚାଲିଥିବାବେଳେ ଅଜୟ କାଜୋଲଙ୍କୁ ପ୍ରପୋଜ କରିଥିଲେ ଓ ତାଙ୍କ ସହ ବିବାହ କରିବାକୁ ଚାହୁଁଥିବା ନେଇ ଇଚ୍ଛା ପ୍ରକାଶ କରିଥିଲେ। ତେବେ ଅଜୟଙ୍କ ପ୍ରପୋଜକୁ କାଜୋଲ ଏକ ସର୍ତ୍ତରେ ସ୍ୱୀକାର କରିଥିଲେ। ଯଦି 'ପ୍ୟାର୍ ତୋ ହୋନା ହି ଥା' ଫିଲ୍ମ ହିଟ୍ ହୁଏ ତେବେ ଯାଇ ସେ ଏହି ବିବାହ ପାଇଁ ରାଜି ଥିବା କାଜୋଲ କହିଥିଲେ, ଅନ୍ୟଥା ବିବାହ ନେଇ ସେ କେବେ ମଧ୍ୟ ଆଲୋଚନା କରିବେ ନାହିଁ ବୋଲି ଅଜୟଙ୍କୁ ରୋକ୍‌ଠୋକ୍ ଶୁଣାଇଥିଲେ। ତେବେ ୧୫ ଜୁଲାଇ, ୧୯୯୮ରେ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ କାଜୋଲ ଓ ଅଜୟଙ୍କ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ରିପୋର୍ଟ ଅନୁଯାୟୀ, ୭.୫୦ କୋଟି ଟଙ୍କା ବଜେଟରେ ନିର୍ମିତ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୩୧.୫୫ କୋଟି ଟଙ୍କା ସଂଗ୍ରହକରି ସୁପରହିଟ୍ ହୋଇଥିଲା। ଏହାସହ ବିବାହ ପାଇଁ ଅଜୟଙ୍କ ସମ୍ମୁଖରେ କାଜୋଲ ରଖିଥିବା ସର୍ତ୍ତ ପୂରଣ ହୋଇଥିଲା। ଉଭୟେ ୨୪ ଫେବୃଆରୀ ୧୯୯୯ରେ ବିବାହ କରିଥିଲେ।

## ୨୫ ଆଙ୍ଗୁଠି ଥିବା ନବଜାତ ଶିଶୁ



**ବେଙ୍ଗାଲୁରୁ:** କର୍ଣ୍ଣାଟକର ବାଗଲକୋଟ ଜିଲାର ବନହଟ୍ଟି ଅଞ୍ଚଳର ସନ୍‌ସାଇନ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ମଙ୍ଗଳବାର ୨୫ ଆଙ୍ଗୁଠି ଥିବା ଏକ ଦୁର୍ଲଭ ଶିଶୁ ଜନ୍ମ ହୋଇଛି। ଏହି ଶିଶୁର ୨ ହାତରେ ୧୩ଟି ଆଙ୍ଗୁଠି ଥିବା ବେଳେ ୨ ପାଦରେ ୧୨ଟି ଆଙ୍ଗୁଠି ରହିଛି। ସେହିପରି ଶିଶୁର ବାମ ହାତରେ ୭ ଆଙ୍ଗୁଠି ଥିବା ସହ ଡାହାଣ ହାତରେ ୬ ଆଙ୍ଗୁଠି ରହିଛି। ଉଭୟ ବାମ ଓ ଡାହାଣ ପାଦରେ ୬ଟି ଲେଖାଏ ଆଙ୍ଗୁଠି ରହିଛି।

ତେବେ ନବଜାତକର ଜନ୍ମରେ ମା' ଭାରତୀ(୩୫) ଓ ବାପା ଗୁରପ୍ପା କୋନୁର ଖୁସି ଅଛନ୍ତି। ଶିଶୁର ଏତେ ସଂଖ୍ୟକ ଆଙ୍ଗୁଠି ଥିବାକୁ ସେମାନେ ଭଗବାନଙ୍କର ଆଶୀର୍ବାଦ ବୋଲି କହିଛନ୍ତି। ତେବେ କ୍ରୋମୋଜୋମରେ ଅସନ୍ତୁଳନ ଦେଖାଯିବା ଯୋଗୁ ଏଭଳି ବ୍ୟତିକ୍ରମ ଘଟିଥାଏ ବୋଲି ସନ୍‌ସାଇନ୍ ହସ୍ପିଟାଲର ପ୍ରସୂତି ତଥା ସ୍ତ୍ରୀରୋଗ ବିଶେଷଜ୍ଞ ଡକ୍ଟର ପାର୍ବତୀ ହିରେମାଥ କହିଛନ୍ତି। ଡାକ୍ତରୀ ଭାଷାରେ ଏହି ବିରଳ ଜେନେଟିକ୍ ଡିସ୍‌ଅର୍ଡରକୁ ପଲିଡାକ୍ଟିଲି କୁହାଯାଏ। ଏହା ଯୋଗୁ ନବଜାତ ଶିଶୁର ଅଧିକ ସଂଖ୍ୟାରେ ଆଙ୍ଗୁଠି ଥାଏ ବୋଲି ଡକ୍ଟର ପାର୍ବତୀ କହିଛନ୍ତି। ତେବେ ବର୍ତ୍ତମାନ ଉଭୟ ନବଜାତ ଶିଶୁ ଓ ତା'ର ମା' ସୁସ୍ଥ ଅଛନ୍ତି। ତଥାପି ଉଭୟଙ୍କୁ କିଛି ଦିନ ପର୍ଯ୍ୟନ୍ତ ଯତ୍ନନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।




# ଆର୍ଥିକ ଅଭିବୃଦ୍ଧି ୮.୫% ଆକଳନ

**ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୩-୨୪**
- ମୁଣ୍ଡ ପିଛା ଆୟ ୧.୬୧ ଲକ୍ଷ
- ଦାରିଦ୍ର୍ୟ ହାର ୨୯.୩%ରୁ ୧୫.୭%କୁ ହ୍ରାସ
- ବିତ୍ତୀୟ ନିଅଣ୍ଟ ବଢ଼ିଛି

ଭୁବନେଶ୍ୱର,୨୪ା୭(ଅନିଲ ଦାସ)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ଅର୍ଥନୀତି ୮.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ। ଗତ ଥର ଅର୍ଥାତ ଆର୍ଥିକ ବର୍ଷ ୨୦୨୨-୨୩ରେ ଏହି ହାର ୭.୯ ପ୍ରତିଶତ ଥିଲା। ଏଥିସହିତ ଓଡ଼ିଶାର ମୁଣ୍ଡପିଛା ଆୟ ୧,୬୧,୪୩୭ ଟଙ୍କା ରହିଛି। ଏହା ଭାରତର ମୁଣ୍ଡପିଛା ଆୟଠାରୁ ୧୨.୪% କମ୍। ତେବେ ଶିଳ୍ପ ଓ ସେବା କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ବୁଧବାର ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପସ୍ଥାପିତ ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସେହିପରି ଆର୍ଥିକ ବର୍ଷ ୨୦୧୫-୧୬ ପରଠାରୁ ଓଡ଼ିଶାର ମୁଣ୍ଡପିଛା ଆୟ ୧୨.୧ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇଥିବା ବେଳେ ୧୭ଟି ପ୍ରମୁଖ ରାଜ୍ୟ ତାଲିକାରେ ଓଡ଼ିଶା ୨୦୨୨-୨୩ରେ ୧୧ତମ ସ୍ଥାନରେ ରହିଛି। ନୀତି ଆୟୋଗ ଅନୁଯାୟୀ ବହୁବିଧ ଦାରିଦ୍ର୍ୟ ଅନୁପାତ ୨୦୧୫-୧୬ରେ ୨୯.୩ ପ୍ରତିଶତ ଥିବାବେଳେ ୨୦୧୯-୨୧ ବେଳକୁ ଏହା ୧୫.୭ ପ୍ରତିଶତକୁ ହ୍ରାସ ପାଇଛି। ଏହି ବର୍ଷ ଭିତରେ ରାଜ୍ୟର ପ୍ରାୟ ୬୨ ଲକ୍ଷରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ତେବେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଶିଳ୍ପକ୍ଷେତ୍ରର ଅଭିବୃଦ୍ଧି ହାର ୮.୭ ପ୍ରତିଶତ, ସେବା କ୍ଷେତ୍ରର ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।

ସେହିପରି ଓଡ଼ିଶାର ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଆଇନ, ୨୦୦୫ ଦ୍ୱାରା ନିର୍ଦ୍ଧାରିତ ସୀମା ମଧ୍ୟରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୯-୨୦ରେ ଓଡ଼ିଶାରେ ବିତ୍ତୀୟ ନିଅଣ୍ଟ ଓ ଜିଏସ୍‌ଡିପି ଅନୁପାତ ୩.୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ବଜେଟ ଆକଳନରେ ଏହା ୩.୧ ପ୍ରତିଶତକୁ ଖସି ଆସିଛି। ୨୦୨୨-୨୩ (ଆର୍‌ଇ) ଓ ୨୦୨୩-୨୪ (ବିଇ)ରେ ଋଣ ଅନୁପାତ ଯଥାକ୍ରମେ ୧୨.୯ ପ୍ରତିଶତ ଓ ୧୩.୬ ପ୍ରତିଶତ ହୋଇଥିଲା, ଯାହାକି ପଞ୍ଚଦଶ ଅର୍ଥ କମିଶନ ଏବଂ ଓଡ଼ିଶା ଏଫ୍‌ଆର୍‌ବିଏମ୍ ଆଇନ, ୨୦୦୫ରେ ଧାର୍ଯ୍ୟ କରାଯାଇଥିବା ୨୫ ପ୍ରତିଶତ ସୀମାଠାରୁ କମ୍।

# ବିଶ୍ୱର ୧୧ ଉତ୍ତମ ବାସୋପଯୋଗୀ ସହର ମଧ୍ୟରେ ଭୁବନେଶ୍ୱର

**ୟୁଏନ୍ ହାବିଟାଟ୍ ସର୍ଭେ**

ଭୁବନେଶ୍ୱର, ୨୪ା୭ (ଅନୁରାଧା ମହାରଣା)



ବିଶ୍ୱର ଉତ୍ତମ ବାସୋପଯୋଗୀ ୧୧ ସହର ଭିତରେ ଭୁବନେଶ୍ୱର ରହିଛି। ୟୁଏନ୍ ହାବିଟାଟ୍ ସର୍ଭେରୁ ଏହା ଜଣାପଡିଛି। ଏବେ ଶ୍ରେଷ୍ଠ ସହର ଚୟନ ସହ ର୍ୟାଙ୍କିଙ୍ଗ୍ ପାଇଁ ପ୍ରକ୍ରିୟା ଚାଲିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହାୟତାରେ ୟୁଏନ୍ ହାବିଟାଟ୍‌ର ୨ ଦିନିଆ କର୍ମଶାଳା ବିଏମ୍‌ସି ମୁଖ୍ୟାଳୟଠାରେ ଆରମ୍ଭ ହୋଇଛି। ୟୁଏନ୍ ହାବିଟାଟ୍ ପକ୍ଷରୁ ସମଗ୍ର ବିଶ୍ୱରେ ୧୧ଟି ସହରକୁ ଉତ୍ତମ ବାସୋପଯୋଗୀ ଭାବେ ଚୟନ କରାଯାଇଥିବାବେଳେ ଏହା ମଧ୍ୟରେ ଭୁବନେଶ୍ୱର ସ୍ଥାନ ପାଇଥିବା କର୍ମଶାଳାରେ ୟୁଏନ୍ ହାବିଟାଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ସମଗ୍ର ଦକ୍ଷିଣ ଏସିଆ ମହାଦେଶରେ ଏକମାତ୍ର ସହର ଭାବେ ଭୁବନେଶ୍ୱରକୁ ୟୁଏନ୍ ହାବିଟାଟ୍ ପାଇଲଟ ସହର ଭାବେ ଚୟନ କରିଛି। ସରକାରଙ୍କ ପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ୱତନ୍ତ୍ର ଆଗ୍ରହ ଥିବା ଗୋଷ୍ଠୀ ଏବଂ ବ୍ୟବସାୟୀଙ୍କ ସହଯୋଗରେ ଜନକୈନ୍ଦ୍ରିକ ଉନ୍ନତି, ଉନ୍ନୟନ ଏବଂ ଜୀବନ ଧାରଣର ଗୁଣାତ୍ମକ ମାନ ମୂଲ୍ୟାଙ୍କନ ସହ ସେହି ଅନୁସାରେ ଲକ୍ଷ୍ୟ ହାସଲ କରିବାକୁ କେଉଁ ପ୍ରକାର ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଅନୁଧ୍ୟାନ କରାଯିବ। ଏହିକ୍ରମରେ ଭୁବନେଶ୍ୱରବାସୀଙ୍କ ଗୁଣାତ୍ମକ ଜୀବନ ଧାରଣର ମାନ ମୂଲ୍ୟାଙ୍କନ ପାଇଁ ସର୍ଭେ କାମ ଆରମ୍ଭ ହୋଇଛି। ଏହାଦ୍ୱାରା ନାଗରିକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଭୁବନେଶ୍ୱରର ସ୍ଥାନ କେଉଁଠି, ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

ଚୟନ ହୋଇଥିବା ସହରଗୁଡ଼ିକ ସମ୍ପର୍କରେ ବିଭିନ୍ନ ସୋପାନରେ ମିଳୁଥିବା ତଥ୍ୟକୁ ଭିତ୍ତିକରି ୟୁଏନ୍ ହାବିଟାଟ୍ ଚୂଡାନ୍ତ ଖସଡ଼ା ପ୍ରସ୍ତୁତ କରିବା ସହ ସେହିଅନୁସାରେ କାମ କରିବ। ୯ଟି ପାରାମିଟରକୁ ନେଇ ବିଭିନ୍ନ ଉପାୟରେ ସର୍ଭେ କରାଯାଉଛି। ଏହା ୬ରୁ ୧୨ ମାସ ପର୍ଯ୍ୟନ୍ତ ଚାଲିବ। ଡାଟା ଆନାଲିସିସ୍, ଗୋଷ୍ଠୀ ଓ ଆର୍ଥିକ ବିକାଶ, ଜିଆଇଏସ୍, ଜନସ୍ୱାସ୍ଥ୍ୟ, ଦକ୍ଷତା ଅନୁଧ୍ୟାନ ବା ଷ୍ଟ୍ରାଟେଜିକ୍ ପ୍ଲାନିଂ, ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, କର୍ମଶାଳା ଏବଂ ଅନ୍‌ଲାଇନ ଓ ପ୍ରତ୍ୟକ୍ଷ ତଥ୍ୟର ଆଦାନ ପ୍ରଦାନ ଆଦି କରାଯିବ। ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସୂଚକାଙ୍କକୁ ନେଇ ଏକ ନୂତନ ଖସଡା ପ୍ରସ୍ତୁତ କରାଯିବ। ଚୂଡାନ୍ତ ଖସଡାକୁ ଭିତ୍ତିକରି ସହରୀ ଗୁଣାତ୍ମକ ଜୀବନ ଧାରଣ ପଦ୍ଧତିର ମାନ ନିର୍ଦ୍ଧାରଣ କରାଯିବ ବୋଲି ୟୁଏନ୍ ହାବିଟାଟ୍‌ର ଇନ୍‌କ୍ଲୁସିଭ ସିଟି ପ୍ଲାନିଂ ଏକ୍ସପର୍ଟ ପାରୁଲ ଶର୍ମା ସୂଚନା ଦେଇଛନ୍ତି।

ବିଏମ୍‌ସି ମୁଖ୍ୟାଳୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ କୁମାର ସାହୁ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି, ସେନ୍‌ସସ୍ ଅପରେଶନ ଓଡ଼ିଶାର ଯୁଗ୍ମ ସଚିବ ହେମନ୍ତ କୁମାର ସିଂ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଶାଶ୍ୱତ କୁମାର ମହାନ୍ତି, ଇକୋନୋମିକ୍ ଆଣ୍ଡ୍ ଷ୍ଟାଟିଷ୍ଟିକସ୍ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଏସ୍. ଏମ୍. ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଏମ୍‌ସ, ନ୍ୟାଶନାଲ ସାମ୍ପେଲ ସର୍ଭେ, ବାଣିଜ୍ୟ ଓ ପରିବହନ, ଓକାକ୍, ବିଡିଏ, ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍, ଜାଭିୟର ବିଶ୍ୱବିଦ୍ୟାଳୟ, ୟୁନିସେଫର ପ୍ରାୟ ୪୦ଜଣ ଅଧିକାରୀ ଉପସ୍ଥିତ ଥିଲେ। ଏହି ପାଇଲଟ୍ ଷ୍ଟଡିର ନୋଡାଲ ଅଫିସର ତଥା ବିଏମ୍‌ସି ସହକାରୀ କମିଶନର ଏନ୍. ଗଣେଶ ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କୃଷି ଅଭିବୃଦ୍ଧି ରହିବ ୩.୫%

ଭୁବନେଶ୍ୱର,୨୪ା୭(ଅନିଲ ଦାସ)

- ଖାଦ୍ୟଶସ୍ୟ ଉତ୍ପାଦନରେ ରେକର୍ଡ ବୃଦ୍ଧି
- ଡାଲି ଉତ୍ପାଦନ ସର୍ବଭାରତୀୟ ତୁଳନାରେ ୬୧% କମ୍
- ବଢ଼ିଛି ମାଣ୍ଡିଆ ଉତ୍ପାଦନ
- କ୍ଷୀର, ଅଣ୍ଡା ବ୍ୟବହାର କମିଛି

୨୦୨୩-୨୪ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ରେ ମୋଟ ସଂଯୋଜିତ ମୂଲ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଅବଦାନ ୨୦.୪ ପ୍ରତିଶତ ରହିଛି। ବୁଧବାର ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି। ଅଧିକରୁ ଅଧିକ ଧାନ ଜମିକୁ ଅଣଧାନ ଫସଲ ଅଧୀନକୁ ଆଣିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରିବା ଆବଶ୍ୟକତା ରହିଛି। ୨୦୨୧-୨୨ ରେ ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୧୧୩.୮ ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ ୨୦୨୨-୨୩ରେ ଏହା ୨୪.୨ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ସ୍ତର ୧୪୧.୪ ଲକ୍ଷ୍ୟ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି।

ସେହିପରି ୨୦୨୧-୨୨ରେ ଭାରତର ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୭ ପ୍ରତିଶତ ଯୋଗଦାନ ସହ ଦେଶର ପଞ୍ଚମ ବୃହତ ଧାନ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇଛି। ଓଡ଼ିଶାରେ ଧାନ ଅମଳ ସର୍ବଭାରତୀୟ ସ୍ତରଠାରୁ ୧୯ ପ୍ରତିଶତ କମ୍ ଥିବାବେଳେ ଡାଲି କ୍ଷେତ୍ରରେ ସର୍ବଭାରତୀୟ ସ୍ତର ତୁଳନାରେ ୬୧ ପ୍ରତିଶତ କମ୍ ରହିଛି। କୃଷକଙ୍କ ଆୟ ବୃଦ୍ଧି ପାଇଁ ଅମଳ ବୃଦ୍ଧି ଓ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି।

ରାଜ୍ୟ ସରକାର ୨୦୧୭-୧୮ରୁ ଓଡ଼ିଶା ମିଲେଟ୍ ମିଶନ ଅଧୀନରେ ମାଣ୍ଡିଆ ଚାଷ ଓ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। 'ଓଡ଼ିଶା ମିଲେଟ୍ ମିଶନ' କାର୍ଯ୍ୟକାରୀ ହେବା ପରଠାରୁ ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟରେ ମାଣ୍ଡିଆ ଜାତୀୟ ଶସ୍ୟର ଉତ୍ପାଦନ ୧୨୧ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟରେ କୃଷିଋଣ ବିତରଣ ମଧ୍ୟ ବୃଦ୍ଧି ପାଇଛି। ୨୦୧୧-୧୨ରେ ୮୫୨୦ କୋଟି ଟଙ୍କା ଥିବା ବେଳେ ୨୦୨୨-୨୩ରେ ଏହୋ ୫୪,୭୧୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଚାଷ ଜମିକୁ ଜଳସେଚନରେ ମଧ୍ୟ ବୃଦ୍ଧି ଘଟିଛି। ୨୦୧୩-୧୪ ସୁଦ୍ଧା ରାଜରେ ୫୦ଲକ୍ଷ ହେକ୍ଟର ଜମିର ଜଳସେଚନ କ୍ଷମତା ସୃଷ୍ଟି ହୋଇଥିବା ବେଳେ ୨୦୨୨-୨୩ରେ ୬୯.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ବୃଦ୍ଧି କରାଯାଇଛି।

ଓଡ଼ିଶାରେ ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉତ୍ପାଦନରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି, ଯାହା ଉଭୟ ଖାଦ୍ୟ ସୁରକ୍ଷା ଓ ଅର୍ଥନୈତିକ ବିକାଶରେ ସହାୟକ ହୋଇଛି ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ମାଂସ ଉତ୍ପାଦନ ୨୦୨୧-୨୨ରେ ୨୧୬.୨ ହଜାର ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୨-୨୩ରେ ଏହା ୨୨୬.୯ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ୨୦୨୧-୨୨ରେ ୨୪.୦ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୨-୨୩ରେ ଏହା ୨୪.୮ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟରେ ମୁଣ୍ଡପିଛା କ୍ଷୀର ଏବଂ ଅଣ୍ଡା ଉପଯୋଗ ସର୍ବ ଭାରତୀୟ ସ୍ତରଠାରୁ କମ୍ ଅଛି।

ସେହିପରି ୨୦୧୪-୧୫ରେ ୪.୪ ଲକ୍ଷ ଟନ୍ ମାଛ ଉତ୍ପାଦନ ହୋଇଥିବା ବେଳେ ୨୦୨୨-୨୩ରେ ଏହା ୧୧% ସିଏଜିଆର୍‌ରେ ବୃଦ୍ଧି ପାଇ ୧୦.୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ୨୦୧୪-୧୫ରେ ୧୧.୦୬ କି.ଗ୍ରା. ଥିବାବେଳେ ୨୦୨୨-୨୩ରେ ଏହା ୧୭.୭୩ କି.ଗ୍ରା.କୁ ବୃଦ୍ଧି ପାଇଛି। ବିଦେଶ ଓ ଅନ୍ୟ ରାଜ୍ୟକୁ ମୋଟ ମାଛ ରପ୍ତାନି ୨୦୧୪-୧୫ରେ ୧୧୫.୬ ହଜାର ମେଟ୍ରିକ୍ ଟନ୍ ଥିବାବେଳେ ୨୦୨୨-୨୩ରେ ଏହା ୧୧.୨ ପ୍ରତିଶତ ସିଏଜିଆର୍ ହାରରେ ବୃଦ୍ଧି ପାଇ ୨୭୦.୬ ହଜାର ମେଟ୍ରିକ ଟନ୍‌ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି।

# ନକଲି ବିଦେଶୀ ମଦ କାରଖାନା ଠାବ

- ଅବକାରୀ ଗୋଇନ୍ଦା, ପ୍ରବର୍ତ୍ତନ ଶାଖା ପକ୍ଷରୁ ଚଢ଼ାଉ
- ନକଲି ବିଦେଶୀ ମଦ, ପ୍ରସ୍ତୁତି ସାମଗ୍ରୀ ଜବତ
- ୪ ଗିରଫ

ବଣାଇଁ/ଲହୁଣୀପଡ଼ା, ୨୪ା୭ (ପ୍ରଦୀପ ତ୍ରିପାଠୀ/ ଦାଶରଥି ପଣ୍ଡା)


ନକଲି ବିଦେଶୀ ମଦ ସହ ଗିରଫ ଅଭିଯୁକ୍ତ ଓ ଅବକାରୀ କର୍ମଚାରୀ।

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ର ଫକିରମୁଣ୍ଡା ଗ୍ରାମରେ ଦୀର୍ଘଦିନ ଧରି ଚାଲୁଥିବା ଏକ ନକଲି ବିଦେଶୀ ମଦ କାରଖାନା ବୁଧବାର ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ ଥିବା ନକଲି ମଦ, ତିଆରି ପାଇଁ ଆବଶ୍ୟକୀୟ ସରଞ୍ଜାମ ସହ ବହୁ ବ୍ରାଣ୍ଡର ରାପର, ଖୋଲା ବୋତଲ ଜବତ କରାଯାଇଛି। ସମ୍ବଲପୁର ଅବକାରୀ ଗୁଇନ୍ଦା ସଂସ୍ଥା ଏବଂ ପ୍ରବର୍ତ୍ତନ ଶାଖା ପକ୍ଷରୁ ଫକିରମୁଣ୍ଡା ଗ୍ରାମରେ ଚଢାଉ କରାଯାଇଥିଲା। ଦୀର୍ଘଦିନରୁ ଚାଲିଥିବା ଏହି ରାକେଟ ସମ୍ପର୍କରେ ଅବକାରୀ ଗୁଇନ୍ଦା ସଂସ୍ଥା ଖବର ପାଇବା ପରେ ଏହି ଚଢାଉ ହୋଇଥିବା ଜଣାପଡିଛି।

ଏହି କାରଖାନାରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ବିଭିନ୍ନ ବ୍ରାଣ୍ଡ ରାପର ଲଗାଯିବା ପରେ ସିଲ କରାଯିବା ସହିତ ବ୍ରାଣ୍ଡେଡ ବିଦେଶୀ ମଦ ନାଁରେ ବିକ୍ରି କରାଯାଉଥିଲା। ଏହି ସବୁ ବୋତଲ ଢାବା, ହୋଟେଲ ମାଧ୍ୟମରେ ବିକ୍ରି ଚାଲୁଥିଲା। ଏ ସଂକ୍ରାନ୍ତରେ ଖବରପାଇ ଅବକାରୀ ଗୁଇନ୍ଦା ସଂସ୍ଥା ବିଭାଗୀୟ ପ୍ରବର୍ତ୍ତନ ସ୍କ୍ୱାଡ୍ ସହଯୋଗରେ ସମ୍ପୃକ୍ତ କାରଖାନାରେ ଚଢାଉ କରିଥିଲେ। ଚଢାଉର ନେତୃତ୍ୱ ସମ୍ବଲପୁର ଅବକାରୀ ନିରୀକ୍ଷକ ସଞ୍ଜୀବ ବାର୍ଲା ନେଇଥିଲେ। ଅବକାରୀ ନିରୀକ୍ଷକ ଧନଞ୍ଜୟ ପାତ୍ର ତଦନ୍ତ କରୁଛନ୍ତି। ଚଢାଉ ପରେ ସମ୍ପୃକ୍ତ କାରଖାନାରୁ ୪୦ ଲିଟର ନକଲି ମଦ, ୮୦ ଲିଟର ସ୍ପିରିଟ, ୧୮୦ ଲିଟର ଦେଶୀ ମହୁଲି ମଦ, ଗୋଟେ ଏକ ଲିଟର ମାପକ ଉପକରଣ, ୪୦୪ ଟି ବ୍ରାଣ୍ଡ ଲେବୁଲ, ୬୮୫ଟି ଠିପି, ୧୧୩ଟି ଖୋଲା ବୋତଲ ସହିତ ସିଲ ହୋଇଥିବା ୭୮ ହଜାର ୧୯୫ ଲିଟର ନକଲି ବିଦେଶୀ ମଦ, ୯୩ ହଜାର ୭ ଶହ ଲିଟର ବିଅର ଜବତ କରାଯାଇଛି। ଏତଦ୍‌ବ୍ୟତୀତ ରାକେଟରେ ସମ୍ପୃକ୍ତ ଚାରିଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡର ଚନ୍ଦନ କୁମାର, ବିହାରର ବିକ୍ରମ କୁମାର, ବିମଳାଗଡ଼ର ବବନ ଯାଦବ ଓ ଅନନ୍ତ ମହାନ୍ତ। ଏକ ବର୍ଷ ମଧ୍ୟରେ ବଣାଇ ଅଞ୍ଚଳରେ ଦୁଇଥର ଚଢାଉ କରାଯାଇଛି। ପୂର୍ବରୁ ବଣାଇଁ ସହର ସଂଲଗ୍ନ ଭାଙ୍ଗଡ଼ିହିରେ ଅନୁରୂପ ଭାବେ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ ହୋଇଥିଲା। ଏବେ ପୁଣିଥରେ ସମାନ ଘଟଣା ଲୋକଲୋଚନକୁ ଆସିବା ପରେ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏବେବି ୧୨% ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର, ୨୪ା୭(ଅସମାପିକା ସାହୁ)

ବଙ୍ଗୋପସାଗରରେ ଗତ ସପ୍ତାହରେ ଦୁଇ ଦୁଇଟି ଲଘୁଚାପ ସୃଷ୍ଟି ହେବା ସହିତ ମୌସୁମୀ ସକ୍ରିୟ ରହିଥିବାରୁ ସାରା ରାଜ୍ୟରେ ଏବେ ବର୍ଷା ଲାଗି ରହିଛି। ଆସନ୍ତା ୪ଦିନ ମଧ୍ୟ ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ଲଗାତର ବର୍ଷା ହେଉଥିଲେ ମଧ୍ୟ ଏବେ ବି ରାଜ୍ୟରେ ୧୨% ନିଅଣ୍ଟିଆ ବର୍ଷା ରହିଛି। ଜୁନ୍ ୧ରୁ ଜୁଲାଇ ୨୪ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ୪୬୬.୭ ମି.ମି.ହେବାକୁ ଥିବାବେଳେ ମାତ୍ର ୪୧୦.୮ ମି.ମି. ବର୍ଷା ହୋଇଛି। ସେହିଭଳି ଏହି ସମୟ ମଧ୍ୟରେ ଗୋଟିଏ ଜିଲା ମାଲକାନଗିରିରେ ଅଧିକରୁ ଅଧିକ ବର୍ଷା ହୋଇଥିବା ବେଳେ ୩ ଜିଲାରେ ଅଧିକ ଏବଂ ୧୪ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ବାକି ୧୨ ଜିଲାରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ସେହି ଜିଲାଗୁଡ଼ିକ ହେଲା କଳାହାଣ୍ଡି(୨୪% ନିଅଣ୍ଟିଆ), ଝାରସୁଗୁଡ଼ା(୪୩%), ସୁନ୍ଦରଗଡ଼(୪୭%), ଦେବଗଡ଼ (୨୯%), କେନ୍ଦୁଝର(୩୯%), ମୟୂରଭଞ୍ଜ (୪୬%, ବାଲେଶ୍ୱର(୫୪%), ଭଦ୍ରକ(୪୨%), କେନ୍ଦ୍ରାପଡ଼ା(୩୯%, କେନ୍ଦୁଝର(୩୯%), ପୁରୀ(୩୦%) ଏବଂ ଯାଜପୁର(୩୭%)।

ଅନ୍ୟପଟେ ବୁଧବାର ନବରଙ୍ଗପୁରରେ ସର୍ବାଧିକ ୫୬.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି କୋରାପୁଟ ୫୧.୬ମି.ମି., ହୀରାକୁଦ ୫୦.୪, ସମ୍ବଲପୁର ୩୪.୧, ନୂଆପଡ଼ା ୨୫, ମାଲକାନଗିରିରେ ୧୬.୮ ମି.ମି. ବର୍ଷା ରେକର୍ଡ କରାଯାଇଛି। ଗୁରୁବାର କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାକୁ ଥିବା ବେଳେ ଅନୁଗୋଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ଢେଙ୍କାନାଳ, କନ୍ଧମାଳ, ବଲାଙ୍ଗୀର ଏବଂ ବରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ବର୍ଷା ଅଧିକ ହେବାକୁ ଥିବାରୁ ସତର୍କ ରହିବା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# 'କୋଷ୍ଟାଲ ହାଇୱେ' ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୪ା୭(ସୁନିତ୍ ମିଶ୍ର)


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ୪୧୩ କି.ମି.ର ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବ
- କ୍ୟାପିଟାଲ ରିଜିୟନ ରିଂ ରୋଡ୍ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ
- ଡିପିଆର୍ ସହ ଆନୁଷଙ୍ଗିକ ମଞ୍ଜୁରୀ ଶେଷ ପ୍ରକ୍ରିୟାରେ କହିଲେ କେନ୍ଦ୍ରମନ୍ତ୍ରୀ

ଓଡ଼ିଶାରେ 'କୋଷ୍ଟାଲ ହାଇୱେ' ଏବଂ କ୍ୟାପିଟାଲ ରିଜିୟନ୍ ରିଂ ରୋଡ୍ ପ୍ରମୁଖ ୨ଟି ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଏ ସମ୍ପର୍କରେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖକରି କହିଛନ୍ତି, ଓଡ଼ିଶାରେ ୨୩, ୮୮୨ କୋଟି ଟଙ୍କା ବ୍ୟୟରେ ୪୧୩ କି.ମି.ର ୪ ଲେନ୍ ବିଶିଷ୍ଟ 'କୋଷ୍ଟାଲ ହାଇୱେ' ନିର୍ମାଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଭାରତମାଳା ପରିଯୋଜନାରେ ଏହି ପ୍ରସ୍ତାବିତ ରାଜପଥ ୩ଟି ସେକ୍ସନରେ ରାମେଶ୍ୱରରୁ ରତନପୁର, ରତନପୁରରୁ ଦୀଘା ଏବଂ ଜାମୁଝାଡ଼ିରୁ ଧାମରା ପର୍ଯ୍ୟନ୍ତ ନିର୍ମାଣ ହେବ। ଏଥିପାଇଁ ଡିପିଆର୍ ସହ ଆନୁଷଙ୍ଗିକ ମଞ୍ଜୁରୀ ପ୍ରାୟ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ଅଛି। ଖୁବ୍‌ଶୀଘ୍ର କୋଷ୍ଟାଲ ହାଇୱେ ନିର୍ମାଣ କାମ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ କଳ୍ପନା ସାକାର କରିବା ଦିଗରେ ଉପକୂଳ ରାଜପଥ ଓଡ଼ିଶା ସମେତ ପୂର୍ବ ଭାରତର ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଗେମ୍ ଚେଞ୍ଜର ହେବ। ସଡ଼କପଥ କ୍ଷେତ୍ରରେ ଓଡ଼ିଶାରେ ନୂଆ ସୂର୍ଯ୍ୟୋଦୟ ହେବ। ସେହିପରି କ୍ୟାପିଟାଲ ରିଜିୟନ୍ ରିଂ ରୋଡ୍ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ମୋଦି ସରକାରରେ ସଡ଼କପଥ ଭିତ୍ତିଭୂମି ଓ ଗମନାଗମନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭାରତମାଳା ପରିଯୋଜନାରେ ଓଡ଼ିଶାରେ ୬,୦୯୨ କୋଟି ଟଙ୍କା ବ୍ୟୟରେ ୧୧୧ କି.ମି. ବିଶିଷ୍ଟ କ୍ୟାପିଟାଲ ରିଜିୟନ୍ ରିଂ ରୋଡ୍ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆଗକୁ ବଢ଼ିଛି। ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକକୁ ସଂଯୋଗ କରୁଥିବା ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଏହି ରିଂ ରୋଡ୍ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସଶକ୍ତ, ସମୃଦ୍ଧ ଏବଂ ବିକଶିତ ଓଡ଼ିଶା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପୃଥ୍ୱୀ-୨କୁ ଭେଦକଲା ଇଣ୍ଟରସେପ୍ଟର

ବାଲେଶ୍ୱର,୨୪ା୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)ରୁ ଉତ୍‌କ୍ଷେପଣ ହୋଇଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରକୁ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଛଡାଯାଇଥିବା ଇଣ୍ଟରସେପ୍ଟର ମିଶାଇଲ ଭେଦ କରିବାରେ ସଫଳ ହୋଇଛି। ବୁଧବାର ଅପରାହ୍ନ ୪ଟା ୧୫ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିଲା।

ପ୍ରଥମେ ଚାନ୍ଦିପୁର ଆଇଟିଆର୍ ୩ ନଂ. ଲଞ୍ଚପ୍ୟାଡ୍‌ରୁ ନୂତନ ଭାବେ ବିକଶିତ ପୃଥ୍ୱୀ-୨କୁ ଉତ୍‌କ୍ଷେପଣ କରାଯାଇଥିଲା। ଏହି ମିଶାଇଲକୁ ଚିହ୍ନଟ କରି ପରେ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଇଣ୍ଟରସେପ୍ଟର ସ୍ୱୟଂଚାଳିତ ଭାବେ ଉତ୍‌କ୍ଷେପିତ ହୋଇ ବଙ୍ଗୋପସାଗରରେ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ଏହି ପରୀକ୍ଷଣ ପାଇଁ ୩ନଂ. ଲଞ୍ଚପ୍ୟାଡର ସାଢେ ୩ କି.ମି. ଦୂରତା ମଧ୍ୟରେ ଥିବା ଜୟଦେବକସବା, ଭୀମପୁର, ସାହାଜାନଗର, କୁସୁମୁଳୀ, ଖଡୁପାହି, ତୁଣ୍ଡୁରା, ଛଚିନା, ଦୋମୁହାଁପାଟଣା, କର୍ଣ୍ଣର୍ଦ୍ଦା ଓ ବର୍ଦ୍ଧନପୁର ଗାଁର ମୋଟ ୧୦,୫୮୧ ଜଣଙ୍କୁ ଭୀମପୁର, ବର୍ଦ୍ଧନପୁର, କଳାମାଟିଆ ଓ ନିଧିପଡ଼ାସ୍ଥିତ ଅସ୍ଥାୟୀ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଅସ୍ଥାୟୀ ଶିବିରଗୁଡ଼ିକରେ ପୋଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ ହୋଇଥିବା ବେଳେ ସରକାରୀ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିଲେ। ସେହିପରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଥିଲା। ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ ଅସ୍ଥାୟୀ ଶିବିରଗୁଡ଼ିକରେ ନାମ ପଞ୍ଜୀକୃତ ହେବା ପରେ ପ୍ରାପ୍ତ ବୟସ୍କଙ୍କ ପାଇଁ ୩୦୦ ଓ ନାବାଳକଙ୍କ ପାଇଁ ୧୫୦ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ପ୍ରତିରକ୍ଷା ବିଭାଗ ଘୋଷଣା କରିଥିଲା। ହେଲେ ବ୍ୟାଙ୍କ୍ ମାଧ୍ୟମରେ ଟଙ୍କା ପାଇବାରେ ବିଳମ୍ବ ହେବାରୁ କେତେକ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ବର୍ଦ୍ଧନପୁରସ୍ଥିତ ମଣିନାଗେଶ୍ୱର ମନ୍ଦିର ଛକରେ ହୋଇଥିବା ଅସ୍ଥାୟୀ କ୍ୟାମ୍ପରେ ଖାଇବା, ପାନୀୟ ଜଳ ସହ ଟଙ୍କା ପାଇବାରେ ଅବ୍ୟବସ୍ଥା ପାଇଁ ଲୋକମାନେ ମୁଖ୍ୟରାସ୍ତାକୁ ବନ୍ଦ ରଖି ଆନ୍ଦୋଳନ କରିଥିଲେ। ଅଧିକାରୀମାନେ ବୁଝାଶୁଝା କରିବା ପରେ ଏହି ସମସ୍ୟା ଦୂର ହୋଇଥିବା ଜଣାପଡ଼ିଛି।


ପୃଥ୍ୱୀ-୨ ଓ ଇଣ୍ଟରସେପ୍ଟର ମିଶାଇଲ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଫିଲ୍ମ ସୋସାଇଟି ଫର୍ ଭୁବନେଶ୍ୱର ପକ୍ଷରୁ ଚିଲଡ୍ରେନ ଫିଲ୍ମ ଫେଷ୍ଟିଭାଲର ୨ୟ ଏଡିଶନ, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଏକ୍ସଆଇଏମ୍‌ବି ପାଖ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀର ୬୭ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କବିଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୬ତମ ସ୍ମୃତି ସମାରୋହ ଓ କବିଚନ୍ଦ୍ରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗଡ଼ଗଡ଼ିଆ ମନ୍ଦିର ନିକଟ, ସମୟ: ସକାଳ ୯ଟା ୩୦।

## ଖୋର୍ଦ୍ଧା
- ପାଞ୍ଚଗଡ଼ ସୃଜନଶୀଳ ସମିତି ପକ୍ଷରୁ ଚାରା ରୋପଣ, ସ୍ଥାନ: ଗଡ଼ଦାର ବନ୍ଧପାର୍ଶ୍ୱ, ସଂପୁର, ବୋଲଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପୋଲିସ ହସ୍‌ପିଟାଲ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଶନ ଏଭେର କ୍ଲବ ଓ ଶ୍ରୀରାମ ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ମା' କୁଣ୍ଡୁଳାଇଙ୍କ ପୀଠରେ ପୂଜାର୍ଚ୍ଚନା, ସ୍ଥାନ: ଟିକରସାହି ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ଟା।
- ନୂତନ ଚିକିତ୍ସାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା, ସ୍ଥାନ: ମଚ୍ଛାଳ, ଘସିପୁରା, ସମୟ: ପୂର୍ବାହ୍ନ ୧୧ଟା।
- ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲ୍, କେନ୍ଦୁଝର, ସମୟ: ଅପରାହ୍ନ ୪ଟା ୩୦।

## ମୟୂରଭଞ୍ଜ
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଙ୍ଗିରିପୋଷି, ସମୟ: ସକାଳ ୮ଟା।
- ଆଦି ଅନାଦି ଚରଣ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଏନ୍‌ଏସି ମେଣ୍ଢାଖାଇ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ୟୁଜିସି ମାନ୍ୟତା ଦାବି ନେଇ ବିକ୍ଷୋଭ, ସ୍ଥାନ: ଖଲ୍ଲିକୋଟ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ନାମଯଜ୍ଞ ମଣ୍ଡପର ପୁନରୁଦ୍ଧାର ତଥା ସଂସ୍କାର କର୍ମ, ସ୍ଥାନ: ଆସିକା ଚିନିଶିଳ୍ପ ନୂଆଗାଁ, ସମୟ: ସକାଳ ୯ଟା।

## କନ୍ଧମାଳ
- ସାଂଜାସରୁ ଉନ୍ନୟନ କ୍ଲଷ୍ଟର ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ଦାରିଙ୍ଗବାଡି, ସମୟ: ସକାଳ ୯ଟା।

## ରାୟଗଡ଼ା
- ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ଲୋକ ଅଦାଲତ, ସ୍ଥାନ: କଲ୍ୟାଣ ମଣ୍ଡପ, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।
- କୌଶଳ ରଥ ଦ୍ୱାରା ସଚେତନତା, ସ୍ଥାନ: ଡିକେଡିଏର ଟିଆଇସି ବିଲଡିଂ, ଚାଟିକଣା ଏବଂ ନିୟମଗିରି ଓ କୁର୍ଲି ହାଇସ୍କୁଲ, ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଷମକଟ, ସମୟ: ପୂର୍ବାହ୍ନ ୧୦ରୁ ୧୧ ଟା ଏବଂ ପୂର୍ବାହ୍ନ ୧୧ଟା ୩୦ ରୁ ୧୨ଟା ୩୦।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ମ୍ୟୁନିସିପାଲିଟିହାଇସ୍କୁଲ, ରାୟଗଡା, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର
- ତେନ୍ତୁଳିଖୁଣ୍ଟି ସୁରଭି ଗୋଶାଳା ଉପରେ ଆଲୋଚନା, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସିଟି ସ୍କାନ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଡିସିସି କମିଟି ପୁନଃଗଠନ ଓ ଆଦର୍ଶ ବରପୁତ୍ର ଗ୍ରାମ ଚୟନ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ହାଲ ସିଏସ୍‌ଆର କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସଭାଗୃହ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଶିକ୍ଷା ସପ୍ତାହ ଉପଲକ୍ଷେ ସାଂସ୍କୃତିକ ଚେତନା ଦିବସ, ସ୍ଥାନ : ବଲାରଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ୨୬ତମ ହକି ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବାଣ୍ଡିଝରନ ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।

## ବଲାଙ୍ଗୀର
- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା
- ଦ୍ୱିତୀୟ ଦିବସରେ ଦେଓ ନଦୀ ସେତୁ ସମ୍ପୂର୍ଣ୍ଣ ଦାବିରେ ଧାରଣା, ସ୍ଥାନ: ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଶିକ୍ଷା ସପ୍ତାହ ପାଳନ ଅବସରରେ ସାଂସ୍କୃତିକ ଦିବସ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୈତାଲି, ଝାରବନ୍ଧ। ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ। ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ରୁଟିଦା, ଅମ୍ବାଭୋନା। ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲ , ହରଭଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଁପାଲି ଓ ବାଲେଙ୍ଗଯୋର ଗ୍ରାମରେ ଭାଗବତ ପାରାୟଣ, ସ୍ଥାନ: ଭାଗବତ ଟୁଙ୍ଗି ନୂଆଁପାଲି ଓ ବାଲେଙ୍ଗଯୋର, କଣ୍ଟାମାଳ , ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସାଂସ୍କୃତିକ ଦିବସ ପାଳନ, ସ୍ଥାନ: ଚିଚୈଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୩ଟା ୩୦।

## ଦେବଗଡ଼
- ଚାଷୀମାନଙ୍କ ନେଇ ଚାର ଉତ୍ପାଦନ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ସପ୍ତାହ ଅବସରରେ ସାଂସ୍କୃତିକ ଦିବସ ପାଳନ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦିବସ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ ଦିବସ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ,ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ବୀରମହାରାଜପୁର , ସମୟ:ଅପରାହ୍ନ ୩ଟା।
- ଉପଖଣ୍ଡୀୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଗୁରୁପୂର୍ଣ୍ଣିମା ଉପଲକ୍ଷେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଶିଶୁ ବିଦ୍ୟା ମନ୍ଦିର ତରବୋଡ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଫୁଟବଲ ପ୍ରତିଯୋଗିତା ତୃତୀୟ ଲିଗ ମ୍ୟାଚ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ସ୍ୱତନ୍ତ୍ର ପୂଜା ସହ ସନ୍ଧ୍ୟା ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ୩୦।

## ଜଗତ୍‌ସିଂହପୁର
- ଏନ୍‌ଏସି ବାଳିକା ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ସାଂସ୍କୃତିକ ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଦିବ୍ୟାଙ୍ଗଙ୍କ ପାଇଁ ସହାୟତା ସାମଗ୍ରୀ ବଣ୍ଟନ ଶିବିର, ସ୍ଥାନ : ଧର୍ମଶାଳା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼
- ଜିଲାବ୍ୟାପୀ ସେବା ଉତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଲାଭଭାବସ୍ଥ ଚନ୍ଦ୍ର ହେତୁ ଆବଶ୍ୟକତା ପୂରଣ ହେବାରେ କୌଣସି ଅସୁବିଧା ରହିବନାହିଁ। ଦୁର୍ବଳତାରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇପାରେ। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନିକସେବା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶୁକ୍ରଙ୍କ ପ୍ରଭାବରୁ ଦୈହିକ ଓ ମାନସିକ ସ୍ତରରେ ଉତ୍ସାହିତ ରହିବେ। ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମ କଲେ ଆଶା ପୂରଣ କରିପାରିବେ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା କିମ୍ବା ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ଶାନ୍ତିଭଙ୍ଗ ହେବାର ସୂଚନା ରହିଛି।

**ମିଥୁନ** ବୁଧ ଧନାଧିପ ଦୃଷ୍ଟିରେ ରହିଥିବାରୁ ଅର୍ଥ ସମ୍ପର୍କିତ ବିବାଦରେ ସମ୍ପର୍କୀୟମାନେ ଶତ୍ରୁତା କରିପାରନ୍ତି। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ଲାଗିରହିପାରେ। ସାମାଜିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା ଅର୍ଥ, ଆଦେଶପତ୍ର ପ୍ରଭୃତିରୁ ଉପକୃତ ହେବେ।

**କର୍କଟ** ତୃତୀୟସ୍ଥ କେତୁ ପ୍ରଭାବରେ ମତାନ୍ତରଜନିତ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। କର୍ମକ୍ଷେତ୍ରରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସହିତ ବ୍ୟବସାୟରେ ସଫଳତା ହାସଲ କରିବେ। ଆବଶ୍ୟକତା କାରଣରୁ ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିପାରେ।

**ସିଂହ** ଦ୍ୱାଦଶରେ ରବି ଓ ଶୁକ୍ର ରହିଥିବା କାରଣରୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡିପାରେ। ପକ୍ଷପାତିତାକୁ କେନ୍ଦ୍ରକରି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ କ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡା ହୋଇପାରେ।

**କନ୍ୟା** ରବିକ୍ଷେତ୍ରସ୍ଥ ବୁଧ ହେତୁ କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ବ୍ୟସ୍ତତା ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ ହୋଇପାରନ୍ତି। ବନ୍ଧୁମିଳନ, ଆନୁଷ୍ଠାନିକ କାମ, ପରିବହନ ଓ ସଭାସମିତିରେ ପ୍ରଶଂସିତ ହେବେ।

**ତୁଳା** ଆଜି ରାଶ୍ୟାଧିପ ଏକାଦଶାଧିପତି ସହିତ ରହିଥିବାରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। କିନ୍ତୁ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ। ବନ୍ଧୁଙ୍କ ମାଧ୍ୟମରେ ଅଫିସ୍‌ରେ ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ନିଜ ପରିବେଶର କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା** ଶନି ଯୁକ୍ତ ଚନ୍ଦ୍ରଜନିତ ଭାବପ୍ରବଣତାରେ ଭାସିଯାଇ ମନ ଉତ୍‌ଫୁଲ୍ଲିତ ରହିବ। ଜମିଜମା କିଣା ବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପରିବାର ଭିତରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ** ଚତୁର୍ଥସ୍ଥ ରାହୁ ଯୋଗୁ ଅସାବଧାନତା କାରଣରୁ ଶାରୀରିକ ଆଘାତ ଆଶଙ୍କା ରହିଛି। ପରିବାରରେ ଘଟିଯାଇଥିବା ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିପାରନ୍ତି। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ଆର୍ଥିକ ଅଭିବୃଦ୍ଧି ସହିତ ବିଳାସ ଉପକରଣ କ୍ରୟ କରିପାରନ୍ତି।

**ମକର** ଚନ୍ଦ୍ରଙ୍କ ପ୍ରଭାବରୁ ପରିବାରରେ ଅନୁରାଗ, ବ୍ୟବସାୟରେ ସଫଳତା, ଯାତ୍ରରେ ଆଶା ପୂରଣ ହେତୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ରାଶ୍ୟାଧିପତି ସ୍ୱଗୃହରେ ଚନ୍ଦ୍ର ସହ ଥିବାରୁ ହାତକୁ ନେଇଥିବା କାମଟି ବିଳମ୍ବରେ ସମ୍ପନ୍ନ ହେବ। ରବି ଓ ଶୁକ୍ରଙ୍କ ସଂଯୋଗରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ କିନ୍ତୁ ପରିବହନରେ କ୍ଷତିଗ୍ରସ୍ତ ହେବେ।

**ମୀନ** ରାଶିରେ ରାହୁ ଏବଂ ଭାଗ୍ୟସ୍ଥାନକୁ ଗୁରୁ ଦୃଷ୍ଟି ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁଦିନ ସକାଶେ ସ୍ମରଣୀୟ ରହିଯାଇପାରେ। କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବାଦ୍ୱାରା ବହୁମୂଲ୍ୟ ଦେବାକୁ ପଡିପାରେ। ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ ନଚେତ୍ ମତାନ୍ତରର ଆଶଙ୍କା ରହିଛି।

ଆଜି ଜୁଲାଇ ୨୫ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଶ୍ରାବଣ କୃଷ୍ଣ ୫ମୀ ଗୁରୁବାର, ଶରଣଂ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ। ଦିବା ଘ.୧୦।୪୫ମି. ଗତେ ମୀନଚନ୍ଦ୍ର, ସକାଳ ଘ.୦୫।୨୩ମି. ଗତେ ଘ. ୦୭।୦୭ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୦୧।୧୦ମି ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୩୦ମି.ଗତେ ଘ.୦୩।୦୭ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ୧୦ବର୍ଷ ଆୟୁଷ...
କରିବାର ଆବଶ୍ୟକତା ରହିଛି ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ମହାନିବନ୍ଧକ ଏବଂ ଜନଗଣନା ଆୟୁକ୍ତ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏସ୍‌ଆର୍‌ଏସ୍ ତଥ୍ୟ ଅନୁସାରେ, ଓଡ଼ିଶାଠାରୁ ଆୟୁଷ ହାର ଅଧିକ ଥିବା ରାଜ୍ୟଗୁଡ଼ିକ ହେଲା କେରଳ (୭୫ବର୍ଷ), ତାମିଲନାଡୁ (୭୩.୨), ମହାରାଷ୍ଟ୍ର (୭୨.୯), ପଞ୍ଜାବ (୭୨.୫), ପଶ୍ଚିମବଙ୍ଗ(୭୨.୩), ଆନ୍ଧ୍ରପ୍ରଦେଶ (୭୦.୬) ଏବଂ ଗୁଜରାଟ (୭୦.୫ବର୍ଷ)। ୭୦.୩ ବର୍ଷ ବୟସ ହାର ସହ ଓଡ଼ିଶା ଏହା ତଳକୁ ରହିଛି। ଓଡ଼ିଶାରେ ମହିଳାଙ୍କ ଆୟୁଷ ହାର ପୁରୁଷଙ୍କଠାରୁ ୧.୪ ଅଧିକ ରହିଛି। ମହିଳାଙ୍କ ଆୟୁଷ ହାର ୭୧.୪ ଥିବାବେଳେ ପୁରୁଷଙ୍କର ୬୯.୧ ରହିଛି। ଅନ୍ୟପକ୍ଷରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଆୟୁଷ ହାର କମ୍ ଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳ ଲୋକଙ୍କ ହାରାହାରି ଆୟୁଷ ୬୯.୮ ଥିବାବେଳେ ମହିଳାଙ୍କର ୭୧ ଏବଂ ପୁରୁଷଙ୍କ ୬୮.୭ ବର୍ଷ ରହିଛି। ସେହିଭଳି ସହରାଞ୍ଚଳରେ ମୋଟ ଆୟୁଷ ହାର ୭୨.୨ ବର୍ଷ ରହିଛି। ସେଥିମଧ୍ୟରୁ ମହିଳାଙ୍କର ଆୟୁଷ ହାର ୭୩.୨ ଥିବାବେଳେ ପୁରୁଷଙ୍କର ୭୦.୯ ବର୍ଷ ରହିଛି। ସେପଟେ ଦେଶରେ ମୋଟ ଆୟୁଷ ହାର ୭୦ ବର୍ଷ ଥିବାବେଳେ ମହିଳାଙ୍କର ୭୧.୪ ଏବଂ ପୁରୁଷଙ୍କର ୬୮.୬ ବର୍ଷ ରହିଛି। ଦେଶରେ ଗ୍ରାମାଞ୍ଚଳରେ ମୋଟ ଆୟୁଷ ହାର ୬୮.୬ ବର୍ଷ ଥିବାବେଳେ ମହିଳାଙ୍କର ୭୦.୧ ଏବଂ ପୁରୁଷଙ୍କର ୬୭.୨ ବର୍ଷ ରହିଛି। ସେହିଭଳି ସହରାଞ୍ଚଳରେ ମୋଟ ଆୟୁଷ ହାର ୭୩.୨ ଥିବା ବେଳେ ମହିଳାଙ୍କର ୭୪.୫ ଏବଂ ପୁରୁଷଙ୍କର ୭୧.୯ ବର୍ଷ ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ମାତୃ ମୃତ୍ୟୁହାର ସର୍ବଭାରତୀୟଠାରୁ ଅଧିକ ରହିଛି। ୨୦୧୮-୨୦ରେ ରାଜ୍ୟରେ ମାତୃ ମୃତ୍ୟୁ ହାର(ଏମ୍‌ଏମ୍‌ଆର୍) ପ୍ରତି ୧ ଲକ୍ଷରେ(ଜୀବନ୍ତ ପିଲା ଜନ୍ମ ଦେଉଥିବା ମାଆ) ୧୧୯ ଥିବାବେଳେ ସର୍ବଭାରତୀୟ ସ୍ତରରେ ଏହା ୯୭ ରହିଛି। ସେପଟେ ଓଡ଼ିଶାରେ ଶିଶୁ ଜନ୍ମହାର ସର୍ବଭାରତୀୟ ହାରଠାରୁ ଅଧିକ ଥିବା ଜଣାପଡ଼ିଛି। ଓଡ଼ିଶାରେ ସଂସ୍ଥାଗତ ଶିଶୁ ଜନ୍ମହାର (ଇନ୍‌ଷ୍ଟିଚ୍ୟୁଶନାଲ ବାର୍ଥ) ୯୨.୨% ଥିବାବେଳେ ସର୍ବଭାରତୀୟ ସ୍ତରରେ ଏହା ୮୮.୬% ରହିଥିବା ଉକ୍ତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ସ୍କୁଲ ଡ୍ରପ୍‌ଆଉଟ୍:...
୨୭.୨୯% ସହିତ ସର୍ବଭାରତୀୟ ସ୍ତରରେ ଶୀର୍ଷରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ଓଡ଼ିଶାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ନାମଲେଖା ହାର ସର୍ବଭାରତୀୟଠାରୁ କମ୍ ରହିଛି। ତେବେ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଓଡ଼ିଶାରେ ମୋଟ ନାମଲେଖା ଅନୁପାତ ଯଥାକ୍ରମେ ୯୧.୩, ୮୦.୪ ଓ ୪୩.୬% ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷେ ମହିଳା ସାକ୍ଷରତା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ଘଟିଥିବା ରିପୋର୍ଟରୁ ଜଣାପଡ଼ିଛି। ୭ବର୍ଷ ବୟସରୁ ଊର୍ଦ୍ଧ୍ୱ ବାଳିକାଙ୍କ ସାକ୍ଷରତା ହାର ୨୦୦୧ ଜନଗଣନା ଅନୁସାରେ ୫୦.୫% ଥିବାବେଳେ ୨୦୨୨-୨୩ରେ ଏହା ୭୩.୬%କୁ ବୃଦ୍ଧି ପାଇଛି। ହେଲେ ଏହା ସର୍ବଭାରତୀୟ ସ୍ତରର ମହିଳା ସାକ୍ଷରତା ହାର(୮୦.୩ %)ଠାରୁ କମ୍ ରହିଛି। ୟୁଡାଇଜ୍ ରିପୋର୍ଟ ୨୦୨୧-୨୨ ଅନୁଯାୟୀ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ବାଳିକାଙ୍କ ମୋଟ ନାମଲେଖା ଅନୁପାତ(ଜିଆଇଆର୍) ବାଳକଙ୍କଠାରୁ ଭଲ ରହିଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଆଜି ରାଜ୍ୟ ବଜେଟ...
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ଏହି ବଜେଟ ଉପସ୍ଥାପନ କରିବେ। ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ପୂର୍ବରୁ ରାଜ୍ୟ ସରକାର ପୂର୍ବତନ ଅର୍ଥମନ୍ତ୍ରୀ ଓ ବିଶେଷଜ୍ଞଙ୍କ ପରାମର୍ଶ ନେଇଛନ୍ତି। ଏଥିସହିତ ବଜେଟ ସାଧାରଣ ଲୋକଙ୍କଠାରୁ ପ୍ରାୟ ୧୨ ହଜାରରୁ ଅଧିକ ମତାମତ ସଂଗ୍ରହ କରାଯାଇଛି। ଶିଳ୍ପ, ଆର୍‌ବିଆଇ, ଏନ୍‌ଜିଓ, ମଜଦୁର ସଂଘ, ଶିଳ୍ପ ସଂଘ, ବ୍ୟବସାୟୀ ମହାସଂଘର ପ୍ରାୟ ଦେଢ଼ ଶହ ପ୍ରତିନିଧି ମଧ୍ୟ ସେମାନଙ୍କ ମତାମତ ଦେଇଛନ୍ତି। ଫେବୃଆରୀରେ ହୋଇଥିବା ବଜେଟ ଆକଳନଠାରୁ ପୂର୍ଣ୍ଣାଙ୍ଗ ବଜେଟର ଆକାର ପ୍ରାୟ ୧୫ ପ୍ରତିଶତ ଅର୍ଥାତ ୨ ଲକ୍ଷ ୮୫ ହଜାର କୋଟି ହେବ ବୋଲି ଅନୁମାନ କରାଯାଉଛି। ନିକଟରେ ମନ୍ତ୍ରିପରିଷଦ ବୈଠକରେ ଏହି ବଜେଟକୁ ଅନୁମୋଦନ ମିଳିଛି।

### ରେଳ ପାଇଁ ଓଡ଼ିଶାକୁ...
ଓଡ଼ିଶାରେ ୫୩ କିଲୋମିଟର ନୂଆ ରେଳଟ୍ରାକ ନିର୍ମାଣ କରାଯାଇଥିବାବେଳେ ୨୦୧୪ରୁ ୨୦୨୪ ମଧ୍ୟରେ ପ୍ରାୟ ୩ଗୁଣ ଅଧିକ ଅର୍ଥାତ୍ ପ୍ରତିବର୍ଷ ୧୮୩ କିଲୋମିଟର ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ଓଡ଼ିଶା ରେଳ କ୍ଷେତ୍ରରେ ଶତପ୍ରତିଶତ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୦୯-୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ମାତ୍ର ୨୯ କିଲୋମିଟର ବିଦ୍ୟୁତ୍ ସଂଯୋଗୀକରଣ ହୋଇଥିବାବେଳେ ୨୦୧୪ପରଠାରୁ ବର୍ତ୍ତମାନ ସୁଦ୍ଧା ୫ଗୁଣ ଅଧିକ ଅର୍ଥାତ୍ ପ୍ରତିବର୍ଷ ହାରାହାରି ୧୪୬ କିଲୋମିଟର ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିଛି। ରେଳ ମନ୍ତ୍ରଣାଳୟ ସୂଚନାନୁସାରେ ବର୍ତ୍ତମାନ ରାଜ୍ୟରେ ନୂଆ ଟ୍ରାକ୍ ନିର୍ମାଣ ପାଇଁ ୪୦ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ପ୍ରାୟ ୪,୦୧୭ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ପାଇଁ ଅନୁଦାନ ରାଶି ୫୪,୪୩୪ କୋଟି ଟଙ୍କା ରହିଛି। ସେହିପରି ଅମୃତ ଷ୍ଟେଶନ ପ୍ରକଳ୍ପ ଅଧୀନରେ ଭୁବନେଶ୍ୱର ସମେତ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କଳାହାଣ୍ଡି, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଯାଜପୁର, ଝାରସୁଗୁଡ଼ା, କୋରାପୁଟ, ସମ୍ବଲପୁର, ରାୟଗଡ଼ା ଆଦି ଜିଲାର ୫୯ଟି ଷ୍ଟେଶନର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ୨୦୧୪ ପରଠାରୁ ୪୨୭ଟି ଫ୍ଲାଏ ଓଭର ଓ ଅଣ୍ଡରପାସ୍ ନିର୍ମାଣ ହୋଇଥିବା ରେଳମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।




### ଭବାନୀ ଶଙ୍କର ଭୋଇ...
ଭବାନୀ ଭୋଇ ଉପବାଚସ୍ପତି ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସର୍ବସମ୍ମତିକ୍ରମେ ତାଙ୍କୁ ବିଧାନସଭା ଉପବାଚସ୍ପତି ନିର୍ବାଚିତ କରାଯାଇଥିବାରୁ ସେ ଗୃହର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୁନ୍ଦରଗଡ଼ ଜିଲା ତଳସରା ସଂରକ୍ଷିତ ବିଧାନସଭା ଆସନରୁ ସେ ଲଗାତର ଦ୍ୱିତୀୟ ଥର ପାଇଁ ଭାଜପା ଟିକେଟରେ ନିର୍ବାଚିତ ହୋଇଛନ୍ତି।

### ଡମଣୀ ଡ୍ୟାମ୍‌ରେ ବୁଡ଼ି...



ବକ୍ସିବଜାର ଅଞ୍ଚଳର କେ.ପବନ କୁମାର ଓ ଅଂଶୁମାନ ମଲ୍ଲିକ ୨ଟି ବାଇକ୍‌ରେ ଡମଡମଣୀ ପୀଠକୁ ବୁଲିବା ପାଇଁ ଆସିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେମାନେ ଡ୍ୟାମ୍ କୂଳରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଶୃତିକ, ସ୍ୱୟମ୍, ଆଦେଶ ଗାଧୋଇବା ପାଇଁ ପାଣିରେ ପଶିଥିଲେ। ହେଲେ ଅସାବଧାନତାବଶତଃ ସେମାନେ ପାଣିରେ ବୁଡିଯାଇଥିଲେ। ଆଦେଶ ସାମାନ୍ୟ ପହଁରା ଜାଣିଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ କୂଳକୁ ପଳାଇ ଆସିଥିଲେ। ହେଲେ ଶୃତିକ ଓ ସ୍ୱୟମ୍‌ଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ଚୌଦ୍ୱାର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟ ପରେ ସ୍କୁବା ଡାଇଭିଂ ଟିମ୍ ସହାୟତାରେ ଶୃତିକ ଓ ସ୍ୱୟମ୍‌ଙ୍କୁ ପାଣିରୁ ଉଦ୍ଧାର କରାଯାଇଥିଲେ ମଧ୍ୟ ସେମାନଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ କହିଛନ୍ତି। ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ବହୁ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ଉକ୍ତ ଡ୍ୟାମ୍‌ର ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା ନାହିଁ। ୨୦୨୩ ଅକ୍ଟୋବର ୧ରେ କଟକ ସିଡିଏ ଅଞ୍ଚଳର ଅଂଶୁମାନ ନାୟକ ନାମକ ଜଣେ ଛାତ୍ର ସାଙ୍ଗମାନଙ୍କ ସହିତ ଭୋଜିକରିବା ପାଇଁ ଉକ୍ତ ପୀଠକୁ ଆସିଥିଲେ। ଏହି ଡ୍ୟାମ୍‌ରେ ଅଂଶୁମାନ ଗାଧୋଉଥିବାବେଳେ ପାଣିରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ସବୁବେଳ ପାଇଁ ସେଠାରେ ବିପଦ ଆଶଙ୍କା ରହୁଛି। ତେଣୁ ତୁରନ୍ତ ଡ୍ୟାମ୍‌ର ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯିବା ପାଇଁ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଟେକ୍ ଅଫ୍ ପରେ...
ଏୟାରଲାଇନ୍ସ ଚେମ୍ପିଅନ୍ ମନୁରାଜ ଶର୍ମାଙ୍କ ୪ ବର୍ଷର ପୁଅ ଅଧିରାଜ ଶର୍ମା ରହିଛନ୍ତି। ମନୁରାଜଙ୍କ ସ୍ତ୍ରୀ ପ୍ରିଜା ଖାତିୱାଡା ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ବିମାନ କୋ-ପାଇଲଟ୍ ଏସ୍. କଟୁୱାଲ, ଏୟାରଲାଇନ୍ସ କର୍ମଚାରୀ ଅରେଫ୍ ରେଡା(ୟେମେନ୍ ନାଗରିକ)ଙ୍କ ମୃତ୍ୟୁ ଘଟିଛି। ୧୫ ଜଣଙ୍କ ମୃତ୍ୟୁ ଦୁର୍ଘଟଣାସ୍ଥଳରେ ଘଟିଥିବାବେଳେ ଅନ୍ୟ ୩ ଜଣ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଛନ୍ତି। ବିମାନ ଚାଳକ ମନୀଷ ରତ୍ନ ଶାକ୍ୟ(୩୭)ଙ୍କୁ ଆହତ ଅବସ୍ଥାରେ କାଠମାଣ୍ଡୁ ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଅନ୍‌ଲାଇନ୍‌ରେ ପୋଷ୍ଟ କରାଯାଇଥିବା ଭିଡିଓରେ ବିମାନ ଦୁର୍ଘଟଣା ବେଳର ଦୃଶ୍ୟ ଦେଖିବାକୁ ମିଳିଛି। ଟେକ୍ ଅଫ୍ ପରେ ବିମାନରେ ନିଆଁ ଓ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଫାୟାର ଇଞ୍ଜିନ୍ ଓ ଆମ୍ବୁଲାନ୍ସଗୁଡ଼ିକ ଏୟାରପୋର୍ଟରେ ପହଞ୍ଚିବାରେ ଲାଗିଥିଲେ। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖ୍ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଓଲି ଶୋକବ୍ୟକ୍ତ କରିବା ସହ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଅଧିକାରୀମାନଙ୍କୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତ୍ରିଭୁବନ ଏୟାରପୋର୍ଟ ମୁଖ୍ୟ ଜଗନ୍ନାଥ ନିରୁଲା କହିଛନ୍ତି, କାଠମାଣ୍ଡୁରୁ ପୋଖରା ଯିବା ପାଇଁ ଉଡ଼ାଣ କରିବା ମାତ୍ରେ ବିମାନଟି ଭୁଲ୍ ଦିଗକୁ ଚାଲିଯାଇଥିଲା। ଟେକ୍ ଅଫ୍ କରିବାର ୧ ମିନିଟ୍ ଭିତରେ ଏହା ବାମ ପରିବର୍ତ୍ତେ ଡାହାଣମୁହାଁ ହୋଇଯାଇଥିଲା। ତେବେ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ ବୋଲି ସେ କହିଛନ୍ତି। ଦୁର୍ଘଟଣା ପରେ କାଠମାଣ୍ଡୁ ଏୟାରପୋର୍ଟରେ ଅନ୍ୟ ବିମାନଗୁଡ଼ିକର ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ନେପାଳର ଏୟାରକ୍ରାଫ୍ଟ ସୁରକ୍ଷା ରେକର୍ଡ ଅତି ଦୁର୍ବଳ ଥିବାରୁ ଦେଶରେ ବାରମ୍ବାର ବିମାନ ଦୁର୍ଘଟଣା ଘଟୁଛି। ସିଭିଲ୍ ଆଭିଏଶନ୍ ସଂସ୍ଥା ଅନୁସାରେ ୧୯୫୫ରେ ନେପାଳରେ ପ୍ରଥମ ବିମାନ ଦୁର୍ଘଟଣା, ଯହିଁରେ ୯୧୪ ଯାତ୍ରୀ ପ୍ରାଣ ହରାଇଥିଲେ। ଗତବର୍ଷ ଜାନୁଆରୀରେ ରିସର୍ଟ ସିଟି ପୋଖରାରେ ୟେତି ଏୟାରଲାଇନ୍ସର ଏକ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି କ୍ରାଶ୍‌ରେ ୫ ଭାରତୀୟଙ୍କ ସମେତ ୭୨ ବିମାନ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

### ବର୍ଷା ପାଇଁ ବେକେ...
ପାଣିରେ ୪ ବେଦ ବେଦଜ୍ଞ ବ୍ରାହ୍ମଣ ଚତୁର୍ବେଦ ମନ୍ତ୍ରରେ ୪ ମେଘଙ୍କୁ ୧ ହଜାର ୮ଥର ସଂଖ୍ୟା ଜଣକା ଜପ କରିଛନ୍ତି। ସମାନ ସମୟରେ ବୃଷ୍ଟିଯଜ୍ଞ ନିମନ୍ତେ ଗ୍ରାମ ମଧ୍ୟରେ ଥିବା ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ଓ ହନୁମାନଙ୍କୁ ଅଧିଷ୍ଠିତ କରି ୪ ମେଘଙ୍କୁ ଆବାହନ, ପ୍ରଜନ୍ୟ, ଅଗସ୍ତି, ଋଷିଶୃଙ୍ଗ ଓ ଇନ୍ଦ୍ରାଦି ଦେବଗଣଙ୍କୁ ଆବାହନ ଓ ଯଜ୍ଞ ଅନୁଷ୍ଠାନ କରିଛନ୍ତି। ଏଥିସହ ଗ୍ରାମର ଆରାଧ୍ୟ ଦେବ ସୋମେଶ୍ୱର ମହାଦେବଙ୍କୁ ପାଣିରେ ବୁଡ଼ାଇ ରଖି ଜଳାଭିଷେକ କରିଛନ୍ତି। ଗ୍ରାମମଣ୍ଡପରେ ରାମାୟଣର ଆଦ୍ୟକାଣ୍ଡ ଆବୃତ୍ତି ସହ ସମସ୍ତ ଦେବତାଙ୍କୁ ସନ୍ତୁଷ୍ଟି ପାଇଁ ହୋମଯଜ୍ଞ କରିଛନ୍ତି। ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି ଏଭଳି ଶାସ୍ତ୍ର ମତେ ପୂଜାର୍ଚ୍ଚନା ସହ ଗ୍ରାମଦେବତୀଙ୍କୁ ମାର୍ଜନାକଲେ ଭଲ ବୃଷ୍ଟିପାତ ହେବ। ଠାକୁରଙ୍କୁ ନୀତିକାନ୍ତିରେ ପୂଜାର୍ଚ୍ଚନାକଲେ ଦେବତାଙ୍କ କୋପ ହ୍ରାସ ହୁଏ। ଭଲ ବୃଷ୍ଟିପାତ ହୋଇ ସୃଷ୍ଟି ଶସ୍ୟଶ୍ୟାମଳା ହୋଇଥାଏ। ବୈତରଣୀ ନଦୀରେ ପଣ୍ଡିତ ଲୋକନାଥ ମିଶ୍ର, ତରୁଣ କୁମାର ଦାଶ, ସନ୍ତୋଷ ତ୍ରିପାଠୀ, ଅମରେନ୍ଦ୍ର ମିଶ୍ର ଜଳ ଜପ କରିଥିବା ବେଳେ ଗ୍ରାମରେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ଶେଖର ଦାଶ, ତରୁଣ କୁମାର ତ୍ରିପାଠୀ, ଦୈତାରି ଶତପଥୀ, ଗୌରଚନ୍ଦ୍ର ତ୍ରିପାଠୀ, ଶିବପ୍ରସାଦ ଦାଶ, ରାଜବଲ୍ଲଭ ମିଶ୍ର, ବୀରମୋହନ ଦ୍ୱିବେଦୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଅତୀତରେ ଅନାବୃଷ୍ଟି ହେଲେ ଏହି ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନାକଲେ ଭଲ ବୃଷ୍ଟିପାତ ହେବାର ଦୃଷ୍ଟାନ୍ତ ରହିଛି ବୋଲି ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ଲୋକନାଥ ମିଶ୍ର, ଗୌରଚନ୍ଦ୍ର ତ୍ରିପାଠୀ ଓ ରାଜବଲ୍ଲଭ ମିଶ୍ର ପ୍ରମୁଖ କହିଛନ୍ତି। କାର୍ଯ୍ୟକ୍ରମ ଭାଗୀରଥି ଦାଶ ଓ ଅଜିତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଋଷିଶୃଙ୍ଗ ଋଷିଙ୍କ ମାଟି ମୂର୍ତ୍ତିକୁ ଭଜନ କୀର୍ତ୍ତନ କରି ଗାଁମୁଣ୍ଡ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ଭାଲୁ ମୃତ



ମାଲକାନଗିରି,୨୪।୭
(ଦୁର୍ଯ୍ୟୋଧନ ପାତ୍ର)

ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗୋଟିଏ ମାଈ ଭାଲୁର ମୃତ୍ୟୁ ହୋଇଛି। ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଶିଖାପଲ୍ଲୀ ପଞ୍ଚାୟତ ଏମ୍‌ଭି ୧୭ ନମ୍ବର ଗାଁ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଥିବା ଏକ ହାଇ-ଭୋଲ୍‌ଟେଜ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବିଦ୍ୟୁତ୍ ବିଭାଗ ଏହି ଟ୍ରାନ୍ସଫର୍ମର କଡରେ ସୁରକ୍ଷା ପାଇଁ ତାର ଜାଲି ଦେଇଥିବା ବେଳେ ଭାଲୁଟି ଖାଦ୍ୟ ଅନ୍ୱେଷଣରେ ବାଡ ଡେଇଁ ଟ୍ରାନ୍ସଫର୍ମର ପାଖକୁ ଆସି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଭାଲୁର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ବନ କର୍ମଚାରୀ କହିଛନ୍ତି।

## ମାଓବାଦୀଙ୍କ ୨ ଶହୀଦ ସ୍ତମ୍ଭ ଭାଙ୍ଗିଲେ ଯବାନ

ମାଲକାନଗିରି,୨୪।୭
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ଗୋଲ୍ଲାପାଲି ଥାନା ଅଞ୍ଚଳରେ ମାଓବାଦୀଙ୍କ ୨ ଶହୀଦ ସ୍ତମ୍ଭକୁ ସୁରକ୍ଷାକର୍ମୀ ଦ୍ୱାରା ବୁଧବାର ଭାଙ୍ଗି ଦିଆଯାଇଛି। ସୁକ୍‌ମା ଜିଲା ଗୋଲ୍ଲାପାଲି ଥାନା ଅନ୍ତର୍ଗତ ସିଙ୍ଗାରାମ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଏକ ନୂତନ ସ୍ତମ୍ଭ ଓ ଅନ୍ୟ ଶହୀଦ ସ୍ତମ୍ଭକୁ ଡିଆର୍‌ଜି ଯବାନମାନେ ଗ୍ରାମବାସୀଙ୍କ ସମ୍ମୁଖରେ ଧ୍ୱଂସ କରିଥିଲେ। ମାଓବାଦୀଙ୍କ ଏହି ସ୍ତମ୍ଭ ଭାଙ୍ଗିବା ପରେ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି।

# ହୀରାକୁଦ ଜଳଭଣ୍ଡାରକୁ ପ୍ରଥମ ବନ୍ୟାଜଳ ପ୍ରବେଶ

### ବଢୁଛି ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୨୪।୭
(ପ୍ରମୋଦ ବହିଦାର)



ହୀରାକୁଦ ଜଳଭଣ୍ଡାର।

ଉପରମୁଣ୍ଡ ମହାନଦୀ ଅବବାହିକାରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ଚଳିତ ଋତୁର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ଜଳଭଣ୍ଡାରରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଜଳସ୍ତର ବୃଦ୍ଧି ସହ ହୀରାକୁଦ ଓ ଚିପିଲିମାରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ଫଳରେ ବୁଧବାର ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୨.୩୯ ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୨ ହଜାର ୩୯୦ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ସହ ଶିଳ୍ପାନୁଷ୍ଠାନ ପାଇଁ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୩୭ ହଜାର ୫୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୩ ହଜାର ୬୧୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ୨୭୫ କ୍ୟୁସେକ୍ ଓ ଜଳସେଚନ ପାଇଁ ବିଭିନ୍ନ କେନାଲରେ ମୋଟ ୩ ହଜାର ୯୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ବୁଧବାର ବୁର୍ଲା ଶକ୍ତିକେନ୍ଦ୍ରରୁ ୮୬.୭୫୦ ମେଗାୱାଟ୍ ଓ ଚିପିଲିମା ଶକ୍ତିକେନ୍ଦ୍ରରୁ ୪୨.୪୧୬ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୪୪.୮୬ ମି.ମି. ଓ ତଳମୁଣ୍ଡରେ ୩୬.୫୬ ମି.ମି. ବର୍ଷା ରେକର୍ଡ କରାଯାଇଛି।

ଗତ କିଛିଦିନ ହେଲା ଜଳଭଣ୍ଡାରର ଜଳପତ୍ତନ କ୍ରମାଗତଭାବେ ହ୍ରାସ ପାଇବାରେ ଲାଗିଥିଲା ଓ ଜଳସ୍ତର ୬୦୧ ଫୁଟ ତଳେ ରହିଥିଲା। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀର ଜଳ ଆବଣ୍ଟନ ତଥା ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ପାଇଁ ରୁଲକର୍ଭ ନିୟମ ଲାଗୁ କରାଯାଇଥିଲା। ଏହି ନିୟମ ଅନୁସାରେ ଜୁଲାଇ ଶେଷ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଅନ୍ୟୁନ ୬୦୫ ଫୁଟ ରହିବା କଥା। ଏହି ଜଳସ୍ତର ଅତିକ୍ରମ ହେଲେ ହୀରାକୁଦ ଜଳଭଣ୍ଡାରର ସ୍ଲୁଇସ୍ ଗେଟ୍ ଜରିଆରେ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମାତ୍ର ଜୁଲାଇ ୨୩ ପର୍ଯ୍ୟନ୍ତ ଜଳଭଣ୍ଡାରର ଜଳସ୍ତର ଲଗାତର ହ୍ରାସ ପାଉଥିବାରୁ ଚଳିତ ବର୍ଷ ହୀରାକୁଦ ଜଳଭଣ୍ଡାରରୁ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା।

# ପୁଅ ଆଗରେ ବାପାଙ୍କୁ ଦଳିଦେଲା ଦନ୍ତା ହାତୀ

ଢେଙ୍କାନାଳ,୨୪।୭(ରତନ ନାୟାର)/ଓଡ଼ାପଡ଼ା, (ରଣଜିତ ନାୟକ)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ସଦର ରେଞ୍ଜ୍ ହଳଦିଆବାହାଳସ୍ଥିତ ୫୫ନଂ. ଜାତୀୟ ରାଜପଥ କଡ଼ରେ ବୁଧବାର ସକାଳେ ଏକ ଗୋଠଛଡ଼ା ଦନ୍ତାହାତୀ ଜଣଙ୍କ ଜୀବନ ନେଇଛି। ପୁଅ ସମ୍ମୁଖରେ ବାପାଙ୍କୁ ଉକ୍ତ ହାତୀ ଦଳି ମାରିଦେଇଛି। ମୃତକ ହେଲେ ହଳଦିଆବାହାଳ ମଠସାହି ଅଞ୍ଚଳର ଶଙ୍ଖାଳି ବେହେରା(୬୫)।

ସୂଚନା ଅନୁଯାୟୀ, ଶଙ୍ଖାଳି ଭୋର ସମୟରେ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡିଥିଲେ। ଗୋଠଛଡ଼ା ଦନ୍ତା ହାତୀଟି ରାଜପଥ ପାରହୋଇ ରାସ୍ତାକଡ଼ ଜଙ୍ଗଲ ଆଡକୁ ଯାଉଥିବା ଦେଖି ଶଙ୍ଖାଳିଙ୍କ ପୁଅ ଓ ସେଠାରେ ଥିବା ବନ କର୍ମଚାରୀ ପାଟି କରିଥିଲେ। ତୁରନ୍ତ ଦୌଡ଼ି ପଳାଇ ଆସିବାକୁ ସେମାନେ ଶଙ୍ଖାଳିଙ୍କୁ ଡାକ ଛାଡିଥିଲେ। ଏହି ସମୟରେ ଗୋଠଛଡ଼ା ଦନ୍ତା ହାତୀଟି ଶଙ୍ଖାଳି ଆସୁଥିବା ରାସ୍ତାରେ ଗର୍ଜନ କରି ପଶିଯିବା ସହ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶଙ୍ଖାଳିଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଖବରପାଇ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଫରେଷ୍ଟର ସୁବାସଚନ୍ଦ୍ର ସାହୁ, ଗାର୍ଡ ପ୍ରଶାନ୍ତ ନନ୍ଦ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ପରିବାରକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବକେୟା ୫ଲକ୍ଷ ୪୦ହଜାର ଟଙ୍କା ୧୫ଦିନ ମଧ୍ୟରେ ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଘଟଣା ପରେ ହାତୀଟି ସ୍ଥାନୀୟ ନିମିଧା ଜଙ୍ଗଲକୁ ପଳାଇଛି। କିଛିଦିନ ହେଲା ଏହି ଦନ୍ତା ହାତୀ ଉକ୍ତ ଅଞ୍ଚଳରେ ରହି ଉପଦ୍ରବ କରୁଛି। ହାତୀ ଉପରେ ବନବିଭାଗ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍ ନଜର ରଖିଥିବା ରେଞ୍ଜର ସୂଚନା ଦେଇଛନ୍ତି।



ରାଜପଥ ପାରହୋଇ ଗୋଠଛଡା ଦନ୍ତା ହାତୀଟି ବୃଦ୍ଧଙ୍କ ଆଡ଼କୁ ମାଡ଼ି ଯାଉଛି।

# ଓଟିଇଟି ଅଗଷ୍ଟ ୧୭କୁ ଘୁଞ୍ଚିଲା

### ୧୨ରୁ ୱେବସାଇଟ୍‌ରେ ମିଳିବ ଆଡ୍‌ମିଟ୍ କାର୍ଡ

କଟକ,୨୪।୭ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଅଗଷ୍ଟ ୯ ପରିବର୍ତ୍ତେ ୧୭ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଓଟିଇଟି ପେପର-୧ ଓ ପେପର-୨ ପାଇଁ ଏହି ପରିବର୍ତ୍ତିତ ତାରିଖ ଲାଗୁ ହୋଇଛି। ଏଥିସହ ପରୀକ୍ଷା ନିମନ୍ତେ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଅଗଷ୍ଟ ୧୨ରୁ ଉପଲବ୍ଧ ହେବ। କେତେକ ଅନିବାର୍ଯ୍ୟ କାରଣବଶତଃ ଏହି ପରିବର୍ତ୍ତନ କରାଯାଇଥିବା ବୋର୍ଡ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ଦିନ ସକାଳ ୯ଟାରୁ ପୂର୍ବାହ୍ଣ ସାଢେ ୧୧ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ଣ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ।

# ମିଳିଲା ୯୯.୧୫ଲକ୍ଷ, ୩୩ ବିଦେଶୀ ନୋଟ୍ ସହ ୫୩ ଗ୍ରାମ୍ ସୁନା



ହୁଣ୍ଡିରୁ ବାହାରିଥିବା ଟଙ୍କାକୁ ମହିଳାମାନେ ଗଣନା କରୁଛନ୍ତି।

### ଖୋଲିଲା ମଝିଘରିଆଣୀଙ୍କ ୯ହୁଣ୍ଡି

ରାୟଗଡ଼ା, ୨୪।୭
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରେ ଥିବା ୯ଟି ଦାନହୁଣ୍ଡି ବୁଧବାର ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୯୯ ଲକ୍ଷ ୧୫ ହଜାର ୪୨୨ ଟଙ୍କା ସହିତ ୫୩ ଗ୍ରାମ ସୁନା ଓ ୨ କେଜି ୩୯୨ ଗ୍ରାମ ରୁପା ବାହାରିଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ଦେଶର ୩୩ଟି ବିଦେଶୀ ନୋଟ୍ ମଧ୍ୟ ବାହାରିଛି। ଏଥିରେ ଇଂଲଣ୍ଡର ୨୦ ପାଉଣ୍ଡ ନୋଟ୍ ୨୦ଟି, ୧୦ ପାଉଣ୍ଡ ନୋଟ୍ ୧୦ଟି, କାନାଡାର ୫ କାନାଡିଆନ ଡଲାର ୧ଟି, ଆମେରିକାର ୨୦ ଡଲାର ନୋଟ୍ ୧ଟି ଏବଂ ଥାଇଲାଣ୍ଡର ୧୦୦ ଥାଇ ନୋଟ୍ ରହିଛି। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି।

ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ବୁଧବାର ସକାଳ ୯ଟାରେ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୧୦ ଘଣ୍ଟା ଧରି ଗଣତି ଚାଲିଥିଲା। ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ଗଣତି ବେଳେ ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଚୈତ୍ରଯାତ୍ରା ପୂର୍ବରୁ ଗତ ମାର୍ଚ୍ଚ ୧୮ରେ ହୁଣ୍ଡିରୁ ନଗଦ ୮୯ ଲକ୍ଷ ୭୨ ହଜାର ୨୨୫ ଟଙ୍କା ସହ ୬୨ ଗ୍ରାମ୍ ସୁନା ଓ ୨୩୦୦ ଗ୍ରାମ ରୁପା ବାହାରିଥିଲା। ଏଥିସହ ବିଭିନ୍ନ ପ୍ରକାର ୬୬ଟି ବିଦେଶୀ ନୋଟ୍ ମଧ୍ୟ ବାହାରିଥିଲା। ଏହି ବିଦେଶୀ ନୋଟ୍‌ରେ ଡଲାର, ପାଉଣ୍ଡ ସହ ବିଭିନ୍ନ ଦେଶର ନୋଟ୍ ରହିଥିଲା। ସୂଚନା ଥାଉକି, ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି।

# ଜାହାଜରୁ ଜାହାଜ ଡିଜେଲ୍ ସ୍ଥାନାନ୍ତର

### ପାରାଦୀପ ବନ୍ଦର ପୋତାଶ୍ରୟରେ ପ୍ରଥମ

ପାରାଦୀପ,୨୪।୭
(ଶରତ ରାଉତ)

ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ବୁଧବାର ପ୍ରଥମ କରି ଜାହାଜରୁ ଜାହାଜ ତୈଳ ସ୍ଥାନାନ୍ତର କରାଯାଇଛି। ଏପରି ବୈଷୟିକ ବିପଦପୂର୍ଣ୍ଣ ଓ ଦାୟିତ୍ୱ ସମ୍ପନ୍ନ କାମକୁ ସଫଳତାର ସହ କରାଯାଇଥିବାରୁ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ବନ୍ଦରର ଉତ୍ତର-ପୂର୍ବ ବର୍ଥ ପାଖରେ ଥିବା ତୈଳ ବର୍ଥରେ ଏପରି ଉଚ୍ଚ କ୍ଷମତା ସମ୍ପନ୍ନ ଡିଜେଲ ତେଲ ଅପସାରଣ କରାଯାଇଥିଲା। ତୈଳ ବୋଝେଇ ଜାହାଜ ଏମ୍‌ଭି ଓରକିମରୁ ଖାଲି ଜାହାଜ ଏମ୍‌ଭି ଟରମକୁ ତୈଳ ବୋଝେଇ କରାଯାଇଥିଲା। ଏପରି କାମ ପୂର୍ବରୁ ପାରାଦୀପ ବନ୍ଦରର ଏସ୍‌ପିଏମ୍ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ) ବର୍ଥରେ କରାଯାଉଥିଲା। ଏସପିଏମ୍ ବନ୍ଦର ପୋତାଶ୍ରୟଠାରୁ ୨୦ କିମି ଗଭୀର ସମୁଦ୍ରରେ ଅଛି। ସେଠାରେ ବୃହତ୍ ତୈଳବାହୀ ଜାହାଜରେ ଏପରି କାମ ହୁଏ। ଏବେ ସେହି କାମ ପୋତାଶ୍ରୟ ବର୍ଥରେ ହୋଇପାରିବା ଯୋଗୁଁ ପରିଚାଳନାଗତ ଖର୍ଚ୍ଚ କମ୍ ହେବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ତୈଳ ଅପସାରଣ ସମୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟ ସଫଳ ହେବା ପରେ ସାଙ୍କେତିକ ଭାବେ କେକ୍ କାଟି ଖୁସିବ୍ୟକ୍ତ କରିଥିଲେ। ବନ୍ଦରର ଟିମ୍ ୱାର୍କ ଯୋଗୁ ଏହି ସଫଳତା ମିଳିଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଛନ୍ତି।




ଜାହାଜ ଏମ୍‌ଭି ଓରକିମରୁ ଏମ୍‌ଭି ଟରମକୁ ଡିଜେଲ୍ ସ୍ଥାନାନ୍ତର କରାଯାଉଛି।

# ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ହେବ ସ୍କାଏ ୱାକ୍ ବ୍ରିଜ୍


### ଅଗଷ୍ଟ ୧ରେ ଭିତରକନିକାରେ ଖୋଲିବ

ରାଜନଗର, ୨୪।୭
(ଭାସ୍କର ରାଉତରାୟ)

ପ୍ରକୃତିର ଗନ୍ତାଘର ଭିତରକନିକା ଜାତୀୟ ଉଦ୍ୟାନ ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଏଥର ନୂଆକରି ଏହା ମଧ୍ୟରେ ସ୍କାଏ ୱାକ୍ ବ୍ରିଜ୍ ନିର୍ମାଣ କରାଯାଇଛି। ଯାହାକି ପର୍ଯ୍ୟଟକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିବ।

ମେ ୧ରୁ ଜୁଲାଇ ୩୧ ଯାଏ ୩ ମାସ ଧରି ବଉଳା କୁମ୍ଭୀର ପ୍ରଜନନ ଋତୁ ପାଇଁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିଛି। ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ମାସ ଧରି ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ନ ହେବା ପାଇଁ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ଜାତୀୟ ଉଦ୍ୟାନକୁ ପ୍ରବେଶ ନିଷିଦ୍ଧ କରାଯାଇଥିଲା। ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ଭିତରକନିକାର ଶୋଭାକୁ ପୁଣି ଉପଭୋଗ କରିବେ। ଏଥିସହିତ ଏହାର ପ୍ରାକୃତିକ ବିଭବ ମଧ୍ୟରେ ନିଜକୁ ହଜାଇ ଦେଇ ମିନି ଆମାଜନର ମଜା ଉଠାଇବେ। ରାଜନଗର ବନ ବିଭାଗ ପକ୍ଷରୁ ଚଳିତବର୍ଷ ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗ ବେରଙ୍ଗର ପକ୍ଷୀଙ୍କ କାକଳି ସହିତ ଜୀବଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏ ୱାକ୍ ବ୍ରିଜ୍ ନିର୍ମାଣ କରାଯାଇଛି। ମ୍ୟାନଗ୍ରୋଭ ମେଟା ନର୍ସରୀ ନିକଟରୁ ଆରମ୍ଭ ହୋଇଥିବା ଏହି ସ୍କାଏ ୱାକ୍ ବ୍ରିଜ୍ ଅଧିକ ସଂଖ୍ୟାରେ ହରିଣ ଭିଡ ଜମାଉଥିବା ପଡିଆ ଯାଏ ଲମ୍ବିଛି। ଜଙ୍ଗଲ ଭିତରେ ଦୁଇପଟରେ ଗଛ ଥିବାବେଳେ ୬୦୦ ମିଟର ଲମ୍ବ ଯାଏ ନିର୍ମାଣ ହୋଇଛି ଏହି ବ୍ରିଜ୍। ସ୍କାଏ ୱାକ୍ ବ୍ରିଜ୍‌ଟି ମଝିରେ ମଝିରେ ଉଠାଣି ଗଡାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏ ୱାକ୍‌ର ଉଚ୍ଚତା ୧୫ ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଦୁଇପଟରେ ଗଛ ଓ ମଝିରେ ସ୍କାଏ ୱାକ୍ ବ୍ରିଜ୍ ନିର୍ମାଣ ହୋଇଥିବାରୁ ଗଛ ଉପରେ ବା ଆକାଶରେ ଚାଲିବାର ନିଆରା ଅନୁଭୂତି ପର୍ଯ୍ୟଟକ ସାଉଁଟିବେ। ସମ୍ପୂର୍ଣ୍ଣ ଭାବେ କାଠରେ ଏହି ସ୍କାଏ ୱାକ୍ ବ୍ରିଜ୍ ନିର୍ମାଣ ହୋଇଛି। ଜଙ୍ଗଲ ଭିତରେ କି କି ଗଛ ରହିଛି, ଜଙ୍ଗଲ ଭିତର ଦେଖିବାକୁ କେମିତି ଏବଂ ଉପରେ ରହି ଜଙ୍ଗଲକୁ ଦେଖିବାକୁ ପର୍ଯ୍ୟଟକ ପାଇପାରିବେ। ଅଗଷ୍ଟ ୧ରେ ଏହି ସ୍କାଏ ୱାକ୍ ବ୍ରିଜ୍ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିଥରରେ ୨୦ଜଣ ଲେଖାଏ ସ୍କାଏ ୱାକ୍ ବ୍ରିଜ୍‌କୁ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡିଛି। ଏଥି ମଧ୍ୟରେ ୨ଟି ସ୍ଥାନରେ ସେଲ୍‌ଫି ପଏଣ୍ଟ ରହିଛି।

ଭିତରକନିକା ବଉଳା କୁମ୍ଭୀର, ୫ ପ୍ରଜାତିର ଡଲ୍‌ଫିନ, ଅଲିଭ୍‌ରିଡଲେ କଇଁଛ, ସଂଖ୍ୟାଧିକ ହରିଣ, ବାରହା, ଶମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ, ବହୁତ ସଂଖ୍ୟାରେ ପାଣିଗୋଧି ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ। ଭିତରକନିକାରେ ହେନ୍ତାଳ ବଣ ସହ ୬୩ ପ୍ରକାରର ଲୁଣାଜଙ୍ଗଲ ରହିଛି। ଏବେ ବର୍ଷା ଋତୁରେ ହଜାର ହଜାର ସଂଖ୍ୟାରେ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି।



ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ନିର୍ମାଣ ହୋଇଥିବା ସ୍କାଏ ୱାକ୍ ବ୍ରିଜ୍।

SAMS
Student Academic Management System
Skilled in ODISHA

**DIRECTORATE OF TECHNICAL EDUCATION &TRAINING, ODISHA**
KILLAMAIDAN, BUXIBAZAR, CUTTACK-753001.
Email: ccrdiploma2024@gmail.com , website: dtetodisha.gov.in

**DIPLOMA & POST-DIPLOMA SPOT ADMISSION 2024-25**
FOR ADMISSION INTO DIPLOMA IN ENGINEERING/NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES

No.KK-

This is for information of aspirant candidates for spot admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal (https://skill.samsodisha.gov.in/) will be opened for accepting online applications as per the following timeline:

| Course | SAMS portal Open for online CAF | Spot Admission |
|---|---|---|
| Diploma in Engineering – **Lateral Entry** | 27.07.2024 to 8.08.2024 | 5th, 7th & 8th August 2024 |
| Diploma in Engineering & Non-Engineering **(FRESH)** | 5.08.2024 to 17.08.2024 | 12th, 13th, 16th & 17th August 2024. |
| **Post Diploma** Courses | 5.08.2024 to 9.08.2024 | 9th August 2024 |
| Diploma in Engineering- LE- **Working Professionals** | 15.08.2024 to 20.08.2024 | 20th August 2024 |

The SOP for Spot Admission is available on SAMS portal.

For any specific query, contact Diploma Admission Call Centre Phone No 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnic / Engineering School for assistance.

Director
Technical Education & Training,
Odisha, Cuttack

OIPR-44008/11/0015/2425

# ଗୀତାରେ ପରିବାର



ଦେବଦତ୍ତ ପଟ୍ଟନାୟକ

ଭଗବଦ୍ ଗୀତାରେ ସମସ୍ୟା କଥାକୁ ଅତି ସ୍ପଷ୍ଟ ଭାବେ ଦର୍ଶାଯାଇଛି ଓ ଏହାର ବର୍ଣ୍ଣନା ପ୍ରଥମ ଅଧ୍ୟାୟରେ ଦେଖିବାକୁ ମିଳେ। ପରିବାରର କିଏ ନିଜର, କିଏ ବାହାର ବା ପର ଲୋକ ଏବଂ କିଏ ମୋର ଓ କିଏ ପର, ତାହା କିପରି ଆମେ ସ୍ଥିର କରିବା ? ଜଣେ ବୀର ଭାବରେ ଅର୍ଜୁନ ଲୋକଙ୍କୁ ହତ୍ୟା କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ପରିବାର ସଦସ୍ୟଙ୍କୁ ହତ୍ୟା କରିବାରେ ତାଙ୍କର ସମସ୍ୟା ରହିଛି। ପରିବାର କାହାକୁ ନେଇ ଗଠିତ ଏବଂ କିପରି ଏହା ନୀତି ନିର୍ଦ୍ଧାରଣକୁ ପ୍ରଭାବିତକରେ ତାହା ବିଶ୍ଳେଷଣକରି ଅର୍ଜୁନଙ୍କ ସମସ୍ୟା ଦୂରକରିବାରେ କୃଷ୍ଣ ସାହାଯ୍ୟ କରିଛନ୍ତି। ମହାଭାରତ ସମୟରେ ଏହା ଯେଭଳି ଘଟିଥିଲା ଏବେ ବି ପାରିବାରିକ ବ୍ୟାପାରରେ ଏହା ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଅନେକ ଲୋକ ଘୋଷଣା କରନ୍ତି ଯେ,ହିଂସା କିମ୍ବା ଅହିଂସା, କର୍ତ୍ତବ୍ୟ କିମ୍ବା ଜାତି ସହ ଭଗବଦ୍ ଗୀତାର କୌଣସି ସମ୍ପର୍କ ନାହିଁ। ଅର୍ଜୁନ କେବଳ ପରିବାର ସଦସ୍ୟଙ୍କୁ ହତ୍ୟାକରିବା ଉଚିତ କି ଅନୁଚିତ ସେ ବିଷୟରେ ଚିନ୍ତା କରୁଛନ୍ତି, ଯେହେତୁ ସାମାଜିକ ନିୟମ ଅନୁଯାୟୀ ଜଣେ ଗୋଟିଏ ପରିବାରର ସୁରକ୍ଷା କରିବା କଥା। ମଧ୍ୟଭାଗରେ ଭଗବଦ୍ ଗୀତା 'ମୋର' ଅର୍ଥାତ୍ ମୋ ପରିବାର, ଆତ୍ମୀୟ ଓ ମୋ ସମ୍ପତ୍ତି ପଛରେ ଥିବା ଅର୍ଥ ଏବଂ ମହତ୍ତ୍ୱକୁ ଖୋଲିବାକୁ ଚେଷ୍ଟା କରିଛି। ଗୀତାର ଠିକ୍ ପ୍ରାରମ୍ଭରେ ଧୃତରାଷ୍ଟ୍ର ପଚାରିଛନ୍ତି, 'ଯୁଦ୍ଧକ୍ଷେତ୍ରରେ ମୋ ପୁଅ ଏବଂ ପାଣ୍ଡୁ ପୁଅଙ୍କ ମଧ୍ୟରେ କ'ଣ ଘଟୁଛି ?' ସେ ପାଣ୍ଡୁଙ୍କ ସନ୍ତାନମାନଙ୍କୁ ତାଙ୍କ ପୁତୁରା ବୋଲି କହିନାହାନ୍ତି। ଏହା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ, ଧୃତରାଷ୍ଟ୍ର ସେମାନଙ୍କୁ ବାହାର ଲୋକ ଭାବିଛନ୍ତି। କିନ୍ତୁ ଯେତେବେଳେ ଅର୍ଜୁନ ନିଜ ମନକଥା ପ୍ରକାଶ କରୁଛନ୍ତି ସେତେବେଳେ ତାଙ୍କର ଦ୍ୱନ୍ଦ୍ୱ ଆସିଛି। କାରଣ ସେ ଯୁଦ୍ଧକ୍ଷେତ୍ରର ଉଭୟ ପାର୍ଶ୍ୱରେ କେବଳ ନିଜ ପରିବାର ଲୋକଙ୍କୁ ଦେଖୁଛନ୍ତି। ଏଠାରେ କେହି ବାହାର ଲୋକ ନାହାନ୍ତି। ତା'ପରେ ଭଗବଦ୍ ଗୀତାର ମଧ୍ୟଭାଗରେ ଶ୍ରୀକୃଷ୍ଣ ତାଙ୍କ ବିଶ୍ୱରୂପ ଧାରଣ କରିଛନ୍ତି ଓ ସମସ୍ତେ କିପରି ତାଙ୍କ ଭିତରେ ଅଛନ୍ତି ତାହା ଦେଖାଇଦେଇଛନ୍ତି। ତେଣୁ ଭଗବାନ୍‌ଙ୍କ ପାଇଁ କେହି ବାହାର ଲୋକ ନୁହନ୍ତି। ତଥାପି ଈଶ୍ୱର ସ୍ଥିର କରିବାକୁ ପଡ଼ିବ କିଏ ଜିତିବ ଏବଂ କିଏ ହାରିବ। କୃଷ୍ଣଙ୍କୁ ଏକ ବିତର୍କ କିମ୍ବା ଯୁଦ୍ଧରେ ସମର୍ଥନ କରିବାକୁ ପଡ଼ିଛି। ସେ ଯେଉଁମାନଙ୍କୁ ସମର୍ଥନ କରିଛନ୍ତି ସେମାନେ ହେଉଛନ୍ତି ତାଙ୍କ ପରିବାରର । ସେ ଯାହାଙ୍କୁ ବିରୋଧ କରନ୍ତି ସେମାନେ ମଧ୍ୟ ତାଙ୍କ ପରିବାରର। ଐଶ୍ୱରୀୟ ଜଗତରେ



ବିଶ୍ୱସ୍ତତାର ଏକ ଭିନ୍ନ ଅର୍ଥ ଅଛି। ଅର୍ଜୁନ ଏବଂ ଧୃତରାଷ୍ଟ୍ରଙ୍କ ତୁଳନାରେ କୃଷ୍ଣଙ୍କ ଦୃଷ୍ଟିକୋଣ ବାସ୍ତବରେ ବ୍ୟାପକ।

ତେବେ କିଏ ପରିବାରର ଏବଂ କିଏ ବାହାର ଲୋକ, ତାହା ଆମେ କିପରି ସ୍ଥିର କରିବୁ ଏବଂ ଏହି ପ୍ରଶ୍ନ କାହିଁକି ଗୁରୁତ୍ୱପୂର୍ଣ୍ଣ ? ଏହି କ୍ଷେତ୍ରରେ ଉତ୍ତରାଧିକାରୀ ବିଷୟ ସାମ୍ନାକୁ ଆସେ। ଯେଉଁମାନଙ୍କୁ ନିଜର ବୋଲି ବିବେଚନାକରୁ ସେମାନଙ୍କୁ ଆମେ ଆମ ସମ୍ପତ୍ତିର ଉତ୍ତରାଧିକାରୀ କରିଥାଉ। ମୃତ୍ୟୁକୁ ହରାଇବା ପାଇଁ ଏହା ଏକ ଚତୁର ସାଂସ୍କୃତିକ ଉଦ୍ଭାବନ କହିଲେ ଭୁଲ୍ ହେବ ନାହିଁ। ଆମ ସମ୍ପତ୍ତି ସହିତ ଆମେ ସବୁବେଳେ ନିଜକୁ ପରିଚିତ କରୁ। ଆମେ ମରିବା, କିନ୍ତୁ ଆମ ସମ୍ପତ୍ତି ମରିବ ନାହିଁ। ନିଜକୁ ଅମରତ୍ୱର ଭ୍ରାନ୍ତ ଧାରଣା ମଧ୍ୟରେ ରଖୁ। ସେଥିଯୋଗୁ ଆମ ସମ୍ପତ୍ତିକୁ ସେହିମାନଙ୍କୁ ଦେଇଥାଉ ଯାହାକୁ ଆମେ ନିଜ ଉତ୍ତରାଧିକାରୀ, ପରିବାର ସଦସ୍ୟ, ଓ ଆମ ସମ୍ପର୍କୀୟ ବୋଲି ବିବେଚନାକରୁ। ତେଣୁ ମହାଭାରତ ନିରନ୍ତର ଭାବେ ଉତ୍ତରାଧିକାର ପ୍ରସଙ୍ଗ ସହ ଜଡ଼ିତ ରହିଛି।

ଭଗବଦ୍ ଗୀତା ମହାଭାରତର ଏକ ଅଂଶ। ଏହା ବାରମ୍ବାର ଦର୍ଶାଏ ଯେ ପରିବାରର ନିଜ ଲୋକ କିଏ ଓ ତାହା ସ୍ଥିର କରିବା କେତେ କଷ୍ଟକର। କାରଣ ଯେଉଁମାନେ ନିଜକୁ କୁରୁବଂଶଜ ବୋଲି କହନ୍ତି ସେମାନଙ୍କୁ ନେଇ ସମ୍ପୂର୍ଣ୍ଣ ଯୁଦ୍ଧ ହୋଇଛି। ତେବେ ସେମାନଙ୍କ ମଧ୍ୟରୁ କେହି ବି କୁରୁବଂଶର ରକ୍ତ ସମ୍ପର୍କୀୟ ନୁହନ୍ତି। ଏହି ରକ୍ତ ସମ୍ପର୍କ ପିତାମହ ଭୀଷ୍ମଙ୍କଠାରେ ଶେଷ ହୋଇଥିଲା, ଯିଏ ବ୍ରହ୍ମଚାରୀ ରହିବାକୁ ପ୍ରତିଜ୍ଞା କରିଥିଲେ। ଏଣୁ ସେମାନଙ୍କ ପିତାମାନଙ୍କ ପିତା ଥିଲେ ବ୍ୟାସ ଋଷି ଓ ମାତା ଥିଲେ ଶେଷ କୁରୁରାଜାଙ୍କ ବିଧବାମାନେ। ତେଣୁ ସେମାନେ ନିୟମ ଅନୁଯାୟୀ ମୂଳ କୁରୁବଂଶର ରକ୍ତ ସମ୍ପର୍କୀୟ ନୁହନ୍ତି। ମାତାମାନେ କୁରୁବଂଶର ହୋଇଥିବାରୁ ପାଣ୍ଡୁ ଓ ଧୃତରାଷ୍ଟ୍ର ଏବଂ ସେମାନଙ୍କର ପିଲାମାନଙ୍କୁ କୁରୁବଂଶଜ ଭାବେ ପରିଚିତ ଥିଲେ। ବାସ୍ତବରେ କିଏ କାହାର ଭାଇ ହେବ ତାହାକୁ ନେଇ କାହାଣୀଟି ବାରମ୍ବାର ଜଟିଳତାକୁ ଦର୍ଶାଏ । ଏହା ଜଣେ ସାଧାରଣ ପିତା କିମ୍ବା ମାତା ଥାଇ ନିର୍ଦ୍ଧାରିତ କରାଯାଇଛି କି ? ନକୁଳ ଏବଂ ସହଦେବ ଗୋଟିଏ ମାଆର ହୋଇଥିବାବେଳେ ଅନ୍ୟ ୩ ପାଣ୍ଡବଙ୍କ ମାଆ ଆଉ ଜଣେ। ସମସ୍ତଙ୍କର ପିତା ଅଲଗା, କିନ୍ତୁ ପାଣ୍ଡୁ ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ତେବେ ଯେଉଁ ବ୍ୟକ୍ତିଙ୍କୁ ସେମାନେ ବାହାର ଲୋକ ବୋଲି ଭାବନ୍ତି ସେ ହେଉଛନ୍ତି କର୍ଣ୍ଣ। ସେମାନଙ୍କ ନିଜ ଭାଇ ଭାବେ କର୍ଣ୍ଣ ସାମ୍ନାକୁ ଆସିଛନ୍ତି, କାରଣ ସେ କୁନ୍ତୀଙ୍କଠାରୁ ଜନ୍ମ ହୋଇଥିଲେ ।

ତେଣୁ ମହାଭାରତ ଏବଂ ଭଗବଦ୍ ଗୀତା ନିଜ ତଥା ପର ଲୋକ, ଉତ୍ତରାଧିକାରୀ ଏବଂ ଅସ୍ୱୀକାର ବା ବହିଷ୍କାର ବିଷୟରେ ପ୍ରଶ୍ନ ଉଠାଇଛନ୍ତି, ଯାହା ଆଜି ମଧ୍ୟ ଆମକୁ ଅସୁବିଧାରେ ପକାଉଛି, ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଅନେକ ସମୟରେ କେବଳ ରକ୍ତ ସମ୍ପର୍କ ଯୋଗୁ ପ୍ରତିଭା ନ ଥିବା ପିଲାମାନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ କରାଯାଇଥାଏ। ସେ କ୍ଷେତ୍ରରେ ପ୍ରକୃତ ଦକ୍ଷ ବ୍ୟକ୍ତିମାନେ ସେବା ପାଇଁ ଅର୍ଥ ନେଉଥିବାରୁ ସେମାନଙ୍କୁ ବାହାର ବ୍ୟକ୍ତି ଭାବେ ବିବେଚନା କରାଯାଏ । ଝିଅମାନେ ବର୍ତ୍ତମାନ ଦାବି କରୁଛନ୍ତି ଯେ ସେମାନେ ବାହାର ବା ପର ଲୋକ ନୁହନ୍ତି , ସେମାନଙ୍କୁ ପରିବାରର ଲୋକ ଭାବେ ଗ୍ରହଣ କରାଯାଉ ବୋଲି ଦାବି କରୁଛନ୍ତି। ସରକାର ତାଙ୍କ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା କିଏ ପରିବାରର ଓ କିଏ ବାହାରର ତାହା ସ୍ଥିର କରୁଛନ୍ତି।

କିଏ ଆଇନତଃ ପୁଅ ଏବଂ କିଏ ନୁହେଁ, ତାହା ସ୍ଥିର କରିବାରେ ଧର୍ମୀୟ ଆଇନ ସହ ଦେଶ ତଥା ସରକାର ସଂଘର୍ଷ କରୁଛି। ସମଲିଙ୍ଗୀ ବିବାହ ହୋଇପାରିବ କି ନାହିଁ ତାହା ଦେଶ ସ୍ଥିର କରେ। ଭାରତ ସରକାରଙ୍କ ପାଇଁ, ବିଚାରପତିଙ୍କ ଅନୁଯାୟୀ, ସମଲିଙ୍ଗୀ ପୁରୁଷଙ୍କ ଦୀର୍ଘମିଆଦୀ ପାର୍ଟନର ବା ଜୀବନସାଥୀ ବାହାର ଲୋକ ଭାବେ ରହିଆସିଥିବାରୁ ପୁରୁଷଙ୍କୁ ନିଜ ଲୋକ ହୋଇ ରହିବାକୁ ପରିବାର ଅସ୍ୱୀକର କରେ , କାରଣ ସରକାର ସମଲିଙ୍ଗୀ ବିବାହକୁ ସ୍ୱୀକୃତିଦେବାକୁ ମନା କରିଦେଇଛନ୍ତି। ସ୍ପଷ୍ଟତଃ, ତାହା ହିଁ ଭାରତୀୟ ସଂସ୍କୃତି କହେ। ଯେଉଁମାନେ ଏହି ଆଭିମୁଖ୍ୟକୁ ସମର୍ଥନ କରନ୍ତି ସେମାନେ ଭଗବଦ୍ ଗୀତା ଏବଂ ମହାଭାରତ ପଢ଼ିବା ଆବଶ୍ୟକ। ପରିବାର ହେଉଛି ଏକ କୃତ୍ରିମ ସଂରଚନା, ପ୍ରାକୃତିକ ନୁହେଁ।

-devduttofficial@gmail.com

# ବର୍ଷାଋତୁରେ ଶିଶୁରୋଗ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ଷାଋତୁ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ହୋଇନ ଥାଏ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ସମସ୍ତେ ଯେକୌଣସି ଆକସ୍ମିକ ରୋଗ ସଂକ୍ରମଣକୁ ମୁକାବିଲା କରିବା ପାଇଁ ସଜାଗ ହୋଇରହିଥାନ୍ତି। ବର୍ଷାଋତୁରେ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ। ଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରିପାରେନାହିଁ। ଏହା ବାଷ୍ପୀଭୂତ ନ ହେବା ଫଳରେ ଶରୀର ଶୀତଳ ହୁଏ ନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ। ଏହାକୁ ଗୁଲୁଗୁଲି କୁହାଯାଏ। ଏହାଦ୍ୱାରା ଅନେକ ଚର୍ମରୋଗ ଦେଖାଯାଏ।

ଭୂତାଣୁ, ଜୀବାଣୁ, କୀଟାଣୁ, କୀଟପତଙ୍ଗ ସମସ୍ତଙ୍କର ବଂଶ ଆଶାତୀତ ବୃଦ୍ଧିପାଏ। ଏହା ପ୍ରଜନନ ଋତୁ। ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ। ବର୍ଷାଜଳ ନଦୀ, ପୁଷ୍କରିଣୀ, ନାଳନର୍ଦ୍ଦମା ସବୁକୁ ଏକାକାର କରିଦିଏ। ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତହୋଇ ଦୂଷିତ ଜଳ ବର୍ଷା ହୋଇଥାଏ। ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ଗାତରେ ଜଳ ପ୍ରବେଶ ଫଳରେ ବାସଗୃହ ମଧ୍ୟରେ ପ୍ରବେଶ କରନ୍ତି ଓ ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ।

ବର୍ଷାଋତୁରେ ଶିଶୁମାନଙ୍କ ମୁଖ୍ୟ ରୋଗ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ପ୍ରଧାନ। ଏହା ପ୍ରାୟ ୨ଶହ ପ୍ରକାର ଭୂତାଣୁ ହେତୁ ହୋଇଥାଏ। ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ। ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ। ଏହି ଭୂତାଣୁ ନିଃଶ୍ୱାସପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ। ଗେଲ କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା, ଗୋଟିଏ କୋଠରିରେ ରହିବା ଯୋଗୁ ଏହା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ବ୍ୟାପିଥାଏ। ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନ ଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ। ଥଣ୍ଡା ପରେ ଶ୍ୱାସ, କାନପଚା, ନିମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ। ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣି ବାହାରେ, କାଶ, ତଣ୍ଟି ଘା, ଦେହ ହାତ ବ୍ୟଥା ଓ ଭୋକ ହୋଇ ନ ଥାଏ, ଜ୍ୱର ମଧ୍ୟ ଶିଶୁମାନଙ୍କଠାରେ ଦେଖାଯାଇଥାଏ।

ରୋଗ ସଂକ୍ରମଣର ୧୬ ଘଣ୍ଟା ପରେ ଦେହ ହାତ ବିନ୍ଧାହୋଇଥାଏ। ୨ ଦିନ ପରେ ନାକରୁ ପାଣି ବାହାରି ଛିଙ୍କ, କାଶ ହୋଇଥାଏ। ୭ରୁ ୧୦ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ। ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ। ଯେହେତୁ ଥଣ୍ଡା ରୋଗଟି ଭୂତାଣୁଜନିତ ଏଥିପାଇଁ କୌଣସି ଔଷଧ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ଜ୍ୱର, ଦେହ ବ୍ୟଥା ପାଇଁ ଔଷଧ ଦେବା ଉଚିତ। ଏ କ୍ଷେତ୍ରରେ ଭିଟାମିନ୍ ସି ବିଶେଷ ଭାବରେ ଉପକାରୀ। ଆଣ୍ଟିବାୟୋଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳି ନ ଥାଏ। ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ; ଯାହାକି ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ।

ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀଠାରୁ ଦୂରେଇରଖନ୍ତୁ। ତା'ର ମୁଖରେ ଚୁମାଦେବା ଓ ମୁହଁ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ। ମା'ଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ। ଅବଶ୍ୟ ମା'ର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ। ଔଷଧ ଛଡ଼ା ମଶାରିର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ଖାଇବା ମ୍ୟାଲେରିଆରୁ ରକ୍ଷା କରିଥାଏ। ମଶାଧୂପ ଓ ମଶାକ୍ରିମ୍ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ। ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ। ଏହା ଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମି ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ।

ବର୍ଷାଋତୁରେ ଶିଶୁମାନଙ୍କୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର। ବର୍ଷାରେ ଓଦାହେବା ପରେ କିମ୍ବା ବାହାର ନର୍ଦ୍ଦମାପାଣିରେ ଓଦାହୋଇ ଆସିବା ପରେ, ସଫା ହୋଇ ଗାଧୋଇବା ସହ ସଫାସୁତୁରା ରହିବା, ଖାଇବାକୁ ଦେବା ପୂର୍ବରୁ ଗରମପାଣିରେ ବାସନ ଧୋଇବା ଉଚିତ। ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧଜଳ ପାନକରିବା ଉଚିତ।

ଫକୀରମୋହନ ମେଡିକାଲ
କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ଲାଗି ଏକ ଅଭିନବ ଉପାୟ ଆପଣାଇଛନ୍ତି ମନୋଜ ରଞ୍ଜନ। ସେ ଅଳିଆ ଗଦା ହେଉଥିବା ସ୍ଥାନରେ ସୁନ୍ଦର ବଗିଚା କରି କଲୋନିରେ ସ୍ୱଚ୍ଛତା ଆଣିପାରିଛନ୍ତି। ମନୋଜ ରାଞ୍ଚିର ହର୍ମୁ ହାଉସିଂ କଲୋନିରେ ରୁହନ୍ତି। ପେସାରେ ସେ ଜଣେ ଶିକ୍ଷକ। ସ୍କୁଲ ସମୟ ପରେ ସେ ବଗିଚା କାମରେ ଲାଗିଯାଆନ୍ତି। କଲୋନିର ରାସ୍ତା କଡ଼ରେ ଗୋଟିଏ ସ୍ଥାନରେ ସବୁବେଳେ ଅଳିଆ ଜମା ରହି ପରିବେଶ ପ୍ରଦୂଷଣ କରୁଥିବାରୁ ସେଠାରେ ଏଭଳି ବଗିଚା କରିଛନ୍ତି। ସେ ଏହି ବଗିଚାରେ ୨୦୦ ପ୍ରକାର ଗଛ ଲଗାଇଛନ୍ତି। ଅଦରକାରୀ ଭାବେ ପଡ଼ି ରହିଥିବା କୁଣ୍ଡସବୁ ସଂଗ୍ରହକରି ସେଥିରେ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବହୁ ଔଷଧୀୟ ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ରହିଛି। ଏହି ବଗିଚା ଆକର୍ଷଣୀୟ ହୋଇଥିବାରୁ ସେଠାରେ ଲୋକଙ୍କ ଭିଡ଼ ଜମୁଛି ଏବଂ ସେମାନେ ସେଲ୍‌ଫି ନେଉଛନ୍ତି। ବଗିଚା ଆରମ୍ଭ କରିବା ସମୟରେ ଫୁଲକୁଣ୍ଡ ଓ ଗଛଗୁଡ଼ିକୁ ଲୋକେ ନେଇଯାଉଥିଲେ। କିନ୍ତୁ ସେମାନେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ପରେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ମନୋଜଙ୍କ ୨ ଝିଅ ଏହି ବଗିଚାର ଯତ୍ନନେବାରେ ତାଙ୍କୁ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଜୁଲାଇ ୧୯୭୫

- କଂଗ୍ରେସ ଦଳର ଲୋକ ସଭା ସଦସ୍ୟ ଖୁଦା ବକ୍ସଙ୍କ ୬୨ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ଶିକ୍ଷାବିତ୍, ଲେଖକ ଓ ସମାଜସେବୀ କେ. କୋଦଣ୍ଡ ରାଓଙ୍କ ୮୫ ବର୍ଷ ବୟସରେ ପରଲୋକ।
- ମସ୍କୋ ଚଳଚ୍ଚିତ୍ର ଉତ୍ସବରେ ଭାରତର ଶିଶୁ ଚଳଚ୍ଚିତ୍ର ତାରକା କୁମାରୀ ନନ୍ଦିତା ଆରସ (ସୋନିଆ) ଶ୍ରେଷ୍ଠ ଅଭିନେତ୍ରୀ ରୂପେ ପୁରସ୍କୃତ।
- ଚୋରା ବେପାରୀ ଓ ବୈଦେଶିକ ମୁଦ୍ରା ନିୟମ ଲଙ୍ଘନକାରୀଙ୍କୁ ଅଟକ ରଖିବା ସମ୍ବନ୍ଧରେ ଥିବା ଅସୁବିଧାକୁ ଦୂର କରିବା ନିମନ୍ତେ ଲୋକ ସଭାରେ ଆଗତ କରାଯାଇଥିବା ଏକ ବିଲ୍ ଗୃହୀତ ହୋଇଯାଇଛି।

# ତାଳଗଛ ଓ ବଜ୍ରପାତ



ଇଂ. ମାୟାଧର ସ୍ୱାଇଁ

ଓଡ଼ିଶା ସରକାର ଏହି ବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ରାଜ୍ୟରେ ତାଳଗଛ କାଟିବାରେ କଟକଣା ଲଗାଇଛନ୍ତି। ବନ ବିଭାଗର ବିନା ଅନୁମତିରେ କେହି ନିଜ ବାଡ଼ିରୁ ମଧ୍ୟ ଏହି ଗଛ କାଟି ପାରିବେ ନାହିଁ। ଏହା ବ୍ୟତୀତ ଏହି ବର୍ଷ ୭ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇବା ପାଇଁ ଘୋଷଣା କରାଯାଇଛି। ଏହା ପୂର୍ବରୁ ୨୦୧୮ ମସିହାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ 'ମିଶନ ତାଳଗଛ' ଆରମ୍ଭ କରାଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ବଜ୍ରପାତଜନିତ ମୃତ୍ୟୁକୁ ହ୍ରାସ କରିବା।

ବାସ୍ତବରେ ବଜ୍ରପାତ ହେଉଛି ଓଡ଼ିଶା ପାଇଁ ଏବଂ ବଡ଼ ପ୍ରାକୃତିକ ବିପତ୍ତି। ଦେଶରେ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଏହା ଯୋଗୁ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଓଡ଼ିଶାରେ ବର୍ଷକୁ ହରାହାରି ୩୦୦ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ଘଟୁଛି। ୨୦୧୮-୧୯ରୁ ୨୦୨୨-୨୩ମସିହା ମଧ୍ୟରେ ରାଜ୍ୟରେ ୨୦୫୮ ଜଣ ଲୋକ ଏଥିରେ ପ୍ରାଣ ହରାଇଛନ୍ତି। ଅଧିକାଂଶ ମୃତ୍ୟୁ ଖୋଲା ଜାଗାରେ ହୋଇଛି। ବିଶେଷଭାବେ ଗାଁ ଗହଳିରେ କୃଷକମାନେ କ୍ଷେତରେ ଚାଷ କରୁଥିବା ବେଳେ, ଗାଈଆଳ ଗାଈ ଚରାଉଥିବା ବେଳେ କିମ୍ବା ଲୋକେ ମାଛ ଧରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥାଆନ୍ତି।

ତାଳଗଛ କିପରି ବଜ୍ରପାତରୁ ରକ୍ଷା କରେ ଜାଣିବା ପୂର୍ବରୁ ବଜ୍ରପାତ କିପରି ହେଉଛି ଜାଣିବା। ଭୂପୃଷ୍ଠରୁ ଉଷ୍ମବାୟୁ ବାୟୁମଣ୍ଡଳକୁ ଉଠିବା ପରେ ସେଠରେ ଘନୀଭୂତ ହୋଇ ଛୋଟ ଜଳକଣା ଗଠନ କରେ। କ୍ରମେ ଏହାର ଆକାର ବୃଦ୍ଧି ହୋଇ ବରଫ ସ୍ଫଟିକ ଗଠିତ ହୁଏ। ସ୍ଫଟିକଗୁଡ଼ିକର ଓଜନ ଅଧିକ ହେଲେ ଏହା କୁଆପଥର ଭାବରେ ତଳକୁ ଖସିଥାଏ। କୁଆପଥରଗୁଡ଼ିକ ବାଦଲରେ ଯାଉଥିବା ବେଳେ ଧନାତ୍ମକ ଚାର୍ଜ ଥିବା ବରଫ ସ୍ଫଟିକ ସହିତ ଘଷି ହୋଇ ଋଣାତ୍ମକ ଚାର୍ଜ ହୋଇଥାଏ। ଏହିପରି ବାଦଲର ନିମ୍ନ ପାର୍ଶ୍ୱରେ ଋଣାତ୍ମକ ଓ ଉପର ପାର୍ଶ୍ୱରେ ଧନାତ୍ମକ ଚାର୍ଜ ରହେ। ଋଣାତ୍ମକ ଚାର୍ଜ ଭୂପୃଷ୍ଠର ଧନାତ୍ମକ ଚାର୍ଜ ଆଡ଼କୁ ଆକର୍ଷିତ ହୁଏ। ଏହା ଭୂପୃଷ୍ଠର ନିକଟତର ହେଲେ ଭୂପୃଷ୍ଠରୁ ଧନାତ୍ମକ ଚାର୍ଜ ଉପରକୁ ଉଠି ତାହା ସହିତ ମିଳିତ ହୁଏ। ଧନାତ୍ମକ ଚାର୍ଜ ଓ ଋଣାତ୍ମକ ଚାର୍ଜ ଏକାଠି ହେବା ଫଳରେ ବିସ୍ଫୋରଣ ଘଟେ, ଯାହା ବିଜୁଳି ବା ବଜ୍ରପାତ ଆକାରରେ ଦେଖାଦିଏ। ଏଥିରେ ତାପମାତ୍ରା ୩୦,୦୦୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ସୃଷ୍ଟି ହୋଇଥାଏ। ବିଜୁଳି ଭୂପୃଷ୍ଠ ଆଡ଼କୁ ଅତ୍ୟଧିକ ବେଗରେ ଆସିଥାଏ ଏବଂ ଗନ୍ତବ୍ୟ ପଥରେ ବାୟୁ ପ୍ରସାରିତ ହୋଇଥାଏ। କିନ୍ତୁ ବିଜୁଳି ଅତି କମ୍ ସମୟ ନେଇଥାଏ ଏବଂ ଏହା ପରେ ବାୟୁ ପୁନଶ୍ଚ ସଙ୍କୁଚିତ ହୁଏ। ବାୟୁର ଏହି ପ୍ରସାରଣ, ତାପନ ଓ ସଙ୍କୋଚନ ଯୋଗୁ ଘଡ଼ଘଡ଼ି ସୃଷ୍ଟି ହୋଇଥାଏ। ବିଜୁଳି ଓ ଘଡ଼ଘଡ଼ି ଏକା ସମୟରେ ସୃଷ୍ଟି ହୋଇଥିଲେ ସୁଦ୍ଧା ଆମେ ବିଜୁଳିକୁ ପ୍ରଥମେ ଦେଖୁ ଓ କିଛି ସମୟ ପରେ ଘଡ଼ଘଡ଼ିକୁ ଶୁଣୁ। କାରଣ ବିଜୁଳି ଆଲୋକ ବେଗରେ ଗତି କରିଥାଏ ଏବଂ ଆଲୋକର ବେଗ ହେଉଛି ଶବ୍ଦର ବେଗଠାରୁ ଅନେକ ଗୁଣ ଅଧିକ। ଆକଳନ



କରାଯାଉଛି ଯେ, ଭୂପୃଷ୍ଠରେ ପ୍ରତି ସେକେଣ୍ଡରେ ପ୍ରାୟ ୪୪ଥର ବଜ୍ରପାତ ହୋଇଥାଏ ଏବଂ ବର୍ଷକୁ ଏହାର ସଂଖ୍ୟା ହେଉଛି ପ୍ରାୟ ୧୪୦ କୋଟି।

ବର୍ତ୍ତମାନ ଦେଖିବା, ତାଳଗଛ କିପରି ଲୋକମାନଙ୍କୁ ବଜ୍ରପାତରୁ ରକ୍ଷା କରିଥାଏ। ବାସ୍ତବରେ ବିଜୁଳି ହେଉଛି ଆମେ ଘରେ ବ୍ୟବହାର କରୁଥିବା ବିଦ୍ୟୁତ୍ ଭଳି। ମାତ୍ର ଏହାର ଭୋଲଟେଜ ହେଉଛି ବହୁତ ବେଶି, ପ୍ରାୟ ଦଶ ଲକ୍ଷ ଭୋଲ୍ଟ। ଆମ ଘର ବିଦ୍ୟୁତ୍ ହେଉଛି ୨୩୦ ଭୋଲ୍ଟ। ଏଣୁ ବିଜୁଳି ଆଘାତରେ ବୃକ୍ଷ ଓ ପ୍ରାଣୀ ସଙ୍ଗେ ସଙ୍ଗେ ଜଳିଯାଆନ୍ତି। ବଡ଼ ବଡ଼ ଅଟ୍ଟାଳିକା, ମନ୍ଦିର ଆଦିରେ ତଡିତ୍ ରକ୍ଷକ(ଲାଇଟନିଂ ଆରେଷ୍ଟର) ଲାଗିଥାଏ। ଅଟ୍ଟାଳିକା ଅଗ୍ରଭାଗରେ ଗୋଟିଏ ମୁନିଆ ଲୁହା ଛଡ଼ ପୋତାଯାଇଥାଏ ଓ ସେଥିରେ ଗୋଟିଏ ତମ୍ବା ତାର ଲଗାଯାଇଥାଏ। ତାରକୁ ଭୂଇଁରେ ପୋତି ଦିଆଯାଏ। ବଜ୍ରପାତ ଭୂପୃଷ୍ଠ ଆଡ଼କୁ ଆସିବା ବେଳେ ପ୍ରଥମେ ତଡିତ୍ ରକ୍ଷକ ପାଖରେ ପହଞ୍ଚିଥାଏ ଏବଂ ତାହା ବିଦ୍ୟୁତ୍‌କୁ ଭୂପୃଷ୍ଠକୁ ନେଇଯାଏ। ଫଳରେ ଆଖପାଖରେ ଥିବା ଘର କିମ୍ବା ଲୋକମାନଙ୍କର କୌଣସି କ୍ଷତି ହୁଏ ନାହିଁ।

ତାଳଗଛ ସେହିଭଳି ଗୋଟିଏ ତଡିତ୍ ରକ୍ଷକର କାର୍ଯ୍ୟ କରେ। ଏହା ଆଖପାଖ ଅଞ୍ଚଳର ସବୁଠାରୁ ଉଚ୍ଚ ହୋଇଥିବାରୁ (ତାଳଗଛ ପ୍ରାୟ ୧୦୦ ଫୁଟ ପର୍ଯ୍ୟନ୍ତ ବଢ଼ିଥାଏ)ଏହା ପାଖରେ ବଜ୍ରପାତ ପ୍ରଥମେ ପହଞ୍ଚି ଥାଏ। ଏହି ଗଛର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଏହାର ଗଣ୍ଡିରେ ଅଧିକ ଜଳ ଅଂଶ ଥାଏ, ଯାହା ଫଳରେ ଏହାର ବିଦ୍ୟୁତ୍ ପ୍ରତିରୋଧ କ୍ଷମତା କମ୍ ହୋଇଥାଏ ଏବଂ ଫଳରେ ବିଜୁଳି ସହଜରେ ଭୂଇଁକୁ ଚାଲିଯାଏ। ଯଦ୍ଦ୍ୱାରା ଏହାର ଆଖପାଖରେ ଥିବା ପ୍ରାଣୀ ଓ ଅନ୍ୟ ଗଛଗୁଡ଼ିକ ଆଘାତ ପାଇ ନ ଥାନ୍ତି। ଏହାର ଅର୍ଥ ନୁହେଁ ଯେ, ବଜ୍ରପାତ ସମୟରେ ତାଳଗଛ ମୂଳକୁ ଚାଲିଗଲେ ସେଥିରୁ ରକ୍ଷା ମିଳିବ। ଏହା ଆଦୌ ଠିକ୍ ନୁହେଁ। ବରଂ ଏହା ଅଧିକ ସାଂଘାତିକ ହୋଇଥାଏ। ଅନେକ ବଜ୍ରପାତରେ ତାଳଗଛ ମଧ୍ୟ ଜଳିଯାଏ। ନିଜେ ଜଳି ଏହା ଅନ୍ୟମାନଙ୍କୁ ରକ୍ଷା କରିଥାଏ। ଏଣୁ ବଜ୍ରପାତ ସମୟରେ ତାଳଗଛ କିମ୍ବା ଅନ୍ୟ ଯେ କୌଣସି ଉଚ୍ଚ ଗଛ ମୂଳକୁ ଯିବା ଉଚିତ ନୁହେଁ।

ବଜ୍ରପାତରୁ ରକ୍ଷା କରିବା ସହିତ ତାଳଗଛର ଆହୁରି ଅନେକ ଉପାଦେୟତା ଅଛି। ଏହାର ଫଳ ହେଉଛି ସୁସ୍ୱାଦୁ। ଏହାର କାଣ୍ଡ ଜାଳେଣି ଭାବେ ବ୍ୟବହୃତ ହୁଏ ଏବଂ ଏହାର ପତ୍ରରୁ ଟୋକେଇ, ଚାଙ୍ଗୁଡି, ମସିଣା ଆଦି ପ୍ରସ୍ତୁତ କରାଯାଏ। ହାତୀମାନେ ମଧ୍ୟ ଏହାର ଫଳ ଖାଇଥାଆନ୍ତି। ଏହା ମଧ୍ୟ ଉପକୂଳ ଅଞ୍ଚଳକୁ ବନ୍ୟା ଓ ବାତ୍ୟାରୁ ରକ୍ଷା କରିଥାଏ। ଏହାର ମୂଳ ମୃତ୍ତିକା କ୍ଷୟକୁ ରୋକିଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛି ବର୍ଷ ଧରି ବଜ୍ରପାତ ସଂଖ୍ୟା ବୃଦ୍ଧି ପାଉଛି। ଏଣୁ ଏଥିରୁ ରକ୍ଷା ପାଇବା ପାଇଁ ବହୁଳ ପରିମାଣରେ ତାଳଗଛ ଲଗାଇବା ଜରୁରୀ ହୋଇଛି। ତାଳଗଛ ଲଗାଇବା ପରେ ଏହା ବଡ଼ ହୋଇ ବଜ୍ରପାତରୁ ରକ୍ଷା କରିବା ଅବସ୍ଥାକୁ ଆସିବା ପାଇଁ ୨୦ ବର୍ଷ ଲାଗିଥାଏ। ଏଣୁ ଗଛ ଲଗାଇବା ପରେ ଏହାକୁ ଯତ୍ନ ସହକାରେ ବଢ଼ାଇବା ହେଉଛି ଗୁରୁତ୍ୱପୂର୍ଣ୍ଣ।

ଲକ୍ଷ୍ମୀବିହାର ଫେଜ-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 6 | | | | | |
| | 5 | | | | | | | 7 |
| 6 | | 2 | | 8 | 9 | | | 4 |
| | 9 | 6 | | | | | | |
| 8 | | | | | 1 | | | 5 |
| 1 | | | 3 | | 2 | | | |
| | | 9 | | | | 5 | | |
| | | 8 | 7 | | | | 3 | |
| | | | | 5 | 4 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 9 | 3 | 4 | 1 | 8 | 7 |
| 8 | 9 | 3 | 2 | 1 | 7 | 6 | 5 | 4 |
| 4 | 7 | 1 | 8 | 6 | 5 | 9 | 3 | 2 |
| 3 | 5 | 4 | 6 | 2 | 9 | 8 | 7 | 1 |
| 2 | 8 | 6 | 3 | 7 | 1 | 5 | 4 | 9 |
| 9 | 1 | 7 | 5 | 4 | 8 | 3 | 2 | 6 |
| 1 | 2 | 5 | 7 | 8 | 6 | 4 | 9 | 3 |
| 7 | 4 | 8 | 1 | 9 | 3 | 2 | 6 | 5 |
| 6 | 3 | 9 | 4 | 5 | 2 | 7 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ଲୋକାୟୁକ୍ତ ବିଚାର ଠପ୍

ମହାଶୟ,

ଗତ ମାର୍ଚ୍ଚ ୩୧ରୁ ଓଡ଼ିଶା ଲୋକାୟୁକ୍ତରେ ନ୍ୟାୟ ମିଳୁନାହିଁ। ରାଜ୍ୟ ଲୋକାୟୁକ୍ତଙ୍କ ବିଚାର ବ୍ୟବସ୍ଥା ଏକଦମ୍ ଠପ୍। ହେଲେ ଦୁର୍ନୀତି ବିରୋଧରେ କେସ୍ କରିଥିବା ଲୋକମାନଙ୍କୁ ହାଜର ହେବା ପାଇଁ ନୋଟିସ ଦିଆଚାଲିଛି। ଅଭିଯୋଗକାରୀ କେସ୍ ତାରିଖରେ ପହଞ୍ଚି ଖର୍ଚ୍ଚାନ୍ତ ହୋଇ ସମୟ ନଷ୍ଟକରି ଫେରୁଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ କରୁଥିବା ଲୋକେ ହତାଶ ହୋଇ ଫେରୁଛନ୍ତି। ସରକାର ଲୋକାୟୁକ୍ତରେ ଚେୟାରମ୍ୟାନ୍ ଏବଂ ଜୁଡିସିଆଲ ସଭ୍ୟ ନିଯୁକ୍ତି ଦେଇ ନ ଥିବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଲୋକାୟୁକ୍ତରେ ବିଚାର ପାଇଁ ୫ ସଭ୍ୟଙ୍କ ସହ ଜଣେ ଚେୟାରମ୍ୟାନ୍ ନିଯୁକ୍ତି ପାଇଥାନ୍ତି। ଏହି ନିଯୁକ୍ତି ୫ ବର୍ଷ ପାଇଁ ହୋଇଥାଏ। ଗତ ମାର୍ଚ୍ଚରେ ଏହି ନିଯୁକ୍ତି ଅବଧି ଶେଷ ହୋଇଛି। ଏହା ପୂର୍ବରୁ ପୁନଃ ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିବା କଥା। ହେଲେ ସେ ସମୟରେ ସରକାର ଏହା କରି ନ ଥିଲେ। ଫଳରେ ମାର୍ଚ୍ଚ ପରେ ଲୋକାୟୁକ୍ତରେ ବିଚାର ପ୍ରକ୍ରିୟା ଠପ୍ ହୋଇଗଲା। କୋରାପୁଟ, କଳାହାଣ୍ଡି ପରି ଦୂରଦୂରାନ୍ତ ଜିଲାରୁ ନୋଟିସ ପାଇ ସାଧାରଣ ଲୋକଟିଏ ନିଜର ଶୁଣାଣି ତାରିଖରେ ଭୁବନେଶ୍ୱର ଲୋକାୟୁକ୍ତଙ୍କ କୋର୍ଟରେ ହାଜର ହେଉଛନ୍ତ ଓ ନିରାଶ ହୋଇ ଫେରୁଛନ୍ତି। ଏବେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ପରିଚାଳନା, ବିଦ୍ୟୁତ୍ ବିଲ୍ ଏବଂ ଅନ୍ୟାନ୍ୟ ବାବଦରେ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଛି। ୨୦୧୪ ପୂର୍ବରୁ ଜଣେ ଲୋକପାଳଙ୍କ ନିକଟରେ ଲୋକେ ବିଭିନ୍ନ ସମସ୍ୟାରେ ମଧ୍ୟ ନ୍ୟାୟ ପାଉଥିଲେ। ଅଣଓଡ଼ିଆ ଚେୟାରମ୍ୟାନ୍ କିମ୍ବା ସଭ୍ୟ ନିଯୁକ୍ତି କରାଯିବାରୁ ନ୍ୟାୟ ପ୍ରଦାନରେ ବ୍ୟାପକ ସମସ୍ୟା ହେଲା। ଲୋକାୟୁକ୍ତଙ୍କ ପାଇଁ ଖର୍ଚ୍ଚ ବଢ଼ିଲା, ବିଚାରପତି ଓ କର୍ମଚାରୀ ବଢ଼ିଲେ ହେଲେ ତଦନୁସାରେ ଫଳ ମିଳିଲା ନାହିଁ। ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏ କ୍ଷେତ୍ରରେ ଲୋକାୟୁକ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପରୋକ୍ତ ପ୍ରସଙ୍ଗରେ ରାଜ୍ୟରେ କ୍ଷମତାସୀନ ନୂତନ ସରକାର ଯତ୍ନବାନ୍ ହୋଇ ପଦକ୍ଷେପ ଗ୍ରହଣ କରନ୍ତୁ।

-ସତୀଶ୍ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ହାସେ ଫୁଟୁ ଗୋ ଧରାର ବେଦନା
ଆକାଶ-ଲୋତକ ରାଶି
ବିଶ୍ୱଜଡ଼ିତ ସୁଖର ଚେତନା
ସେହି ହାସେ ଉଠୁ ଭାସି।
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାଲ୍କୋ ସିପିପିରେ ଅଫ୍ ସାଇଟ ଏମର୍ଜେନ୍ସି ମକ୍ଡ୍ରିଲ

**ନାଲ୍କୋ,୨୪।୭ (ଲୁସି ରାଉତ)/ ବଣ୍ଡପାଳ (ସୁଭାସ ସାହୁ)**

ଅନୁଗୋଳ ଜିଲ୍ଲା କ୍ରାଇସିସ୍ ଗ୍ରୁପ୍ ଏବଂ ନାଲ୍କୋ ସିପିପି ମିଳିତ ଉଦ୍ୟମରେ ଏନ.ଏଚ.-୫୫ରେ ଏକ ଅଫ୍ ସାଇଟ ଇମର୍ଜେନ୍ସି ମକ୍ଡ୍ରିଲ କରାଯାଇଥିଲା। ସଡ଼କ ପରିବହନ ମାଧ୍ୟମରେ ସିପିପିକୁ ଆଣାଯାଉଥିବା ସିଲିଣ୍ଡରରୁ କ୍ଲୋରିନ ଲିକ୍ ହେଲେ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏହି ମକ୍ଡ୍ରିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରାଇସିସ୍ ଗ୍ରୁପ, କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ଅନୁଗୋଳ ଜୋନ୍, ଜିଲ୍ଲା ଅଗ୍ନିଶମ ବିଭାଗ, ଜିଲ୍ଲା ରିଜିଓ ବିଭାଗ, ଜିଲ୍ଲା ପୋଲିସ ବିଭାଗ, ଓଡ୍ରାଫ, ନାଲ୍କୋ ପୋଲିସ, ସିପିପି ଏବଂ ସ୍ମେଲଟରର ବିଭିନ୍ନ ବିଭାଗ, ସୁରକ୍ଷା କମିଟି ସଦସ୍ୟ, ସିଆଇଏସଏଫ, ଅଗ୍ନିଶମ ଶାଖା, ନିକଟବର୍ତ୍ତୀ ଶିଳ୍ପଗୁଡ଼ିକର କର୍ମଚାରୀ, ପ୍ରେସ୍ ଏବଂ ଏର୍ସ୍‌ଏମ, ନାଲକୋନଗରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କୁମାରୀ ତେଜସ୍ୱିନୀ ବେହେରା (ଆଇଏଏସ), କାରଖାନା ଏବଂ ବଏଲର୍ସ ଡେପୁଟି ନିର୍ଦ୍ଦେଶକ ଡ.ଆର କେ ବେହେରା, ଅମରେନ୍ଦ୍ର ମିଶ୍ର ଜିଜିଏମ (ସିପିପି), ସଞ୍ଜୀବ କୁମାର ଜିଜିଏମ୍ (ପରିବେଶ ଏବଂ ସୁରକ୍ଷା), କାରଖାନା ଏବଂ ବଏଲର ସହନିର୍ଦ୍ଦେଶକ ମନୋଜ କୁମାର ମିଶ୍ର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସିପିପିର ସହାୟକ ଦଳ ଏବଂ ଜିଲ୍ଲା ଅଗ୍ନିଶମ ବିଭାଗର ନେତୃତ୍ୱାଧୀନ ଉଦ୍ଧାରକାରୀ ଦଳ ମକ୍ଡ୍ରିଲ ସଙ୍ଗଠନକୁ ଉଚ୍ଚ ପ୍ରଶଂସା କରିଥିଲେ। ସଞ୍ଜୟ କୁମାର ପଟ୍ଟନାୟକ, ଜିଏମ (ପରିବେଶ ଏବଂ ସୁରକ୍ଷା) ଏବଂ ତାଙ୍କ ଦଳ, ତପନ କୁମାର ମିଶ୍ର, ଏଜିଏମ (ପରିବେଶ ଏବଂ ସୁରକ୍ଷା), ପ୍ରଦୋଷ କୁମାର ସିଂହ ସିନିୟର ମ୍ୟାନେଜର (ସୁରକ୍ଷା), ଭାସ୍କର ଚନ୍ଦ୍ର ସାହୁ ମ୍ୟାନେଜର (ସୁରକ୍ଷା), ଜେଲିନ ବାକ୍ସଲା ଆସିଷ୍ଟାଣ୍ଟ (ପରିବେଶ ଏବଂ ସୁରକ୍ଷା), ସିପିପି ଏସ୍‌ଆରଡି ଏବଂ ସିପିପିର ଅନ୍ୟାନ୍ୟ ବିଭାଗ ସହଯୋଗରେ ଏହି ମକ୍ଡ୍ରିଲ୍ ପରିଚାଳନା ହୋଇଥିଲା।



ଜରୁରିକାଳୀନ ମକ୍ଡ୍ରିଲ କରାଯାଇଛି।

# ନିଯୁକ୍ତିପତ୍ର, ଦରମା ବୃଦ୍ଧି ପାଇଁ ଦାବି




ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସ୍ୱଚ୍ଛସାଥୀମାନେ।

**ଅନୁଗୋଳ,୨୪।୭(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ପୌରପାଳିକା ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ବୁଧବାର ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସ୍ୱଚ୍ଛ ସାଥୀ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ବିଭିନ୍ନ କାର୍ଯ୍ୟ କରିଆସିଛନ୍ତି। ସହରର ସଂଗୃହୀତ ଅଳିଆ ଆବର୍ଜନାକୁ ପୃଥକ୍ କରିବା ସହିତ ଘରକୁ ଘର ଯାଇ ସର୍ଭେ କରିବା, ସ୍ୱଚ୍ଛ ସର୍ବେକ୍ଷଣ, ଗରିମା ସର୍ଭେ, ୟୁଜର୍ସ ଫି ଆଦାୟ କରିବା ଆଦି ବିଭିନ୍ନ କାର୍ଯ୍ୟରେ ଏହି ସାଥୀମାନେ ନିୟୋଜିତ ହୋଇଥାନ୍ତି। ବିନା ନିଯୁକ୍ତି ପତ୍ରରେ ଦୀର୍ଘ ଦିନ ଧରି ସ୍ୱଳ୍ପ ବେତନରେ ସମସ୍ତ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ବେତନ ବୃଦ୍ଧି, ନିଯୁକ୍ତିପତ୍ର ପ୍ରଦାନ ଆଦି ୧୦ ଦଫା ନେଇ ସ୍ୱଚ୍ଛସାଥୀମାନେ ଜିଲାପାଳ, ପୌର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଧାୟକଙ୍କ ନାମରେ ଅପପ୍ରଚାର, ଥାନାରେ ଏତଲା

**ଛେଣ୍ଡିପଦା,୨୪।୭ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଷଣ୍ଢପାଳଠାରେ ଥିବା ଏକ ଖେଳ ପଡିଆକୁ ତାଳଚେର ବିଧାୟକ ହଳ କରିଥିବା ନେଇ ଅପପ୍ରଚାର କରାଯାଉଥିବା ବିରୋଧରେ ବିଧାୟକଙ୍କ ଭାଇ ସିଦ୍ଧେଶ୍ୱର ପ୍ରଧାନ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସିଦ୍ଧେଶ୍ୱର ଦର୍ଶାଇଛନ୍ତି, କୁଦପାଳର ଖାତା ନଂ.୧୫ରେ ତାଙ୍କର ପୈତୃକ ଜାଗା ରହିଛି। ଗତ ୧୮ ତାରିଖରେ କୁଦାପାଳପଶି ପ୍ଲଟ ଉପରେ ୨ ବର୍ଷର ୧୫୦୦ ଶାଗୁଆନ ଗଛ କାଟି କ୍ରିକେଟ ଖେଳପଡିଆ କରାଯାଇଥିବା ଖବରପାଇ ପୁନର୍ବାର ସେହି ଜାଗାରେ ଚାରା ଲଗାଇବାକୁ ଗତ ୧୯ ତାରିଖରେ ଯାଇଥିଲେ। ସେହି ସମୟରେ ଷଣ୍ଢପାଳ ମୌଜାର ୧୦/୧୨ଜଣ ଯୁବକ ସେଠାରେ ପହଞ୍ଚି ଗଣ୍ଡଗୋଳ କଲେ ଏବଂ ମାରଧର ପାଇଁ ଧମକ ଦେଲେ। ସେମାନେ ପାଖାପାଖି ଦେଢ ଲକ୍ଷ ଟଙ୍କାର କ୍ଷତି କରିଛନ୍ତି। ଏତଦ୍ ବ୍ୟତୀତ ସେମାନେ ତାଙ୍କ ଭାଇ ତଥା ବିଧାୟକଙ୍କ ନାମରେ ଅପପ୍ରଚାର ଚଳାଇଛନ୍ତି। ଏହାଦ୍ୱାରା ସେ ଓ ତାଙ୍କ ପରିବାରବର୍ଗ ମାନସିକ ଆଘାତ ପାଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ବିଧାୟକଙ୍କ ଭାଇ ଥାନାରେ ଅଭିଯୋଗ କରିବାକୁ ଆସିଛନ୍ତି।

# ହୋଟେଲ ମିସ୍ତ୍ରି ପାଇଲେ ବମ୍ପର ପ୍ରାଇଜ

## ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର

**ଅନୁଗୋଳ,୨୪।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳର ଏକ ହୋଟେଲରେ ବୁଧବାର ଫୁଡ୍ ଲାଇନ ରୁଚି ଫେଷ୍ଟିଭାଲ ବୋନାଞ୍ଜା ସେଲିବ୍ରେଶନ ଆୟୋଜିତ ହୋଇଯାଇଛି। ଏଇ ଅବସରରେ ଆୟୋଜିତ ସମାରୋହକୁ ରୁଚି ଫୁଡଲାଇନ ନିର୍ଦ୍ଦେଶକ ଅରବିନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାହୁ ରୁଚି ମସଲାର ୧୯୭୬ରୁ ଆରମ୍ଭ ହୋଇଥିବା ଜୟଯାତ୍ରା ଏବଂ ଆଜି ୪୦୦ରୁ ଅଧିକ ପ୍ରକାରର ଖାଦ୍ୟ ଉତ୍ପାଦ ତଥା ମସଲା ବାହାର କରି କମ୍ପାନୀ କିଭଳି ପୂର୍ବ ଭାରତ ସହ ବିଦେଶରେ ମଧ୍ୟ ପ୍ରଶଂସିତ ହୋଇଛି, ତାହାର ଇତିହାସ ବର୍ଣ୍ଣନା କରିଥିଲେ। ରୁଚି ଉପରେ ଗ୍ରାହକଙ୍କ ଅତୁଟ ବିଶ୍ୱାସ ଏବଂ ଭଲପାଇବା ରୁଚିକୁ ଆଜି ଅଗ୍ରଣୀ ସହ ସର୍ବୋତ୍ତମ ଖାଦ୍ୟ ଉତ୍ପାଦ କମ୍ପାନୀର ମାନ୍ୟତା ଦେଇଥିବା ସାହୁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚି ସେଲ୍ସ ହେଡ୍ ଦିଲୀପ ସାହୁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ, ଡିଭିଜନାଲ ସେଲ୍ସ ହେଡ୍ ସୁବ୍ରତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ମାର୍କେଟିଂ ହେଡ୍ ପଟ୍ଟନାୟକ ମସଲା ଓ ଖାଦ୍ୟ ଉତ୍ପାଦରେ ରୁଚିର ଗୁଣବତ୍ତା, ମାନଯୋଗୁ ଏହା ମହିଳା ତଥା ଗୃହିଣୀମାନଙ୍କ ଅତି ପ୍ରିୟ ହୋଇପଡ଼ିଥିବା ପ୍ରକାଶ କରିଥିଲେ। ସମାରୋହରେ ଅନୁଗୋଳର ହୋଟେଲ ମିସ୍ତ୍ରି ସାନୁ ବେହେରାଙ୍କୁ ବମ୍ପର ପ୍ରାଇଜ ସ୍ୱରୂପ ମାରୁତି କାର ମିଳିଥିଲା। ସେ ମଧ ରୁଚି ମସଲାର ଉନ୍ନତ ମାନ ଏବଂ ରୁଚି ଭରସା ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ସାହୁ ଆଗାମୀ ଦିନରେ ବମ୍ପର ପ୍ରାଇଜରେ ଫ୍ଲାଟ ଦିଆଯିବ ବୋଲି ଘୋଷଣା କରିଥିଲେ।




ଫୁଡ୍ ଲାଇନ ରୁଚି ଫେଷ୍ଟିଭାଲ ବୋନାଞ୍ଜା ସେଲିବ୍ରେଶନ ଅବସରରେ ପୁରସ୍କାର ପ୍ରଦାନ।

# ଅର୍ଥ ହଡ଼ପ ଉଦ୍ୟମ କରି ଫାଇନାନ୍ସ କର୍ମଚାରୀ ଗିରଫ

**ଛେଣ୍ଡିପଦା,୨୪।୭ (ଅଜିତ ଧଳ)**

ଟଙ୍କା ହେରଫେର ଅଭିଯୋଗରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ କର୍ମଚାରୀ ହେଲେ ସମ୍ବଲପୁର ଜିଲା ନାକିଟିଦେଉଳ ଥାନା କେଲବେରେଣୀ ଗ୍ରାମର ପ୍ରେମାନନ୍ଦ ପୁଢ଼। ପୋଲିସ କହିଛି, ପ୍ରେମାନନ୍ଦ ଅନୁଗୋଳରେ ଥିବା ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ। ଗତ ମଙ୍ଗଳବାର ସେ ନିଶା ଓ କଙ୍କରେଇ ଗ୍ରାମକୁ ଟଙ୍କା କଲେକ୍ସନ ପାଇଁ ଯାଇଥିଲେ। ସନ୍ଧ୍ୟା ୫ଟା ବେଳେ ସେ ନିଶା ଗ୍ରାମରୁ କଲେକ୍ସନ କରିଥିବା ୫୬ ହଜାର ୬୦ଟଙ୍କା ଓ କଙ୍କରେଇ ଗ୍ରାମରୁ କଲେକ୍ସନ କରିଥିବା ୧୯ ହଜାର ୨୦୦ ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ କେହି ଛଡ଼ାଇ ନେଇଥିବା ଅନୁଗୋଳ ବ୍ରାଞ୍ଚ ମ୍ୟାନେଜର ସୁକାନ୍ତ ସାମଲଙ୍କୁ ଜଣାଇଥିଲେ। ପ୍ରେମାନନ୍ଦଙ୍କ କଥାରେ ସନ୍ଦେହ ହେବାରୁ ଘଟଣା ସମ୍ପର୍କରେ ସୁକାନ୍ତ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୨୭/୨୪ରେ ଏକ ମାମଲା ରୁଜୁ କରିବା ସହିତ ପ୍ରେମାନନ୍ଦଙ୍କୁ ପଚରାଉଚରା କରିବା ପରେ ସେ ନିଜେ ଲୁଟ ଯୋଜନା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମଦ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୨୪।୭ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, କୋଶଳା, କୁକୁରପେଟା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ବେଳେ ଜଣେ ବ୍ୟକ୍ତି କୋଶଳା ଶିମିଳିସାହି ପଟୁ ଚନ୍ଦନ ନଗର ଆଡକୁ ବେଆଇନ ମଦ ନେଇ ଯାଉଥିବା ଖବରପାଇ ଚନ୍ଦନନଗର ଛକ ଠାରେ ଜଗି ରହିଥିଲେ। ସେହି ସମୟରେ କୋଶଳା ଗ୍ରାମର ଜଣେ ବ୍ୟକ୍ତି ଏକ ବ୍ୟାଗରେ ୩୦ଟି ମଦ ପାଉଚ ନେଇ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖି କାଗଜପତ୍ର ମାଗିଥିଲେ। ସେ ନ ଦେବାରୁ ପୋଲିସ ମଦ ଜବତ କରିବା ସହିତ ତାଙ୍କୁ ଥାନାକୁ ଆଣିଥିଲେ। ଏନେଇ ନଂ ୩୦୦/୨୪ରେ ଏକ ମାମଲା ରୁଜୁ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଶତାୟୁ ମହିଳାଙ୍କ ପରଲୋକ

**ଓଡ଼ାପଡ଼ା,୨୪।୭(ରଞ୍ଜିତ ନାୟକ)**

ଓଡ଼ାପଡ଼ା ବ୍ଲକ ଓଡ଼ାପଡ଼ା ଗ୍ରାମର ଶତାୟୁ ମହିଳା ଝଟକ ଦେଈ (୧୦୨)ଙ୍କ ବୁଧବାର ପରଲୋକ ହୋଇଛି। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କର ୬ ପୁତ୍ର ସହିତ ପରିବାରର ୩୦ ଜଣ ସଦସ୍ୟ ଏକାଠି ରହୁଛନ୍ତି।




## Walk in Interview

MNC-LEPRA Society, an ISO certified & NABH accredited eye care centre is inviting applications from intending candidates having requisite qualifications to attend the Walk In interview scheduled for 1st August 2024 (Thursday).
Candidates are requested to bring their CV & relevant documents with them as per below details.

| Position | Qualification | No. of vacancy | Posting place | Place of interview |
|---|---|---|---|---|
| Business Development & Marketing Executive | MBA/ MSW | 1 | MNC- LEPRA Society | At- Pandapali, Biramaharajpur, District Subarnapur, Odisha- 707018 Mob- 7894607156 |
| Fellowship in Anterior Segment & IOL | MS. Optha/ DNB | 2 | MNC- LEPRA Society | |
| CHW | 10th pass with valid Driving License | 4 | Kandhamal, Bargarh, Deogarh & Angul | |

Women candidates are encouraged to apply.

*LEPRA Society is an equal opportunity employer*
*Registration after 11 AM not to be entertained.*

## e-Procurement Cell
## JHARKHAND STATE BUILDING CONSTRUCTION CORPORATION LTD., RANCHI
## Short Term e-Procurement Notice

Date-23-07-2024

| Sl. No | Tender Reference No. | Work Name | Amount in (Rs) | Completion Time |
|---|---|---|---|---|
| 1 | JSBCCL/28/2024-25 | Construction of Community Health Centre Building at Khalari Block in Ranchi District. | 12,44,53,840/- | 12 Months |
| 2 | JSBCCL/29/2024-25 | Construction of Community Health Centre Building at Rahe(Nawadih) Block in Ranchi District. | 12,44,53,840/- | 12 Months |
| 3 | JSBCCL/30/2024-25 | Construction of Community Health Centre Building at Kaliyasol Block in Dhanbad District. | 12,44,53,840/- | 12 Months |
| 4 | JSBCCL/31/2024-25 | Construction of Community Health Centre Building at Anandpur Block in West Singhbhum District. | 12,44,53,840/- | 12 Months |
| 5 | JSBCCL/32/2024-25 | Construction of Community Health Centre Building at Hatgamharia Block in West Singhbhum District. | 12,44,53,840/- | 12 Months |
| 6 | JSBCCL/33/2024-25 | Construction of Community Health Centre Building at Chitarpur Block in Ramgarh District. | 12,44,53,840/- | 12 Months |
| 7 | JSBCCL/34/2024-25 | Construction of Community Health Centre Building at Sadar Block in Jamtara District. | 12,44,53,840/- | 12 Months |
| 8 | JSBCCL/35/2024-25 | Construction of Community Health Centre Building at Simaria in Chatra District. | 12,44,53,840/- | 12 Months |
| 9 | JSBCCL/36/2024-25 | Construction of Community Health Centre Building at Pathargama in Godda District. | 9,14,89,781/- | 12 Months |
| 10 | JSBCCL/37/2024-25 | Construction of New Community Health Centre Building at Patratu Block in Ramgarh District. | 12,65,39,420/- | 12 Months |
| 11 | JSBCCL/38/2024-25 | Construction of Ayurvedic-cum-Yogayush Centre, Netarhat, Latehar | 9,16,08,057/- | 12 Months |

| | | |
|---|---|---|
| 12 | Date of Publication of Tender on Website | 31-07-2024 at 11:00 AM |
| 13 | Start Date of Submission of Bids | 31-07-2024 at 11:00 AM |
| 14 | Last Date/Time of Submission of Bids | 21-08-2024 at 05:00 PM |
| 15 | Date/Time of opening of Bid | 22-08-2024 at 05:00 PM |
| 16 | Name & Address of office Inviting tender | e-Procurement Cell, Jharkhand State Building Construction Corporation Ltd., Ranchi. |
| 17 | Helpline Number of e-procurement Cell | 0651-2446259 |
| 18 | e-mail ID | jsbccljharkhand@gmail.com |

**Note:- Cost of bidding document for a non-refundable fee & Bid Security (EMD) shall be payable online through http:// Jharkhandtenders.gov.in.**
Any change can be seen on Website **http:// Jharkhandtenders.gov.in.**
Any other information can be seen on **http:// Jharkhandtenders.gov.in.**

PR 330555 Jharkhand State Building Construction Corp. ltd.(24-25)D

Nodal Officer e-Procurement Cell
Jharkhand State Building Construction Corporation Ltd., Ranchi

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 16-KUR-TRD-OT-2024-25

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନରେ ମିଶନ-3000 MT ସମ୍ବନ୍ଧୀୟ ଗଞ୍ଜାମ-ଛତ୍ରପୁର ସେକ୍ସନରେ 02 ସଂଖ୍ୟକ (950UP ଏବଂ 950DN) ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ (BGML)ର ଗର୍ଡର ଗୁଡ଼ିକର ପ୍ରସ୍ତାବିତ ପୁନଃସ୍ଥାପନ ସମ୍ପର୍କିତ OHE ରୂପାନ୍ତରଣ।

**ବିଜ୍ଞାପିତ ମୂଲ୍ୟ :** ₹ 23,92,489.55, EMD : ₹ 47,900, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.07.2024ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2024ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-337/P/24-25

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2024-14, ତା.18.07.2024ରିଖ

**କାର୍ଯ୍ୟର ନାମ :** (1) ତିନି ଷ୍ଟେସନ-ହୀରାକୁଦ (HKG), ହଣ୍ଡପା (HNPA), ଲପଙ୍ଗା (LPG) ର ଲୋଡିଂ ଲାଇନରେ ଉଚ୍ଚ ଉପଲବ୍ଧତା (High Availability) ବିଶିଷ୍ଟ ଡିଜିଟାଲ ଏକ୍ସିଲ କାଉଣ୍ଟର ବ୍ୟବସ୍ଥା। (2) ସମ୍ବଲପୁର ମଣ୍ଡଳରେ 143MM ପଏଣ୍ଟ ମେସିନଗୁଡ଼ିକର ସ୍ଥାନାନ୍ତରଣ।

**ଟେଣ୍ଡର ମୂଲ୍ୟ :** ₹ 1,28,51,609.90, ବିଡ୍ ସିକ୍ୟୁରିଟୀ: ₹ 2,14,300/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2024ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps. gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ / ସମ୍ବଲପୁର

PR-341/P/23-24

## FAKIR MOHAN UNIVERSITY
Vyasa Vihar, Nuapadhi, Balasore - 756089
**ADMISSION ANNOUNCEMENT : 2024-25**
**PGDCA COURSE**

No : FMU/PGC-I-45/2024/895 Dt. 24.07.2024

Applications are invited from eligible students for admission into **One Year PGDCA (SFC)** programme of Fakir Mohan University, Balasore for the academic session 2024-25. Students desirous to take admission in the said programme may download the application form, admission guidelines, eligibility criteria, course fees, etc. available in the website www.fmuniversity.nic.in. The filled in form along with required documents and **Rs. 600/- (Rupees Six hundred)** only towards cost of application form in shape of Bank Draft to be purchased in favour of **FM University SFC Fund** payable at **Nuapadhi** if purchased from UCO Bank and payable at **Balasore**, if purchased from other than UCO Bank or through Bank Challan to be deposited in the UCO Bank, Nuapadhi Branch, F.M. University campus should reach to **The Coordinator, PGDCA, Department of Computer Science, Fakir Mohan University, Vyasa Vihar, Old Campus, At/P.O. Januganj, Balasore - 756019** through Speed post / Registered post latest by **31.08.2024** positively.

**Sd./- Chairman, P.G. Council**

## DISTRICT PROJECT OFFICE
**SAMAGRA SHIKSHA, SUNDARGARH, ODISHA**
**In front of B.S. High School, At/Po/Dist - Sundargarh, Pin - 770001**
Email - dpcsndgssa.opepa@nic.in Phone No - 06622-273718
No. : 1776/GE/Date : 24.07.2024

**EXPRESSION OF INTEREST (EoI) IS INVITED FOR PROCUREMENT AND SUPPLY OF SCHOOL UNIFORM FOR CLASS I TO VIII FROM MSE (MANUFACTURING UNITs)/WSHGs UNITs OF SUNDARGARH DISTRICT**

Interested MSE Manufacturing units / WSHGs unit having willingness and aptitude for providing school uniforms to schools are invited to submit their proposal before the concerned Block Education Officer in the prescribed format within 10 (Ten) days of this advertisement i.e, on or before 05.08.2024. MSE Manufacturing units / WSHGs units should be preferable from the same Block / any of the adjoining Block under the same District as per the location of the schools where they propose to take up the activity through the given terms and conditions. The detailed term and conditions for supply of uniform can be downloaded from the district official website http:// sundargarh.odisha.gov.in.

By the order of Collector & DM, Sundargarh
**Sd./- DEO-cum-DPC, SS Sundargarh**

## PUBLIC NOTICE

ଘରମାଲିକ - ଶ୍ରୀ ଅନାଦି ବେହେରା, ପିତା : ସ୍ୱ ରାମଚନ୍ଦ୍ର ବେହେରା, ସା : ପ୍ଲଟ ନଂ ୬୭, ସା : ସର୍ବୋଦୟ ନଗର, ଥାନା : କୁମ୍ଭାରପଡ଼ା, ପୋ.ଅ : ପୁରୀ, ପିନ୍ - ୭୫୨୦୦୨। ମୋବାଇଲ ନଂ - ୮୨୮୦୬୯୮୬୫୮

ଭଡ଼ାଟିଆ - ଶ୍ରୀ ଶ୍ୱେତାମ୍ବର ଜେନା, ପିତା : ଖଣ୍ଡକିଶୋର ଜେନା, ସା: ତଳିଆ, ଥାନା: ରାମବାଗ, ପୋ.ଅ : ଯାଜପୁର, ପିନ୍ - ୭୫୫୦୧୧। ମୋବାଇଲ ନଂ - ୮୧୧୮୦୯୪୯୧୧

ବିଷୟ: ଆମ୍ଭେ ଶ୍ରୀ ଅନାଦି ବେହେରାଙ୍କ ଘର ଭଡା ଟଙ୍କା ଆଦାୟ ଏବଂ ଗୃହ ଖାଲି କରାଯିବା ସଂପର୍କେ।

ମହାଶୟ,

ଖବରକାଗଜ ମାଧ୍ୟମରେ ଜଣାଇବାର ଅଭିପ୍ରାୟ ଏହିକି ଯେ, ଶ୍ରୀ ଶ୍ୱେତାମ୍ବର ଜେନା ଆମ୍ଭେ ଶ୍ରୀ ଅନାଦି ବେହେରାଙ୍କ ଘର ଭଡ଼ା ନେଇ ବସବାସ କରୁଥିଲେ। ଆଜକୁ ଦେଢ ବର୍ଷ ହେବ ଘର ଭଡା ଦେଉନାହାନ୍ତି କି ଘର ଖାଲି କରୁନାହାନ୍ତି। ବାରମ୍ବାର ଯୋଗାଯୋଗ କଲେ ମଧ୍ୟ କିଛି ଲାଭ ହେଉନାହିଁ। ଏ ସମ୍ବନ୍ଧରେ ଉପଜିଲ୍ଲାପାଳ ତଥା ସଂପୃକ୍ତ ଥାନାକୁ ଜଣାଇ ଅଛୁ। ଓକିଲଙ୍କ ମାଧ୍ୟମରେ ଲିଗାଲ ନୋଟିସ୍ ଦିଆଯାଇଛି। ଏହାର ମଧ୍ୟ କୌଣସି ଉତ୍ତର ପାଇପାରୁ ନାହୁଁ।

ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ୧୫ ଦିନ ମଧ୍ୟରେ ଘର ଖାଲି କରିବା ସହ ଘର ଭଡା ପଇଠ କରନ୍ତୁ। ପ୍ରକାଶଥାଉ କି ଆପଣଙ୍କ ଜିନିଷପତ୍ରର କୌଣସି କ୍ଷତି ହେଲେ ଆମ୍ଭେ ଦାୟୀ ରହିବୁ ନାହିଁ ଏବଂ ଘର ଖୋଲି ଆସବାବପତ୍ର କାଢି ଘରର ମରାମତି କରିବୁ।

See Career Appointment on every Wednesday & Saturday

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE DIRECTOR, WESTERN ZONE, BURLA
CIN:U40102OR2004SGC007553

No. 1267 Dated : 20.07.2024
No. CAD-652

**NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, is published for general information. The estimated cost of the project is Rs. 13 Cr.(Approx.). It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the office of the Executive Director, OPTCL, PG Chowk, Burla, Sambalpur-768017 within two months from the date of publication of this notification. Full details of the scheme and plan may be seen in the office of the DGM (Elect), EHT (C) Division, Jharsuguda, on any working day during office hours.

**Name of the Work:-** Construction of 132 kV DC line on monopole tower from 132/33kV GSS, Kalunga to Shri Mahavir Ferro Alloys Pvt. Ltd.,Kalunga (Line Length-2.248 km).

**Name of the Village in which the line will Pass :**
**Tahasil: Lathikata**, R.I Circle: Brahmani taranga, Revenue Village: Brahmani taranga, Sana Brahmani Taranga, Jhartaranga, R.I Circle: Kalunga, Revenue Village: Goibhanga, Jiaa Bahal.

**Perceived benefit that may accrue :** It will facilitate the quality & stable power supply to M/s Mahavir Ferro Alloys Pvt. Ltd.,Kalunga.

FIPR-13/2024-25
OIPR-04011/11/0030/2425

Sd/- EXECUTIVE DIRECTOR, WESTERN ZONE, BURLA

/optcl.odisha /optcl_odisha

## कार्यालय वनमण्डलाधिकारी
**धमतरी वनमण्डल, धमतरी (छतीसगढ़)**
**Ph.: 07722-238371(O), 236137(Fax)**
**E-mail: dfo-dhamtari.cg@gov.in**

**निविदा सूचना**

रायपुर वनवृत्त के अधीन वनमंडलों में उपयोग हेतु फार्म पंजी के क्रय हेतु निविदा आमंत्रित की जाती है। जिस हेतु विस्तृत निविदा प्रपत्र एवं आवश्यक शर्तें अधोहस्तारकर्ता के कार्यालय में सूचना प्रकाशन के पश्चात कार्यालयीन दिवस में 1000.00 रू. का डिमांड ड्राफ्ट जो वनमंडलाथिकारी धमतरी के नाम से देय हो, जमा कर पूर्ण आवेदन के साथ प्रस्तुत करने पर प्राप्त किया जा सकता है।
प्रथम निविदा दिनांक 30.08.2024 को द्वितीय निविदा दिनांक 24.09.2024 को एवं तृतीय निविदा दिनांक 08.10.2024 को कार्यालयीन समय अपरान्ह 4.00 बजे खोली जावेगी। प्रथम बार में निविदा किसी कारणवश असफल होने पर द्वितीय निविदा की जावेगी। इसी प्रकार द्वितीय निविदा भी किसी कारणवश असफल होने पर तृतीय निविदा निर्धारित की जाती है। विस्तृत नियम व शर्तो का अवलोकन विभागीय वेबसाईड **www.cgforest.com** में किया जा सकता है।

| क्र. | विवरण | प्रथम निविदा की समय सारिणी | द्वितीय निविदा की समय सारिणी | तृतीय निविदा की समय सारिणी |
|---|---|---|---|---|
| 1 | निविदा फार्म बिक्री प्रारंभ की तिथि | 29.07.2024 पूर्वान्ह 11.00 बजे से | 02.09.2024 पूर्वान्ह 11.00 बजे से | 25.09.2024 पूर्वान्ह 11.00 बजे से |
| 2 | निविदा फार्म बिक्री की अंतिम तिथि | 29.08.2024 अपरान्ह 5 बजे तक | 23.09.2024 अपरान्ह 5 बजे तक | 07.10.2024 अपरान्ह 5 बजे तक |
| 3 | निविदा फार्म जमा करने की अंतिम तिथि | 30.08.2024 अपरान्ह 3 बजे तक | 24.09.2024 अपरान्ह 3 बजे तक | 08.10.2024 अपरान्ह 3 बजे तक |
| 4 | निविदा खोलने की तिथि (तकनीकी बीड) | 30.08.2024 अपरान्ह 4 बजे तक | 24.09.2024 अपरान्ह 4 बजे तक | 08.10.2024 अपरान्ह 4 बजे तक |
| 5 | निविदा खोलने की तिथि (वित्तीय बीड) | 30.08.2024 तकनीकी बीड खोलने के उपरांत | 24.09.2024 तकनीकी बीड खोलने के उपरांत | 08.10.2024 तकनीकी बीड खोलने के उपरांत |
| 6 | निविदा खोलने का स्थान | वनमंडल कार्यालय धमतरी | वनमंडल कार्यालय धमतरी | वनमंडल कार्यालय धमतरी |

स्वा/- वनमण्डलाधिकारी
धमतरी वनमंडल, धमतरी

G-242501303/7

# ପ୍ୟାରିସ୍ ପ୍ରସ୍ତୁତ

**ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆୟୋଜନ ପାଇଁ ପ୍ୟାରିସ ପ୍ରସ୍ତୁତ। 'ସିଟି ଅଫ୍ ଲାଇଟ୍ସ' ଉପରେ ଏବେ ସମଗ୍ର ବିଶ୍ୱର ନଜର। ଜୁଲାଇ ୨୬ରେ ସିନ୍ ନଦୀରେ ଉଦ୍‌ଘାଟନୀ ସମାରୋହ ସହ ଆରମ୍ଭ ହେବ ଏହି କ୍ରୀଡ଼ା ମହାକୁମ୍ଭ। ଅଗଷ୍ଟ ୧୧ ପର୍ଯ୍ୟନ୍ତ ଆକ୍ସନରେ ଭରପୂର ରହିବ ଆଥଲେଟ୍‌ଙ୍କ କଳାକୌଶଳ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ପ୍ୟାରିସକୁ ସୁରକ୍ଷା କବଚ ମଧ୍ୟରେ ରଖାଯାଇଛି। ୨୦୬ ଦେଶର ୧୦,୭୧୪ ଆଥଲେଟ୍ ୩୨ କ୍ରୀଡ଼ାର ୩୨୯ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପୋଡିୟମ ମଣ୍ଡନ ପାଇଁ ହେବ କଡ଼ା ଟକ୍କର। ଭାରତର ୧୧୭ ପ୍ରତିଯୋଗୀ ୧୬ କ୍ରୀଡ଼ାରେ ଭାଗନେବେ...**



## ପ୍ୟାରିସ୍ ଅଲିମ୍ପିକ୍ସରେ ବୟସ ବର୍ଣ୍ଣାଳି (୧୧ରୁ ୭୦ ବର୍ଷ)
## ଝେଙ୍ଗ ସର୍ବକନିଷ୍ଠ, ଇର୍ଭିଙ୍ଗ ବୟସ୍କ



ଝେଙ୍ଗ ହାଓହାଓ

*ବୟସ ଏକ ସଂଖ୍ୟା ମାତ୍ର। ଅଲିମ୍ପିକ୍ସରେ ଏହା ସତ ବୋଲି ପ୍ରମାଣିତ। ଅଲିମ୍ପିକ୍ସ ଏପରି ଏକ ପ୍ଲାଟଫର୍ମ ଯେଉଁଠି ପ୍ରତିଦ୍ୱନ୍ଦ୍ୱିତା ସମୟରେ କେହି ଯୁବ କିମ୍ବା ବୟସ୍କ ନ ଥାନ୍ତି। ଚଳିତମାସ ୨୬ରୁ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ୧୧ ବର୍ଷୀୟ ସ୍କେଟ୍ ବୋର୍ଡର ଜଣେ ସେକ୍ସାଜେନାରିଆନ (୬୦ରୁ ୭୦ ବୟସର ବ୍ୟକ୍ତି)ଙ୍କ ସହିତ ସମାନ ଗ୍ଲୋବାଲ ଷ୍ଟେଜ୍ ଶେୟାର କରିବାକୁ ଯାଉଛନ୍ତି। ଭାରତୀୟ ପ୍ରତିନିଧି ଦଳରେ ମଧ୍ୟ ଜଣେ ୧୪ ବର୍ଷୀୟ ସୁଇମର ଏବଂ ୪୪ ବର୍ଷୀୟ ଟେନିସ ତାରକା ରହିଛନ୍ତି।*

**ଝେଙ୍ଗ ହାଓହାଓ (ଚାଇନା, ସ୍କେଟବୋର୍ଡିଂ)**

୧୧ ବର୍ଷ ୧୧ ମାସର ସ୍କେଟବୋର୍ଡର ଚାଇନାର ଝେଙ୍ଗ ହାଓହାଓ ହେଉଛନ୍ତି ଅଲିମ୍ପିକ୍ସର ସର୍ବକନିଷ୍ଠ ପ୍ରତିଦ୍ୱନ୍ଦ୍ୱୀ। ସେ ହେଉଛନ୍ତି ସର୍ବକାଳୀନ ସର୍ବକନିଷ୍ଠ ଅଲିମ୍ପିଆନ ଗ୍ରୀକ୍ ଜିମ୍ନାଷ୍ଟ ଡିମିଟ୍ରୋସ ଲୋଣ୍ଡ୍ରାସଙ୍କଠାରୁ ଏକବର୍ଷ ବଡ଼। ୧୮୯୬ ଆଧୁନିକ ଅଲିମ୍ପିକ୍ସର ପ୍ରଥମ ସଂସ୍କରଣରେ ଡିମିଟ୍ରୋସ ୧୦ ବର୍ଷ ୨୧୮ ଦିନର ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅଗଷ୍ଟ ୧୧ରେ ୧୨ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଝେଙ୍ଗ୍ ବୁଦାପେଷ୍ଟ ଓ ସାଂଘାଇରେ ଅନୁଷ୍ଠିତ କ୍ୱାଲିଫିକେଶନ ସିରିଜରେ ପ୍ୟାରିସ ପାଇଁ ଟିକେଟ ପାଇଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଏକ କ୍ରୀଡ଼ାଭାବେ ପ୍ରଥମ ପଦାର୍ପଣ କରିଥିବା ସ୍କେଟବୋର୍ଡିଂକୁ ଝେଙ୍ଗ୍ ୭ ବର୍ଷ ବୟସରେ ଏକ ମଜାଭାବେ ଆରମ୍ଭ କରିଥିଲେ। ଝେଙ୍ଗ ଏକମାତ୍ର ଟିନ୍‌ଏଜ୍ ଆଥଲେଟଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉନାହାନ୍ତି। କାନାଡ଼ିଆନ ସ୍କେଟବୋର୍ଡର ଫେ ଡି ଫାଜିଓ ଏବେର୍ଟଙ୍କୁ ମଧ୍ୟ ୧୪ ବର୍ଷ। ଆମେରିକାର କ୍ୱିନ୍ସି ୱିଲସନ ଓ ହେଜଲି ରିଭେରା, ଗ୍ରେଟ୍ ବ୍ରିଟେନର ଲୋଲା ଟାମ୍ବଲିଙ୍ଗ୍ ଓ ସ୍କାଏ ବ୍ରାଉନ୍ ହେଉଛନ୍ତି ୧୬ ବର୍ଷର।

**ଜିଲ୍ ଇର୍ଭିଙ୍ଗ୍ (କାନାଡ଼ା, ଇକ୍ୱେଷ୍ଟ୍ରେନ୍)**

କାନାଡ଼ା ଇକ୍ୱେଷ୍ଟ୍ରିଆନ ଦଳର ସଦସ୍ୟ ଜିଲ୍ ଇର୍ଭିଙ୍ଗ୍ ସବୁଠାରୁ ବୟସ୍କ ପ୍ରତିଦ୍ୱନ୍ଦ୍ୱୀଭାବେ ପ୍ୟାରିସ ଅଲିମ୍ପିକ୍ସରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତାଙ୍କୁ ଏବେ ୬୧ ବର୍ଷ, ଯାହାକି ଝେଙ୍ଗଙ୍କ ବୟସଠାରୁ ୫ ଗୁଣ ଅଧିକ। ସେହିପରି ୧୯୯୬ ଆଟଲାଣ୍ଟା ସଂସ୍କରଣଠାରୁ ୬ଟି ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ସାରିଥିବା ଅଷ୍ଟ୍ରେଲିଆର ମାରୀ ହାନାଙ୍କ ବୟସ ଏବେ ୬୯ ବର୍ଷ। ତେବେ ସେ ଜଣେ ରିଜର୍ଭ ଖେଳାଳିଭାବେ ଅଷ୍ଟ୍ରେଲୀୟ ଇକ୍ୱେଷ୍ଟ୍ରିଆନ ଟିମ୍ ସହ ପ୍ୟାରିସ ଯିବେ। ଆବଶ୍ୟକ ପଡ଼ିଲେ ଅର୍ଥାତ୍ ଦଳର କୌଣସି ସଦସ୍ୟ ଆହତ କିମ୍ବା ଅସୁସ୍ଥ ହେଲେ ସେ ଡ୍ରେସେଜ୍ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସବୁଠାରୁ ବୟସ୍କ ଅଲିମ୍ପିଆନ ହେଉଛନ୍ତି ଶୁଟର ଓସ୍କାର ସ୍ୱାନ। ସ୍ୱିଡେନର ସ୍ୱାନ ୭୨ ବର୍ଷରେ ୧୯୨୦ ଆଣ୍ଟ୍ୱର୍ପ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୫ ଦଶନ୍ଧି ପୂର୍ବରୁ ଇର୍ଭିନ ଏକ ସ୍ଥାନୀୟ କ୍ଲବରେ ହର୍ସ ରାଇଡ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ସାର୍ଥକ ହୋଇପାରି ନ ଥିଲା। ପ୍ୟାରିସ ଅଲିମ୍ପିକ୍ସରେ ପଦାର୍ପଣ କରି ସେ ଏହା ସମ୍ପୂର୍ଣ୍ଣ କରିବାକୁ ଯାଉଛନ୍ତି। ନିଜ ୫୦ତମ ଜନ୍ମଦିନ ପାଳନ କରିସାରି ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ହେଲେ କାନାଡ଼ାର ମାରିଓ ଡେସ୍ଲାଉରିଅର୍ସ (ଇକ୍ୱେଷ୍ଟ୍ରିଆନ୍–୫୯ ବର୍ଷ), ଗ୍ରେଟ୍ ବ୍ରିଟେନର କାର୍ଲ ହେଷ୍ଟର (ଇକ୍ୱେଷ୍ଟ୍ରିଆନ୍–୫୭ ବର୍ଷ), ଜର୍ଜିଆର ନିନୋ ସାଲୁକଭାଜେ (ଶୁଟିଂ–୫୫ ବର୍ଷ) ଏବଂ ଗ୍ରେଟ୍ ବ୍ରିଟେନର ଆଣ୍ଡି ମ୍ୟାକଡୋନାଲ୍ଡ (ସ୍କେଟବୋର୍ଡିଂ–୫୦ ବର୍ଷ)।



ଜିଲ୍ ଇର୍ଭିଙ୍ଗ୍


**ଧିନିଧି ଦେସିଂଘୁ (ସୁଇମିଂ, ସର୍ବକନିଷ୍ଠ ଭାରତୀୟ)**

ମାତ୍ର ୧୪ ବର୍ଷ ବୟସରେ ଭାରତର ସର୍ବକନିଷ୍ଠ ଆଥଲେଟ୍‌ଭାବେ ଧିନିଧି ଦେସିଂଘୁ ପ୍ୟାରିସ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ସେ ପ୍ୟାରିସରେ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଭାଗନେବେ। ୯ମ ଷ୍ଟାଣ୍ଡାର୍ଡରେ ପଢୁଥିବା ବେଙ୍ଗାଲୁରୁର ଧିନିଧି ୟୁନିଭର୍ସିଟି କୋଟା ସିଷ୍ଟମରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ଦେସିଂଘୁ ଦ୍ୱିତୀୟ ସର୍ବକନିଷ୍ଠ ଭାରତୀୟଭାବେ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ସୁଇମର ଆରତୀ ସାହା ୧୧ ବର୍ଷ ବୟସରେ ୧୯୫୨ ହେଲସିଙ୍କି ଅଲିମ୍ପିକ୍ସର ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଭଜନ କୌର (୧୮ ବର୍ଷ, ଆର୍ଚେରୀ) ଓ ଇଶା ସିଂ (୧୯ ବର୍ଷ, ଶୁଟିଂ) ଯୁବ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଅନ୍ୟତମ।

**ରୋହନ ବୋପାନ୍ନା (ଟେନିସ, ବୟସ୍କ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ)**

ରୋହନ ବୋପାନ୍ନାଙ୍କୁ ଏବେ ୪୪ ବର୍ଷ ୪ ମାସ। ସେ ଭାରତୀୟ ଦଳର ସବୁଠାରୁ ବୟସ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ଏହା ହେବ ତାଙ୍କର ତୃତୀୟ ଅଲିମ୍ପିକ୍ସ। ପୁରୁଷ ଟେନିସର ଡବଲ୍ସ ଇଭେଣ୍ଟରେ ସେ ଶ୍ରୀରାମ ବାଲାଜୀଙ୍କୁ ପାର୍ଟନରକରି ଖେଳିବେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ଡେବ୍ୟୁ କରିଥିଲେ। ସେତେବେଳେ ମହେଶ ଭୂପତିଙ୍କୁ ସେ ସାଥିକରି ଖେଳିଥିଲେ। ୪ ବର୍ଷ ପରେ ରିଓ ଅଲିମ୍ପିକ୍ସରେ ସେ ଲିଆଣ୍ଡର ପେସଙ୍କ ପାର୍ଟନର ଥିଲେ। ମିକ୍ସଡ ଡବଲ୍ସରେ ସେ ସାନିଆ ମିର୍ଜା ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସବୁଠାରୁ ବୟସ୍କ ଖେଳାଳିଭାବେ ସେ ଗତ ଜାନୁଆରୀରେ ଏଟିପି ଡବଲ୍ସ ର୍‍ୟାଙ୍କିଂରେ ନମ୍ବରୱାନ ହୋଇଥିଲେ। ୪୩ ବର୍ଷରେ ସେ ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଥିଲେ। ବୋପାନ୍ନା ଦ୍ୱିତୀୟ ବୟସ୍କ ଟେନିସ ଖେଳାଳିଭାବେ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ୧୯୨୪ ପ୍ୟାରିସ ଅଲିମ୍ପିକ୍ସରେ ସିଡ୍‌ନୀ ଜ୍ୟାକବ ୪୪ ବର୍ଷ ୨୬୭ ଦିନର ହୋଇଥିବାବେଳେ ପୁରୁଷ ଡବଲ୍ସରେ ଭାଗ ନେଇଥିଲେ। ଭାରତର ସବୁଠାରୁ ବୟସ୍କ ଅଲିମ୍ପିଆନ ହେଉଛନ୍ତି ସ୍କେଟ୍ ଶୁଟର ଭୀମ ସିଂ ବାହାଦୁର। ସେ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ୬୬ ବର୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଟେବୁଲ ଟେନିସ ତାରକା ଅଚନ୍ତ ଶରଥ କମଲ ୪୨ ବର୍ଷରେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି।

## ବିବାଦରେ ଚାର୍ଲୋଟ୍ ଡୁଜାର୍ଡିନ୍



ବ୍ରିଟେନର ସବୁଠାରୁ ଲୋକପ୍ରିୟ ମହିଳା ଇକ୍ୱିଷ୍ଟ୍ରିଆନ୍ ଚାର୍ଲୋଟ୍ ଡୁଜାର୍ଡିନ୍‌ଙ୍କୁ ନେଇ ବିବାଦ ଦେଖାଦେଇଛି। ଚାର୍ଲୋଟ ଏକ ଅଭ୍ୟାସ ସେସନରେ ନିଜ ଘୋଡାକୁ ୩୦ରୁ ଊର୍ଦ୍ଧ୍ୱଥର ପିଟୁଥିବାର ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓ ଭାଇରାଲ ହେବା ପରେ ଇକ୍ୱିଷ୍ଟ୍ରିଆନକୁ କ୍ରୀଡା ଇଭେଣ୍ଟରୁ ବାଦ ଦେବାକୁ ପେଟା (ଆନିମଲ ରାଇଟ୍ସ ଗ୍ରୁପ୍) ପରି ସଙ୍ଗଠନ ଦାବି କରିଛନ୍ତି। ତେବେ ଅନ୍ତର୍ଜାତୀୟ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ଏହି ଘଟଣା ଉପରେ ନଜର ରଖିଥିବା କହିଛି। ଏହି ଘଟଣା ପରେ ଚାର୍ଲୋଟଙ୍କୁ ଅଲିମ୍ପିକ୍ସରୁ ବ୍ୟାନ୍ କରାଯାଇଛି। ଚାର୍ଲୋଟ ନିଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିବା ସହ ଏହା ୪ ବର୍ଷ ତଳର ଭିଡିଓ ଏବଂ ଏରର୍ ଅଫ୍ ଜଜ୍‌ମେଣ୍ଟ ଥିଲା ବୋଲି କହିଛନ୍ତି।

## ପଦକ



**ପ୍ୟା**ରିସ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ପଦକରେ ଐତିହାସିକ ଇଫେଲ ଟାୱାରର ଏକ ଅଂଶ ରହିଛି। ଫ୍ରାନ୍ସ ଇତିହାସର ଅଂଶ ଭାବରେ ଏହାକୁ ସାମିଲ କରାଯାଇଛି। ଏଲଭିଏମ୍‌ଏଚ୍ ଜୁଏଲର ଏହାର ନିର୍ମାଣ କରିଛନ୍ତି। ହେକ୍ସାଗନ୍ ଆକୃତିର ଏହି ମେଡାଲ ହୋଇଛି। ସ୍ୱର୍ଣ୍ଣ ପଦକରେ ୨୪ କାରାଟ୍‌ର ସୁନା ରହିଛି। ତେବେ ଏହା ସମ୍ପୂର୍ଣ୍ଣ ସୁନାରେ ନିର୍ମିତ ହୋଇନାହିଁ। ଅନ୍ୟାନ୍ୟ ଧାତୁର ମିଶ୍ରଣ ସହିତ ଉପରେ ସୁନାର ପ୍ଲେଟିଂ କରାଯାଇଛି। ଏହି ପଦକରେ ୬ ଗ୍ରାମର ସୁନା ବ୍ୟବହାର କରାଯାଇଛି। ରୌପ୍ୟ ପଦକରେ ସମ୍ପୂର୍ଣ୍ଣ ରୂପାରେ ନିର୍ମିତ ହୋଇଛି। ଅନ୍ୟ ପକ୍ଷରେ ବ୍ରୋଞ୍ଜ ପଦକ ନିର୍ମାଣରେ କପର, ଜିଙ୍କ ଓ ଟିନ୍‌ର ବ୍ୟବହାର କରାଯାଇଛି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ ଅନୁସାରେ ପ୍ରତି ମେଡାଲର ବ୍ୟାସାର୍ଦ୍ଧ ୬୦ ମି.ମି. ରହୁଥିବା ବେଳେ ମୋଟେଇ ୩ ମି.ମି. ରହିଛି। ସାଧାରଣତଃ ଅଲିମ୍ପିକ୍ସ ମେଡାଲ ଗୋଲାକାର ଆକୃତିର ହୋଇଥାଏ। ତେବେ ପ୍ୟାରିସ୍ ୨୦୨୪ ପାଇଁ ଏହାକୁ ଷଡକୋଣୀୟ ବା ହେକ୍ସାଗନ ଆକୃତିର କରାଯାଇଛି। ଅଲିମ୍ପିକ୍ସ ପଦକରେ ଗ୍ରୀକ୍‌ର ଯୁଦ୍ଧ ଦେବୀ ନାଇକ୍, ପାନ୍ଥିନାଇକୋସ ଷ୍ଟାଡିୟମର ସମ୍ମୁଖ ଭାଗ ଓ ଅଲିମ୍ପିକ୍ସ ରିଙ୍ଗ ଦେଖିବାକୁ ମିଳିଥାଏ। ତେବେ ପ୍ରଥମ ଥର ପ୍ୟାରିସ୍ ୨୦୨୪ରେ ଏହି ସମସ୍ତ ଚିହ୍ନ ସହ ଏଇଫିଲ ଟାୱାର ଦେଖିବାକୁ ମିଳିବ।


## ସ୍ୱାଧୀନତାର ପ୍ରତୀକ ଫ୍ରାଇଜ୍



**ଅ**ଲିମ୍ପିକ୍ସ ୨୦୨୪ ପାଇଁ ମାସ୍କଟ ରହିଛି ଫ୍ରାଇଜ୍। ଫ୍ରାନ୍ସର ପାରମ୍ପରିକ ଫ୍ରିଜିଆନ୍ ଟୋପିରୁ ଏହି ନାମ ଚୟନ କରାଯାଇଛି। ଫ୍ରାନ୍ସ ସ୍ୱାଧୀନତା ଓ ଫ୍ରେଞ୍ଚ ରିପବ୍ଲିକ୍‌ର ପ୍ରତୀକ ଭାବେ ଏହାକୁ ବ୍ୟବହାର କରାଯାଇଛି। ଫରାସୀ ଇତିହାସରେ ଫ୍ରିଜିଆନ୍ ଟୋପିକୁ ସର୍ବଦା ସ୍ୱାଧୀନତାର ପ୍ରତୀକ ଭାବରେ ବିବେଚନା କରାଯାଇଛି। କ୍ରୀଡା ଜରିଆରେ ବିପ୍ଳବର ଲକ୍ଷ୍ୟ ରହିଥିବା ବେଳେ ଏହାକୁ ପ୍ରତୀକାତ୍ମକ ଭାବରେ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସର ମାସ୍କଟ ଚୟନ କରାଯାଇଛି। ମାସ୍କଟର ମୋଟୋ ରହିଛି 'ଏଲୋନ୍ ୱି ଗ୍ରୋ ଫାଷ୍ଟର ବଟ୍ ଟୁଗେଦର ୱି ଗୋ ଫର୍ଦର'। ଏହାର ଅର୍ଥ ହେଉଛି ଏକୁଟିଆ ଆମେ ଶୀଘ୍ର ଆଗକୁ ବଢି ପାରିବା ମାତ୍ର ଏକତ୍ରିତ ହୋଇ ଆମେ ଅଧିକ ଆଗକୁ ବଢି ପାରିବା।


## ସଫଳ ମହିଳା ଖେଳାଳି

**ଅ**ଲିମ୍ପିକ୍ସ ଆରମ୍ଭରୁ ଏକ ପୁରୁଷ ପ୍ରାଧାନ୍ୟ କ୍ରୀଡା ଇଭେଣ୍ଟ ରହିଥିଲା। ତେବେ ଧୀରେ ଧୀରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବାରେ ଲାଗିଛି। ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ପଦକ ହାସଲର ରେକର୍ଡ ରୁଷିଆର ଲାରିସା ଲାଟେନିନାଙ୍କ ନାମରେ ରହିଛି। ସୋଭିଏତ୍ ରୁଷିଆର ପ୍ରତିନିଧିତ୍ୱ କରୁଥିବା ଏହି ଜିମ୍ନାଷ୍ଟ ଜଣଙ୍କ ୧୯୫୬, ୧୯୬୦ ଓ ୧୯୬୪ ମସିହା ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ମୋଟ ୧୭ ପଦକ ଜିତିଥିଲେ। ଏହି ୩ ସଂସ୍କରଣରେ ସେ ୯ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଜିମ୍ନାଷ୍ଟିକ୍ସର ଏକାଧିକ ଇଭେଣ୍ଟରେ ସେ ନିଜର ପ୍ରତିପତ୍ତି ଜାହିର କରିବାରେ ସଫଳ ହୋଇଥିଲେ। ଲାଟେନିନାଙ୍କ ରେକର୍ଡ ୬ ଦଶନ୍ଧି ଧରି ଅକ୍ଷୁର୍ଣ୍ଣ ରହିଥିବା ବେଳେ କୌଣସି ବି ଖେଳାଳି ଏହାର ନିକଟତର ହୋଇ ପାରିନହାନ୍ତି। ମଡର୍ନ ଅଲିମ୍ପିକ୍ସରେ ସିମୋନ ବାଇଲ୍ସ, ଆଲିସନ୍ ଫେଲିକ୍ସ ଓ କେଟି ଲେଡେକିଙ୍କ ପରି ଖେଳାଳି ଏହି ରେକର୍ଡର ନିକଟତର ହୋଇ ପାରିଛନ୍ତି। ଆମେରିକୀୟ ଜିମ୍ନାଷ୍ଟ ବାଇଲ୍ସ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟତମ ଆମେରିକୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ଆଲିସନ୍ ଫେଲିକ୍ସଙ୍କ ନିକଟରେ ଲାରିସା ଲାଟେନିନାଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଥିଲା। ଫେଲିକ୍ସ ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ଅବସର ନେଇଥିଲେ। ଚଳିତ ବର୍ଷ ଆମେରିକୀୟ ସନ୍ତରଣକାରୀ କେଟି ଲେଡେକିଙ୍କ ନିକଟରେ ଏହି ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। କେଟି ଅଦ୍ୟାବଧି ୭ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସହିତ ୧୦ଟି ପଦକ ଜିତି ସାରିଲେଣି। ପ୍ୟାରିସ୍ ୨୦୨୪ରେ ସେ ଯଦି ୩ସ୍ୱର୍ଣ୍ଣ ପଦକ ଜିତନ୍ତି ତେବେ ଲାରିସାଙ୍କ ସ୍ୱର୍ଣ୍ଣ ପଦକର ରେକର୍ଡ ଭାଙ୍ଗିପାରିବେ।



ଲାରିସା ଲାଟେନିନା

ଇଫେଲ ଟାୱାର



ଆଲିସନ୍ ଫେଲିକ୍ସ (୭ ସ୍ୱର୍ଣ୍ଣ, ୩ ରୌପ୍ୟ, ୧ ବ୍ରୋଞ୍ଜ)

## ଅଲିମ୍ପିକ୍ସର ଅତୁଟ ରେକର୍ଡ

**ରେ**କର୍ଡ ସୃଷ୍ଟି ହୋଇଥାଏ ଭାଙ୍ଗିବା ପାଇଁ। ତେବେ ଏମିତି କିଛି ରେକର୍ଡ ରହିଛି ଯାହା ଭାଙ୍ଗିବା ଅସମ୍ଭବ। କ୍ରୀଡା ମହାକୁମ୍ଭ ଅଲିମ୍ପିକ୍ସ ୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି। ଏମିତି କିଛି ରେକର୍ଡ ଯାହା ଭାଙ୍ଗିବା ଅସମ୍ଭବ ବା ଅତ୍ୟନ୍ତ କଷ୍ଟକର। ତା ଉପରେ ଏକ ନଜର...

**ଉସେନ୍ ବୋଲ୍ଟଙ୍କ ଟାଇମିଂ:** ଅଲିମ୍ପିକ୍ସ ୧୦୦ ମିଟର ସ୍ପ୍ରିଣ୍ଟରେ ଉସେନ୍ ବୋଲ୍ଟଙ୍କ ନାମରେ ୯.୬୩ ସେକେଣ୍ଡର ରେକର୍ଡ ରହିଛି। କ୍ରୀଡାରେ ସବୁ ସମ୍ଭବ ତେଣୁ ହୁଏତ ବୋଲ୍ଟଙ୍କ ରେକର୍ଡ ଭାଙ୍ଗି ପାରେ। ମାତ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବୋଲ୍ଟଙ୍କ ପ୍ରତିଷ୍ଠିତ ରେକର୍ଡର କେହି ପାଖ ବି ମାଡି ପାରି ନାହାନ୍ତି। ଅଲିମ୍ପିକ୍ସର ଦ୍ୱିତୀୟ ସର୍ବଶ୍ରେଷ୍ଠ ୯.୬୯ ସେକେଣ୍ଡର ଟାଇମିଂ ମଧ୍ୟ ବୋଲ୍ଟଙ୍କ ନାମରେ ରହିଛି। ଏପରିକି ୨୦୦୯ରେ ବିଶ୍ୱ ଚାମ୍ପିୟନଶିପରେ ବୋଲ୍ଟ ୯.୫୮ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ବର୍ତ୍ତମାନର କୌଣସି ଆଥଲେଟ ବୋଲ୍ଟଙ୍କ ଟାଇମିଂର ନିକଟତର ନ ଥିବା କାରଣରୁ ଏହି ରେକର୍ଡ ଭାଙ୍ଗିବା ଅସମ୍ଭବ।

**ନାଦିଆଙ୍କ ପର୍ଫେକ୍ଟ ରୁଟିନ୍:** ରୋମାନିଆର ୫ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜିମ୍ନାଷ୍ଟ ନାଦିଆ କୋମାନେସିଙ୍କ ପର୍ଫେକ୍ଟ ୧୦ ସ୍କୋର ରେକର୍ଡ ଭାଙ୍ଗିବା ମଧ୍ୟ ଅସମ୍ଭବ। ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ନାଦିଆ ପର୍ଫେକ୍ଟ ୧୦ ସ୍କୋର କରିଥିଲେ। ୨୦୦୬ରେ ଅଲିମ୍ପିକ୍ସ ନିୟମରେ ପରିବର୍ତ୍ତନ ସହିତ କୌଣସି ଖେଳାଳି ଆଉ ପର୍ଫେକ୍ଟ ୧୦ ସ୍କୋର କରିବା ଅସମ୍ଭବ।

**ସର୍ବାଧିକ ଅଂଶଗ୍ରହଣ:** ଅଲିମ୍ପିକ୍ସରେ ସର୍ବାଧିକ ଥର ଅଂଶଗ୍ରହଣ କରିବାର ରେକର୍ଡ କାନାଡାର ଇଆନ୍ ମିଲରଙ୍କ ନାମରେ ରହିଛି। ଇକ୍ୱିଷ୍ଟ୍ରିଆନ୍ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ମିଲର ୧୯୭୨ରୁ ୨୦୧୨ ମଧ୍ୟରେ ୧୦ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲୀୟ ସେଲର ହ୍ୟୁବର୍ଟ ରାଡୁସ୍କଲ, ଲାଟଭିଆ ଶୁଟର ଆଫାନସିଜସ କୁଜମିନ୍ସ ଓ ସୋଭିଏଟ ଶୁଟର ନାନୋ ଶାଲକୁଭେଜ୍ ୮ ଥର ଲେଖାଏ ଭାଗ ନେଇଛନ୍ତି।

**କ୍ରମାଗତ ସ୍ୱର୍ଣ୍ଣ ପଦକ:** କ୍ରମାଗତ ୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସହ ଏହି ରେକର୍ଡ ନିଜ ନାମରେ ରଖିଛନ୍ତି ହଙ୍ଗେରୀଆନ ଫେନ୍ସର ଆଲାଡାର ଜେରେଭିଚ୍। ୧୯୩୨ରୁ ୧୯୬୦ ମଧ୍ୟରେ ସେ ଏହି ସଫଳତା ହାସଲ କରିଥିଲେ। ଏପରିକି ଏହା ମଧ୍ୟରେ ୨ ଥର ଅଲିମ୍ପିକ୍ସ ଗେମ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ବାତିଲ ହୋଇଥିଲା। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବ୍ରିଟିଶ ରୋୟର ସାର ଷ୍ଟିଭ୍ ରେଡଗ୍ରେଭ୍। ଷ୍ଟିଭ୍ ୧୯୮୪ ରୁ ୨୦୦ ମସିହା ମଧ୍ୟରେ କ୍ରମାଗତ ୫ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ଫେଲପ୍ସଙ୍କ ପଦକ:** ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲପ୍ସଙ୍କ ପଦକ ସଂଖ୍ୟାର ରେକର୍ଡ ଭାଙ୍ଗିବା ଅସମ୍ଭବ। ଫେଲପ୍ସ ୨୩ ସ୍ୱର୍ଣ୍ଣ ପଦକ ସହ ମୋଟ ୨୮ ପଦକ ହାସଲ କରିଛନ୍ତି। ଉଭୟ ସ୍ୱର୍ଣ୍ଣ ପଦକ ତଥା ଓଭରଅଲ ପଦକ ତାଲିକାରେ କୌଣସି ବି ଆଥଲେଟ ତାଙ୍କର ନିକଟତର ହେବା ଅସମ୍ଭବ।



ଉସେନ୍ ବୋଲ୍ଟ

**ପ୍ୟାଲେସ ଡି ଲା କନକର୍ଡ (ପ୍ୟାରିସ୍)**
**ବିଏମ୍‌ଏକ୍ସ ଫ୍ରି ଷ୍ଟାଇଲ, ସ୍କେଟ ବୋର୍ଡିଙ୍ଗ, ୩ ଏ ସାଇଡ୍ ବାସ୍କେଟବଲ୍, ବ୍ରେକିଙ୍ଗ**
**କାପାସିଟି–୩୭,୦୦୦**

**ପ୍ୟା**ଲେସ୍ ଡି ଲା କନକର୍ଡ ଏହାର ଅନନ୍ୟ ସ୍ଥାପତ୍ୟ ଶୈଳୀ କାରଣରୁ କୌଣସି ମଡର୍ନ ମାର୍ଭେଲ୍ସରୁ କମ୍ ନୁହେଁ। ଏହି ଐତିହାସିକ ସ୍ଥାନ ଅର୍ନେଟ୍ ପଥରେ ସଜ୍ଜିତ ତଥା ଏଠିକାର କୃତ୍ରିମ ଝରଣାର ସୌନ୍ଦର୍ଯ୍ୟ ବେଶ ମନଲୋଭା। ୧୮୩୦ ଶତାବ୍ଦୀରେ ଇଜିପ୍ଟରୁ ଉପହାର ଭାବରେ ଆସିଥିବା ଲକ୍ସର ଅବଲିସ୍କସ ସ୍ତମ୍ଭ ଏହାକୁ ଆଧୁନିକ ସମୟର ଅନ୍ୟତମ ଦର୍ଶନୀୟ ସ୍ଥାନରେ ପରିଣତ କରିଛି। ଫରାସୀ ବିପ୍ଳବ ସମୟରେ ରାଜା ଓ ରାଣୀଙ୍କୁ ଏଠାରେ ଫାଶୀ ଦିଆଯାଇଥିଲା। ୨୧ ଏକରର ଏହି ଅଞ୍ଚଳରେ ଫ୍ରାନ୍ସର ବାଷ୍ଟାଇଲ ଡେ ମଧ୍ୟ ପାଳନ କରାଯାଇଥାଏ।

## ଗ୍ରାଣ୍ଡ ପ୍ୟାଲେସରୁ ମଡର୍ନ ମାର୍ଭେଲ୍ସ

### ଅଲିମ୍ପିକ୍ସର ୭ ପ୍ରତିଷ୍ଠିତ ଭେନ୍ୟୁ

**ସିନ୍ ନଦୀ: ଉଦ୍‌ଘାଟନୀ ସମାରୋହ, ସୁଇମିଂ ମାରାଥନ, ଟ୍ରାଇଥଲନ**

ଅଲିମ୍ପିକ୍ସ ଇତିହାସରେ ପ୍ରଥମଥରପାଇଁ ଏଥର ପ୍ୟାରିସ ଗେମ୍ସ–୨୦୨୪ର ଉଦ୍‌ଘାଟନୀ ସମାରୋହ ଏକ ପାରମ୍ପରିକ ଷ୍ଟାଡିୟମରେ ହେବନାହିଁ। ଫ୍ରେଞ୍ଚ୍ କ୍ୟାପିଟାଲର ମଧ୍ୟଭାଗରେ ଥିବା ଆଇକନିକ୍ ସିନ ନଦୀରେ ଏହା ଅନୁଷ୍ଠିତ ହେବ। 'ଗେମ୍ସ ୱାଇଡ ଓପନ' ମୋଟୋ ନେଇ ଆୟୋଜକମାନେ ଏପରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏକାଧିକ ଛୋଟ ଜାହାଜରେ ବିଶ୍ୱର ୧୦,୫୦୦ ଆଥଲେଟ୍‌ଙ୍କୁ ନେଇ ସିନ୍ ନଦୀରେ ୩.୭ ମାଇଲ ପର୍ଯ୍ୟନ୍ତ ଉଦ୍‌ଘାଟନୀ ପରେଡ ଅନୁଷ୍ଠିତ ହେବ। ନଦୀର ଦୁଇ କୂଳରେ ଦର୍ଶକମାନେ ଅତି ନିକଟରୁ ଏହାକୁ ଉପଭୋଗ କରିପାରିବେ। ଉଦ୍‌ଘାଟନୀ ସମାରୋହ ପଥରେ ପ୍ୟାରିସର ସମୃଦ୍ଧ ସ୍ଥାପତ୍ୟ ଓ କୀର୍ତ୍ତିରାଜି ପ୍ରଦର୍ଶିତ ହେବ। ବିଭିନ୍ନ ଦେଶର ପ୍ରତିନିଧି ଦଳ ଏଇଫିଲ ଟାୱାର, ଲୌଭରେ ମ୍ୟୁଜିୟମ ଓ ନଟ୍ରେ ଡାମ କାଥେଡ୍ରାଲ୍ ପ୍ରଭୃତି ଲ୍ୟାଣ୍ଡମାର୍କକୁ ଅତିକ୍ରମ କରିବେ। ସିନ୍ ନଦୀରେ କେବଳ ଉଦ୍‌ଘାଟନୀ ଉତ୍ସବ ହେବନାହିଁ ଏଠାରେ ଓପନ–ୱାଟର ମାରାଥନ ସୁଇମର୍ସ ଏବଂ ଟ୍ରାଇଥଲେଟ୍ସଙ୍କ କଳାକୌଶଳ ଦେଖିବାକୁ ମିଳିବ।

**ଗ୍ରାଣ୍ଡ ପ୍ୟାଲେସ (ପ୍ୟାରିସ) ଫେନ୍‌ସିଂ, ଟାଏକୋଣ୍ଡୋ:କାପାସିଟି–୮୦୦୦**

ଆର୍ଟ ଗ୍ୟାଲେରୀ, କନ୍‌ସର୍ଟ ହଲ୍ ଓ ପ୍ରଦର୍ଶନୀ ସ୍ଥାନପାଇଁ ଆକର୍ଷଣରେ ରହିଥିବା ଗ୍ରାଣ୍ଡ ପ୍ୟାଲେସ ବିଶ୍ୱସ୍ତରୀୟ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନ ପାଇଁ ମଧ୍ୟ ପରିଚିତ। ୨୦୧୦ରେ ଏଠାରେ ବିଶ୍ୱ ଫେନ୍‌ସିଂ ଚାମ୍ପିୟନଶିପ୍ ଏବଂ ୨୦୧୭ରେ ଟୁର୍ ଡି ଫ୍ରାନ୍ସର କିଛି ଭାଗ ଏଠାରେ ଆୟୋଜନ ହୋଇଥିଲା। ପ୍ୟାରିସ ଅଲିମ୍ପିକ୍ସ–୨୦୨୪ର ଫେନ୍‌ସିଂ ଓ ଟାଏକୋଣ୍ଡୋ ଇଭେଣ୍ଟ ଏଠାରେ ହେବ। ଅଲିମ୍ପିକ୍ସର ଏହି ଦୁଇ ପ୍ରାଚୀନ କ୍ରୀଡ଼ା ଆୟୋଜନ ହେବାଦ୍ୱାରା ଗ୍ରାଣ୍ଡ ପ୍ୟାଲେସ ଭେନ୍ୟୁ ଅଧିକ ସମୃଦ୍ଧ ହୋଇପାରିବ।

**ଚେଟାଉ ଡି ଭର୍ସାଲେସ୍ (ପ୍ୟାରିସ୍) ଇକ୍ୱିଷ୍ଟ୍ରିଆନ, ମଡର୍ନ ପେଣ୍ଟାଥଲନ କାପାସିଟି–୧୫୦୦୦–୪୦୦୦୦**

ଐତିହାସିକ ପ୍ୟାଲେସ୍ ଅଫ୍ ଭର୍ସାଲେସ ରାଜା ଲୁଇ–୧୫ ଓ ରାଣୀ ମେରୀ ଆଣ୍ଟୋନିଏଟଙ୍କ ମହଲ ଥିଲା। ୨୦୧୪ ଏକର ପରିମିତ ଅଞ୍ଚଳ ଉପରେ ଇକ୍ୱିଷ୍ଟ୍ରିଆନ ଓ ମଡର୍ନ ପେଣ୍ଟାଥଲନ ପରି ଇଭେଣ୍ଟ ଅନୁଷ୍ଠିତ ହେବ। ୩୫୦ ବର୍ଷ ତଳେ ୧୬୮୨ରେ ଫ୍ରେଞ୍ଚ ଗାର୍ଡେନ ଆର୍କିଟେକ୍ଟଙ୍କ ଦ୍ୱାରା ନିର୍ମିତ ଡିଜାଇନ ଉପରେ ଇକ୍ୱିଷ୍ଟ୍ରିଆନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଏହାର ଗ୍ରାଣ୍ଡ କାନାଲରେ ପେଣ୍ଟାଥଲନର ଫେନ୍ସିଂ, ସୁଇମିଂ, ରାଇଡିଂ, ରନିଂ ଓ ଶୁଟିଂ ପରି ଇଭେଣ୍ଟ ଅନୁଷ୍ଠିତ ହେବ। ଏହା ସହ ଫରାସୀ ବିପ୍ଳବ ସମୟରେ ମହିଳାଙ୍କ ଆନ୍ଦୋଳନ ପାଇଁ ପ୍ରସିଦ୍ଧ ଥିବା ପଥରେ ମାରାଥନ ରେସ୍ ଅନୁଷ୍ଠିତ ହେବ।

**ଇଫେଲ ଟାୱାର ଷ୍ଟାଡିୟମ (ପ୍ୟାରିସ୍) ଫେନ୍ସିଂ, ଟାଏକୋଣ୍ଡୋ, ବିଚ୍ ଭଲିବଲ କାପାସିଟି–୮୫୦୦**


ଚାମ୍ପସ ଡି ମାର୍ସ ଗାର୍ଡେନ୍ସ ଷ୍ଟାଡିୟମଟି ଇଫେଲ ଟାୱାର ନିକଟରେ ଅବସ୍ଥିତ ଥିବାରୁ ଏକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ। ସବୁଜିମାରେ ଭର୍ତ୍ତି ଥିବା ଏହି ସ୍ଥାନକୁ ଅଲିମ୍ପିକ୍ସ ପାଇଁ ଏକ ଷ୍ଟାଡିୟମରେ ପରିଣତ କରାଯାଇଥିଲା। ୩ଟି ସ୍ପୋର୍ଟ୍ସ ଇଭେଣ୍ଟ ଏଠାରେ ଖେଳା ଯିବାକୁ ଥିବା ବେଳେ ବିଚ୍ ନିକଟରେ ହିଁ ଇଫେଲ ଟାୱାର ଥିବାରୁ ଦର୍ଶକଙ୍କ ପାଇଁ ଏହା ଅନ୍ୟତମ ଆକର୍ଷଣ ପାଲଟିବ।

**ୟେସ୍ ଡୁ ମାନୋଇର ଷ୍ଟାଡିୟମ (ପ୍ୟାରିସ୍) ଫିଲ୍ଡ ହକି: କାପାସିଟି–୧୫୦୦୦**


ଶତାଧିକ ବର୍ଷର ଇତିହାସ ରହିଥିବା ଏହି ଷ୍ଟାଡିୟମ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରୁଛି। ଠିକ୍ ଶହେ ବର୍ଷ ତଳେ ହୋଇଥିବା ପ୍ୟାରିସ୍ ଅଲିମ୍ପିକ୍ସ ଏହି ଷ୍ଟାଡିୟମରେ ହୋଇଥିଲା। ୧୯୨୪ ଗେମ୍ସରେ ଏଠାରେ ବକ୍ସିଂ ଓ ସାଇକ୍ଲିଂ ପରି ଇଭେଣ୍ଟ ହୋଇଥିବା ବେଳେ ଚଳିତ ଥର ବିଶ୍ୱର ଶ୍ରେଷ୍ଠ ହକି ଖେଳାଳି ମାନଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ୧୯୦୭ରେ ନିର୍ମିତ ହୋଇଥିବା ଷ୍ଟାଡିୟମରେ ୧୯୩୮ ମସିହାର ଫୁଟବଲ ବିଶ୍ୱକପ ଫାଇନାଲ ମଧ୍ୟ ଖେଳା ଯାଇଥିଲା।

**ଟିଆହୁପୁ ଟାହିଟି ସର୍ଫିଙ୍ଗ୍ କାପାସିଟି–୨୦୦୦**

ଅଲିମ୍ପିକ୍ସର ସମସ୍ତ ଭେନ୍ୟୁ ପ୍ୟାରିସ୍ ମଧ୍ୟରେ ରହିଥିବା ବେଳେ ଏହା ଏକମାତ୍ର ଭେନ୍ୟୁ ଯାହା ପ୍ୟାରିସ୍ ବାହାରେ ଅବସ୍ଥିତ। ଫ୍ରେଞ୍ଚ ପଲିନେସିଆନ୍ ଦ୍ୱୀପରେ ପ୍ରଶାନ୍ତ ମହାସାଗର ଉପକୂଳରେ ଏହି ସହର ଅବସ୍ଥିତ। ଏଠିକାର ପ୍ରକୃତି ସବୁଜିମାରେ ପରିପୂର୍ଣ୍ଣ। ପ୍ୟାରିସ୍‌ରୁ ଏହା ୯୮୦୦ ମାଇଲ୍ ଦୂରରେ ଥିବା ବେଳେ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସର ଏହା ସବୁଠାରୁ ଦୂରରେ ଥିବା ଭେନ୍ୟୁର ରେକର୍ଡ କରିଛି। ସର୍ଫିଙ୍ଗ୍ ଅଲିମ୍ପିକ୍ସରେ ପଦାର୍ପଣ କରୁଥିବା ବେଳେ ଟିଆହୁପୁ ଏହାକୁ ଆୟୋଜନ କରିବାକୁ ଯାଉଛି।



ସିନ ନଦୀ



## ହିନ୍ଦୋଳରେ ଗୁଳିକରି ହତ୍ୟା ମାମଲାର ପର୍ଦ୍ଦାଫାଶ

# ବ୍ୟାଗ୍‌ରେ ଟଙ୍କା ଭର୍ତ୍ତି ଥିବା ଭାବି କରିଥିଲେ ଗୁଳିମାଡ଼



ଢେଙ୍କାନାଳ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ହିନ୍ଦୋଳ ଠାରେ ଖବରଦାତା ସମ୍ମିଳନୀରେ ଘଟଣାର ପର୍ଦ୍ଦାଫାଶ କରୁଛନ୍ତି।

ଢେଙ୍କାନାଳ,୨୪।୭(ରତନ ନାୟାର)/ ସାତମାଇଲ (ସୁଶାନ୍ତ ପତି)/ ରାସୋଳ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ନୂଆବଗ ଗ୍ରାମ ଶନିମନ୍ଦିର ଠାରେ ଗତ ୨୨ ତାରିଖରେ ଗୁଳିକରି ବାଲିମୀ ଥାନା ମାହାଲୁଣ୍ଡା ଗ୍ରାମର ସୁବାସ ସାହୁ(୨୪)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତ ପଞ୍ଜାବ ରାଜ୍ୟ ସିଙ୍ଗୁର ଜିଲା ଲଙ୍ଗୁଆଲ ଥାନା ଅଞ୍ଚଳର ରିଙ୍କୁ ଖାନ(୨୫) ଓ ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ସୋମ୍ ସୋହେଲ ପ୍ରଧାନ(୧୯)ଙ୍କୁ ଗିରଫ କରିଥିବା ବେଳେ ବୁଧବାର ରହସ୍ୟ ଉପରୁ ପରଦା ହଟାଇଛି। ସୁବାସ ଧରିଥିବା ବ୍ୟାଗରେ ଟଙ୍କା ଭର୍ତ୍ତି ଥିବା ଭାବି ଓ ଏହାକୁ ଲୁଟିବାକୁ ୨ ଅଭିଯୁକ୍ତ ଗୁଳିମାଡ଼ କରିଥିବା ହିନ୍ଦୋଳ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ୍ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ସୁବାସ ତାଙ୍କ ବାଇକ୍ (ନଂ. ଓଡି.୦୬-ଏନ୍-୩୮୨୫)ରେ ରାସୋଳରୁ ହିନ୍ଦୋଳ ଆଡକୁ ଆସୁଥିଲେ। ସେ ଧରିଥିବା ବ୍ୟାଗରେ କିଛି କାଗଜପତ୍ର ଥିଲା। ନୂଆବଗଠାରେ ରାସ୍ତାରେ ହଠାତ୍ ଦୁଇ ଅଭିଯୁକ୍ତ ରିଙ୍କୁ ଓ ସୋମ୍ ସୋହେଲ ଏକ ନମ୍ବର ବିହୀନ କଳା ରଙ୍ଗର ବାଇକ୍‌ରେ ଆସି ସୁବାସଙ୍କୁ ଅଟକାଇଥିଲେ। ସୁବାସ ଧରିଥିବା ବ୍ୟାଗରେ ଟଙ୍କା ଭର୍ତ୍ତି ହୋଇଥିବା ଭାବି ତାହାକୁ ଛଡ଼ାଇଥିଲେ। ସୁବାସ ବ୍ୟାଗ ନ ଦେବାରୁ ଅଭିଯୁକ୍ତମାନେ ତାଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ରିଙ୍କୁ ଅନୁଗୋଳ ଅଞ୍ଚଳରେ ରହୁଥିଲେ। ରିଙ୍କୁଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ଓ ସୋମ ସୋହେଲଙ୍କ ଠାରୁ ଟାଙ୍ଗିଆ ଜବତ କରାଯାଇଛି। ସେମାନେ ବ୍ୟବହାର କରିଥିବା ବାଇକ ସହ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ରିଙ୍କୁଙ୍କ ନାମରେ ମୋଟଙ୍ଗା ଥାନାରେ ୩ଟି, ରାସୋଳ ଓ କଣ୍ଟାବଣିଆ ଥାନାରେ ଗୋଟିଏ ଲେଖାଏ, ଅନୁଗୋଳ ଥାନାରେ ୨ଟି, ବଁଅରପାଳ ଥାନାରେ ୨ଟି, ଜରପଡା ଥାନାରେ ଗୋଟିଏ ଓ ନାଲ୍‌କୋ ଥାନାରେ ଗୋଟିଏକୁ ମିଶାଇ ମୋଟ ୧୧ଟି ମାମଲା ରହିଛି। ଏହି ଘଟଣାରେ କେଉଁମାନେ ମାଷ୍ଟର ମାଇଣ୍ଡ୍ ଏବଂ ଗିରଫ ଅଭିଯୁକ୍ତମାନେ କେଉଁ ଗ୍ୟାଙ୍ଗର ସେ ନେଇ ତଦନ୍ତ ଜାରି ରହିଛି। ସନ୍ଦେହରେ ଥିବା ଅନ୍ୟଜଣେ ଅଭିଯୁକ୍ତ ଗୁଡୁ ଓରଫ୍ ସୁଦର୍ଶନ ନାଏକ ଓରଫ୍ ନାହାକଙ୍କୁ ପଚରାଉଚରା ଜାରି ରହିଛି। ସୁଦର୍ଶନଙ୍କ ନାମରେ ୭ଟି ଆପରାଧିକ ମାମଲା ରହିଛି। ଢେଙ୍କାନାଳରୁ ଭାପୁର, ରାସୋଳ, ସାତମାଇଲ ଓ ମହୀଧରପୁର ଦେଇ ଅନୁଗୋଳ ଯାଇଥିବା ରାସ୍ତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିବା ପାଇଁ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରାଧୀମାନଙ୍କୁ ଧରିବା ପାଇଁ ହିନ୍ଦୋଳ ଏସ୍‌ଡିପିଓ ଦୀପକ ଜେନା, କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ହିନ୍ଦୋଳ ଥାନା ଅଧିକାରୀ ଚାରୁଲତା ବେହେରା ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା ବୋଲି ଏସ୍‌ପି ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଜେନା, ରାସୋଳ ଥାନା ଅଧିକାରୀ ବିଧୁ ଭୂଷଣ ମିଶ୍ର, ହିନ୍ଦୋଳ ଥାନା ଅଧିକାରୀ ଓ ରାସୋଳ ଥାନା ଏସ୍‌ଆଇ ପ୍ରତାପ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ହିନ୍ଦୋଳ ଥାନାରେ ନଂ-୧୯୬/୨୪ରେ ମାମଲା ରୁଜୁ କରାଯାଇଛି।

## କଠୋର ଦଣ୍ଡ ଦାବି କଲେ ବିଧାୟିକା

ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୃତ ସୁବାସଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାରେ ସମ୍ପୃକ୍ତ ପ୍ରକୃତ ଦୋଷୀମାନଙ୍କୁ କାଠଗଡାକୁ ନେଇ କଠୋର ଦଣ୍ଡ ଦେବା ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକାଙ୍କ ଏହି ଗସ୍ତ ଅବସରରେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି ମନୋଜ ପଟ୍ଟନାୟକ, ଅଶୋକ ରାଉତ, ସନ୍ତୋଷ ବେହେରା, ଭାଜପା ନେତା ଲଳିତ ସାହୁ, ସୁଜିତ ବାରିକ, ଦୁଷ୍ମନ୍ତ ନାଏକ, ରେବିନ ବାରିକ, ଦୀପକ ବିଶ୍ୱାଳ, ନିରାକାର ପ୍ରଧାନ, ସୁନିତା ନାଥ, ଆଲୋକ ସାହୁ, ଦୁଃଖବନ୍ଧୁ ପ୍ରଧାନ, ପ୍ରଭାସ ଖୁଣ୍ଟିଆ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।



# ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କଲେ ପୌରାଧ୍ୟକ୍ଷା

ଢେଙ୍କାନାଳ,୨୪।୭(ରତନ ନାୟାର)

ଢେଙ୍କାନାଳ ସହରର ୩ନଂ ୱାର୍ଡ କୁଞ୍ଜକାନ୍ତ ଲଳିତନଗର ଅଞ୍ଚଳବାସୀ ଲଗାଣ ବର୍ଷା ଯୋଗୁ ପ୍ରାୟ ୩ଦିନ ଧରି ଜଳବନ୍ଦୀ ହୋଇ ରହିଥିଲେ। ଅଳିଆ ଆବର୍ଜନା, ନାଳ ପାଣି ଆଣ୍ଠୁଏ ଉଚ୍ଚତାରେ ଚାଲିବା ସହିତ ଘର ଗୁଡିକରେ ମଧ୍ୟ ପ୍ରବେଶ କରିଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବୁଧବାର ମଧ୍ୟାହ୍ନରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଲଳିତନଗର ଅଞ୍ଚଳକୁ ଯାଇ ଜଳବନ୍ଦୀ ସ୍ଥିତି ବୁଲି ଦେଖିବା ସହିତ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ତାଙ୍କ ସହିତ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରିଆ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା, ଭାଜପା ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ଲଳିତନଗର ଅଞ୍ଚଳ ବୁଲି ଦେଖିଥିଲେ। ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି, ଦୁଇଦିନ ଧରି ଉକ୍ତ ଅଞ୍ଚଳ ବୁଲି ଦେଖିଥିଲି। ଯେଉଁ ନୂତନ ଡ୍ରେନ୍ ତିଆରି ହେଉଛି, ସେଥିରେ ହୋମ୍ ପାଇପ୍ ବସାଇ ଦେବାରୁ କିଛି ଜଳ ନିଷ୍କାସିତ ହୋଇଥିଲା। ବର୍ଷା ସରିଗଲେ ଉକ୍ତ ଡ୍ରେନ୍‌କୁ ଭଲ ଭାବରେ ନିର୍ମାଣ କରି ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ। ସେହିପରି ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରିଆ କହିଛନ୍ତି, ଉକ୍ତ ଅଞ୍ଚଳରେ ଜମିଥିବା ପାଣି କିଛି ଜାଗାରୁ ନିଷ୍କାସିତ ହୋଇଯାଇଛି। ଆଉ ଯେଉଁଠି ଅଛି, ମୋଟର ଲଗାଇ ନିଷ୍କାସିତ କରାଯିବ। ବର୍ଷା ସରିଲେ ଡ୍ରେନ କାମକୁ ଭଲ ଭାବରେ କରିବାକୁ ପଦକ୍ଷେପ ନିଆଯିବ।



ପୌରାଧ୍ୟକ୍ଷା ଓ ପୌରଯନ୍ତ୍ରୀ ଲଳିତନଗର ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ବର୍ଷାରେ ଭାଙ୍ଗିଲା ରାଜପଥରେ ଥିବା ପୋଲ

ପରଜଙ୍ଗ,୨୪।୭(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା କାମାକ୍ଷାନଗରରୁ ପରଜଙ୍ଗ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ବଡ଼ଝରା ନିକଟରେ ଥିବା ପୋଲ ପ୍ରବଳ ବର୍ଷା ଫଳରେ ଭାଙ୍ଗିଯାଇଛି। ପୋଲର ଅନେକାଂଶ ବର୍ଷାରେ ଧୋଇ ହୋଇଯାଇଥିଲା ବେଳେ ଖୁଣ୍ଟିଗୁଡିକ ଉପୁଡି ଯାଇଛି। ଫଳରେ ଏହି ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଗାଡିଗୁଡିକ ଯାତାୟାତ କରୁଛନ୍ତି। ଗତକାଲି ଠାରୁ ହୋଇଥିବା ଲଗାଣ ବର୍ଷା ଫଳରେ ନାଳରେ ପ୍ରବଳ ପାଣି ଆସି ପୋଲ ଉପରେ ୨ ଫୁଟ ଉଚ୍ଚରେ ଚାଲିବା ସହ ଭାଙ୍ଗି ଦେଇଛି। ପୋଲ ନିକଟରେ ଥିବା ଏକ ଘରୋଇ ଟେଲିକମ ବିଭାଗର କେବୁଲ ମଧ୍ୟ ନଷ୍ଟ ହୋଇଯାଇଛି। ପୋଲ ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ଟେଲିକମ ସଂସ୍ଥାର କର୍ମଚାରୀମାନେ କେବୁଲ ସଜାଡ଼ିବା ଉଦ୍ୟମ ଆରମ୍ଭ କରିଛନ୍ତି।

# ମା'ମାନେ ଶିଶୁଙ୍କୁ ଭଲ ସଂସ୍କାର ଦିଅନ୍ତୁ

ବଇଣ୍ଡା,୨୪।୭ (ପରିକ୍ଷିତ ସାହୁ)

ମା' ଠାରୁ ଶିଶୁ କଥା କହିବା ଶିଖିଥାଏ। ତେଣୁ ମା'ମାନେ ଅଧିକ ଯତ୍ନବାନ ହୋଇ ଶିଶୁଙ୍କୁ ଭଲ ସଂସ୍କାର ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଶିଶୁ ବାଟିକାର ମାତୃ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ ଯୋଗଦେଇ ଏହି ଉପସ୍ଥିତ ମା'ମାନଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷୟିତ୍ରୀ ମାମୁଲି ସାହୁ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଯୋଗ ଦେଇଥିଲେ। ଏଥିରେ ୫୦ ମା' ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇତିଶ୍ରୀ ସାହୁ, ମିନାକ୍ଷୀ ପ୍ରଧାନ, ସୁମତି ରାଣୀ ପ୍ରଧାନ ସହଯୋଗ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଆଠମଲ୍ଲିକ,୨୪।୭ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଧପୁର ମଣ୍ଡଳ ଭାଜପା କର୍ମକର୍ତ୍ତାଙ୍କ ଦ୍ୱାରା ଶୈବପୀଠ ଦେଉଳଝରି ପରିସରରେ ସଭାପତି ବିଜୟା ନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ଜିଲା ଉପ ସଭାପତି ଚିତ୍ତ ମେହେର, ନଗର ଭାଜପା ସଭାପତି ଅବନୀ କୁମାର ପ୍ରଧାନ, ବରିଷ୍ଠ ନେତା ଡ. ଅଲେଖ ପ୍ରଧାନ, ସତ୍ୟବ୍ରତ ସାହୁ, ସୁଶାନ୍ତ ହୋତା, ଅଜିତ ପ୍ରଧାନ, ସିଦ୍ଧେଶ୍ୱର ସାହୁ, ସରପଞ୍ଚ ଭରତ ସାହୁ, ପ୍ରଭାକର ପ୍ରଧାନ, ପ୍ରକାଶ ଡାଙ୍ଗ, ସୁବ୍ରତ ପ୍ରଧାନ, ରମେଶ ଗୋପାଳ, ରାଜା ପରେଶ ଦେଓ, ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତାମାନେ।

# ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

ବଇଣ୍ଡା,୨୪।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ଏକ ଗୋଚର ଜମିକୁ ଜବରଦଖଲ କରାଯାଇ ଖୋଲା କୂଅ ଓ କୁକୁଡ଼ା ଫାର୍ମ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପାପସରା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଗ୍ରାମରେ ଥିବା ଗୋଚର ଜମି ଓ ସରକାରୀ ଜମିକୁ ଦଖଲ କରି ଘର ନିର୍ମାଣ କରାଯାଇଛି। ଏପରିକି ଏକ ବାଟକୁ ଲୁହା ପାଇପ୍ ଦେଇ ଦଖଲ କରାଯାଇଛି। ଏ ନେଇ ଅଞ୍ଚଳବାସୀ ବିରୋଧ କଲେ ମଧ୍ୟ ରାଜନୈତିକ ଚାପ ପକାଇ ଏଭଳି କାର୍ଯ୍ୟ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

# ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ, ରକ୍ତଦାନ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣିହାଁ,୨୪।୭(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଦୀପ୍ତରଙ୍ଗ କ୍ଲବ ଠାରେ ମଙ୍ଗଳବାର ବିଦ୍ୟୁତ୍ କର୍ମଚାରୀ ସଂଘ ସହବନ୍ଧିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ଜିଏମ୍ ଓଆଣ୍ଡଏମ୍ ସତ୍ୟ ରାମକୃଷ୍ଣ, ଏ.ଜେ. ରାଜକୁମାର, ହେଡ୍ ଅଫ ଏଚ୍‌ଆର୍ ନବନିତ କୁମାର, ମୁଖ୍ୟବକ୍ତା ଭାବେ ବିଏମ୍‌ଏସ୍ ରାଜ୍ୟ ଅଧ୍ୟକ୍ଷ ବାଦଲ କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ବିଏମ୍‌ଏସ୍ ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ପାଢ଼ୀ, କଣିହାଁ ତହସିଲଦାର ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ୍ କର୍ମଚାରୀ ସଂଘ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏନ୍‌ଟିପିସି ମଜଦୁର ମହାସଂଘ ସାଧାରଣ ସମ୍ପାଦକ ତଥା ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ବୀରେନ୍ଦ୍ର କୁମାର କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ତାଳଚେର ରକ୍ତଭଣ୍ଡାର ପକ୍ଷରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି ସମେତ ବ୍ଲକ ଅଞ୍ଚଳରେ ଥିବା ଏମ୍‌ସିଏଲ୍, ଜେଆଇଟିପିଏଲ୍ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ କର୍ମଚାରୀଙ୍କ ସହିତ ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସପାଲଙ୍କ ସହିତ ଅନ୍ୟ ନିମନ୍ତ୍ରିତ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ସାହୁ, ଦୟାନିଧି ଗଡ଼ନାୟକ, ପଞ୍ଚାନନ ସାହୁ, ସରୋଜ ସାହୁ, ଦଶରଥ ସାହୁ, ପ୍ରଶାନ୍ତ ବେହେରା, ହୃଦାନନ୍ଦ ସାହୁ, ବିନୋଦ ସାହୁ, ମଦନ ସାହୁ, ସନାତନ ସାହୁ, ଯଦୁମଣି ସାହୁ, ରମାକାନ୍ତି ପ୍ରଧାନ, ଦୀପ୍ତିମୟୀ ସାହୁ, ଅଶାନ୍ତି ରାଉଳଙ୍କ ସମେତ ବିଦ୍ୟୁତ୍ କର୍ମଚାରୀ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଲୋକଙ୍କ ରେଳ ଆକାଂକ୍ଷା ଓ ଅପେକ୍ଷା ପୂରଣ ହେବ: କାଳନ୍ଦୀ

ତାଳଚେର, ୨୪।୭ (ମନୋଜ ନନ୍ଦ)

ମୋଦି ସରକାର ସର୍ବଦା ଅନୁଗୋଳ ଓ ତାଳଚେର ସମେତ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ ଦେବା ଉପରେ ଗୁରୁ ଦେଇ ଆସିଛନ୍ତି ବୋଲି ରାଜ୍ୟ ଭାଜପାର ବରିଷ୍ଠ ନେତା ତଥା ଏନଏସଆଇସିର ସ୍ୱାଧୀନ ନିର୍ଦ୍ଦେଶକ କାଳନ୍ଦୀ ସାମଲ କହିଛନ୍ତି। ଏକ ପ୍ରେସ୍ ବିବୃତିରେ କାଳନ୍ଦୀ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶାରେ ରେଳର ବିକାଶ ପାଇଁ ଚଳିତ ଆର୍ଥିକ ବଜେଟରେ ରେକର୍ଡ ସଂଖ୍ୟକ ୧୦,୫୮୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଏହା ସ୍ୱାଗତ ଯୋଗ୍ୟ । ଏହାଦ୍ୱାରା ତାଳଚେର ସମେତ ଓଡ଼ିଶାବାସୀଙ୍କ ରେଳ ଅପେକ୍ଷା ଓ ଆକାଂକ୍ଷା ପୂରଣ ହୋଇପାରିବ। ଓଡ଼ିଶାକୁ ନିରନ୍ତର ରେକର୍ଡସଂଖ୍ୟକ ରେଳ ବଜେଟ ଅନୁଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଂଗ୍ରେସ ସରକାର ତୁଳନାରେ ଓଡ଼ିଶାର ରେଳ ବଜେଟରେ ହାରାହାରି ପ୍ରାୟ ୧୨ ଗୁଣା ବୃଦ୍ଧି ହୋଇଛି। ମୋଦି ସରକାରରେ ଓଡ଼ିଶାରେ ରେଳ ଲାଇନ ଶତପ୍ରତିଶତ ବିଦ୍ୟୁତୀକରଣ ହୋଇଛି। ୫୪ ହଜାର ୪୩୪ କୋଟି ଟଙ୍କା ବ୍ୟୟରେ ୪୦ଟି ପ୍ରକଳ୍ପର କାମ ଚାଲୁ ରହିଛି। ଅନୁଗୋଳ, ତାଳଚେର, ତାଳଚେର ରୋଡ ଓ ଢେଙ୍କାନାଳ ଜିଲା ସମେତ ରାଜ୍ୟର ୫୯ଟି ରେଳ ଷ୍ଟେଶନକୁ 'ଅମୃତ ଷ୍ଟେଶନ' ଭାବରେ ବିକଶିତ କରାଯାଉଛି। ଏହା ମୋଦି ସରକାରଙ୍କ ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତାର ପରିଚୟ। ଏହାଦ୍ୱାରା ତାଳଚେର ରେଳ ଗମନାଗମନରେ ଏକ ପ୍ରମୁଖ ସ୍ଥଳ ହେବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ। ବାଣିଜ୍ୟ ପରିବହନ ଓ ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଗତି ମିଳିବ ବୋଲି ସାମଲ କହିଛନ୍ତି।

# ସାହିତ୍ୟିକ ଦୈତାରୀ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୨୪।୭(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦର ପୂର୍ବତନ କୋଷାଧ୍ୟକ୍ଷ ତଥା ସୁସାହିତ୍ୟିକ ଦୈତାରୀ ବିଶ୍ୱାଳ (୯୬)ଙ୍କ ପରଲୋକରେ ବୁଧବାର ସଂସଦର କାର୍ଯ୍ୟାଳୟ ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ଆୟୋଜିତ ଶୋକସଭାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ହିନ୍ଦୋଳ ବ୍ଲକ ବୁହାଲିପାଳଠାରେ ଥିବା ବାସଭବନରେ ବିଶ୍ୱାଳଙ୍କ ପରଲୋକ ହୋଇଯାଇଥିଲା। ସେ ମୁଖ୍ୟ ଡାକପାଳ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିବା ପରେ ସାହିତ୍ୟ ସାଧନରେ ବ୍ରତୀ ଥିଲେ। ସେ ଜଣେ ନିଷ୍ଠାବାନ ସୁସାହିତ୍ୟିକ ଓ କବି ଭାବେ ପରିଚିତ ଥିଲେ। ସନ୍ଧ୍ୟାତାରା ସାହିତ୍ୟ ସଂସଦ ଓ ଜିଲା ଲେଖକ ସଂସଦ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ଶୋକ ସଭାରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଲୋକକଳା ପରିଷଦ ଉପସଭାପତି ଅବନୀ ମିଶ୍ର ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ପୂର୍ବତନ ସଭାପତି ଆର୍ଯ୍ୟରତ୍ନ ଚକ୍ରଧର ସାହୁ, ପରିଚାଳନା ସମ୍ପାଦକ ଅଞ୍ଜନ କୁମାର ସାହୁ, ପଣ୍ଡିତ ବିପିନ ବିହାରୀ ଶତପଥୀ, ଗୁରୁ ଗଣେଶ ମିଶ୍ର, ପ୍ରହଲାଦ ତ୍ରିପାଠୀ, ବିଦ୍ୟାଧର ବାରିକ, ରବି ନାରାୟଣ ପଟ୍ଟନାୟକ, ତରୁଣ କୁମାର ବିଶ୍ୱାଳ ଓ ଜୟନ୍ତ ନାଥ ପ୍ରମୁଖ ସଦସ୍ୟମାନେ ତାଙ୍କର ସ୍ମୃତିଚାରଣ କରିଥିଲେ।



ସାହିତ୍ୟିକ ଦୈତାରୀ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଇସ୍ରୋ ମହାକାଶ ପ୍ରୟୋଗ କେନ୍ଦ୍ର ପରିଦର୍ଶନ କଲେ ଆଶୁତୋଷ, ରଣେଶ

ଢେଙ୍କାନାଳ,୨୪।୭(ରତନ ନାୟାର)

ଢେଙ୍କାନାଳ ଜିଏମ୍‌ଆର୍ ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲର ଆଶୁତୋଷ ଆଚାର୍ଯ୍ୟ ଓ ଅନୁଗୋଳ ଜିଲା ତାଳଚେର ଏମ୍‌ସିଏଲ୍ କଳିଙ୍ଗ ଅଞ୍ଚଳର ଡିଏଭି ପବ୍ଲିକ ସ୍କୁଲର ରଣେଶ ସ୍ୱାଇଁ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ(ୟାଟ୍‌ସ) କାର୍ଯ୍ୟକ୍ରମ ୨୦୨୩ରେ ଶ୍ରେଷ୍ଠ ୨୦ ବିଜେତାଙ୍କ ମଧ୍ୟରେ ମନୋନୀତ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ଅହମ୍ମଦାବାଦସ୍ଥିତ ମହାକାଶ ପ୍ରୟୋଗ କେନ୍ଦ୍ର ପରିଦର୍ଶନ କରିଛନ୍ତି। ୟାଟ୍‌ସର ପ୍ରାରମ୍ଭିକ ପର୍ଯ୍ୟାୟରେ ଢେଙ୍କାନାଳ ଜିଲାରୁ ୧୯୦୬ ଓ ଅନୁଗୋଳ ଜିଲାରୁ ୩୩୭୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଅନୁଷ୍ଠିତ ଫାଇନାଲ ଚୟନ ପର୍ଯ୍ୟାୟରେ ଉଭୟ ଛାତ୍ର ଓଡ଼ିଶାର ୬୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଏଥିରେ ଢେଙ୍କାନାଳ ଜିଲାର ବିଭୁଦତ୍ତ ଆଚାର୍ଯ୍ୟ ଓ ରାଜଶ୍ରୀ ହୋତାଙ୍କ ପୁଅ ଆଶୁତୋଷ ଖୁସିବ୍ୟକ୍ତ କରି କହିଛନ୍ତି, ଇସ୍ରୋର ମିଶନ ଓ ଇଞ୍ଜିନିୟରିଂ ପ୍ରତି ମୋର ଆଗ୍ରହ ଯୋଗୁ ୟାଟ୍‌ସରେ ଯୋଗ ଦେଇଥିଲି। ଇସ୍ରୋ ପାଇଁ ଇଲେକ୍ଟ୍ରୋନିକ୍ ଉପାଦାନ ବିକଶିତ କରିବାକୁ ଚାହୁଁଛି। ବିଶିଷ୍ଟ ବୈଜ୍ଞାନିକମାନଙ୍କ ସହ ସାକ୍ଷାତ ଏବଂ ଇସ୍ରୋ ଅନୁଷ୍ଠାନ ପରିଦର୍ଶନ ଏକ ଅବିସ୍ମରଣୀୟ ଅନୁଭୂତି ଥିଲା। ଅନୁଗୋଳ ଜିଲାର ସଞ୍ଜୟ କୁମାର ସ୍ୱାଇଁ ଓ ରାଜଲକ୍ଷ୍ମୀ ଜେନାଙ୍କ ପୁଅ ରଣେଶ ସ୍ୱାଇଁ କହିଛନ୍ତି, ଜଣେ ଶିକ୍ଷକ ଟାଟା ଷ୍ଟିଲ ୟାଟ୍‌ସ ବିଷୟରେ ଅବଗତ କରାଇଥିଲେ। ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହ ହେତୁ ଏଥିରେ ଅଂଶଗ୍ରହଣ କରିଥିଲି। ଏରୋନଟିକାଲ ଇଞ୍ଜିନିୟରିଂ ଓ ଗବେଷଣା କରିବାକୁ ଯୋଜନା କରୁଛି। ଏହି ପରିଦର୍ଶନ ଏକ ସ୍ୱପ୍ନ ସାକାର ହେଲାଭଳି ଥିଲା। ଏହି ସୁଯୋଗ ପାଇଁ ଟାଟା ଷ୍ଟିଲ ନିକଟରେ କୃତଜ୍ଞ। ୟାଟ୍‌ସର ୧୭ତମ ସଂସ୍କରଣରେ ୮୦ ହଜାର ଛାତ୍ରୀଛାତ୍ର ଚନ୍ଦ୍ର ଆଧାରେ-ମହାକାଶ ପାଇଁ ଭବିଷ୍ୟତ ଲଞ୍ଚପ୍ୟାଡ୍ ଶୀର୍ଷକରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୨୦ ବିଜେତା ଅହମ୍ମଦାବାଦ ଇସ୍ରୋ ବ୍ୟବସ୍ଥା ପରିଦର୍ଶନ କରି ମହାକାଶ ବିଜ୍ଞାନରେ ପ୍ରାଥମିକ ଅଭିଜ୍ଞତା ହାସଲ କରିଥିଲେ। ୨୦୦୭ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ ୟାଟ୍‌ସ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଷୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଆସୁଛି। ପଠାଣି ସାମନ୍ତ ପରମ୍ପରାକୁ ସମ୍ମାନ ଜଣାଉଛି। ଗତ ୧୭ବର୍ଷ ମଧ୍ୟରେ ୟାଟ୍‌ସ ରାଜ୍ୟର ସାଢେ ୩ଲକ୍ଷରୁ ଅଧିକ ଯୁବ ବିଜ୍ଞାନ ପ୍ରେମୀଙ୍କୁ ଆକର୍ଷିତ କରିଛି। ୧୭ତମ ସଂସ୍କରଣର ଛାତ୍ରୀଛାତ୍ରଙ୍କ ସମେତ ୨୦୦ ଜଣ ଛାତ୍ରୀଛାତ୍ର ଏ ପର୍ଯ୍ୟନ୍ତ ଇସ୍ରୋର ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।



ଆଶୁତୋଷ ଆଚାର୍ଯ୍ୟ।




ରଣେଶ ସ୍ୱାଇଁ।

# କମ୍ପାନୀ ସମ୍ମୁଖରେ ବିକାଶ ପରିଷଦର ଧାରଣା

**ବଅଁରପାଳ,୨୪।୭ (ସୁବାସ ସାହୁ)**



ବିକାଶ ପରିଷଦ ପକ୍ଷରୁ ଧାରଣା ଦିଆଯାଇଛି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକସ୍ଥିତ ଆଲୁମିନିୟମ ପାର୍କରେ ଏକ ଘରୋଇ କମ୍ପାନୀ କାରଖାନା ନିର୍ମାଣ କରୁଥିବା ବେଳେ ଏହାର ମନମୁଖି କାର୍ଯ୍ୟକୁ ବିରୋଧ କରି ତୁଳସୀପାଳ, ଲେଙ୍ଗୁଲିଆବେଡ଼ା ବିକାଶ ପରିଷଦ ପକ୍ଷରୁ ବୁଧବାର ଧାରଣା ଦିଆଯାଇଛି।

ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି, ତୁଳସୀପାଳ, ଲେଙ୍ଗୁଲିଆବେଡା, ଗାଡରଖାଇ ଓ ବନ୍ଧା ଗ୍ରାମର ଜମିରେ ଆଲୁମିନିୟମ ପାର୍କ ନିର୍ମାଣ କରାଯାଇଛି। ଏହି ପାର୍କ ପାଇଁ ଜମି ଦେଇଥିବା ପ୍ରଜାମାନଙ୍କୁ ନେଇ ତୁଳସୀପାଳ, ଲେଙ୍ଗୁଲିଆବେଡା ବିକାଶ ପରିଷଦ ଗଠନ କରାଯାଇ ଆସିବାକୁ ଥିବା କମ୍ପାନୀଗୁଡ଼ିକରେ ଯାହା କାମ ହେବ ସମସ୍ତେ ମିଳିମିଶି କରିବା ପାଇଁ ପୂର୍ବରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ବୁଝାମଣା ହୋଇଥିଲା। ହେଲେ ଏହି ପାର୍କରେ କାରଖାନା ନିର୍ମାଣ କରୁଥିବା ଏକ ଘରୋଇ କମ୍ପାନୀ ନିଜ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଜାରି ରଖିଛି। କମ୍ପାନୀର ଏପରି ମନମୁଖି କାର୍ଯ୍ୟ ବିରୋଧରେ ପୂର୍ବରୁ ବିକାଶ ପରିଷଦ ପକ୍ଷରୁ ତହସିଲଦାର ଓ ଅନୁଗୋଳ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଉପଜିଲାପାଳଙ୍କ ଆହ୍ୱାନ କ୍ରମେ ଗତ ୨୧ ତାରିଖରେ ଏକ ବୈଠକ ଡକାଯାଇଥିଲା। କିନ୍ତୁ ଉକ୍ତ କମ୍ପାନୀ ତରଫରୁ କେହି ବୈଠକରେ ଯୋଗ ଦେଇ ନ ଥିଲେ। ସେହିପରି ତହସିଲଦାର ଏକ ବୈଠକ ଡାକିଥିଲେ ମଧ୍ୟ କମ୍ପାନୀର କୌଣସି ଅଧିକାରୀ ଯାଇ ନ ଥିଲେ। ଗତମାସ ୨୫ ତାରିଖରେ ଅନୁଗୋଳ ବିଧାୟକ ବୈଠକ ଡାକିଥିଲେ ମଧ୍ୟ ଉକ୍ତ କମ୍ପାନୀ ପକ୍ଷରୁ କେହି ଯୋଗ ଦେଇ ନ ଥିଲେ। କମ୍ପାନୀର ଏପରି ମନମୁଖି କାର୍ଯ୍ୟ ପ୍ରତିବାଦରେ ବିକାଶ ପରିଷଦ ପକ୍ଷରୁ ଗୌର ଚରଣ ସାହୁ, ଅଜୟ କୁମାର ସାହୁ, ପତିତପାବନ ବିଶ୍ୱାଳ, ଜ୍ୟୋତିର୍ମୟ ଦେହୁରୀ, ଧୀରେନ ପୃଷ୍ଟି, ରାଜେଶ ସାହୁ, ଅଖିଳ ସାହୁ, ପ୍ରଶାନ୍ତ କୁମାର ବିଶ୍ୱାଳ, ନିରଞ୍ଜନ ସାହୁ ଓ ଭ୍ରମରବର ସାହୁ ପ୍ରମୁଖ କମ୍ପାନୀ ସମ୍ମୁଖରେ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ବଅଁରପାଳ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ କହିଛନ୍ତି, ବିକାଶ ପରିଷଦ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇଛି। ଘଟଣାସ୍ଥଳରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ ପାଳନ

**ଅନୁଗୋଳ,୨୪।୭(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲାର ୧୫୩୭ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୨ ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ ହେଉଛି। ୨୨ ତାରିଖରେ ଶିକ୍ଷଣ ସାମଗ୍ରୀ ତିଆରି ଓ ତାର ଉପଯୋଗିତା, ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଗୁରୁତ୍ୱ, ତୃତୀୟ ଦିବସରେ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଜଣାଇବା ସହିତ ପ୍ରାରମ୍ଭିକସ୍ତରରୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା, ଚତୁର୍ଥ ଦିବସକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦିବସ, ପଞ୍ଚମ ଦିବସକୁ ଦକ୍ଷତା ଓ ଡିଜିଟାଲ ଦିବସ, ଷଷ୍ଠ ଦିବସକୁ ଇକୋ କ୍ଲବ ଓ ଆମ ଜୀବନ ଶୈଳୀ ସହିତ ପରିବେଶର ସୁରକ୍ଷା, ସପ୍ତମ ଦିବସକୁ ଗୋଷ୍ଠୀ ସମୃଦ୍ଧି ତଥା ପୋଷଣ ଦିବସ ଭାବେ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ବୁଧବାର ଜିଲାର ସମସ୍ତ ବିଦ୍ୟାଳୟରେ ପାରମ୍ପରିକ ତଥା ସ୍ଥାନୀୟ କ୍ରୀଡ଼ାଗୁଡିକ ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ମାନସିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ଅବେଗିକ କ୍ଷେତ୍ରରେ ବିକାଶ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ବିଜ୍ଞାନ ନିରୀକ୍ଷକ, ସମଗ୍ର ଶିକ୍ଷାର ବିଭାଗୀୟ ସଂଯୋଜକ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଜିଲାର ସମସ୍ତ ବିଦ୍ୟାଳୟକୁ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି।


ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ାକୁ ନେଇ ପ୍ରତିଯୋଗିତା କରାଯାଉଛି।

# ଲୁଟ ଉଦ୍ୟମ ଘଟଣାରେ ୪ ଗିରଫ

**ଛେଣ୍ଡିପଦା,୨୪।୭ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ବଡ଼କେରା ପେଟ୍ରୋଲ ପମ୍ପ ନିକଟରେ ଗତ ୨୨ ତାରିଖରେ ଏକ କମ୍ପାନୀର ଜଣେ ଡିଲରଙ୍କୁ ଗୁଳିମାଡ଼ କରି ଟଙ୍କା ଲୁଟ ଉଦ୍ୟମ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, କଞ୍ଚିରା ଗ୍ରାମର ରଞ୍ଜନ କୁମାର ସାହୁ ଏକ କମ୍ପାନୀର ଡିଲର ଭାବରେ କାର୍ଯ୍ୟ କରନ୍ତି। ସେ ପିକ୍‌ଅପ୍ ଭ୍ୟାନରେ ଅର୍ଡର କଲେକ୍ସନ କରି ଫେରୁଥିବା ବେଳେ ତାଙ୍କ ଉପରକୁ ଗୁଳି କରି ଓ ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ କରାଯାଇଥିଲା। ଏ ନେଇ ଥାନରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୭୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଲା, ଗିରଫ ଅଭିଯୁକ୍ତମାନେ କିଛି ମାସ ପୂର୍ବରୁ ରଞ୍ଜନଙ୍କ ଘର ସମ୍ମୁଖରୁ ଲୁଟ ଉଦ୍ୟମ କରିଥିଲେ। ଜରପଡା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇଥିଲା। ହିନ୍ଦୋଳ ଥାନା କେସ ନଂ. ୧୯୬/୨୨/୭/୨୪ରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଜାଣିବା ପରେ ପୋଲିସ ହିନ୍ଦୋଳ ଯାଇ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ଅନୁଗୋଳ ସଦର ଥାନା ସାମୁକୋଇ ଗ୍ରାମର ପାର୍ଥସାରଥି ପ୍ରଧାନ, ବନ୍ତଲା ଥାନା ମାଧପୁର ଗ୍ରାମର ନିଗମାନନ୍ଦ ଦେହୁରୀ ଓ ସୁନୀଲ କୁମାର ଦେହୁରୀ ଏବଂ ସଦର ଥାନା ଖଲାରୀ ବିଶ୍ୱାଳ ସାହିର ଅବିନାଶ ବିଶ୍ୱାଳଙ୍କୁ ଗିରଫ କରିଥିଲା। ଗିରଫ ଯୁବକଙ୍କୁ ପଚରାଉଚରା ପରେ ପୋଲିସ କୋର୍ଟଚାଲାଣ କରାଯାଇଛି।

# ବ୍ଲକସ୍ତରୀୟ ଜନଶୁଣାଣି କର୍ମଶାଳା

**କଣିହାଁ, ୨୪।୭ (ସଚ୍ଚିଦାନନ୍ଦ ପ୍ରଧାନ)**


ଜନ ଶୁଣାଣି କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା କଣିହାଁ ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ନେଇ ବ୍ଲକସ୍ତରୀୟ ଜନଶୁଣାଣି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସାମାଜିକ ସମୀକ୍ଷକ ସୁଧାଂଶୁ ସ୍ୱାଇଁ, ଜିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତିର ଜିଲା ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଡିଓ ଦେବଦତ୍ତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଲିଳ କୁମାର ସ୍ୱାଇଁ, ସାମାଜିକ ସମୀକ୍ଷକ ପୀତାମ୍ବର ଦେହୁରୀ, ଏପିଓ ଦୀପ୍ତି ରେଖା ସ୍ୱାଇଁଙ୍କ ସହିତ ଅନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ପ୍ରମୁଖ ଓ ଜବକାର୍ଡଧାରୀ ଉପସ୍ଥିତ ଥିଲେ। ୨୦୨୩–୨୦୨୪ ଆର୍ଥିକ ବର୍ଷକୁ ନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ପ୍ରଧାନମନ୍ତ୍ରୀ ମୋ–ପୋଷଣ ଯୋଜନାର ୨୦୨୩–୨୦୨୪ ଆର୍ଥିକ ବର୍ଷ ପାଇଁ ବ୍ଲକସ୍ତରୀୟ ଜନଶୁଣାଣି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାବାଦ ବୈଠକରେ ଉପସ୍ଥିତ ଥିବା ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ନୃସିଂହ ବରାଳ ଯୋଜନାର ଠିକ୍ ପରିଚାଳନା ସହିତ ଶ୍ରମଜୀବୀ ଚାଷୀମାନଙ୍କ ଉତ୍ପାଦିତ ଧାନର ବିକ୍ରୟ ସୁବିଧା ପ୍ରତ୍ୟେକ ମଣ୍ଡିରେ କରାଯାଇ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାପ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଚାଷୀମାନଙ୍କୁ ସଚେତନ କରିବାକୁ ଏକ ପରିକ୍ରମା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ପ୍ରତ୍ୟେକ ଗ୍ରାମକୁ ଯାଇ ଚାଷୀମାନଙ୍କୁ ସଚେତନ କରିବା ସହିତ ଧାର୍ଯ୍ୟ ସମୟରେ ପଞ୍ଜୀକରଣ କରିବା ସହିତ ଅନ୍ୟ ଯୋଜନା ଉପରେ ଅବଗତ କରାଇବ ବୋଲି ଖାଦ୍ୟ ଯୋଗାଣ ନିରୀକ୍ଷକ କୃଷ୍ଣ ଭାରତୀ ପ୍ରକାଶ କରିଥିଲେ।


# ଓଡ଼ିଶା ସରକାର
# ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No.–381 Date:11.06.2024

**No.XXVIII-03:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ରାୟଗଡା ଜିଲ୍ଲାର ବେଦାନ୍ତ ଲିମିଟେଡ, ଲାଞ୍ଜିଗଡକୁ Y–ଆକୃତିର ରେଳଲାଇନ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ନିଜସ୍ୱ ବ୍ୟୟରେ ମୌଜା–ଅନଯୋଡି, ତହସିଲ–ମୁନିଗୁଡା, ଥାନା–ଅମ୍ବାଦୋଳା, ଜିଲ୍ଲା–ରାୟଗଡାରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ.୪.୬୬୩ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :– ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ ନିମନ୍ତେ Y ଆକୃତିର ରେଳଲାଇନ ସଂଯୋଗୀକରଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –IDCO, Bhubaneswar ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଏହି ପ୍ରକଳ୍ପ ନିମନ୍ତେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No.SIA–୧୭୦୦/NCDS ତା.୨୧.୧୧.୨୦୨୩ ରିଖ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ଗୁଣୁପୁର।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡା | ମୁନିଗୁଡା | ଅନଯୋଡି | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୧୩.୯୩୦ ଡି | ଏ.୪.୬୬୩ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ରାୟଗଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ରାୟଗଡ଼ା**

**ଭୂମି ଅଧିଗ୍ରହଣ ଅନୁସୂଚୀ**

ମୌଜା–ଅନଯୋଡି (ଗ୍ରାମାଞ୍ଚଳ), ତହସିଲ–ମୁନିଗୁଡା, ଥାନା–ଅମ୍ବାଦୋଳା, ଥାନା ନଂ.୧୪୮, ଜିଲ୍ଲା–ରାୟଗଡା,

Y–ସଂଯୋଗ ରେଳପଥ ପ୍ରକଳ୍ପ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୨ | | ଡଙ୍ଗର ୨ | ୧୨୨ | ୧.୪୦୦ | ୦.୯୫୩ | ତୁଲୁ ବେରେକା ଚନ୍ଦୁ, ତୁଲୁ ବେରେକା ବାଜି, ପି–ତୁଲୁ ବେରେକା ବାଟୀଜାନୀ, ଜାତି–କନ୍ଧ, ବା–ନିଜଗାଁ |
| | | ଡଙ୍ଗର ୩ | ୧୬୪ | ୦.୬୬୦ | ୦.୩୮୮ | |
| | | ଡଙ୍ଗର ୨ | ୧୬୬ | ୦.୮୭୦ | ୦.୨୩୬ | |
| ୩ | | ଧାନ ୩ | ୧୨୦ | ୦.୨୨୦ | ୦.୦୭୩ | ଚୈତନ୍ୟ ତୁଲୁ ବେରେକା, ପି–ତୁଲୁ ବେରେକା ଜିତୁ, ଜାତି–କନ୍ଧ,ବା–ନିଜଗାଁ |
| | | ଡଙ୍ଗର ୧ | ୧୨୧ | ୦.୨୮୦ | ୦.୦୮୦ | |
| | | ଡଙ୍ଗର ୨ | ୧୨୩ | ୧.୯୫୦ | ୦.୧୦୭ | |
| ୫ | | ଡଙ୍ଗର ୨ | ୧ | ୧.୬୨୦ | ୦.୬୨୦ | ତୁଲୁ ବେରେକା ସୁନାଧର, ତୁଲୁ ବେରେକା ଡୋଙ୍ଗି, ତୁଲୁ ବେରେକା ଟୋଙ୍ଗି, ପି–ତୁଲୁ ବେରେକା ଡୋଲି, ତୁଲୁ ବେରେକା ଚୈତନ୍ୟ, ପି–ତୁଲୁ ବେରେକା ଜିତୁ, ଜାତି–କନ୍ଧ, ବା–ନିଜଗାଁ |
| | | ଡଙ୍ଗର ୨ | ୧୧୭ | ୦.୯୭୦ | ୦.୪୭୩ | |
| | | ଧାନ ୩ | ୧୧୯ | ୦.୪୬୦ | ୦.୩୫୦ | |
| ୭ | | ଡଙ୍ଗର ୨ | ୧୩୪ | ୩.୧୭୦ | ୦.୦୩୩ | ବାସୁଦେବ ବାରିକ, ପି–କାଳି ମାଝୀ, ଜାତି–ଡମ୍ବ, ବା–ଅମ୍ବାଦୋଳା |
| ୯ | | ଡଙ୍ଗର ୨ | ୧୧୮ | ୦.୩୦୦ | ୦.୧୪୧ | ତୁଲୁ ବେରେକା ଲେଞ୍ଜା, ପି–ତୁଲୁ ବେରେକା ବୁଡି, ଜାତି–କନ୍ଧ |
| ୯/୩ | | ଧାନ ୩ | ୧୧୬ | ୦.୬୩୦ | ୦.୫୩୦ | ଚୈତନ୍ୟ ତୁଲୁ ବ୍ରେକା, ପି–ଓତୁରୁ ତୁଲ ବ୍ରେକା, ସୁନାଧର ତୁଲା ବ୍ରେକା, ପି–ଉଲା ତୁଲ ବ୍ରେକା, ଜା–କନ୍ଧ, ବା–ନିଜଗାଁ |
| ୯/୮ | | ଧାନ ୨ | ୧୨୬ | ୦.୨୮୦ | ୦.୦୫୦ | ଡ୍ରିକୁ ତୁଲ ବେରକା, ପି–ବୁଟୀ ତୁଲା ବେରେକା, ଜାତି–କନ୍ଧ, ବା–ନିଜଗାଁ |
| | | ଡଙ୍ଗର ୨ | ୧୧୪ | ୦.୬୮୦ | ୦.୩୫୬ | |
| ୯/୯ | | ଡଙ୍ଗର ୩ | ୧୧୩ | ୦.୪୪୦ | ୦.୨୭୩ | ବୁଦୁରା ତୁଲ ବେରେକା, ପି–ବୁଟୀ ତୁଲା ବେରେକା, ଜାତି–କନ୍ଧ,ବା–ନିଜଗାଁ |
| ମୋଟ | | | | ୧୩.୯୩୦ | ୪.୬୬୩ | |

**ସ୍ୱା./– ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ**
**ଜିଲ୍ଲା–ରାୟଗଡ଼ା**

OIPR-24169/14/0005/2425



**OFFICE OF THE MUNICIPAL COUNCIL, PARALAKHEMUNDI**
e-mail:parala.mply@gmail.com

Notice No.3017
No.C-263:
**E-Procurement Notice**
Dt.23.07.2024

Bid Identification No.01/PKDM-2024-25

Name of Work: Engagement of Sanitation Outsourcing Agency for door to door garbage collection of waste, street sweeping, cleaning of drains, spraying of bleaching powder, other disinfectants, fogging of mosquito chemicals, bush cutting and cleaning and sanitation service (Day and Night) etc. including waste collection, dry and solid waste separation, packing/packaging of solid waste and stacking with primary and secondary transportation of waste to designated location under Solid Waste Management Rules 2016 including supplying the following vehicles and ancillaries including all cost and conveyance taxes etc. for Paralakhemundi Municipality (for Ward No. 1 to 12)

Cost of tender schedule : Rs.10,000.00
Cost of EMD : Rs.3,00,000.00
Date and Time of availability of the document in the e-Tender Portal : 24.07.2024 from 10.00 AM to 07.08.2024 upto 05.00 PM
Last Date of Receipt of Documents : 12.08.2024, 5.00 P.M.
Date & Time of Opening : 13.08.2024, 11.00 A.M.

Further details can be seen from the following portals i.e. https://tendersodisha.gov.in./nicgep/app or https://gajapati.odisha.gov.in or https://www.paralakhemundimunicipality.com.

**Sd./- Executive Officer,**
**Paralakhemundi Municipality**

OIPR-13145/11/0004/2425



No.CAD-646

idco ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022**

Tender Call Notice No. IDCO : H.O./P&C/EST/E - 3611/03/2019/21322, Dated : 23.07.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Road from Woodplast to Sun-aromatic adjacent to KISS Stadium at Chandaka Industrial Estate, Bhubaneswar, Odisha.
2. Estimated Cost : Rs. 58.13 lakh
3. Period of Completion : 03 (Three) Calender Months.
4. Other details :

| Procurement Officer | Bid ID / Tender reference No. | Availability of Tender on-line for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender Reference No. P&C/EST/E - 14/2024-25 | 31.07.2024 at 17.00 Hrs | 13.08.2024 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

**Sd./- Chief General Manager (P&C), IDCO, Bhubaneswar.**

OIPR-14003/11/0025/2425



**e-Procurement Cell**
OFFICE OF THE EXECUTIVE ENGINEER,
SPECIAL WORKS DIVISION, BUILDING CONSTRUCTION DEPARTMENT
Ranchi

**e-Procurement Notice**
**( Short Notice)**

**Tender Reference No:- BCD/EE, Special Works Division, BCD, Ranchi-05/2024-25 Date:-22.07.24**

| क्र0 सं0 | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | Supply & Installation of Steel Rack & Other Miscellaneous Work in New Jharkhand High court Building at Dhurwa , Ranchi | Rs. 7,63,43,900.00 | 120 (One hundred Twenty days ) |
| i | वेबसाईट पर निविदा प्रकाशन की तिथि | 29.07.2024 | |
| ii | बिड प्रापित के लिए अन्तिम तिथि/समय | 13.08.2024 को अपराह्न 1.00 बजे | |
| iii | निविदा खोलने की तिथि/समय | 14.08.2024 को अपराह्न 1.00 बजे | |
| iv | निविदा प्रकाशित करने वाले कार्यालय का नाम एवं पता | e- Procurement Cell, Office of the Executive Engineer Special Works Division Building Construction Department Ranchi | |
| v | प्रोक्योरमेंट पदाधिकारी का सम्पर्क संख्या | 8092415503 | |
| vi | ई–प्रोक्योरमेंट सेल का हेल्पलाईन संख्या | 8092415503 | |

Note:- Cost of bidding document (Non Refundable) & Bid Security Shall be payable on online through http://jharkhandtenders.gov.in
Any Change can be on Website http://Jharkhandtenders. gov. in
Any Other information can be on Website http://Jharkhand tenders.gov. in

**Nodal Officer,**
**e-Procurement Cell,**
**Office of the Executive Engineer,**
**Special Works Division**
**Building Construction Department,**
**,Ranchi .**

PR 330378 Building (24-25)D



# ADVERTISEMENT FOR RECRUITMENT

**Advertisement No. 02** **Dated: 23.07.2024**

No. CAD-645: The "Freshell Farm Producer Company Ltd." a FPO incorporated under CBBO Scheme of Government of India and its registered office At: Plot No. 184, Khata No. 158, Panchayat Office Karnapal, At/P.O.: Karnapal, Kaniha, Angul district is inviting applications from eligible candidates for contractual engagement of the following posts i.e. CEO & Accountant-cum-MIS.

**Details of the Position:**

| Position | No. of Vacancies | Essential Qualification | Max. Age Limit | Experience | Salary |
|---|---|---|---|---|---|
| Chief Executive Officer | 1 | MBA/Master Degree or Post Graduation Diploma or equivalent Degree in Marketing Management/ Rural Management/ Development Management and other relevant fields (or) graduation degree in agriculture/ agriculture marketing/ agri-business management or BBA (or) any equivalent degree. Post qualification experience in managing FPOs, PCs wil be given preference. Age <50 Yrs. as on 1st June' 2024. | 50 Yrs. | Minimum 02 Years & above preferable | 25,000/- |
| Accountant-Cum-MIS | 1 | Graduation Commerce with PGDCA/BCA (Post Graduation in Commerce/Knowledge in TALLY will be given preference). He/She should have educational qualification of 10+2 with Mathematics as a compulsory subject or alternatively with Commerce or Accountancy background. Age <30 years as on 1st June' 2024. | 30 Yrs. | Minimum 01 Year & above preferable | 10,000/- |

1. Documents in support to identify, qualifications, experience etc. must be produced in 'Original' at the time of Physical interview.
2. The selection process will consist a short listening of candidates on the basis of academic qualification, experience followed by personal interview. The company reserves the right of change in any pattern based upon the number of applications received.
3. The education qualification should be from approved recognized institutions and only Post Educational work experience will be counted/taken into consideration.
4. Only short-listed candidates will be informed for further selection process through text message/phone and email. Applicants should ensure that the mobile number and email - id given in the application form is active.
5. The above FPO (Producer Company) reserves the right to cancel/reject any of all the application or to amend any clause laid down in the advertisement.
6. The application should be submitted with CV with photograph along with a Govt. ID proof and photo copies of certificates through E-Mail or by Courier or Speed Post or by hand in the mentioned address registered office At: Plot No. 184, Khata No. 158, Panchayat Office, Karnapal, At/P.O.: Karnapal, Kaniha, Angul. The date of advertisement to receive applications date has been extended to 01.08.2024 for submission of application or through Mail ID **freshellfarmproducercompanyltd@gmail.com**. The last date of receipt of applications for the above post(s) is 01.08.2024 by 05.00 P.M. The applicant submitted the CV to this office vide advertisement No. 01 dated 05.06.2024 need not apply again.
7. Candidates should note that incomplete applications/received after due date and time are liable to be summarily rejected.
8. Priority should be given to local candidates well versed in Odia language alongwith English & Hindi.
9. For any further information kindly Contact: 9437350632 (Managing Director, Freshell Farm Producer Company Ltd., Kaniha), 6370101349 (Chairman, Freshell Farm Producer Company Ltd., Kaniha) during the official hours only.

**Sd./- Managing Director**
**Freshell Farm Producer Company Ltd., Kaniha, Angul**
**OIPR-19236/11/0004/2425**



# ADVERTISEMENT FOR RECRUITMENT

**Advertisement No. 02** **Dated: 20.07.2024**

No. CAD-642: The "Cropify Farm Producer Company Ltd." a FPO incorporated under CBBO Scheme of Government of India and its registered office At: Plot No. 525, Khata No. 303/388, RMC Haat, Jarapada, GP/PS/At/P.O.: Jarapada, Chhendipada, Angul district is inviting applications from eligible candidates for contractual engagement of the following posts i.e. CEO & Accountant-cum-MIS.

**Details of the Position:**

| Position | No. of Vacancies | Essential Qualification | Max. Age Limit | Experience | Salary |
|---|---|---|---|---|---|
| Chief Executive Officer | 1 | MBA/Master Degree or Post Graduation Diploma or equivalent Degree in Marketing Management/ Rural Management/ Development Management and other relevant fields (or) graduation degree in agriculture/ agriculture marketing/ agri-business management or BBA (or) any equivalent degree. Post qualification experience in managing FPOs, PCs wil be given preference. Age <40 Yrs. as on 1st June' 2024. | 40 Yrs. | Minimum 02 Years & above | 25,000/- |
| Accountant-Cum-MIS | 1 | Graduation Commerce with PGDCA/BCA (Post Graduation in Commerce/Knowledge in TALLY will be given preference). He/She should have educational qualification of 10+2 with Mathematics as a compulsory subject or alternatively with Commerce or Accountancy background. Age <30 years as on 1st June' 2024. | 30 Yrs. | Minimum 02 Years & above | 10,000/- |

1. Documents in support of identify, qualifications, experience etc. must be produced in 'Original' at the time of Physical interview.
2. The selection process will consist a short listening of candidates on the basis of academic qualifications, experience followed by written exam and personal interview. The company reserves the right of change in exam pattern based upon the number of applications received.
3. The education qualification should be from approved recognized institutions and only prescribed Post Educational work experience will be counted/taken into consideration.
4. Only short-listed candidates will be informed about further selection process through text message/phone and email. Applicants should ensure that the mobile number and email - id given in the application form is active.
5. The above FPO (Producer Company) reserves the right to cancel/reject any of all the application or to amend any clause laid down in the advertisement.
6. The application should be submitted with CV with photograph along with a Govt. ID proof and photo copies of certificates through E-Mail or by Courier or Speed Post or by hand only. The date has been extended to 29.07.2024 for submission of application through Mail Id - **cropifyfarmproducercompanyltd@gmail.com** or address mentioned At; Plot No. 525, Khata No. 303/388, RMC Haat, Jarapada, GP/PS/At/P.O.: Jarapada, Chhendipada, Angul only. The applicant submitted the CV to this office vide adveritsement No. 01 dated 05.06.2024 need not apply again. The last date of receipt of applications for the above post(s) is 29.07.2024 by 05.00 P.M.
7. Candidates should note that incomplete applications received after due date and time are liable to be summarily rejected.
8. Priority should be given to local candidates well versed to Odia language besides English & Hindi.
9. For any further information kindly Contact: 9178135851 (Managing Director, Cropify Farm Producer Company Ltd., Chhendipada). 9668837205 (Chairman, Cropify Farm Producer Company Ltd., Chhendipada) during the official hours only.

**Sd./- Managing Director**
**Cropify Farm Producer Company Limited, Chhendipada, Angul**
**OIPR-19236/11/0003/2425**

**ନୂଆପଡ଼ା ଜିଲା ପରିଷଦ ସଭ୍ୟ ବିଜେଡିରୁ ବହିଷ୍କୃତ**

ଭୁବନେଶ୍ୱର,(ଅନିଲ ଦାସ): ନୂଆପଡ଼ା ଜିଲା ପରିଷଦ ଜୋନ୍‌ର ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝିଙ୍କୁ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ବିଜେଡି ପକ୍ଷରୁ ବୁଧବାର ଜାରି ପ୍ରେସ ଇସ୍ତାହାରରେ କୁହାଯାଇଛି।



ବିଧାନସଭାରେ ବୁଧବାର ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରୁଛନ୍ତି।

# ରାଜ୍ୟପାଳଙ୍କ ପୁଅ, କେନ୍ଦ୍ରୀୟ ଅବହେଳାକୁ ନେଇ କମ୍ପିଲା ଗୃହ

■ବିରୋଧୀଙ୍କ ହଟ୍ଟଗୋଳ, ଗୃହ ଅଚଳ

■ବିଫଳ ହେଲା ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୪।୭(ଅନିଲ ଦାସ)

ଗତ ୩ ଦିନ ଧରି ବିରୋଧୀ ବିଧାନସଭାକୁ ଅଚଳ କରି ରଖିଛନ୍ତି। ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ବିଜେଡି ପ୍ରସଙ୍ଗ କରିଥିବା ବେଳେ କଂଗ୍ରେସ ବଜେଟରେ ରାଜ୍ୟକୁ ଅବହେଳା ପ୍ରସଙ୍ଗକୁ ନେଇ ବୁଧବାର ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧରେ ଗୃହରେ କୌଣସି କାର୍ଯ୍ୟ ହୋଇ ପାରି ନ ଥିଲା। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସମାଧାନର ବାଟ ଖୋଜିଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନାହିଁ। ବିରୋଧୀ ନିଜ ଜିଦରେ ଅଟଳ ରହିଛନ୍ତି। ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ହଟ୍ଟଗୋଳ ଆରମ୍ଭ କରିଥିଲେ। ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରି ବିଜେଡି ସଦସ୍ୟମାନେ ହୋ ହଲ୍ଲା କରିବା ସହ କକ୍ଷତ୍ୟାଗ କରିଥିଲେ। ସେହିପରି କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗରେ ପ୍ରବଳ ପାଟିତୁଣ୍ଡ କରିଥିଲେ । ବିରୋଧୀ ଦଳ ସଦସ୍ୟଙ୍କ ହୋ ହଲ୍ଲା ଯୋଗୁ ପ୍ରଶ୍ନକାଳ, ଶୂନ୍ୟକାଳ ଓ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଆଲୋଚନା ସମ୍ଭବପର ହୋଇପାରି ନ ଥିଲା। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୁରମା ପାଢ଼ୀ ୧୦ଟା ୩୪ ମିନିଟ୍‌ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକି ଗୃହକୁ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ସର୍ବସମ୍ମତି କ୍ରମେ ଭବାନୀ ଶଙ୍କର ଭୋଇଙ୍କୁ ଉପବାଚସ୍ପତି ଭାବେ ନିର୍ବାଚିତ କରାଯାଇଥିଲା। ଏହି ସମୟରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ଉପସ୍ଥିତ ରହିଥିଲେ। ଉପବାଚସ୍ପତି ନିର୍ବାଚନ ଶେଷ ହେବା ପରେ ବାଚସ୍ପତି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆରମ୍ଭ କରିଥିଲେ। ଏହାକୁ ଉଭୟ ବିଜେଡି ଓ କଂଗ୍ରେସ ବିରୋଧ କରି ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିନା ବିରୋଧୀ ଦଳରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହୋଇଥିଲା।

# ଓଡ଼ିଆ ଅସ୍ମିତାର ସୁରକ୍ଷା, ପ୍ରସାର: ୨୦୦ କୋଟିର କର୍ପସ୍ ପାଣ୍ଠି

## ରାଜ୍ୟପାଳଙ୍କ ଅଭିଭାଷଣକୁ ସ୍ୱାଗତକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ଓଡ଼ିଶା ରାଜ୍ୟ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଅବସରରେ ଏହି ପବିତ୍ର ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣକୁ ସ୍ୱାଗତ କରୁଛି। ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ସାକାର କରିବା ପାଇଁ ଆମର ନୂଆ ସରକାର ଗଠିତ ହୋଇଛି। ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ସୁନ୍ଦର ପ୍ରତିଫଳନ ହେଉଛି ଆମ ସରକାର। ଓଡ଼ିଆ ଅସ୍ମିତା, ବିକାଶ ଓ ସୁଶାସନର ପ୍ରତିଷ୍ଠା ଦିଗରେ ଆମର ନୂଆ ସରକାର ପ୍ରତିବଦ୍ଧତାର ସହ ଉଦ୍ୟମ ଆରମ୍ଭ କରିଛି। ଓଡ଼ିଆ ଅସ୍ମିତା ହେଉଛି ଆମର ଆତ୍ମା। ଆମର ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଓ ପ୍ରସାର ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ କରିବାର ଲକ୍ଷ୍ୟ ହେଉଛି ଆମର ପ୍ରଥମ କର୍ତ୍ତବ୍ୟ। ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ଆମ ସରକାର ୨୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିବା ସହ ଓଡ଼ିଆ ଅସ୍ମିତା ଭବନ ମଧ୍ୟ ପ୍ରତିଷ୍ଠା କରିବ। ୨୦୩୬ ମସିହାରେ ଆମ ରାଜ୍ୟରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳିତ ହେବ। ଏଥିପାଇଁ ଆଉ ମାତ୍ର ୧୨ ବର୍ଷ ସମୟ ରହିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ବିଧାନସଭାରେ ରାଜ୍ୟପାଳ ରଖିଥିବା ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ରଖି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୨୪ ବର୍ଷ ଥିଲା ଏକ ବିରାଟ କାଳଖଣ୍ଡ। ଓଡ଼ିଶାର ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ଯଦି ପୂର୍ବ ସରକାର ଗୁରୁତ୍ୱ ଦେଇଥାନ୍ତେ, ତେବେ ବର୍ତ୍ତମାନ ଆମ ପାଖରେ ଅନେକ ଅସମାହିତ ପ୍ରଶ୍ନ ନ ଥାନ୍ତା। ସେତେବେଳେ ଆମେ ବିରୋଧୀ ଦଳରେ ଥିଲୁ, ଆମେ ପ୍ରଶ୍ନ କରୁଥିଲୁ। ଆଉ ସରକାରୀ ଦଳର ସଦସ୍ୟମାନେ ଅହଂକାର ଦେଖାଉଥିଲେ। ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଭଗବାନ ସବୁ ସହନ୍ତି, କିନ୍ତୁ ଗର୍ବ ଓ ଅହଂକାର ସହନ୍ତି ନାହିଁ। ଆସନ୍ତା ୫ ବର୍ଷ ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ୫ ବର୍ଷରେ ହିଁ ୨୦୩୬ ପାଇଁ ଆମର ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣର ମୂଳଦୁଆ ପ୍ରତିଷ୍ଠା ହେବ। ୨୦୪୭ର ବିକଶିତ ଭାରତର ପରିପ୍ରେକ୍ଷୀରେ ଆମେ ଓଡ଼ିଶାକୁ ୧ ନମ୍ବର କରିବାର ଲକ୍ଷ୍ୟ ନେଇ ଦୃଢ଼ତାର ସହ ଉଦ୍ୟମ କରିବୁ। ଏଥିପାଇଁ ଏହି ୫ ବର୍ଷ ସମୟର ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ଓଡ଼ିଶାର ବିକାଶ ଓ ଅସ୍ମିତାର ପ୍ରତିଷ୍ଠା ଦିଗରେ ବିନିଯୋଗ କରିବୁ। ସରକାର ଗଠନର ପ୍ରଥମ ଦିନରେ ହିଁ ଆମେ ଓଡ଼ିଶାର ଜନସାଧାରଣଙ୍କୁ ଦେଇଥିବା ୪ଟି ମୁଖ୍ୟ ପ୍ରତିଶ୍ରୁତି ପାଳନ କରିଛୁ। ଶପଥ ଗ୍ରହଣର ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଆମେ ଏହି ପ୍ରତିଶ୍ରୁତିଗୁଡ଼ିକୁ ଗ୍ରହଣକରି ପଦକ୍ଷେପନେବା ଆରମ୍ଭ କରିଛୁ। ସେଗୁଡ଼ିକ ହେଲା– ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରିବା ଏବଂ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରଥମ ପରିଚୟ। ମହାପ୍ରଭୁଙ୍କୁ ନେଇ ଓଡ଼ିଶାର ଜନସାଧାରଣଙ୍କ ଭାବାବେଗ ସର୍ବଜନବିଦିତ। ସେ ଭାବାବେଗରେ ଲାଗିଥିବା ଆଘାତକୁ ଦୂର କରିବା ପାଇଁ ଆମ ସରକାର ଶପଥ ଗ୍ରହଣ ଦିନର ସନ୍ଧ୍ୟାରେ କ୍ୟାବିନେଟ ନିଷ୍ପତ୍ତି ନେଇ ପରଦିନ ମଙ୍ଗଳ ଆଳତି ସମୟରେ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିଥିଲେ। ଲୋକଙ୍କ ଭାବାବେଗକୁ ସମ୍ମାନ ଦେବାରେ ଆମ ସରକାରର ପଦକ୍ଷେପ ଅଦ୍ୱିତୀୟ। ଆମର ବଜେଟ ପ୍ରକ୍ରିୟା ପାଇଁ ମଧ୍ୟ ହଜାର ହଜାର ଲୋକ, ଅର୍ଥନୈତିକ ବିଶେଷଜ୍ଞ, ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କ ମତାମତ ଗ୍ରହଣ କରାଯାଇଛି। ଅନ୍‌ଲାଇନ ଜରିଆରେ ୧୨ ହଜାରରୁ ଅଧିକ ଲୋକ ବଜେଟ ଉପରେ ତାଙ୍କର ମତାମତ ଦେଇଥିଲେ, ଯାହାକି ପୂର୍ବ ବର୍ଷର ମତାମତ ତୁଳନାରେ ୬ ଗୁଣ ହେବ। ଏହାକୁ ଲୋକଙ୍କ ବଜେଟ କରିବା ପାଇଁ ଆମର ପ୍ରୟାସ ସଫଳ ହେଉଛି। ପୂର୍ବ ସରକାର ମହିଳାମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଅନେକ କଥା କହୁଥିଲେ, କିନ୍ତୁ ବାସ୍ତବରେ ତାହା ପାଣିର ଗାର ଥିଲା। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ଯୋଜନାଗୁଡ଼ିକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ କୁଣ୍ଠାବୋଧ କରୁଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ନିବେଦନକୁ ସମର୍ଥନ ଦେଇ ଓଡ଼ିଶାର ଲୋକ ଡବଲ ଇଞ୍ଜିନ ସରକାର ଗଠନ କରିଛନ୍ତି। ଏବେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ଓଡ଼ିଶାର ଆର୍ଥିକ ପ୍ରଗତିକୁ ଦ୍ରୁତ ଗତିରେ ତ୍ୱରାନ୍ୱିତ କରିବେ। ସେହିପରି ରେଳ ବଜେଟରେ ମଧ୍ୟ ୨୦୧୪ ମସିହା ପୂର୍ବରୁ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କା ମିଳୁଥିଲା। ୨୦୨୪–୨୫ ଆର୍ଥିକ ବର୍ଷରେ ଆମକୁ ୧୦,୫୨୬ କୋଟି ଟଙ୍କା ମିଳିଛି। ଏହା ପୂର୍ବ ଅପେକ୍ଷା ୧୨.୫ ଗୁଣ ଅଧିକ। ଓଡ଼ିଶାରେ ରେଳ କ୍ଷେତ୍ରରେ ଶତ ପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି। ଏ ବର୍ଷ ମଧ୍ୟ ୫୯ଟି ଷ୍ଟେଶନକୁ ଅମୃତ ଷ୍ଟେଶନ ଭାବେ ବିକଶିତ କରାଯିବାର ନିଷ୍ପତ୍ତି ନିଆଯାଇଛି। ରାଜ୍ୟପାଳ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ପାଇଁ ଆମକୁ ଆହ୍ୱାନ ଦେଇଛନ୍ତି। ଆମେ ସେହି ଆହ୍ୱାନକୁ ଗ୍ରହଣକରି କଠିନ ପରିଶ୍ରମ କରି ଆମର ପୂର୍ବ ଗୌରବକୁ ଫେରାଇ ଆଣିବୁ ଏବଂ ୨୦୩୬ ରେ ଏକ ବିକଶିତ ଓଡ଼ିଶା ଗଠନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସମୟରେ ବିରୋଧୀ ଦଳ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

# ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ସରକାର ଗଢ଼ିଲେ, ବଜେଟରେ ପ୍ରତାରଣା କଲେ: ବିଜେଡି

ଭୁବନେଶ୍ୱର,୨୪।୭(ଅନିଲ ଦାସ)

ଶ୍ରୀଜଗନ୍ନାଥଙ୍କ ନାଁ ବ୍ୟବହାର କରି ଏବଂ ଓଡ଼ିଆ ଅସ୍ମିତାର କଥା କହି ଭୋଟ ମାଗିଥିଲେ। ଓଡ଼ିଶାବାସୀ ସେମାନଙ୍କ କଥାରେ ଭରସା କରି ଭାଜପାର ୨୦ ଏମ୍‌ପିଙ୍କୁ ଜିତାଇଥିଲେ। ଓଡ଼ିଶାରୁ ଜିତିଥିବା ଆସନ ପାଇଁ କେନ୍ଦ୍ରରେ ସରକାର ଗଠନ କରିବାରେ ସକ୍ଷମ ହୋଇଥିଲୁ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଜେ ଓଡ଼ିଶା ମାଟିରେ କହିଥିଲେ । ହେଲେ କେନ୍ଦ୍ରୀୟ ବଜେଟରେ ସେହି ଓଡ଼ିଶା ସହ ପ୍ରତାରଣା କରିବାକୁ କିଭଳି ପଛାଇଲେ ନାହିଁ ବୋଲି ବିଜେଡି ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଛନ୍ତି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗତ ନିର୍ବାଚନରେ ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପାର ସମସ୍ତ କେନ୍ଦ୍ରୀୟ ନେତା ଓଡ଼ିଶାରେ ଆସି ନିର୍ବାଚନ ପ୍ରଚାର ବେଳେ ଅନେକ ସ୍ୱପ୍ନ ଦେଖାଇଥିଲେ। ଆନ୍ଧ୍ରପ୍ରଦେଶରେ ଏନ୍‌ଡିଏର ୧୬ ଓ ବିହାରରେ ଏନ୍‌ଡିଏର ୧୨ ଏମ୍‌ପି ଜିତିଥିବା ବଳେ ଓଡ଼ିଶାରୁ ଭାଜପାର ୨୦ଏମ୍‌ପିଙ୍କୁ ରାଜ୍ୟବାସୀ ନିର୍ବାଚିତ କରିଥିଲେ। ହେଲେ ଚଳିତ ବଜେଟରେ ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ ହାତଖୋଲା ପାଣ୍ଠି ଦେଇଥିବା ବେଳେ ଭାଜପା ସରକାର ଓଡ଼ିଶା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଯେଉଁ ଜଗନ୍ନାଥଙ୍କ ରାଜ୍ୟରୁ ଅକୁଣ୍ଠ ସମର୍ଥନ ପାଇ ସରକାର ଗଠନ କରିବାରେ ଭାଜପା ସକ୍ଷମ ହେଲା, ସେହି ଜଗନ୍ନାଥଙ୍କ ରାଜ୍ୟ ପ୍ରତି ଏଭଳି ଆଚରଣ ଦୁର୍ଭାଗ୍ୟଜନକ। ଆନ୍ଧ୍ରପ୍ରଦେଶର ଦାବି ମୁତାବକ ପୋଲାଭରମ୍ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ର ସରକାର ବଜେଟରେ ଅର୍ଥ ବ୍ୟୟବରାଦ କରିଛନ୍ତି, ଯାହା ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ସ୍ୱାର୍ଥର ପରିପନ୍ଥୀ । ଏହି ପ୍ରକଳ୍ପ ପାଇଁ ୧୨ଟି ଗାଁ ସମ୍ପୂର୍ଣ୍ଣ ବୁଡ଼ିଯିବାକୁ ଥିବାବେଳେ, ଭାଜପାର ଏଭଳି ଆଭିମୁଖ୍ୟ ଆଶ୍ଚର୍ଯ୍ୟ କରିଛି ବୋଲି ବକ୍ସିପାତ୍ର କହିଛନ୍ତି। ଓଡ଼ିଶାରୁ ଉତ୍ତୋଳିତ କୋଇଲା ବ୍ୟବହାର କରି ଅନ୍ୟ ରାଜ୍ୟ ସମୃଦ୍ଧ ହେଉଥିବା ବେଳେ ଓଡ଼ିଶାବାସୀ ଧୂଳି, ଧୂଆଁରେ ଅଣନିଃଶ୍ୱାସୀ ହେଉଛନ୍ତି। ମାତ୍ର କୋଇଲା ରୟାଲଟି ସଂଶୋଧନ ନେଇ ଓଡ଼ିଶାର ଦାବି ପ୍ରତି ଭାଜପା ସରକାର ଗତ ୧୦ବର୍ଷ ଧରି ଅଣଦେଖା କରି ଆସୁଥିବା ବେଳେ ଡବଲ୍ ଇଞ୍ଜିନ ସରକାର ସମୟରେ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି, ଯାହା ରାଜ୍ୟବାସୀଙ୍କ ପାଇଁ ଚରମ ପ୍ରତାରଣା ବୋଲି ବକ୍ସିପାତ୍ର କହିଛନ୍ତି। ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତ ଫୋରମରେ ଦଳର ତୀବ୍ର ପ୍ରତିବାଦ ଜାରି ରହିବ ବୋଲି ସେ କହିଛନ୍ତି।

# କାଳିଆ ଯୋଜନା ବନ୍ଦହେବ କି ନାହିଁ ବିଚାର ଚାଲିଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

କାଳିଆ ଯୋଜନା ନେଇ ଉଚ୍ଚସ୍ତରରେ ଆଲୋଚନା ଓ ବିଚାର ବିମର୍ଶ ଚାଲିଛି ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ, ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କାଳିଆ ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତା ରାଶି ଏବଂ ଅନ୍ୟାନ୍ୟ ସୁବିଧା ଆଗାମୀ ଦିନରେ ଜାରି ରହିବ ନା ବନ୍ଦ ହୋଇଯିବ। ଯଦି ଜାରି ରହିବ ତେବେ ଏହାର ପରିମାଣ ବୃଦ୍ଧି ନେଇ ସରକାର କିଛି ନିଷ୍ପତ୍ତି ନେଇଛନ୍ତି କି ବୋଲି ପଚାରିଥିଲେ।



କନକବର୍ଦ୍ଧନ ସିଂଦେଓ

ଏହାର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ସିଂଦେଓ କହିଛନ୍ତି, ରାଜ୍ୟରେ କାଳିଆ ଯୋଜନା ସମ୍ପର୍କରେ ଉଚ୍ଚସ୍ତରରେ ଆଲୋଚନା ଓ ବିଚାର ଚାଲିଛି। ଏହାର ନିଷ୍ପତ୍ତି ହେଲା ପରେ ସମସ୍ତ ତଥ୍ୟ ବିଧାୟକଙ୍କୁ ଜଣାଇଦିଆଯିବ। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ ମଧ୍ୟ ରାଜ୍ୟ ସରକାରଙ୍କ କାଳିଆ ହିତାଧିକାରୀ ସଂଖ୍ୟା ସାରା ରାଜ୍ୟରେ କେତେ ଏବଂ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ କଲ୍ୟାଣ ଯୋଜନାରେ ହିତାଧିକାରୀ ସଂଖ୍ୟା ରାଜ୍ୟରେ କେତେ ବୋଲି ପ୍ରଶ୍ନ କରିଥିଲେ। ଏହାସହ ସରକାର କାଳିଆ ଯୋଜନାକୁ ବନ୍ଦ କରିବାକୁ ଯୋଜନା କରିଛନ୍ତି କି, ଯଦି କାଳିଆ ଯୋଜନା ବନ୍ଦ ହୁଏ ତେବେ ଏହି ଯୋଜନାରେ ହିତାଧିକାରୀଙ୍କ ନିମନ୍ତେ କି ପ୍ରକାର ଯୋଜନା କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ସିଂଦେଓ କହିଛନ୍ତି , ରାଜ୍ୟରେ କାଳିଆ ଯୋଜନାରେ ମୋଟ ୪୫ ଲକ୍ଷ ୬୭ ହଜାର ୫୨୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୯ ଲକ୍ଷ ୧୨ ହଜାର ୧୨୨ ଜଣ ଭୂମିହୀନ କୃଷି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଗତ ଜୁନ୍ ୧୮ ରେ ପ୍ରଦାନ କରାଯାଇଥିବା ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିରେ ରାଜ୍ୟର ୨୯ ଲକ୍ଷ ୭୩ ହଜାର ୯୮୦ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ତେବେ ରାଜ୍ୟରେ କାଳିଆ ଯୋଜନା ସମ୍ପର୍କରେ ଉଚ୍ଚସ୍ତରରେ ଆଲୋଚନା ଓ ବିଚାର ଚାଲିଛି। ଏହାର ନିଷ୍ପତ୍ତି ହେଲା ପରେ ସମସ୍ତ ତଥ୍ୟ ବିଧାୟକଙ୍କୁ ଜଣାଇ ଦିଆଯିବ ବୋଲି ସିଂଦେଓ କହିଛନ୍ତି।




ବଜେଟରେ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ପ୍ରତି ଭେଦଭାବର ପ୍ରତିବାଦରେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭରତ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀଙ୍କ ସମେତ ଅନ୍ୟ ସଦସ୍ୟମାନେ।

# ମାସକ ମଧ୍ୟରେ ଆବେଦନକାରୀଙ୍କୁ ରାଶନ କାର୍ଡ ମିଳିପାରେ: କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୨୪।୭(ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରାୟ ୯୫ ଲକ୍ଷ ୯୦ ହଜାର ରାଶନକାର୍ଡ ହିତାଧିକାରୀ ପରିବାର ରହିଛନ୍ତି। ହେଲେ ସେଥିରେ ପ୍ରାୟ ୫୦ ଲକ୍ଷ ଅଯୋଗ୍ୟ ହିତାଧିକାରୀ ରହିଥିବା ଅଭିଯୋଗ ଉଠୁଛି। ସେମାନଙ୍କୁ ରାଜ୍ୟରେ ଶାସନ କ୍ଷମତାକୁ ଆସିଥିବା ନୂତନ ଭାଜପା ସରକାର ଖୁବ୍‌ଶୀଘ୍ର ହଟାଇବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ରାଶନ କାର୍ଡ ପାଇଁ ରାଜ୍ୟରେ ଆବେଦନକରି ଦୀର୍ଘଦିନ ହେବ ଅପେକ୍ଷା କରି ରହିଥିବା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ଖୁସି ଖବର ପହଞ୍ଚିଛି। ଆସନ୍ତା ମାସକ ମଧ୍ୟରେ ଆବେଦନ କରିଥିବା ହିତାଧିକାରୀଙ୍କୁ



ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ରାଶନ କାର୍ଡ ମିଳିବା ସମ୍ଭାବନା ବୃଦ୍ଧି ପାଇଛି। ଏନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ସୂଚନା ଦେଇଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି, ଏବେ ସୁଦ୍ଧା ରାଜ୍ୟରେ ମୋଟ ୬ ଲକ୍ଷ ୧୯ ହଜାର ୮୩୬ ପରିବାର ରାଶନ କାର୍ଡ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି। ନୂଆ ହିତାଧିକାରୀ ଚୟନ ନିମନ୍ତେ ସରକାର ୧୨ଟି 'ସ୍ୱତଃ ଯୋଗ ହେବା' ମାନଦଣ୍ଡ ଓ ୧୦ଟି 'ବାଦ୍ ଦେବା' ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଅନ୍ୟପଟେ ହିତାଧିକାରୀଙ୍କ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଇ–କେୱାଇସି ଯାଞ୍ଚ କରିବାକୁ ପଦକ୍ଷେପ ନିଆଯାଉଛି। ଏହି ଯାଞ୍ଚ ପରେ ନୂଆ ରାଶନ କାର୍ଡ ଯୋଗାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# କୋରାପୁଟ ସଂସଦୀୟ କ୍ଷେତ୍ରର ବିକାଶ ପ୍ରସଙ୍ଗ ଉଠାଇଲେ ସପ୍ତଗିରି

ରାୟଗଡ଼ା,୨୪।୭(ଆଶିଷ ରଞ୍ଜନ ପଣ୍ଡା)

ଲୋକ ସଭାର ମୌସୁମୀ ଅଧିବେଶନରେ କୋରାପୁଟ ସଂସଦୀୟ କ୍ଷେତ୍ରର ବିକାଶ ପ୍ରସଙ୍ଗ ଉଠାଇବା ସହ ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ପ୍ରଶ୍ନ କରିଛନ୍ତି ସ୍ଥାନୀୟ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା। ବୁଧବାର ଅଧିବେଶନ ପ୍ରଶ୍ନକାଳରେ କୋରାପୁଟ ଲୋକ ସଭା କ୍ଷେତ୍ରରେ ଉନ୍ନତ ମାନର ଶିକ୍ଷା, ପର୍ଯ୍ୟଟନ, ରେଳ ବିକାଶ ଏବଂ ମୋବାଇଲ ଟାୱାର ସ୍ଥାପନ ଦିଗରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ରେଳ ସେବା କ୍ଷେତ୍ରରେ ଦୀର୍ଘଦିନରୁ ପଡ଼ି ରହିଥିବା ଥେରୁବାଲି–ନୌପଡ଼ା ରେଳ ଲାଇନର ବର୍ତ୍ତମାନର ସ୍ଥିତି, ପ୍ରକଳ୍ପ



ସପ୍ତଗିରି ଉଲାକା

ଅନୁମୋଦନ ଏବଂ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସେ ନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଡିପିଆର୍ ପ୍ରସ୍ତୁତ ସରିଛି ଏବଂ ଜମି ଅଧିଗ୍ରହଣ ବାବଦରେ ଅର୍ଥ ରାଜ୍ୟ

## ଥେରୁବାଲି-ନୌପଡ଼ା ରେଳଲାଇନର ଡିପିଆର୍ ପ୍ରସ୍ତୁତ: ରେଳମନ୍ତ୍ରୀ

ସରକାର ବହନ କରିବେ। ଏହି ପ୍ରକଳ୍ପ ପାଇଁ ୧୧୬୫.୮୯ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ନେଇ ମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ତେବେ ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ସପ୍ତଗିରି ଦାବି କରିଥିଲେ। ସେହିଭଳି କୋରାପୁଟ ଓ ରାୟଗଡ଼ା ଜିଲାର ଅପହଞ୍ଚ ଇଲାକାରେ ମୋବାଇଲ ଟାୱାର ସ୍ଥାପନ ଏବଂ କାର୍ଯ୍ୟକ୍ଷମ ପ୍ରଶ୍ନର ଉତ୍ତରରେ କୋରାପୁଟ ଓ ରାୟଗଡ଼ା ଜିଲାର ମୋଟ ୧୨୪୧ ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ ହେବା ନେଇ ଯୋଗାଯୋଗ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ପି.ଚନ୍ଦ୍ରଶେଖର ସୂଚନା ଦେଇଛନ୍ତି । ଏହି ୧୨୪୨ ଗ୍ରାମ ମଧ୍ୟରେ କୋରାପୁଟ ଜିଲାର ୪୦୮ ଏବଂ ରାୟଗଡ଼ା ଜିଲାର ୮୩୩ ଗ୍ରାମ ରହିଛି ; ଯେଉଁଥିରେ ୫୩୭ ଗ୍ରାମ ମଧ୍ୟରୁ କୋରାପୁଟ ଜିଲାର ୧୪୪ ଏବଂ ରାୟଗଡ଼ା ଜିଲାର ୩୯୩ ଗ୍ରାମକୁ ମୋବାଇଲ ସୁବିଧା ପାଇଁ ୩୦୫ଟି ଟାୱାର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଚନ୍ଦ୍ରଶେଖର ନିଜ ଉତ୍ତରରେ ସୂଚନା ଦେଇଛନ୍ତି । ସେହିଭଳି ଅନ୍ୟ ୭୦୪ ଗ୍ରାମ ମଧ୍ୟରୁ କୋରାପୁଟ ଜିଲାର ୨୬୪ ଏବଂ ରାୟଗଡ଼ା ଜିଲାର ୪୪୦ ଗ୍ରାମରେ ମୋବାଇଲ ସୁବିଧା ପାଇଁ ୫୧୨ଟି ଟାୱାର ନିର୍ମାଣ ହେବା ନେଇ ସୂଚନା ମିଳିଛି ।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗର ୧୦ ସଦସ୍ୟ ଗିରଫ

ସମ୍ବଲପୁର,୨୪।୭(ପ୍ରମୋଦ ବହିଦାର)




ପୋଲିସ ହେପାଜତରେ ଗିରଫ ଡକାୟତମାନେ। ସେମାନଙ୍କଠାରୁ ଜବତ ଅର୍ଥ, ସୁନା ଓ ରୁପା ଗହଣା ତଥା ଅନ୍ୟାନ୍ୟ ସାମଗ୍ରୀ।

■ ୪୮୦ଗ୍ରାମ୍ ସୁନା, ନଗଦ ଟଙ୍କା, ମାରଣାସ୍ତ୍ର ଜବତ
■ ୨୧ରୁ ଉର୍ଦ୍ଧ୍ୱ ଡକାୟତିରେ ସମ୍ପୃକ୍ତ


ସମ୍ବଲପୁର ଜିଲା ପୋଲିସ ଏକ ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗକୁ ଠାବ କରିଛି। ମଙ୍ଗଳବାର ରାତିରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ବୁର୍ଲା ଥାନା ଅଧୀନ ମୁଣ୍ଡଘାଟ ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଗ୍ୟାଙ୍ଗର ୧୦ଜଣ ସଦସ୍ୟଙ୍କୁ ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ନଗଦ ୫ ଲକ୍ଷ ୧୨ ହଜାର ଟଙ୍କା, ୪୮୦ ଗ୍ରାମ୍ ସୁନା, ୧୬୫ ଗ୍ରାମ ରୁପା ଅଳଙ୍କାର, ୨ଟି ବୋଲେରୋ, ୨ଟି ଟ୍ରାକ୍ଟର, ଗୋଟିଏ ସ୍କୁଟି, ୪ଟି ବାଇକ୍ ଓ ୧୧ଟି ମୋବାଇଲ ଫୋନ ଜବତ କରାଯାଇଛି। ଡକାୟତି ବେଳେ ଲୋକଙ୍କୁ ଭୟଭୀତ କରିବା ପାଇଁ ବ୍ୟବହାର କରୁଥିବା ଭୁଜାଲି, ଛୁରି ଆଦି ମାରଣାସ୍ତ୍ର ମଧ୍ୟ ଜବତ ହୋଇଛି। ଗିରଫ ଡକାୟତମାନେ ହେଲେ ସମ୍ବଲପୁର ଜିଲା ରେଙ୍ଗାଲି ମେନକାପଡ଼ାର ମଦନ ସୁନ୍ଦର ଖଡ଼ିଆ(୩୧), ସୁଦର୍ଶନ ଖଡ଼ିଆ(୨୮), ସଞ୍ଜୟ ଖଡ଼ିଆ(୨୦), ରେଙ୍ଗାଲି ଆମଝରଣର ସୁନୀଲ ମାଝି(୧୯) ଓ ଅନୀଲ ମାଝି(୩୨), ରେଙ୍ଗାଲି ବାଲଟପଡ଼ାର ଭୁବନ ଲୁହା(୨୩), ରେଙ୍ଗବାଲି ଲକ୍ଷ୍ମଣପଡ଼ାର ବୁଲୁ ଖଡ଼ିଆ(୨୦), ଡେଙ୍ଗସର୍ଗୀ ସୁଖାପଡ଼ାର ସଚିନ ଖଡ଼ିଆ(୨୨), ବିକାଶ ଖଡ଼ିଆ(୧୯) ଏବଂ ବରଗଡ଼ ଜିଲା ବରପାଲି କୁଲାନାଳାର ସ୍ୱରାଜ ମେହେର(୨୪)। ସେମାନଙ୍କ ନାମରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦି ଜିଲାରେ ୨୧ରୁ ଉର୍ଦ୍ଧ୍ୱ ଡକାୟତି ମାମଲା ରହିଛି। ସ୍ଥାନୀୟ ପୋଲିସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ ଗତ ଜୁଲାଇ ୧୫ରେ ବୁର୍ଲା ଥାନା ଅନ୍ତର୍ଗତ ବାବୁବନ୍ଧଠାରେ ଥିବା ଭେଙ୍କଟେଶ୍ୱର ରାଇସ୍ ମିଲ୍‌ରେ ସଶସ୍ତ୍ର ଡକାୟତି ଘଟିଥିଲା। ଏଥିସହ ଜିଲାର ବିଭିନ୍ନ ରାଇସ୍ ମିଲ୍‌ରେ ବି ଗତ ୧ ମାସ ମଧ୍ୟରେ ଡକାୟତି ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ ପାଇଁ ସମ୍ବଲପୁର ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବିଭିନ୍ନ ରାଇସ୍ ମିଲ୍‌ର ସିସିଟିଭି ଫୁଟେଜ ଯାଞ୍ଚ ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗକରି ପୋଲିସର ସ୍ୱତନ୍ତ୍ର ଟିମ୍ ତଦନ୍ତ ଆଗକୁ ବଢ଼ାଇଥିଲା। ମିଳୁଥିବା ତଥ୍ୟ ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଏହି କ୍ରମରେ ବୁର୍ଲା ଥାନା ଅଧୀନ ମୁଣ୍ଡଘାଟ ନିକଟରେ ଏକ ବଡ଼ ଧରଣର ଡକାୟତି ଯୋଜନା ହେଉଥିବା ନେଇ ମଙ୍ଗଳବାର ରାତିରେ ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ୧୦ଜଣ ଡକାୟତଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ସୁନା, ଟଙ୍କା, ମାରଣାସ୍ତ୍ର ଓ ଡକାୟତିରେ ବ୍ୟବହୃତ ହେବାକୁ ଥିବା କାର୍ ଆଦି ଜବତ କରାଯାଇଥିଲା। ପଚରାଉଚରା ବେଳେ ଭେଙ୍କଟେଶ୍ୱର ରାଇସ୍ ମିଲ୍ ସଶସ୍ତ୍ର ଡକାୟତି ଘଟଣାରେ ସେମାନେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେମାନଙ୍କ ନାମରେ ପୂର୍ବରୁ ସମ୍ବଲପୁର ଜିଲାର ବିଭିନ୍ନ ଥାନାରେ ୧୫ଟି, ସୁନ୍ଦରଗଡ଼ ଓ ବରଗଡ଼ ଜିଲାରେ ୨ଟି ଲେଖାଏ, ବଲାଙ୍ଗୀର ଓ ଝାରସୁଗୁଡ଼ା ଥାନାରେ ଗୋଟିଏ ଲେଖାଏ ମିଶି ମୋଟ ୨୧ଟି ଡକାୟତି ମାମଲା ଥିବା ଏସ୍‌ପି ଭାମୁ କହିଛନ୍ତି। ଏ ନେଇ ବୁର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତ ଆଇନ ଧାରା ୩୧୦, ୩୩୧(୬)ରେ ଏକ ମାମଲା (୩୨୯/୨୪) ରୁଜୁ କରାଯାଇ ବୁଧବାର ଗିରଫ ଡକାୟତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଉକ୍ତ ଡକାୟତ ଗ୍ୟାଙ୍ଗ୍ ସହ ଅନ୍ୟ କାହାର ସମ୍ପୃକ୍ତି ଅଛି ବା ଏହାର ଚେର କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

# ଲାଞ୍ଚ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଗିରଫ

ସୋନପୁର/ ପାଟଣାଗଡ଼, ୨୪।୭
(ମୃତ୍ୟୁଞ୍ଜୟ ଶତପଥୀ/ ସଚ୍ଚିଦାନନ୍ଦ ମହାକୁଡ଼)

**ଫାଇନାଲ ବିଲ୍ ପାଇଁ ଠିକାଦାରଙ୍କଠାରୁ ନେଉଥିଲେ ୫୦ହଜାର**



ଗିରଫ ଏଇଇ ସୁଜିତ କୁମାର ପାଢ଼ୀ। ଜବତ ଟଙ୍କା।

ଫାଇନାଲ ବିଲ୍ ପାଇଁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ବଲାଙ୍ଗୀର ଜିଲା ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ଉପବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ(ଏଇଇ) ସୁଜିତ କୁମାର ପାଢ଼ୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପାଢ଼ୀ ତାଙ୍କ ପାଟଣାଗଡ଼ ଅଫିସ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ପାଟଣାଗଡ଼ସ୍ଥିତ ଏଇଇଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ ଓ ଭୁବନେଶ୍ୱର ନୀଳାଦ୍ରି ବିହାର ସ୍ଥିତ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି। ସମ୍ବଲପୁର, ସୁବର୍ଣ୍ଣପୁର ଓ ବରଗଡ଼ର ୩ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଏହା ସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୧୭/୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ପାଢ଼ୀଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପାଟଣାଗଡ଼ର ଠିକାଦାର ଜୟନ୍ତ ମେହେର ଏକ ସରକାରୀ ପ୍ରକଳ୍ପ ନିର୍ମାଣ କରିଥିଲେ। ଏହି କାମର ଫାଇନାଲ ବିଲ୍ ପ୍ରଦାନ ପାଇଁ ଏଇଇ ପାଢ଼ୀ ଠିକାଦାରଙ୍କୁ ୧ଲକ୍ଷ ଟଙ୍କା ମାଗିଥିଲେ। ଠିକାଦାର କିଛିଦିନ ପୂର୍ବରୁ ୨ କିସ୍ତିରେ ୫୦ହଜାର ଟଙ୍କା ଦେଇଥିଲେ। ତେବେ ବକେୟା ୫୦ହଜାର ଟଙ୍କା ନ ଦେବାରୁ ସେ ଫାଇନାଲ ବିଲ୍ ରିଲିଜ୍ କରୁ ନ ଥିଲେ। ମଙ୍ଗଳବାର ଠିକାଦାର ମେହେର ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଅଫିସରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଠିକାଦାର ବୁଧବାର ପାଟଣାଗଡ଼ ଏଇଇଙ୍କ ପ୍ରକୋଷ୍ଠକୁ ଆସିଥିଲେ। ଦାବି ଅନୁଯାୟୀ ସେ ଏଇଇ ପାଢ଼ୀଙ୍କୁ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ପାଢ଼ୀ ଉକ୍ତ ଟଙ୍କା ଗ୍ରହଣ କରିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁକରି ନେଇଥିଲେ। ତାଙ୍କ ନିକଟରୁ ୧୦୦ଟି ୫୦୦ଟଙ୍କିଆ ନୋଟ୍ ଭିଜିଲାନ୍ସ ଟିମ୍ ପକ୍ଷରୁ ଉଦ୍ଧାର କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ସୁଜାତା ପଣ୍ଡାଙ୍କ ନେତୃତ୍ୱରେ ବରଗଡ଼ ଭିଜିଲାନ୍ସ ଇନ୍‌ସପେକ୍ଟର ପ୍ରଭାକର ମହାପାତ୍ର ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ପାଟଣାଗଡ଼ ସରକାରୀ ବାସଭବନରେ ଚଢ଼ାଉ ସମୟରେ ନଗଦ ୨୦ହଜାର ଟଙ୍କା ମିଳିଛି। ଭୁବନେଶ୍ୱର ନୀଳାଦ୍ରି ବିହାର ବାସଭବନରେ ଯାଞ୍ଚ ଜାରି ରହିଥିବା ବେଳେ ପ୍ରକୃତ ସୂଚନା ମିଳିପାରିନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି।

# ବାରିପଦା ସହରରେ ବୁଲିଲା ଖଣ୍ଡା

**ଗାଡ଼ି ଭଙ୍ଗାରୁଜା, ଆକ୍ରମଣରେ ଜଣେ ଗୁରୁତର**

ବାରିପଦା,୨୪।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ନିଶାସକ୍ତ ଯୁବକଙ୍କ ଉତ୍ପାତ ଦେଖିବାକୁ ମିଳିଛି। ବୁଧବାର ରାତି ୯ଟାରେ ସଦର ଥାନା ଅନ୍ତର୍ଗତ ଅସ୍ତିଆ-ଲୁଲୁଙ୍ଗ ରାସ୍ତାରେ ୫-୬ଜଣ ଯୁବକ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଯୁବକମାନେ ଲୁଲୁଙ୍ଗରୁ ନିଶାଶକ୍ତ ଅବସ୍ଥାରେ ଫେରିବା ସମୟରେ ରାସ୍ତାରେ ୪-୫ଟି ଚାରିଚକିଆ ଗାଡ଼ି ଭଙ୍ଗାରୁଜା କରିଥିଲେ। ଶାମାଖୁଣ୍ଟା ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ବୋଲେରୋ ଭଙ୍ଗାରୁଜା କରିଛନ୍ତି। ବୋଲେରୋ ଡ୍ରାଇଭର ଶାମାଖୁଣ୍ଟା ବ୍ଲକ ଅଭିମୁଖେ ଫେରୁଥିବା ବେଳେ ଧନପୁର ଛକ ନିକଟରେ ଆତଙ୍କ ଉକ୍ତ ଯୁବକଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନେ ସଂଘବଦ୍ଧ ଭାବେ ବୋଲେରୋର କାଚ ଭାଙ୍ଗିଦେଇଥିଲେ। ଅନ୍ୟ ୪/୫ଟି ଗାଡ଼ି ଭାଙ୍ଗିବା ସହିତ ଏକ ଟ୍ରକରେ ବସିଥିବା ଶ୍ରମିକମାନଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ ମାନସ ଗୋଚ୍ଛାୟତ ନାମକ ଜଣେ ବ୍ୟକ୍ତି ସ୍ତ୍ରୀ ଓ ପିଲାଙ୍କୁ ଧରି ବାଇକ୍‌ରେ ଯାଉଥିବା ବେଳେ ଖଣ୍ଡା ଚୋଟରେ ଗୁରୁତର ହୋଇଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଗାଡି ଭଙ୍ଗାରୁଜା ସମ୍ପର୍କରେ ଶାମାଖୁଣ୍ଟା ବିଡିଓ ସଦର ଥାନାରେ ଅଭିଯୋଗ କରିଛନ୍ତି।

# ୫ କୋଟି ଟଙ୍କାର ସୁନା ଚୋରିକରି ଜଣେ ଗିରଫ

ଡେରାବିଶ, ୨୪।୭
(ବେବର୍ତ୍ତା ଅଜୟ କୁମାର ଦାସ)

**ଚାନ୍ଦୋଳରେ ଦିଲ୍ଲୀ ପୋଲିସର ତନାଘନା**

ଦିଲ୍ଲୀର ଜଣେ ସୁନା ବ୍ୟବସାୟୀଙ୍କର ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଚୋରି ହୋଇଥିଲା। ଏହି ଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତି କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ବୋଲି ସିସିଟିଭିରୁ ଜଣାପଡ଼ିଛି। ଏହାର ତନାଘନା ପାଇଁ ଦିଲ୍ଲୀ ପୋଲିସ ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ବଜାରରେ ମଙ୍ଗଳବାର ରାତିରେ ପହଞ୍ଚିଥିଲେ। ଏହି ସୁନାକୁ କ୍ରୟ କରିଥିବା ଚାନ୍ଦୋଳର ଜଣେ ସୁନା ବ୍ୟବସାୟୀଙ୍କ ଉପରେ ମଙ୍ଗଳବାର ରାତିରେ ଓ ବୁଧବାର ପୋଲିସ ଚଢ଼ାଉ କରିଛି। ମାତ୍ର ଏହି ବ୍ୟବସାୟୀ ଜଣକ ବ୍ୟବସାୟ ପ୍ରତିଷ୍ଠାନ ଛାଡ଼ି ପଳାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ସଦର ଥାନା ଅଞ୍ଚଳ କଣ୍ଡୁଳ ଗ୍ରାମର ବିପିନ ପଣ୍ଡା ଦିଲ୍ଲୀରେ ଜଣେ ସୁନା ବ୍ୟବସାୟୀଙ୍କ ନିକଟରେ ୧୦ ବର୍ଷ ଧରି କାମ କରି ଆସୁଥିଲେ। ବ୍ୟବସାୟୀଙ୍କ ଅନୁପସ୍ଥିତିରେ ବିପିନ ସୁନା ଚୋରି କରିଥିଲେ। ଏହି ଚୋରି ଘଟଣା ସିସିଟିଭିରେ ଧରାପଡ଼ିଥିଲା। ଦିଲ୍ଲୀ ପୋଲିସ ବିପିନଙ୍କୁ ତାଙ୍କ ଘରୁ ଗିରଫ କରିବା ପରେ ଆଣି ସୁନା ବିକ୍ରି କରିଥିବା ଚାନ୍ଦୋଳର ସୁନା ଦୋକାନ ଉପରେ ଚଢ଼ାଉ କରିଥିଲା। ହେଲେ ଦିଲ୍ଲୀ ପୋଲିସର ଏହି ତନାଘନା ସମ୍ପର୍କରେ ସଦର ଥାନା ପୋଲିସ କୌଣସି ସୂଚନା ପାଇ ନ ଥିବା ଆଇଆଇସି ସରୋଜ ସାହୁ କହିଛନ୍ତି।

## ରାତି ଅଧରେ ଘରେ ପଶି ଛେଚା ଖାଇଲେ

**ରୂପସା, ୨୪।୭(ବାଞ୍ଛାନିଧି ଦେ):** ଏକତରଫା ପ୍ରେମ କରୁଥିଲେ। ରାତି ଅଧରେ ପ୍ରେମିକାଙ୍କ ଘରେ ପଶି ଧରାପଡ଼ିବାରୁ ପରିବାର ଲୋକେ ଓ ଗ୍ରାମବାସୀ ମିଶି ଯୁବକଙ୍କୁ ନିର୍ଘୁମ ମାଡ଼ ମାରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳରେ। ଜଣେ ବିବାହିତା ମହିଳାଙ୍କୁ ଇଡ଼ଦା ଗ୍ରାମର ବିକାଶ ମଣ୍ଡଳ ଏକତରଫା ପ୍ରେମ କରିଆସୁଥିଲେ। ଉକ୍ତ ମହିଳାଙ୍କୁ ରାସ୍ତାଘାଟରେ ଦେଖିଲେ ବିକାଶ ପ୍ରେମ ନିବେଦନ କରୁଥିଲେ ବୋଲି ଅଭିଯୋଗ ହୋଇଆସୁଥିଲା। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜାଣିବା ପରେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ସରପଞ୍ଚ ବୈଠକ କରି ସମସ୍ୟାର ସମାଧାନ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦମ୍ପତି ଘରେ ଶୋଇଥିବାବେଳେ ବିକାଶ ଏକ ମାରଣାସ୍ତ୍ର ଧରି ଘରେ ପଶିଥିଲେ। ଉଭୟ ସ୍ତ୍ରୀ, ସ୍ୱାମୀଙ୍କୁ ମରଣାନ୍ତକ ଅକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ। କୌଶଳକ୍ରମେ ସେମାନେ ବାହାରି ଆସି ବିକାଶଙ୍କୁ ଘରେ ରଖି ବାହାରପଟୁ ତାଲା ପକାଇ ଦେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ବିକାଶଙ୍କୁ ବାନ୍ଧି ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ। ସିଂଲା ଥାନା ପୋଲିସ ଗାଁରେ ପହଞ୍ଚି ବିକାଶଙ୍କୁ ଥାନାକୁ ନେଇଥିଲେ। ପୁଣି ଗ୍ରାମର ଭଦ୍ରବ୍ୟକ୍ତି ଓ ସରପଞ୍ଚ ଉଭୟପକ୍ଷଙ୍କୁ ନେଇ ଆପୋଷ ସମାଧାନ କରିଥିଲେ।

## ରଣବୋଝରୁ ଆତ୍ମହତ୍ୟା ଅଭିଯୋଗ

ବରଗଡ଼,୨୪।୭
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡ଼ିଆ ଗ୍ରାମରେ ବୁଧବାର ଜଣେ ଯୁବକ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ସାମନ୍ତ ଭୁଏ (୨୪)। ରଣବୋଝ ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ବିଶ୍ୱାମିତ୍ର ଅଭିଯୋଗ କରିଛନ୍ତି। ଭଟଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, କେନ୍ଦୁଗୁଡ଼ିଆ ଗ୍ରାମରେ ୨ ଭାଇ ସାମନ୍ତ ଏବଂ ବିଶ୍ୱାମିତ୍ର ରହୁଥିଲେ। ତାଙ୍କ ବାପାଙ୍କ ମୃତ୍ୟୁ ବହୁ ପୂର୍ବରୁ ହୋଇଛି। ୨ ମାସ ଆଗରୁ ତାଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଲୋକଙ୍କ କାମଧନ୍ଦା କରିବା ସହିତ ଚାଷବାସ କରି ୨ଭାଇ ଚଳୁଥିଲେ। ଚାଷବାସ ପାଇଁ ସେ ଲୋକଙ୍କଠାରୁ ଧାର, କରଜ କରିଥିଲେ। ମା'ଙ୍କ ଦେହାନ୍ତ ପରେ ସାମନ୍ତ ଭାଙ୍ଗି ପଡ଼ିଥିବାବେଳେ ରଣବୋଝ ଚିନ୍ତାରେ ରହୁଥିଲେ ବୋଲି ଭାଇ ବିଶ୍ୱାମିତ୍ର କହିଛନ୍ତି। ତେବେ ସାମନ୍ତ କୀଟନାଶକ ପିଇ ଗୁରୁତର ଅବସ୍ଥାରେ ବିଲରେ ପଡ଼ିଥିବା ଲୋକେ ତାଙ୍କୁ ଜଣାଇଥିଲେ। ଏହାପରେ ସେ ଅନ୍ୟ ଗ୍ରାମବାସୀଙ୍କ ସହିତ ସେଠାରେ ପହଞ୍ଚିଥିଲେ ଏବଂ ଉଦ୍ଧାର କରି ସାମନ୍ତଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ ବୋଲି ବିଶ୍ୱାମିତ୍ର କହିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସାମନ୍ତଙ୍କ ମୃତ୍ୟୁ ଘଟିଥିଲା। ସାମନ୍ତଙ୍କ ମୃତ୍ୟୁ ପରେ ଭାଇ ବିଶ୍ୱାମିତ୍ର ଏକା ହୋଇଯାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପକାରିଆ ବନ୍ଧୁ,
ଆୟ ଆଣିନାହିଁ ଶିୟ ଆଣିନାହିଁ
ଆଣିଛି କଷା କେନ୍ଦୁ।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ବନ୍ଧୁତ୍ୱର ମୂଲ୍ୟ ବୁଝି ନ ଥାନ୍ତି। ବନ୍ଧୁତ୍ୱକୁ ଟଙ୍କା ପଇସାରେ ତଉଲିବା ସହ ଯାହା ପାଖରେ ଟଙ୍କା ବା ଧନ ନ ଥାଏ ସେପରି ବନ୍ଧୁକୁ ହୀନଦୃଷ୍ଟିରେ ଦେଖିଥାନ୍ତି। ତେବେ ବନ୍ଧୁତ୍ୱରେ ଧନୀ ଗରିବ ବିଚାର୍ଯ୍ୟ ହେଉ ନ ଥିବା ସ୍ଥଳେ ବନ୍ଧୁର ସାମାନ୍ୟ ବା ତୁଚ୍ଛ ବେଭାର ପ୍ରତି ତାତ୍ସଲ୍ୟ ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପର ବରଡ଼ା ହସୁଛି
ତଳ ବରଡ଼ା ଖସୁଛି
ମଝି ବରଡ଼ା ଥାଇଁ କହୁଛି
ମୋ' ଦିନକାଳ ଆସୁଛି।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ୍ୟ ସମୟକ୍ରମେ ଖସିପଡ଼ୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ**
ରାଉରକେଲା - ୭୬୯୦୧୧, ଓଡ଼ିଶା, ଭାରତ
Great Place To Work Certified

**ଶିକ୍ଷାନବିସ ଅଧିନିୟମ, ୧୯୬୧ ଅଧୀନରେ ଶିକ୍ଷାନବିସଙ୍କ ନିୟୋଜନ**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଶିକ୍ଷାନବିସ ଅଧିନିୟମ ୧୯୬୧/୧୯୭୩ ଅଧୀନରେ ନିମ୍ନଲିଖିତ ବର୍ଗରେ ୦୧ (ଏକ) ବର୍ଷ ଅବଧି ପାଇଁ ଗ୍ରାଜୁଏଟ/ଟେକ୍ନିସିଆନ୍ ଶିକ୍ଷାନବିସ ଏବଂ ଟ୍ରେଡ୍ ଶିକ୍ଷାନବିସଙ୍କ ଶିକ୍ଷାନବିସ ପ୍ରଶିକ୍ଷଣ ଲାଗି ପ୍ରାର୍ଥୀମାନଙ୍କଠାରୁ ୧ମ ପର୍ଯ୍ୟାୟ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି:

- ଟ୍ରେଡ୍ ଆପ୍ରେଣ୍ଟିସ୍ (ଆଇଟିଆଇ ଉତ୍ତୀର୍ଣ୍ଣ) : ୨୧୩
- ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ (ଡିପ୍ଲୋମା ଉତ୍ତୀର୍ଣ୍ଣ) : ୧୩୬
- ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ (ବି.ଟେକ୍. ଉତ୍ତୀର୍ଣ୍ଣ) : ୫୧
- **ବୟସ ମାନଦଣ୍ଡ:** ୧୦ ଅଗଷ୍ଟ ୨୦୨୪ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ଏବଂ ସର୍ବାଧିକ ୨୮ ବର୍ଷ।
- **ଷ୍ଟାଇପେଣ୍ଡ:** ଶିକ୍ଷାନବିସମାନେ ସେମାନଙ୍କ ନିୟୋଜନ କାଳରେ ସମୟ ସମୟରେ ସଂଶୋଧିତ ହେଉଥିବା ଶିକ୍ଷାନବିସ ଅଧିନିୟମ, ୧୯୬୧, ଶିକ୍ଷାନବିସ ନିୟମାବଳୀ, ୧୯୯୨ ଅନୁଯାୟୀ ମାସିକ ଷ୍ଟାଇପେଣ୍ଡ ପାଇବା ପାଇଁ ଯୋଗ୍ୟ ହେବେ।
- **ସଂରକ୍ଷଣ:** ଓଡ଼ିଶା ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ବୟସ କୋହଳ ନିମନ୍ତେ ପ୍ରଯୁଜ୍ୟ ବ୍ୟବସ୍ଥାର ଅନୁପାଳନ କରାଯିବ।
- **ଚୟନ:** ପ୍ରଶିକ୍ଷଣ ପାଇଁ ଶିକ୍ଷାନବିସଙ୍କ ନିୟୋଜନ ନିମନ୍ତେ ଚୟନ ମେଧା ଭିତ୍ତିରେ ହେବ, ଯେଉଁଥିରେ ସମ୍ପୃକ୍ତ ବ୍ରାଞ୍ଚ/ଟ୍ରେଡ୍ ପାଇଁ ପ୍ରଯୁକ୍ତ ନିର୍ଦ୍ଧାରିତ ମୌଳିକ ଯୋଗ୍ୟତାରେ ହାସଲ କରିଥିବା ଚୂଡ଼ାନ୍ତ ମାର୍କର ଶତକଡ଼ା (%)କୁ ବିଚାରକୁ ନିଆଯିବ।
- ପୋର୍ଟାଲ୍‌ରେ ଆବେଦନ କରିବାର ଶେଷ ତାରିଖ: ୧୦ ଅଗଷ୍ଟ, ୨୦୨୪
- **ଅନ୍‌ଲାଇନ୍ ପଞ୍ଜୀକରଣ ପୂରଣ କରିବା ପୂର୍ବରୁ ଆବଶ୍ୟକତା**

I. ଉପରୋକ୍ତ ଶିକ୍ଷାନବିସ ପଦବୀଗୁଡ଼ିକ ପାଇଁ ଆବେଦନ କରିବା ପୂର୍ବରୁ ପ୍ରାର୍ଥୀମାନଙ୍କୁ ଭାରତ ସରକାରଙ୍କ ନିମ୍ନଲିଖିତ ଏଜେନ୍ସିର ଅନ୍‌ଲାଇନ୍ ପୋର୍ଟାଲ୍‌ରେ ପ୍ରଥମେ ପଞ୍ଜୀକରଣ କରିବାକୁ ହେବ:
(କ) ଟ୍ରେଡ୍ ଶିକ୍ଷାନବିସଙ୍କ ପାଇଁ: ଲିଙ୍କ୍ https://apprenticeshipindia.gov.in
(ଖ) ଗ୍ରାଜୁଏଟ୍/ଟେକ୍ନିସିଆନ୍ ଶିକ୍ଷାନବିସଙ୍କ ପାଇଁ: ନ୍ୟାସନାଲ ଆପ୍ରେଣ୍ଟିସଶିପ୍ ଟ୍ରେନିଂ ସ୍କିମ୍ (ଏନ୍‌ଏଟିଏସ୍) ଲିଙ୍କ୍ https://nats.education.gov.in

II. ପ୍ରାର୍ଥୀଙ୍କ ନିକଟରେ ଏକ ସକ୍ରିୟ ଇମେଲ୍ ଆଇଡି ଏବଂ ମୋବାଇଲ୍ ନମ୍ବର ରହିଥିବା ଓ ତାହା ଅତି କମ୍‌ରେ ପରବର୍ତ୍ତୀ ଏକ ବର୍ଷ ପାଇଁ ବୈଧ ହୋଇଥିବା ଆବଶ୍ୟକ। ଏହି ବିଜ୍ଞାପନ ବାବଦରେ ସମସ୍ତ ଭବିଷ୍ୟତ ଯୋଗାଯୋଗ ସମେତ ଶୁଦ୍ଧିପତ୍ର/ଯୋଗପତ୍ର କେବଳ ଇ-ମେଲ୍/ଏସ୍‌ଏମ୍‌ଏସ୍ ଆଲର୍ଟ ମାଧ୍ୟମରେ କରାଯିବ।

III. ଅନ୍‌ଲାଇନ୍ ପଞ୍ଜୀକରଣ କରିବା ଏବଂ ତାହାର ଚୂଡ଼ାନ୍ତ ଦାଖଲ ପୂର୍ବରୁ ସମସ୍ତ ସୂଚନାର ସଠିକତାକୁ ସୁନିଶ୍ଚିତ କରିବା ପ୍ରାର୍ଥୀଙ୍କ ଦାୟିତ୍ୱ ହେବ।

IV. ଅନ୍‌ଲାଇନ୍ ପଞ୍ଜୀକରଣ ସମୟରେ ଦିଆଯାଇଥିବା ସୂଚନା ପାଇଁ ସମ୍ପୂର୍ଣ୍ଣ/ଏକାନ୍ତ ଭାବେ ପ୍ରାର୍ଥୀ/ପ୍ରାର୍ଥିନୀ ଦାୟୀ ରହିବେ।

V. ସଫଳ ପଞ୍ଜୀକରଣ/ଅନ୍‌ଲାଇନ୍ ଆବେଦନ ପରେ ପ୍ରାର୍ଥୀ ପୂରଣ ହୋଇଥିବା ଅନ୍‌ଲାଇନ୍ ଆବେଦନକୁ ଭବିଷ୍ୟତ ରେଫରେନ୍ସ ପାଇଁ ପ୍ରିଣ୍ଟଆଉଟ୍ ନେବା ଆବଶ୍ୟକ।

- **କେମିତି ଆବେଦନ କରିବେ**

କ) ଆଇଟିଆଇ ପାଇଁ: ପ୍ରାର୍ଥୀମାନଙ୍କର ପଞ୍ଜୀକରଣ ପାଇଁ ପ୍ରାର୍ଥୀଙ୍କୁ ପ୍ରଥମେ ୱେବ୍ ପୋର୍ଟାଲ୍ http://apprenticeshipindia.gov.inରେ ପଞ୍ଜୀକରଣ କରିବାକୁ ହେବ। ପଞ୍ଜୀକରଣ କରିବା ପରେ ପ୍ରାର୍ଥୀ ଭାବେ ଆପଣ ଆପ୍ରେଣ୍ଟିସଶିପ୍ ପୋର୍ଟାଲର ମୁଖ୍ୟ ପୃଷ୍ଠାରେ ଲଗିନ୍ କରିପାରିବେ ଏବଂ ତା'ପରେ ଆପ୍ରେଣ୍ଟିସଶିପ୍ ସୁଯୋଗକୁ ଯାଇ **ପ୍ରତିଷ୍ଠାନର ନାମ (ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ)** ଖୋଜିପାରିବେ ଏବଂ ପୋର୍ଟାଲ୍‌ରେ ଦର୍ଶିତ ଖାଲିପଦବୀ ଅନୁଯାୟୀ ନିର୍ଦ୍ଧାରିତ ଟ୍ରେଡ୍‌ରେ କ୍ଲିକ୍ କରି ଆବେଦନ କରିପାରିବେ। ପ୍ରାର୍ଥୀମାନଙ୍କୁ ସମ୍ପୃକ୍ତ ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଶିକ୍ଷାନବିସ ସୁଯୋଗ ମାଧ୍ୟମରେ ଆବେଦନ କରିବାକୁ ପଡ଼ିବ। ପଞ୍ଜୀକରଣ ବିନା ଆବେଦନକୁ ଗ୍ରହଣ କରାଯିବ ନାହିଁ ଏବଂ ପୋର୍ଟାଲ୍‌ରେ ହିଁ ଆବେଦନ କରିବାକୁ ହେବ।

ଖ) **ଡିଗ୍ରୀ/ଡିପ୍ଲୋମା ପାଇଁ:** ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ https://nats.education.gov.inରେ ଜଣେ ବିଦ୍ୟାର୍ଥୀ ଭାବେ ପଞ୍ଜୀକରଣ କରିବା ଲାଗି ପରାମର୍ଶ ଦିଆଯାଉଛି। ନିଜର ପଞ୍ଜୀକରଣ କରିବା ପରେ, ଆପଣ ଜଣେ ପ୍ରାର୍ଥୀ ଭାବେ ଏନ୍‌ଏଟିଏସ୍ ପୋର୍ଟାଲ୍‌ର ମୁଖ୍ୟ ପୃଷ୍ଠାରେ ଲଗ୍ ଇନ୍ କରିପାରିବେ ଏବଂ ତା'ପରେ **ପ୍ରତିଷ୍ଠାନ ଅନୁରୋଧକୁ** ଯାଇ **ପ୍ରତିଷ୍ଠାନ ସନ୍ଧାନ** ଉପରେ କ୍ଲିକ୍ କରିପାରିବେ। ପୋର୍ଟାଲ୍‌ରେ ପ୍ରଦର୍ଶିତ ଉତ୍ତୀର୍ଣ୍ଣ ଇଞ୍ଜିନିୟରିଂ ଶାଖାରେ ଆବେଦନ କରିବା ପାଇଁ ପ୍ରାର୍ଥୀମାନଙ୍କ **ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ରାଉରକେଲା** ଚୟନ କରିବା ଆବଶ୍ୟକ।

- ସୁନ୍ଦରଗଡ଼ ଜିଲ୍ଲାର ଯୋଗ୍ୟ ବାସିନ୍ଦାମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରାଧାନ୍ୟ ଦିଆଯିବ। କେବଳ ଯଦି ସୁନ୍ଦରଗଡ଼ ଜିଲ୍ଲାର ବାସିନ୍ଦାମାନଙ୍କ ଦ୍ୱାରା ପଦବୀଗୁଡ଼ିକୁ ପୂରଣ କରାଯାଇପାରୁ ନ ଥାଏ, ତେବେ ହିଁ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ଏବଂ ଭାରତର ଅନ୍ୟାନ୍ୟ ସ୍ଥାନର ଯୋଗ୍ୟ ଆବେଦନକାରୀଙ୍କୁ ଚୟନ ପାଇଁ ବିଚାରକୁ ନିଆଯିବ।
- **ଯେକୌଣସି ସମୟରେ ଚୟନ ପ୍ରକ୍ରିୟାକୁ ବାତିଲ କରିବାର ଏକାନ୍ତ ଅଧିକାର ମ୍ୟାନେଜମେଣ୍ଟ ନିକଟରେ ସଂରକ୍ଷିତ। ଚୟନ ସଂକ୍ରାନ୍ତରେ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଚୂଡ଼ାନ୍ତ ହେବ। ଅଧିକନ୍ତୁ, ଯେକୌଣସି ଟ୍ରେଡ୍/ଶୃଙ୍ଖଳାରେ ପ୍ରାର୍ଥୀମାନଙ୍କ ଉପଲବ୍ଧତା ଆଧାରରେ ଶିକ୍ଷାନବିସ ପ୍ରଶିକ୍ଷଣ ପାଇଁ ଯେକୌଣସି କିମ୍ବା ସମସ୍ତ ଖାଲିସ୍ଥାନକୁ ପୂରଣ କରିବା କିମ୍ବା ନ କରିବାର ସମ୍ପୂର୍ଣ୍ଣ ଅଧିକାର ମ୍ୟାନେଜମେଣ୍ଟ ନିକଟରେ ସଂରକ୍ଷିତ। ପ୍ରତ୍ୟେକ ଶିକ୍ଷାନବିସ ଟ୍ରେଡ୍ ପାଇଁ ଖାଲିସ୍ଥାନ ସାଙ୍କେତିକ ଅଟେ ଏବଂ ଚୟନ ପ୍ରକ୍ରିୟା ସମୟରେ ତାହା ପରିବର୍ତ୍ତିତ ହୋଇପାରେ।**
- **ଶିକ୍ଷାନବିସ ପ୍ରଶିକ୍ଷଣ ସମାପ୍ତି ସମୟରେ ଏବଂ/କିମ୍ବା ପରେ ଶିକ୍ଷାନବିସଙ୍କୁ ନିୟମିତ କର୍ମନିଯୁକ୍ତି ଯୋଗାଇବା ପାଇଁ ଆର୍‌ଏସ୍‌ପି ବାଧ୍ୟ ହେବ ନାହିଁ, ଯାହା କାର୍ଯ୍ୟଭାର ଗ୍ରହଣ କରିବା ତାରିଖଠାରୁ ଏକ ବର୍ଷ ଅଟେ।**

ପଞ୍ଜୀକୃତ କାର୍ଯ୍ୟାଳୟ: ଇସ୍ପାତ ଭବନ, ଲୋଦି ରୋଡ୍, ନୂଆଦିଲ୍ଲୀ ୧୧୦ ୦୦୩
କର୍ପୋରେଟ୍ ପରିଚୟ ସଂଖ୍ୟା: ଏଲ୍27109ଡିଏଲ୍1973ଜିଓଆଇ006454, ୱେବ୍‌ସାଇଟ୍: www.sail.co.in
CBC 40109/12/0005/2425
ସମସ୍ତଙ୍କ ଜୀବନରେ ଅଛି ସେଲ



**ମୋରାରଜୀ ଦେଶାଇ ରାଷ୍ଟ୍ରୀୟ ଯୋଗ ଅନୁଷ୍ଠାନ
ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର**
୬୮, ଅଶୋକା ରୋଡ୍, ନୂଆଦିଲ୍ଲୀ-୧୧୦୦୦୧
ଫୋନ୍: ୦୧୧-୨୩୭୩୦୪୧୮, ୨୩୩୫୧୦୯୯, ୨୩୭୨୧୪୭୨ ଟେଲିଫାକ୍ସ: ୦୧୧-୨୩୭୧୧୬୫୭
ଇ-ମେଲ୍: dir-mdniy@nic.in ୱେବ୍‌ସାଇଟ୍: www.yogamdniy.nic.in

ମୋରାରଜୀ ଦେଶାଇ ରାଷ୍ଟ୍ରୀୟ ଯୋଗ ଅନୁଷ୍ଠାନ (ଏମ୍‌ଡିଏନ୍‌ଆଇୱାଇ)ରେ ନିମ୍ନଲିଖିତ ପଦବୀରେ ଡେପୁଟେଶନ୍ କାର୍ଯ୍ୟରେ ନିୟୋଜିତ ହେବା ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:

| କ୍ର.ସଂ. | ପଦବୀର ନାମ | ପଦବୀର ସଂଖ୍ୟା/ବର୍ଗ | ବେତନ ହାର |
|---|---|---|---|
| ୧ | ଆକାଉଣ୍ଟାଣ୍ଟ | ୦୧ (ଓବିସି)* | ସ୍ତର-୬ (ଟ.୩୫୪୦୦-୧୧୨୪୦୦) |
| ୨ | ଆସିଷ୍ଟାଣ୍ଟ | ୦୧ (ୟୁଆର)* | ସ୍ତର-୬ (ଟ. ୩୫୪୦୦-୧୧୨୪୦୦) |

• ଉପରୋକ୍ତ ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପଦ୍ଧତି - ଡେପୁଟେଶନ୍ ଦ୍ୱାରା
ପଦବୀ ପୂରଣ କରିବା ଲାଗି ଯୋଗ୍ୟତା, ଅଭିଜ୍ଞତା, ବୟସ ଆଦି ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଅନୁଷ୍ଠାନର ୱେବ୍‌ସାଇଟ୍ www.yogamdniy.nic.in ଏବଂ ଆୟୁଷ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.ayush.gov.inରୁ ହାସଲ କରାଯାଇପାରିବ। ସମ୍ପୂର୍ଣ୍ଣ ଆବେଦନପତ୍ରକୁ **ନିର୍ଦ୍ଦେଶକ, ମୋରାରଜୀ ଦେଶାଇ ରାଷ୍ଟ୍ରୀୟ ଯୋଗ ଅନୁଷ୍ଠାନ (ଏମ୍‌ଡିଏନ୍‌ଆଇୱାଇ), ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର, ୬୮, ଅଶୋକା ରୋଡ୍, ନୂଆଦିଲ୍ଲୀ-୧୧୦୦୦୧** ଠିକଣାରେ ଜଉମୁଦଦିଆ ଲଫାପାରେ "________ପଦବୀ ପାଇଁ ଦରଖାସ୍ତ ଆବେଦନ" ଲେଖି ପଠାଯାଇପାରିବ। ଏମ୍‌ଡିଏନ୍‌ଆଇୱାଇରେ ଦରଖାସ୍ତର ହାର୍ଡ କପି ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି **ଏମ୍ପ୍ଲୟମେଣ୍ଟ ନ୍ୟୁଜ୍ ବିଜ୍ଞାପନ ନଂ. ସିବିସି ୧୭୨୧୩/୧୧/୦୦୦୨/୨୪୨୫, ଅର୍ଥାତ୍ ୧୩-୧୯ ଜୁଲାଇ ୨୦୨୪, ଏମ୍‌ଡିଏନ୍‌ଆଇୱାଇ ୱେବ୍‌ସାଇଟ୍‌ରେ ପ୍ରକାଶିତ ତାରିଖରୁ ୪୫ ଦିନ।**
OIPR-17213/11/0003/2425
ପ୍ରଶାସନିକ ଅଧିକାରୀ



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୧୧୨୮ - IND-II-PH-835 | ତାରିଖ: ୨୨।୦୭।୨୦୨୪

**ବିଜ୍ଞାପନ**

No. CAD-649: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଓଏମ୍‌ଡ଼ିସି ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବେଲକୁଣ୍ଡି, ନାଲଡ଼ା, କାରାକୋଲ୍ହା, କାରାକେନ୍ଦ୍ରା ଏବଂ ଉଲିବୁରୁ ଗ୍ରାମରେ ୧୨୭୬.୭୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବେଲକୁଣ୍ଡି ଲୌହ ଏବଂ ମାଙ୍ଗାନିଜ ଖଣିରୁ ଲୌହ ଉତ୍ପାଦନ କ୍ଷମତା ବାର୍ଷିକ ୧.୮ ମିଲିୟନ ଟନକୁ ଏବଂ ମାଙ୍ଗାନିଜ ଖଣିଜର ବାର୍ଷିକ ଉତ୍ପାଦନ କ୍ଷମତା ୦.୩ ମିଲିୟନ ଟନକୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା୨୫।୧୦।୨୦୨୩ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବଡ଼ବିଲ ମୌଜା, ୟୁନିଟ୍-୭ {ଖାତା ନଂ. ୪୮୩, ପ୍ଲଟ ନଂ. ୧୩୪୩/୧୭୭୨, ପ୍ରସ୍ତାବିତ ୦.୪୪୦ ଏକର ଅଞ୍ଚଳ, ଘରବାରି-II କିସମ (ଭାରତ ପ୍ରୋସେସ୍ ଆଣ୍ଡ ମେକାନିକାଲ ଇଞ୍ଜିନିର୍ୟସ ଲିମିଟେଡ, ଠାକୁରାଣୀ)}ଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।
ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦ ପତ୍ର ଯଥା "The Times of India" ଏବଂ "ଧରିତ୍ରୀ"ରେ ତା୩୦।୦୯।୨୦୨୩ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଉକ୍ତଦିନ ଦୁର୍ଗାମୂର୍ତ୍ତି ବିସର୍ଜନ ସମୟରେ ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୧୭।୦୮।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବଡ଼ବିଲ ମୌଜା, ୟୁନିଟ୍-୭ {ଖାତା ନଂ. ୪୮୩, ପ୍ଲଟ ନଂ. ୧୩୪୩/୧୭୭୨, ପ୍ରସ୍ତାବିତ ୦.୪୪୦ ଏକର ଅଞ୍ଚଳ, ଘରବାରି-II କିସମ (ଭାରତ ପ୍ରୋସେସ୍ ଆଣ୍ଡ ମେକାନିକାଲ ଇଞ୍ଜିନିୟର୍ସ ଲିମିଟେଡ, ଠାକୁରାଣୀ)}ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୦୮।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ବଡ଼ବିଲ ମୌଜା, ୟୁନିଟ୍-୭ {ଖାତା ନଂ. ୪୮୩, ପ୍ଲଟ ନଂ. ୧୩୪୩/୧୭୭୨, ପ୍ରସ୍ତାବିତ ୦.୪୪୦ ଏକର ଅଞ୍ଚଳ, ଘରବାରି-II କିସମ (ଭାରତ ପ୍ରୋସେସ୍ ଆଣ୍ଡ ମେକାନିକାଲ ଇଞ୍ଜିନିୟର୍ସ ଲିମିଟେଡ, ଠାକୁରାଣୀ)} ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0036-2023/16/2024
OIPR-08012/11/0037/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଏସ୍‌ଟି ସ୍ଲାବ୍‌ର ହୋଇପାରେ ସରଳୀକରଣ

**ଭୁବନେଶ୍ୱର, ୨୪।୭(ଅନୁରାଧା ମହାରଣା)**

ଗୁଡ୍ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ(ଜିଏସ୍‌ଟି) ସ୍ଲାବ୍‌ରେ ସରକାର ବଡ଼ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। ଆଗାମୀ ଦିନରେ ଜିଏସ୍‌ଟି ଟ୍ୟାକ୍ସ ସ୍ଲାବ୍ ୪ରୁ ୩କୁ ହ୍ରାସ କରାଯାଇପାରେ। ଜିଏସ୍‌ଟିରେ ଏକାଧିକ ହାର ବ୍ୟବସ୍ଥା କାରଣରୁ ବର୍ଗୀକରଣକୁ ନେଇ ଦେଖାଯାଉଥିବା ବିବାଦର ସମାଧାନ ପାଇଁ ସରକାର ଏହି ପଦକ୍ଷେପ ନେଇପାରିବେ। ଏକ ସାକ୍ଷାତ୍‌କାରରେ ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମସ୍ ବୋର୍ଡ (ସିବିଆଇସି) ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଉକ୍ତ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଭିନ୍ନ ପ୍ରକାର ଜିଏସ୍‌ଟି ହାର ହେତୁ ବର୍ଗୀକରଣ ବିବାଦ ଉପୁଜିଛି, ଯାହା ସଂଶୋଧନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ବର୍ତ୍ତମାନ ଲାଗୁହେଉଥିବା ୪ଟି ଜିଏସ୍‌ଟି ହାର ୫%, ୧୨%, ୧୮% ଏବଂ ୨୮%କୁ ୩ ବର୍ଗରେ ବିଭକ୍ତ କରାଯାଇପାରେ। ଜିଏସ୍‌ଟି ସଂଗ୍ରହ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ଆସନ୍ତା ମାସରେ ଏହି ଉନ୍ନତିମୂଳକ କାର୍ଯ୍ୟ ଶେଷ ହେବ ବୋଲି ସେ ନିଶ୍ଚିତ କରିଛନ୍ତି। ସୂଚନା ଥାଉକି, କେତେକ ଜରୁରୀ ଜିନିଷ ଉପରେ କୌଣସି ଜିଏସ୍‌ଟି ଥିବାବେଳେ ସୁନା ଉପରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥାଏ। ହାଇ ଏଣ୍ଡ ମୋଟର ଯାନ ଉପରେ ଜିଏସ୍‌ଟି ସେସ୍ ମଧ୍ୟ ଆଦାୟ କରାଯାଏ। ତେବେ ଅର୍ଥନୀତି ବିଶେଷଜ୍ଞମାନେ ବିଭିନ୍ନ ସମୟରେ ୫ ପ୍ରତିଶତ, ୧୨ରୁ ୧୮ ପ୍ରତିଶତ ଏବଂ ୨୮ପ୍ରତିଶତ ଟ୍ୟାକ୍ସ ହାରକୁ ନେଇ ଏକ ସ୍ଲାବ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ବଜେଟ ଭାଷଣରେ ଜିଏସ୍‌ଟିରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଏସ୍‌ଟିର ଲାଭକୁ ସରଳ କରିବା ପାଇଁ ଭବିଷ୍ୟତରେ ଏହାକୁ କରାଯିବ ଏବଂ ଜିଏସ୍‌ଟି ହାର ଗଠନକୁ ଯୁକ୍ତିଯୁକ୍ତ କରାଯିବ ଓ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଏହାର ଆଭିମୁଖ୍ୟରେ ଅଣାଯିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଲୋକ ସଭା ନିର୍ବାଚନ ପ୍ରଚାର ସମୟରେ ବିରୋଧୀମାନେ ବର୍ତ୍ତମାନର ଜିଏସ୍‌ଟି ବ୍ୟବସ୍ଥା ସମ୍ପର୍କରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ନିର୍ବାଚନୀ ଇସ୍ତାହାରରେ ଜିଏସ୍‌ଟି ୨.୦କୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ଜିଏସ୍‌ଟି ହାରକୁ ସରଳକରି ଟିକସ ଭାର ହ୍ରାସ କରିବାକୁ ମୋଦି ସରକାର ମଧ୍ୟ ଚାପରେ ଅଛନ୍ତି। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ ଖାନ୍ନାଙ୍କ ଦ୍ୱାରା ଗଠିତ କମିଟି ଏ ପର୍ଯ୍ୟନ୍ତ ଜିଏସ୍‌ଟି ପରିଷଦକୁ ଏହାର ସୁପାରିସ ଦାଖଲ କରିନାହିଁ। ବ୍ରୋକ୍‌ରେଜ୍ ହାଉସ ଆମ୍ବିଟ କ୍ୟାପିଟାଲ ଏହାର ରିସର୍ଚ୍ଚ ନୋଟ୍‌ରେ କହିଛି, ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି ଏହା ମଧ୍ୟ କହିଛି, ଯେଉଁ ଦ୍ରବ୍ୟ ଉପରେ ଜିଏସ୍‌ଟି ଛାଡ଼ ଦିଆଯାଉଛି ତାହା ସ୍ୱଳ୍ପ ଆୟ ବର୍ଗର ଲୋକଙ୍କ ଅପେକ୍ଷା ଧନୀ ଲୋକଙ୍କୁ ସୁହାଉଛି।




# ସିଆଇଆଇର ଏମ୍‌ଏସ୍‌ଏମ୍‌ଇ ଭେଣ୍ଡର କନେକ୍ଟ ସିରିଜ

**ଭୁବନେଶ୍ୱର,୨୪।୭**

ଭାରତୀୟ ଶିଳ୍ପ ମହାସଂଘ (କନ୍‌ଫେଡରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ବା ସିଆଇଆଇ)ର ଓଡ଼ିଶା ରାଜ୍ୟ ପରିଷଦର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସିଆଇଆଇ ଏମ୍‌ଏସ୍‌ଏମ୍‌ଇ ଭେଣ୍ଡର କନେକ୍ଟ ସିରିଜ୍-୨୦୨୪'ର ପ୍ରଥମ ସଂସ୍କରଣ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ ଏମ୍‌ଏସ୍‌ଏମ୍‌ଇ ଭେଣ୍ଡର କନେକ୍ଟ ସିରିଜ-୨୦୨୪ର ପ୍ରଥମ ସଂସ୍କରଣରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ଦୃଶ୍ୟମାନତା ଓ ଅଭିବୃଦ୍ଧି ସୁଯୋଗ ବୃଦ୍ଧିରେ ଓଡ଼ିଶା ରାଜ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଉଦ୍ଦିଷ୍ଟ ପ୍ଲାଟ୍‌ଫର୍ମ 'ବ୍ୟବସାୟିକ ଦିଗ୍‌ବଳୟ ବିସ୍ତାର' ଶୀର୍ଷକ ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା.ପ୍ରଦୀପ୍ତ ମହାନ୍ତି କହିଛନ୍ତି,ରାଜ୍ୟରେ ଶିଳ୍ପର ଅଭିବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଓ ବଜାୟ ରଖିବା, ଉପଦେଷ୍ଟା ଓ ପରାମର୍ଶଦାତା ପ୍ରକ୍ରିୟା ମାଧ୍ୟମରେ ଶିଳ୍ପ ଓ ସରକାରଙ୍କ ସହ ଭାଗୀଦାରି କରିବା ଦିଗରେ ସିଆଇଆଇ କାର୍ଯ୍ୟ କରୁଛି। ଏପରିକି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଆମ ଅର୍ଥନୀତିର ମେରୁଦଣ୍ଡ ହୋଇଥିଲାବେଳେ ଜିଡିପି ଅଭିବୃଦ୍ଧି, ଶିଳ୍ପ ଉତ୍ପାଦନ ଏବଂ ରପ୍ତାନି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ଏହି ଅଧିବେଶନରେ ଏମ୍‌ଏସ୍‌ଏମ୍‌ଇ ବ୍ୟବସାୟର ସୁଯୋଗ ବୃଦ୍ଧି ଉପରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା ଏବଂ ଏଥିରେ ବେଦାନ୍ତ,ହିଣ୍ଡାଲ୍‌କୋ, ରାଉରକେଲା ଇସ୍ପାତ କାରଖାନା,ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ, ଶ୍ୟାମ ମେଟାଲିକ୍ସ, ଟାଟା ପାୱାର, ଟିଆର୍‌ଏଲ୍ କ୍ରୋସାକି ଏବଂ ଡାଲମିଆ ସିମେଣ୍ଟ ଭଳି ବଡ଼ ବଡ଼ କମ୍ପାନୀ ସହ ବି୨ବି ଅଧିବେଶନ ସାମିଲ ଥିଲା। ଉଦ୍‌ଘାଟନୀ ଅଧିବେଶନରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ପ୍ରଦୀପ୍ତ ମହାନ୍ତି, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ଗୁପ୍ତା, ବାଣିଜ୍ୟିକ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ୱାର୍କସ ମୁଖ୍ୟ ଗିରୀଶ ନାୟକ, ଏଚ୍ଆଇଏଲ୍ ଆଦିତ୍ୟ ଆଲୁମିନାର ସଭାପତି ସମୀର ନାୟକ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଓଆଇଏସ୍ (ଏସ୍‌ଏଜି) ପ୍ରଭୁପ୍ରସାଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲର ନୂତନ ଅଭିଯାନ

**ନୂଆଦିଲ୍ଲୀ,୨୪।୭**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଇସିଆଇସିଆଇ ପ୍ରୁଡେନ୍ସିଆଲର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍‌ସ୍ୟୁରାନ୍ସ ପ୍ଲାନ୍ (ପ୍ରଡକ୍ଟ) ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ଜରିଆରେ ଲାଇଫ୍ କଣ୍ଟିନ୍ୟୁଟି ବିକଳ୍ପ ପ୍ରଦାନ କରିଛି। ଏହି ଫିଚର ପରିବାରକୁ ମାସିକ ଆୟ ଭାବେ କ୍ଲେମ୍ ବା ଦାବି ଅର୍ଥ ହାସଲ କରିବାକୁ ସକ୍ଷମ କରିଥିଲାବେଳେ ପରିବାର ପାଇଁ ଖୁବ୍ ଉପଯୋଗୀ ମଧ୍ୟ ହୋଇଥାଏ। ସେହିଭଳି ପ୍ରତ୍ୟେକ ଆୟକାରୀ ବ୍ୟକ୍ତିଙ୍କର ଏକ ଘର କିଣିବା, ପିଲାମାନଙ୍କ ଶିକ୍ଷା ପାଇଁ ପାଣ୍ଠି କିମ୍ବା ଅବସର ସମୟ ପାଇଁ ଅର୍ଥ ସଞ୍ଚୟ କରିବା ଭଳି କିଛି ଆର୍ଥିକ ଲକ୍ଷ୍ୟ ରହିଥାଏ। କିନ୍ତୁ ପରିବାରର ଆୟକାରୀ ସଦସ୍ୟଙ୍କ ଅକାଳ ମୃତ୍ୟୁ ସେହି ଲକ୍ଷ୍ୟ ପ୍ରତି ବାଧା ସୃଷ୍ଟି ସହ ପରିବାରକୁ ଆର୍ଥିକ ଚାପରେ ପକାଇଥାଏ। ତେଣୁ ଲୋକମାନେ 'ପ୍ରଥମେ ସୁରକ୍ଷା ପରେ ସଞ୍ଚୟ' ଆଭିମୁଖ୍ୟକୁ ଅନୁସରଣ କରିବା ଉଚିତ ବୋଲି କୁହାଯାଉଛି। ଏପରିକି ଏକ ଆର୍ଥିକ ସଞ୍ଚୟ ଯୋଜନା ପାଇଁ ପ୍ରାରମ୍ଭିକ ବିନ୍ଦୁ ହେଉଛି, ଏକ ଟର୍ମ ଇନ୍‌ସ୍ୟୁରାନ୍ସ ପ୍ଲାନ୍ କ୍ରୟ କରିବା। କାରଣ ଯଦି ଆୟକାରୀ ସଦସ୍ୟଙ୍କ ମୃତ୍ୟୁ ଘଟେ,ତେବେ ଲାଇଫ୍ କଭର ରାଶି ସମସ୍ତ ବକେୟା ଦାୟିତ୍ୱକୁ କଭର କରିବା ଏବଂ ପରିବାର ପାଇଁ ନିଜ ଜୀବନ ସହ ସଞ୍ଚୟ ଜାରି ରଖିବା ପାଇଁ ଏହି ରାଶି ପର୍ଯ୍ୟାପ୍ତ ହେବ। ସେହିପରି ଏହାକୁ ଦୃଷ୍ଟିରେ ରଖି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ତା'ର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟରେ 'ଲାଇଫ୍ କଣ୍ଟିନ୍ୟୁଟି' ବିକଳ୍ପ ପ୍ରଦାନ କରିଛି। ଏହି ଫିଚର ପରିବାରକୁ ମାସିକ ଆୟ ଭାବେ କ୍ଲେମ୍ ବା ଦାବି ଅର୍ଥ ହାସଲ କରିବାକୁ ସକ୍ଷମ କରିଥାଏ ; ଯାହାକି ପରିବାର ପାଇଁ ଖୁବ୍ ଉପଯୋଗୀ ହୋଇଥାଏ।

# କଙ୍କ୍ରିଟୋ ୟୁନୋର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୭**

ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ନୂତନ ଉତ୍ପାଦ 'କଙ୍କ୍ରିଟୋ ୟୁନୋ (ହାଇଡ୍ରୋଫୋବିକ କଙ୍କ୍ରିଟ୍)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ହାଇଡ୍ରୋଫୋବିକ ଉପାଦାନ, ଅଭିନବ ଲ୍ୟାମ୍-ଲକ୍ ଫର୍ମୁଲା ଏକତ୍ରିତ ହେବା ସହ ଏହି ସ୍ୱତନ୍ତ୍ର କଙ୍କ୍ରିଟ୍ ନିର୍ମାଣର ମାନକୁ ବ୍ୟାଖ୍ୟା କରିଥାଏ। କଙ୍କ୍ରିଟୋ ୟୁନୋ (ହାଇଡ୍ରୋଫୋବିକ କଙ୍କ୍ରିଟ୍)ରେ ଆର୍ଦ୍ରତାରେ ଓ ଏକ ସ୍ୱତନ୍ତ୍ର ମିକ୍ସ ଡିଜାଇନର ଅନନ୍ୟ ମିଶ୍ରଣ ରହିଛି, ଯାହା କଙ୍କ୍ରିଟ୍ ମଧ୍ୟରେ କାପିଲାରି ଗଠନକୁ ରୋକିଥାଏ। ଏସମ୍ପର୍କରେ ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ଚିଫ୍ ରେଡି-ମିକ୍ସ କଙ୍କ୍ରିଟ୍ ଓ ମର୍ଡନ ବିଲ୍ଡିଂ ମ୍ୟାଟେରିଆଲ୍ସ ଅଫିସର ପ୍ରଶାନ୍ତ ଝା କହିଛନ୍ତି, କଙ୍କ୍ରିଟୋ ୟୁନୋ (ହାଇଡ୍ରୋଫୋବିକ କଙ୍କ୍ରିଟ୍) ନିର୍ମାଣ ସାମଗ୍ରୀ ଶିଳ୍ପରେ ଏକ ବୈପ୍ଳବିକ ପରିବର୍ତ୍ତନ (ଗେମ୍-ଚେଞ୍ଜର ହାଇଡ୍ରୋଫୋବିକ କଙ୍କ୍ରିଟ୍) ସହ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ କମ୍ କରିଥାଏ ଓ ଗ୍ରାହକଙ୍କୁ ଏହା ମାନସିକ ଶାନ୍ତି ଦେଇଥାଏ। ସେହିପରି କମ୍ପାନୀର ମାର୍କେଟିଂ, ଇନୋଭେଶନ ଆଣ୍ଡ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ ଚିରାଗ ଶାହ କହିଛନ୍ତି,କଙ୍କ୍ରିଟୋ ୟୁନୋ ହାଇଡ୍ରୋଫୋବିକ କଙ୍କ୍ରିଟ୍ ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଉଦ୍ଭାବନ ଓ ଉତ୍କର୍ଷ ପାଇଁ ଆମର ପ୍ରୟାସ ପ୍ରତି ଏକ ପ୍ରମାଣ ।


# Classified Everyday
0674-2580101, 2549949


REAL ESTATE

SALE


କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call-9937544226.** D-756

30ft. Road, Boundary, Gharabari plot sale, East College, Nakhara. 9776866520. D-75978

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-835

**Plot for sale at Puri Konark Marine Drive (850/- per sqft.). Contact: 6371703010.** D-825


FOR RENT

Three/two BHK garden front house in Cuttack Link Road area for family. 9437071072, 8976387331. D-71390


Healthcare

Fully relaxed body massage trained therapist. Central SPA. 9556483961. D-75763

Relax, refresh your body, mind by expert therapist. Contact: 9938843929. D-768

Monalisa Massage Club: All types body massage with hiprofile smart lady rooms service available. 9708545108. D-811

Relax refreshment body massage therapy by experience lady therapist. 7008773793. D-76133

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଫଗ୍ନାମ କେଶରୀ ମହାପାତ୍ର
ଧରାବତରଣ- ୧୯.୦୯.୧୯୭୮
ସର୍ଗାରୋହଣ- ୧୪.୦୭.୨୦୨୪

ତମେ ଏକ ସରଳ ଜଣେ ସମାଜ ସେବି, ପିତୃ ମାତୃ, ଭାଇ ଭଉଣୀ, ସାଙ୍ଗ ସାଥି ସ୍ନେହି। ଦୟାଳୁ ପ୍ରକୃତି ପ୍ରେମି ମଣିଷଟିଏ ଥିଲ। ତମର ଅନୁପସ୍ଥିତି ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତମେ ଆମକୁ ତମେ ଛାଡ଼ି ଯାଇଥିବା ସ୍ମୃତି ଗୁଡ଼ିକ ଚିରସ୍ମରଣୀୟ ହୋଇ ରହିବ। ତମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ହତଭାଗା ବାପା, ମା, ସ୍ତ୍ରୀ, ପୁଅ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୭୭୧୧୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ କରିସାରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

See Career Appointment on every Wednesday & Saturday


# ୨୭ରୁ ଆଇସିସିର ମେଗା ନିଯୁକ୍ତିମେଳା

**ଭୁବନେଶ୍ୱର,୨୪।୭**

ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ(ଆଇସିସି)ର ବହୁ ପ୍ରତୀକ୍ଷିତ ତଥା ୨ ଦିନିଆ ନିଯୁକ୍ତିମେଳା ୨୦୨୪ ଜୁଲାଇ ୨୭ରୁ ଆରମ୍ଭ ହେଉଛି। ଏହି ୨ଦିନିଆ ମେଗା ନିଯୁକ୍ତି ମେଳା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଲୁମ୍ବିନୀ ବିହାରସ୍ଥିତ ଗ୍ରାଣ୍ଡ ଲୁମ୍ବିନି କନଭେନ୍‌ସନଠାରେ ଆୟୋଜିତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୨୭ ଓ ୨୮ରେ ଏହି ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବ ବୋଲି ଆଇସିସି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ମେଗା ନିଯୁକ୍ତି ମେଳା ବିଭିନ୍ନ ଶିଳ୍ପର ଅଗ୍ରଣୀ କମ୍ପାନୀଗୁଡ଼ିକ ସହିତ ଚାକିରୀ ଖୋଜୁଥିବା ଯୋଗ୍ୟ ପ୍ରାର୍ଥୀ (ଲୋକ)ଙ୍କୁ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଏହି ମେଳାରେ ପ୍ରାୟ ୩୫ଟି ସଂସ୍ଥା ଅଂଶଗ୍ରହଣ କରିବେ। ସେହିପରି ଅଂଶଗ୍ରହଣକାରୀ କମ୍ପାନୀଗୁଡ଼ିକ ହେଲା ଆଇ କନ୍‌ସଲ୍‌ଟାନ୍ସି, ହୋଟେଲ ପାଲ୍ ହାଇଟ୍ସ, ସ୍ୱୋଲ କିଆ, କଳିଙ୍ଗ ଅଟୋମୋବାଇଲ, ଖୁସ୍‌ଗୀ, ଡ୍ରିମ୍ ୟୁନିଭର୍ସିଟି, ଏଡ଼ିଏଫ୍‌ସି ବ୍ୟାଙ୍କ, ପ୍ରଶାନ୍ତ ହସ୍ପିଟାଲ, ଗୁରୁନାନି ମୋଟର୍ସ, ସ୍କାନ୍ ଷ୍ଟିଲ, ଫିନିକ୍ସ କନ୍‌ସଲ୍‌ଟିଂ, ସ୍ୱାର୍କ ଇଣ୍ଡିଆ, ମେ ଫେୟାର ହୋଟେଲ, ଅର୍ଶିମା ଗ୍ରୁପ, ମିଟ୍ ମେଗା ଫୁଡ୍ ପାର୍କ, ଆପୋଲୋ, ଏସ୍‌ଏନ୍‌ଏମ୍, ଲାଇଫ୍ ହୋଟେଲ, କାନାରା ବ୍ୟାଙ୍କ, ଟୁଭି ମୋଟର୍ସ ଭଳି ସଂସ୍ଥା ସାମିଲ ରହିଛି। ଯେଉଁଥିରେ ଆତିଥ୍ୟ, ସ୍ୱାସ୍ଥ୍ୟସେବା, ବ୍ୟାଙ୍କିଙ୍ଗ, ଆଇଟି, ଅଳଙ୍କାର, ଅଟୋମୋବାଇଲ, ଏଡ୍ୱାର୍ ଭଳି ପ୍ରମୁଖ ନିଯୁକ୍ତି ସୁଯୋଗ ଉପଲବ୍ଧ ରହିଛି , ସବୁଠୁ ବଡ଼ କଥା ହେଉଛି ସେ ସାକ୍ଷାତ୍‌କାର ପ୍ରସ୍ତୁତି ଉପରେ ଧ୍ୟାନଦେଇ ଶିଳ୍ପପତିମାନଙ୍କ ନେତୃତ୍ୱରେ ଅଧିବେଶନ ମଧ୍ୟ ରଖାଯାଇଛି। ନେଟ୍‌ୱାର୍କ ଏବଂ ନିଯୁକ୍ତିଦାତାମାନଙ୍କ ସହ ସିଧାସଳଖ କଥାବାର୍ତ୍ତା ପାଇଁ ସୁଯୋଗ ମିଳିବ। ଆଇସିସି ନିଯୁକ୍ତିମେଳା ୨୦୨୪ ହେଉଛି ଚାକିରି ଖୋଜୁଥିବା ବ୍ୟକ୍ତିଙ୍କ ପାଇଁ ସମ୍ଭାବ୍ୟ ନିଯୁକ୍ତିଦାତାଙ୍କ ସହ ନେଟ୍‌ୱାର୍କ ପ୍ରତିଷ୍ଠା କରିବା, ଶିଳ୍ପ ଜ୍ଞାନ ଆହରଣ କରିବା ଏବଂ ବିଭିନ୍ନ ବୃତ୍ତି ସୁଯୋଗ ଅନ୍ୱେଷଣ ପାଇଁ ଉପଯୁକ୍ତ ପ୍ଲାଟ୍‌ଫର୍ମ ଯୋଗାଇଦେବ। ଏହି ଅନନ୍ୟ ସୁଯୋଗର ପଞ୍ଜୀକରଣ ଏବଂ ଲାଭ ଉଠାଇବାକୁ ସମସ୍ତ ଚାକିରି ଆଶାକର୍ମୀ ଏବଂ ଆଗ୍ରହୀ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତକରାଯାଉଛି ବୋଲି ଖବରଦାତା ସମ୍ମିଳନୀ ଜରିଆରେ ବିସ୍ତୃତ ସୂଚନା ଦିଆଯାଇଛି।




# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୨୪।୭**

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୮୦(୨୮୦.୧୬) ପଏଣ୍ଟ କମି ୮୦,୧୪୯(୮୦,୧୪୮.୮୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୬ (୬୫.୫୫) ପଏଣ୍ଟ ହ୍ରାସ ଘଟି ୨୪,୪୧୩ (୨୪,୪୧୩.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବଜାରରେ ଅଲ ନ୍ୟୁ ବିଏମ୍‌ଡବ୍ଲ୍ୟୁ ସିଇ ୦୪

**ନୂଆଦିଲ୍ଲୀ,୨୪।୭**

ଦେଶର ପ୍ରମୁଖ ପ୍ରିମିୟମ ବ୍ରାଣ୍ଡ ତଥା ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ବିଏମ୍‌ଡବ୍ଲ୍ୟୁ ସିଇ ୦୪ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ପ୍ରଥମ ପ୍ରିମିୟମ ଇଲେକ୍ଟ୍ରିକ ଦୁଇ ଚକିଆ ଯାନ ର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲ ତଥା ଅର୍ବାନ ଇଲେକ୍ଟ୍ରିକ ସ୍କୁଟର କମ୍ପ୍ଲିଟ ବିଲ୍ଟ-ଅପ୍ ୟୁନିଟ୍ (ସିବିୟୁ) ଭାବେ ଭାରତରେ କିଛି ବଛା ବଛା ପ୍ରମୁଖ ନଗରଗୁଡ଼ିକରେ ଏହା ଉପଲବ୍ଧ ହେବ। ଏହାର ଡେଲିଭରି ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବ। ଏହାର ଇଲେକ୍ଟ୍ରି ଡ୍ରାଇଭ, ଫର୍‌ୱାର୍ଡ-ଲୁକିଂ ଡିଜାଇନ ଓ ନୂତନ ଟେକ୍ନୋଲୋଜି ସହିତ ଏହି ନୂଆ ସ୍କୁଟରକୁ ଏକ ସତେଜ ମୋବିଲିଟି ଅନୁଭୂତି ପାଇଁ ନିର୍ମାଣ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆର ପ୍ରେସିଡେଣ୍ଟ ବିକ୍ରମ ପାୱା କହିଛନ୍ତି, ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ସିଇ ୦୪ ହେଉଛି, ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଡିଆ ବ୍ରାଣ୍ଡରେ ଇଲେକ୍ଟ୍ରୋ-ମୋବିଲିଟିର ଏକ ସମ୍ପୂର୍ଣ୍ଣ ନୂତନ ଯୁଗର ଆରମ୍ଭ। ଏହା ହେଉଛି ନ୍ୟୁ ଇଲେକ୍ଟ୍ରିକ ଷ୍ଟାର,ଯାହାକୁ ସହରାଞ୍ଚଳ ପାଇଁ ନିର୍ମାଣ କରାଯାଇଛି। ବିଶେଷ କରି ଏହା ଫ୍ୟୁଚରିଷ୍ଟିକ ଓ ଇନୋଭେଟିଭ ଷ୍ଟାଇଲ ସହିତ ଡିଜାଇନ୍ ଷ୍ଟେଟମେଣ୍ଟରେ ବିପ୍ଳବ ଅଟେ। ଏହା ବିଶେଷଶକ୍ତି, ନୂତନ ଟେକ୍ନୋଲୋଜି ଓ ବିସ୍ତୃତ ରେଞ୍ଜର ଏକ ଆନନ୍ଦଦାୟକ ଚାଳନା ଅନୁଭୂତି ପ୍ରଦାନ କରୁଛି, ଯାହା ପାଇଁ ଗ୍ରାହକ ପ୍ରତିଦିନ ଜାଗ୍ରତ ହେଉଛନ୍ତି। ବିଏମ୍‌ଡବ୍ଲ୍ୟୁ ସିଇ୦୪ର ଏକ୍ସ-ଶୋ'ରୁମ୍ ମୂଲ୍ୟ ୧୪,୯୦,୦୦୦ ଟଙ୍କା ରହିଛି। ଲିକ୍ୱିଡ୍-କୁଲ୍ଡ ଇଲେକ୍ଟ୍ରିକ ମୋଟର ସହିତ ବିଏମ୍‌ଡବ୍ଲ୍ୟୁ ସିଇ ୦୪ର ଅଭିନବ ଇଲେକ୍ଟ୍ରିକ ଡ୍ରାଇଭ ୪୨ ଏଚପି (୩୧କେଡବ୍ଲ୍ୟୁ) ର ସର୍ବାଧିକ ଆଉଟ୍‌ପୁଟ୍ ପ୍ରଦାନ କରୁଛି। ପର୍ମାନେଣ୍ଟ ମ୍ୟାଗ୍ନେଟ ଇଲେକ୍ଟ୍ରିକ ମୋଟର ବିଏମ୍‌ଡବ୍ଲ୍ୟୁ କାରଗୁଡ଼ିକ ଭଳି ବ୍ୟାଟେରୀ ଓ ରିୟର ଵିଲ୍ ମଧ୍ୟରେ ଫ୍ରେମ୍‌ରେ ମାଉଣ୍ଟ ହୋଇଛି। କ୍ଲାସିକ ପାଇଁ 'ଗ୍ରାଫିକ ଲାଇଟ୍ ଘଣ୍ଟାପ୍ରତି ୦ରୁ ୫୦କି.ମିରେ ସ୍ପାର୍ଟ ହେଉଛି, ଏହା କେବଳ ୨.୬ସେକେଣ୍ଡରେ ଏକ ତତ୍କାଳ ଆକ୍ସିଲେରେଶନ ପ୍ରଦାନ କରୁଛି। ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୨୦ କିମି ରହିଛି। ୮.୫ କେଡବ୍ଲ୍ୟୁଏଚର ଶୁଦ୍ଧ କ୍ଷମତା ସହିତ ଲିଥିୟମ-ଆୟନ ବ୍ୟାଟେରୀ ୧୩୦କିମିର ବିସ୍ତୃତ ରେଞ୍ଜ ଏବଂ ପ୍ରତି ୧୦୦ କିମି ପିଛା ୭.୭ କେଡବ୍ଲ୍ୟୁଏଚର ଏନର୍ଜି କଞ୍ଜମ୍ପସନ ପ୍ରଦାନ କରୁଛି। ଏହା ଏକ ମାଗଣା ୨.୩ କେଡବ୍ଲ୍ୟୁ ହୋମ୍ ଚାର୍ଜର ସହିତ ଆସିବ, ଯାହ ୦-୮୦% ଚାର୍ଜ ପାଇଁ ୩ ଘଣ୍ଟା ୩୦ ମିନିଟ ସମୟ ନେଇଥାଏ। ଅପସନାଲ ବିଏମ୍‌ଡବ୍ଲ୍ୟୁ ୱାଲବକ୍ସ ଚାର୍ଜର କେବଳ ୬୫ମିନିଟରେ ସମାନ ସ୍ତରର ଚାର୍ଜିଂ ପ୍ରଦାନ କରୁଛି। ଡ୍ୟାନ୍-ପିସ ଟ୍ୟୁବୁଲାର ଷ୍ଟିଲ ଫ୍ରେମ୍ ସହିତ ଡାଇନେମିକାଲି ଷ୍ଟେବୁଲ ସସ୍ପେନସନ ସୁଗମ ନିୟନ୍ତ୍ରଣ ଏବଂ ଏକ ଉତ୍ସ୍କୃଷ୍ଟ ରାଇଡ କମ୍ଫର୍ଟ ପ୍ରଦାନ କରୁଛି। ଫ୍ରଣ୍ଟରେ ଡବଲ ଡିସ୍କ ବ୍ରେକ୍ସ ନିର୍ଭରଯୋଗ୍ୟ ଡିସିଲେରେସନ ପାଇଁ ଡିଜାଇନ କରାଯାଇଛି, ଯାହା ରିୟରରେ ସିଙ୍ଗଲ ଡିସ୍କ ବ୍ରେକ୍ ଦ୍ୱାରା ସମର୍ଥିତ ଅଟେ।



# ଅପାସୋରା ପୂର୍ଣ୍ଣଚନ୍ଦ୍ର



ଶ୍ରଦ୍ଧାଞ୍ଜଳି-ପୂର୍ଣ୍ଣଚନ୍ଦ୍ର ଦାସ

ଓଡ଼ିଶାରେ ମଞ୍ଚ ଓ ବେତାର ନାଟକର ସଫଳ ନିର୍ଦ୍ଦେଶକ ଓ ଅଭିନେତା ଇଂ. ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରଲୋକ ଘଟଣା ମଞ୍ଚପ୍ରେମୀମାନଙ୍କୁ ବିଶେଷ ମର୍ମାହତ କରିଛି। ରାଜଧାନୀରେ ସଫଳ ନିର୍ଦ୍ଦେଶନା ଦେଇ ସୌଖୀନ ମଞ୍ଚ ନାଟକର ଅନେକ କଳାକାର ସୃଷ୍ଟି କରିବା ଦିଗରେ ତାଙ୍କର ଦିଗଦର୍ଶନ ଥିଲା ଚିର ସ୍ମରଣୀୟ। ରବୀନ୍ଦ୍ର ମଣ୍ଡପରେ ତାଙ୍କ ନିର୍ଦ୍ଦେଶିତ ନାଟକ ନିଷିଦ୍ଧ ନଗରୀ, ମହାନଗରୀରେ ବନ୍ୟା, ଆହତ ଅରଣ୍ୟ, ଶେଷ ପାହାଚ ଓ ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଅନ୍ୟତମ। ମଞ୍ଚନାଟକରେ ସେ ସମୟରେ ଅକ୍ଷୟ ମହାନ୍ତି (କାଶ୍ୟପ), ସଚ୍ଚି ଦାସ, ଅସୀମ ବସୁ, ରମେଶ ମହାନ୍ତି ପ୍ରମୁଖ ନିର୍ଦ୍ଦେଶକ ଭାବରେ ସରକାରୀ ବିଭାଗର ଭିନ୍ନ ଭିନ୍ନ ଦପ୍ତରର ସାଂସ୍କୃତିକ ସଂଘକୁ ପ୍ରୋତ୍ସାହିତ କରୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ କଳାକାରଙ୍କୁ ସିନେମା ଆଦିକୁ ନେବାରେ ଏମାନଙ୍କ ଅବଦାନ ଅତୁଳନୀୟ।

ଥରେ ରବୀନ୍ଦ୍ର ମଣ୍ଡପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାଟକ 'ମହାନଗରୀରେ ବନ୍ୟା' ମଞ୍ଚସ୍ଥ ହେଉଥିଲା। ମଣ୍ଡପଟି ସମ୍ପୂର୍ଣ୍ଣ ଭରପୂର। ନିଜେ ପୂର୍ଣ୍ଣଚନ୍ଦ୍ର ଅଭିନୟ ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ତାଙ୍କ ଲିଖିତ ଏହି ନାଟକର ଏକ ଦର୍ଶକାଦୃତ ସଂଳାପ ଥିଲା-''ସଞ୍ଜୟ, ତ୍ରିଭୁଜର ଭୂମି ଉପରେ ଆମେ ଦୁହେଁ! ଶୀର୍ଷରେ 'ସରିତା'। ତା' ପାଇଁ ଗୋଟିକର ମୂଲ୍ୟ ହେଲା 'ଲୋକାଚାର'; ଅପରଟି 'ସର୍ବସ୍ୱ'। ଏହି ଜ୍ୟାମିତିକ ପରିସ୍ଥିତିରେ ଯଦି 'ତୁ' ବା 'ମୁଁ' ଜଣେ କେହି ଅପସରି ନ ଯାଅ, ତେବେ ପରିସ୍ଥିତି କ'ଣ ହେବ ଜାଣୁ!'' ପି.ସି. ଦାସଙ୍କ ନାଟକ ରଚନାଶୈଳୀ ସବୁ ସମୟ ପାଇଁ ଉପଯୋଗୀ। ପ୍ରତିଟି କାହାଣୀରେ ଥିଲା ସାମାଜିକ ସଚେତନତାର ବାର୍ତ୍ତା। ସଂଳାପ ରଚନା ବେଳେ ସେହି ରିହର୍ସାଲ ବେଳେ ମୁଁ ଦେଖିଛି-କେତେ ଭାବବିହ୍ୱଳ ହୋଇ ସେ ସୌଖୀନ କଳାକାରମାନଙ୍କୁ ବୁଝାନ୍ତି। ନିର୍ଦ୍ଦେଶକ ହିସାବରେ ତାଙ୍କର ଦାୟିତ୍ୱକୁ ଠିକ୍ ଭାବରେ ତୁଲାଉଥିଲେ। ତାଙ୍କର ସ୍ୱଲିଖିତ ନାଟକଗୁଡ଼ିକ ସାମାଜିକସ୍ତରରେ ନିଛକ ଘଟଣାକୁ ନେଇ ପର୍ଯ୍ୟବସିତ। ତାଙ୍କ ନାଟକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କ ଉତ୍କଣ୍ଠାକୁ ଉଜ୍ଜୀବିତକରି ରଖିପାରୁଥିଲେ। ତାଙ୍କଠାରୁ ଅନେକ ନାଟ୍ୟକାର ବହୁମୂଲ୍ୟ ପରାମର୍ଶ ନେଉଥିଲେ। ପୁରୀ ଜିଲା ସତ୍ୟବାଦୀ ଗାଁରେ ଜନ୍ମିତ ଏହି ନାଟ୍ୟକାରଙ୍କ ପ୍ରଥମ ନାଟକ ଥିଲା 'ନିଷିଦ୍ଧ ନଗରୀ'। ସେ ଆଜି ଆମ ଗହଣରେ ନାହାନ୍ତି ସତ ହେଲେ ତାଙ୍କ କାଳଜୟୀ ନାଟକ ତାଙ୍କୁ ଅମର କରି ରଖିବ।

**-ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ମନ ବଦଳାଇଲେ କରୀନା



କରୀନା କପୁର ବଲିଉଡ୍‌ରେ ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ନିଜର ଅଭିନୟ ଦକ୍ଷତା ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ଯେତେବେଳେ ସେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ଏକ କଣ୍ଡିଶନ୍ ଥିଲା। ଯେତେ ଯାହା ହେଲେ ମଧ୍ୟ ପରଦା ଉପରେ ସେ କଦାପି ଲିପ୍-ଲକ୍ ଶଟ୍ ଦେବେ ନାହିଁ। ଏଭଳି ଦୃଢ଼ ମାନସିକତାରେ କିଛି ବର୍ଷ କଟିଗଲା। କିନ୍ତୁ ଏଭଳି ଏକ ସମୟ ଆସିଲା ସେ ଏପରି ଶଟ୍ ପାଇଁ ରାଜି ହୋଇଥିଲେ। ଆଉ ଫିଲ୍ମଟି ଥିଲା 'ଜବ୍ ଉଇ ମେଟ୍'। ଇମ୍ତିୟାଜ୍ ଅଲ୍ଲୀଙ୍କ ନିର୍ଦ୍ଦେଶନାରେ ଏହି ସିନେମାର ନାୟକ ସାଜିଥିଲେ ଶାହୀଦ କପୁର। ଖାସ୍ କଥା ହେଲା, ଏଥିରେ ସେ ଶାହୀଦଙ୍କ ସହ ଲିପ୍-ଲକ୍ ଶଟ୍ ଦେଇ ଚର୍ଚ୍ଚାକୁ ଆସିଥିଲେ। ଏ ନେଇ କରୀନା କହନ୍ତି, ''ଏକଥା ସତ ଯେ, ମୁଁ ପ୍ରଥମେ ଲିପ୍-ଲକ୍ ଶଟ୍ କଦାପି ଦେବି ନାହିଁ ବୋଲି ନିଷ୍ପତ୍ତି ନେଇଥିଲି। କିନ୍ତୁ 'ଜବ୍ ଉଇ ମେଟ୍'ରେ ଯେତେବେଳେ ନିର୍ଦ୍ଦେଶକ ଏ ବିଷୟରେ ମୋତେ ସୂଚନା ଦେଲେ ସେତେବେଳେ ମୁଁ ଦ୍ୱନ୍ଦ୍ୱରେ ପଡିଥିଲି। କାହାଣୀର ସଂଯୋଗକୁ ଲକ୍ଷ୍ୟ କରି ମୁଁ ଶେଷରେ ରାଜି ହୋଇଥିଲି। ଏପରି ଶଟ୍ ଦେଲେ ଯେ ମୁଁ ରାତାରାତି ଷ୍ଟାର ପାଲଟି ଯିବି ସେଭଳି ଧାରଣା ମୋ ମନରେ ଆଦୌ ନ ଥିଲା।'' କେବଳ ସେତିକି ନୁହେଁ, ବିଶିଷ୍ଟ ନିର୍ଦ୍ଦେଶକ ଆର.ବାଲ୍‌କିଙ୍କ 'କି ଆଣ୍ଡ କା'ରେ କରୀନା ପୁଣି ଥରେ ଏଭଳି ଶଟ୍ ଦେଇଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ଅର୍ଜୁନ କପୁର।

# ପ୍ରଥମେ କ୍ଲାଇମାକ୍ସ ଶୁଟିଂ



ରଣବୀର

ସିନେମାଟିଏ ଶୁଟିଂ କରାଯିବା ବେଳେ ସାଧାରଣତଃ ଏହାର କାହାଣୀ ପ୍ରାରମ୍ଭରୁ ଶଟ୍ ଆରମ୍ଭ କରାଯାଇଥାଏ। କିନ୍ତୁ ବଲିଉଡ୍‌ରେ ଏଭଳି ଏକ ଫିଲ୍ମ ରହିଛି, ଯାହାର କ୍ଲାଇମାକ୍ସର ଶୁଟିଂ ପ୍ରଥମେ କରାଯାଇଥିଲା। ହଁ, ଫିଲ୍ମଟି ହେଲା 'ରକ୍‌ଷ୍ଟାର୍'। ୧୫୯ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି ୨୦୧୧ରେ ରିଲିଜ ହୋଇଥିଲା। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରଣବୀର କପୁର ଏବଂ ନର୍ଗିସ ଫକ୍ରି। କିନ୍ତୁ ଏହାର କ୍ଲାଇମାକ୍ସ ପ୍ରଥମେ ଶୁଟିଂ କରାଯିବା ପଛରେ କାରଣ କ'ଣ ଥିଲା। ଅସଲ କଥା ହେଲା, ଏଥିରେ ରଣବୀରଙ୍କ ହେୟାର ଷ୍ଟାଇଲ ଭିନ୍ନ ଧରଣର ଥିଲା। ସେଥିରେ ନିର୍ଦ୍ଦେଶକ ଇମ୍ତିୟାଜ ଅଲ୍ଲୀ ଏତେ ଖୁସି ହୋଇଯାଇଥିଲେ ଯେ, ଫିଲ୍ମଟିର କ୍ଲାଇମାକ୍ସରୁ ଶୁଟିଂ ଆରମ୍ଭ କରିଥିଲେ। ତା'ପରେ ମଧ୍ୟ କେତେଗୁଡିଏ ଦୃଶ୍ୟର ଶୁଟିଂ ମଧ୍ୟ ଆଗପଛ ହୋଇ କରାଯାଇଥିଲା। ୬୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ୧୦୮ କୋଟି ଆୟ କରିଥିଲା।

# ନୂତନତ୍ୱକୁ ଗୁରୁତ୍ୱ ଦିଏ: ନାଗ୍



ବର୍ତ୍ତମାନ ହିଟ୍‌ସାବ୍ୟସ୍ତ ହୋଇଥିବା 'କଲ୍‌କି ୨୮୯୮ ଏଡି'ର ନିର୍ଦ୍ଦେଶକ ନାଗ୍ ଅଶ୍ୱିନ ନିଜ ସମ୍ପର୍କରେ ଯାହା କହନ୍ତି....

ବର୍ତ୍ତମାନ ବକ୍ସ ଅଫିସରେ ୧୦୦୦କୋଟି କ୍ଲବ୍‌ରେ ପ୍ରବେଶ କରିଥିବା ହିନ୍ଦୀ ସିନେମା 'କଲ୍‌କି ୨୮୯୮ ଏଡି'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ଅନ୍ୟତମ ନିର୍ଦ୍ଦେଶକ ନାଗ୍ ଅଶ୍ୱିନ। ୧୯୮୬ ଏପ୍ରିଲ ୨୩ରେ ସେ ତେଲଙ୍ଗାନାରେ ଜନ୍ମ ଗ୍ରହଣ କରିଥିଲେ। ୨୦୧୫ରେ ସେ ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିଥିଲେ। ଜଣେ ସହନିର୍ଦ୍ଦେଶକ ଭାବରେ ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ପ୍ରଥମ ତେଲୁଗୁ ଫିଲ୍ମ ଥିଲା 'ୟାଭାଡେ ସୁବ୍ରମଣ୍ୟମ'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ସମ୍ମାନଜନକ ନନ୍ଦୀ ପୁରସ୍କାର ମିଳିଥିଲା। ନାଗ୍‌ଙ୍କର ମା' ଏବଂ ବାପା ଉଭୟ ଡାକ୍ତର। ମନିପାଲ ଏକାଡେମୀ ଅଫ୍ ହାୟର ଏଜୁକେଶନରୁ ସେ ମାସ୍ କମ୍ୟୁନିକେଶରେ ଡିଗ୍ରୀ ହାସଲ କରିଛନ୍ତି। ତା'ପରେ ନ୍ୟୁୟର୍କ ଫିଲ୍ମ ଏକାଡେମୀରେ ନିର୍ଦ୍ଦେଶନାରେ ଡିଗ୍ରୀ ପାଇବା ପରେ ସେ ନିର୍ଦ୍ଦେଶନାକୁ ହିଁ କ୍ୟାରିୟର କରିବାକୁ ସ୍ଥିର କରିଥିଲେ। ନିଜ କ୍ୟାରିୟର ବିଷୟରେ ନାଗ୍ କହନ୍ତି, 'କୌଣସି ସିନେମାର ନିର୍ଦ୍ଦେଶନା ଦେବା ସମୟରେ ମୁଁ ସବୁବେଳେ ନୂତନତ୍ୱକୁ ଗୁରୁତ୍ୱ ଦିଏ। ୯ ବର୍ଷର ନିର୍ଦ୍ଦେଶନା କ୍ୟାରିୟରରେ ମୁଁ ବେଶ୍ ଉତ୍ଥାନ ପତନ ଦେଖିଛି। ସାମାନ୍ୟ ଭୁଲ୍ ଭଟକାରୁ ଜଣେ ଅନେକ କିଛି ଶିଖିଥାଏ। ତେଣୁ ମୁଁ ସବୁବେଳେ ନୂଆ ନୂଆ କଥା ଶିଖିବାକୁ ଚେଷ୍ଟା କରିଥାଏ।'

# କେବଳ ଅଭିନୟ ପାଇଁ...

ଦିଶା ପଟାନିଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର' (୨୦୧୫)ରୁ। ପୁଣି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ସେ ପାଠ ପଢୁଥିଲେ। ଗୋଟିଏ ପଟେ ପାଠ ଅନ୍ୟପଟେ ଅଭିନୟ-ଏ ଦୁଇଟିକୁ ନେଇ ସେ ଚିନ୍ତାରେ ପଡିଥିଲେ। ଶେଷରେ ନିଷ୍ପତ୍ତି ନେଇଥିଲେ ଯେ, ଯାହାହେଲେ ମଧ୍ୟ ସେ ଅଭିନୟକୁ କ୍ୟାରିୟର କରିବେ। ତେଣୁ ପାଠପଢ଼ାକୁ ସେହିଠାରେ ହିଁ ଡୋରି ବାନ୍ଧିଥିଲେ। ସେତେବେଳେ ଶୁଣିବାକୁ ମିଳିଥିଲା ଯେ ପାଠକୁ ଡରି ସେ ପାଠପଢ଼ା ଛାଡିଦେଇଥିଲେ। କିନ୍ତୁ ପରେ ସେ ଏ ନେଇ ମୁହଁ ଖୋଲିବାକୁ ବାଧ୍ୟ ହୋଇଥିଲେ। ''କୌଣସି ପରିସ୍ଥିତିରେ ମୁଁ ପାଠପଢ଼ା ଛାଡ଼ିବା ଚକ୍କରରେ ନ ଥିଲି। ଯେହେତୁ ପୁରୀ ଜଗନ୍ନାଥଙ୍କ ପରି ନାମୀ ନିର୍ଦ୍ଦେଶକ ମୋତେ ବ୍ରେକ୍ ଦେବାକୁ ଅଫର ଦେଲେ ତାହାକୁ ଏଡ଼ାଇ ପାରି ନ ଥିଲି। ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆକ୍ଟିଂକୁ କ୍ୟାରିୟର କରିବାକୁ ସ୍ଥିର କଲି। ଆଉ ସେତେବେଳେ ପାଠପଢ଼ାକୁ ସେହିଠାରେ ହିଁ 'ଦ ଏଣ୍ଡ' କରିବାକୁ ନିଷ୍ପତ୍ତି ନେଇଥିଲି। ମୋ ପାଠପଢ଼ା ଛାଡିବାକୁ ନେଇ ସେତେବେଳେ ଅନେକ କଥା ଶୁଣାଗଲା। କିନ୍ତୁ ସେସବୁ ପଛରେ ଟିକିଏ ହେଲେ ସତ୍ୟତା ନ ଥିଲା ବୋଲି କହନ୍ତି ଦିଶା।'' ଅଭିନୟରେ ଦିଶାଙ୍କର ରୋଲ୍ ମଡେଲ କିଏ ଜାଣନ୍ତି ? ଉଭୟ ଦୀପିକା ପାଦୁକୋନ୍ ଏବଂ ପ୍ରିୟଙ୍କା ଚୋପ୍ରାଙ୍କୁ ସେ ନିଜର ରୋଲ୍ ଆଇକନ୍ ଭାବରେ ମାନନ୍ତି।



ଦିଶା

ରିଲିଜ ଅପେକ୍ଷାରେ

# ସମୀକ୍ଷା



ଓଡ଼ିଆ ଫିଲ୍ମ 'ସମୀକ୍ଷା'ର ଏକ ଦୃଶ୍ୟ

ନୂଆ ତଥା ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର 'ସମୀକ୍ଷା' ସେପ୍ଟେମ୍ବରର ପ୍ରଥମ ସପ୍ତାହରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିକ୍ୟୁବ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି ପ୍ରଭାସିନୀ ପାଟ୍ଟଯୋଶୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ରଞ୍ଜନ ମିଶ୍ର। ସଂଳାପ ଓ ଗୀତ ରଚନା କରିଛନ୍ତି ସଚ୍ଚି ମହାନ୍ତି। ପଞ୍ଚାନନ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ତ୍ୟାଗ ଓ ସଂଘର୍ଷକୁ ନେଇ ଏହାର କାହାଣୀ ଗତିକରିଛି। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହାକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ପଟ୍ଟନାୟକ, ବବ୍‌ଲି, ବୁଲଟି, ଭରଦ୍ୱାଜ, ଅଂଶିତା, ଅପୂର୍ବ, ଧାରା ଶ୍ରାବଣୀ, ମମତା, କ୍ରିଷ୍ଟା ଓ ଶିଶୁ କଳାକାର ଆନିକା ପଟ୍ଟନାୟକ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ''ଏହି ଚଳଚ୍ଚିତ୍ରରେ ସମାଜ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ରହିଛି। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜ ଭୁଲ୍‌କୁ ସୁଧାରିବା ସହିତ ଅବାଟରେ ଯାଉଥିବା ବ୍ୟକ୍ତିବିଶେଷ ନିଜକୁ ସୁଧାରି ପାରିବ ବୋଲି କହନ୍ତି ଚଳଚ୍ଚିତ୍ରର ପ୍ରଯୋଜକ ବିକାଶ ଚନ୍ଦ୍ର ପଟ୍ଟନାୟକ।'' ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।



ବାଣୀ

# ଭାବି ନ ଥିଲେ ବାଣୀ

ବାଣୀ କପୁରଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ନିଜର ପ୍ରଥମ ଅଫରକୁ ନେଇ ସେ ଯେତିକି ଖୁସି ଥିଲେ ସେତିକି ଦୁଃଖୀ ମଧ୍ୟ ଥିଲେ। କାରଣ ଡେବ୍ୟୁ ଫିଲ୍ମରେ ତାଙ୍କୁ ଏକ ସପୋର୍ଟିଂ ରୋଲ୍ ମିଳିଥିଲା। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସୁଶାନ୍ତ ସିଂ ରାଜପୁତ ଏବଂ ପରିଣୀତି ଚୋପ୍ରା। ଏକ ଲିଭ୍-ଇନ୍ ରିଲେଶନଶିପ୍‌କୁ ନେଇ କାହାଣୀ ଗତି କରିଥିଲା। ଫିଲ୍ମଟି ୟଶ୍‌ରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଥିଲା। ହେଲେ ସବୁଠାରୁ ଖୁସିର କଥା ହେଲା ଯେ, ଏହି ଫିଲ୍ମ ତଥା ଏଭଳି ଏକ ଛୋଟ ଭୂମିକା ପାଇଁ ତାଙ୍କୁ ଆରମ୍ଭରୁ ପୁରସ୍କାର ମିଳିଥିଲା। ଏଭଳି ରୋଲ୍ ପାଇଁ ସେ ଫିଲ୍ମଫେୟାର ପୁରସ୍କାରରେ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବରେ ସମ୍ମାନିତ ହୋଇଥିଲେ। ଏ ନେଇ ବାଣୀ କହନ୍ତି, ମୁଁ ଯେତେବେଳେ ୟଶ୍‌ରାଜ ଫିଲ୍ମସ ବ୍ୟାନରରୁ ଏଭଳି ଏକ ଅଫର ପାଇଲି ତାହାକୁ କଦାପି ବିଶ୍ୱାସ କରି ପାରି ନ ଥିଲି। କାରଣ ଏହି ନାମୀ ବ୍ୟାନରରେ ନିର୍ମିତ ଫିଲ୍ମରେ ଅଭିନୟ କରିବାକୁ ଅନେକେ ଚାହିଁ ରହିଥାଆନ୍ତି। ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। ମୋର ଡେବ୍ୟୁ ଫିଲ୍ମ ଯେ ମୋ ପାଇଁ ପୁରସ୍କାର ଆଣିବ ଏହା ମୁଁ କେବେ ଭାବି ନ ଥିଲି। ଯେତେବେଳେ ଫିଲ୍ମ ଫେୟାର ପୁରସ୍କାର ଗ୍ରହଣ କଲି ସେତେବେଳେ ମୋ ଆଖିରେ ଲୁହ ଆସିଯାଇଥିଲା।'

ଛୋଟ ପରଦା

# ଧାରାବାହିକଗୁଡ଼ିକରେ ରୋମାଞ୍ଚକର ମୋଡ଼୍

ଚଳିତ ମାସ ୨୯ରୁ ଅନ୍ୟତମ ଲୋକପ୍ରିୟ ଚାନେଲ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ୬ଟି ଲୋକପ୍ରିୟ ମେଗା ଧାରାବାହିକ ଯଥା- 'ସନ୍ଧ୍ୟା ରାଗିଣୀ', 'ମଧୁର ସଂସାର', 'ସୁନା ଝିଅ', 'ତୁମ ବିନା', 'ତୁ ଖରା ମୁଁ ଛାଇ' ଓ 'ଭାଗ୍ୟ ରେଖା' (ସନ୍ଧ୍ୟା ୬.୩୦ରୁ ରାତ୍ର ୯.୩୦) ର କାହାଣୀରେ କିଛି ନୂଆ ତଥା ରୋମାଞ୍ଚକର ପରିବର୍ତ୍ତନ ଘଟିବ। 'ସନ୍ଧ୍ୟା ରାଗିଣୀ' କାହାଣୀରେ ରାଗିଣୀ ଓ ସଙ୍ଗୀତଙ୍କ ମନ ସହ ମନର ମିଳନ ହେବାକୁ ଯାଉଛି। 'ମଧୁର ସଂସାର'ରେ ମଧୁ କିପରି ଏତେ ସାରା ପ୍ରତିକୂଳ ପରିସ୍ଥିତିରେ ସଂସାର ରଥକୁ ଆଗକୁ ନେଉଛି ତାହା ଦେଖିବାକୁ ମିଳିବ। ସେପଟେ 'ସୁନା ଝିଅ'ରେ ପ୍ରିୟା, ବିଷ୍ଣୁ ଓ ପରିବାରର ସଦସ୍ୟଙ୍କ ଭିତରେ ରାଗରୁଷା,ମାନ ଅଭିମାନ, ଷଡ଼ଯନ୍ତ୍ର ଓ ଭଲପାଇବା ଉପରେ ଆଧାରିତ କାହାଣୀରେ ଦେଖିବେ କେମିତି ସମୟ ଭଉଁରିରୁ ବିଷ୍ଣୁ କିପରି ପ୍ରିୟାକୁ ନିଜ ପରିବାର ପାଖକୁ ଆଣୁଛି। 'ତୁମ ବିନା'ରେ ବିଧାତା କେମିତି ଅକ୍ଷୟ ଆଉ ଲକ୍ଷ୍ମୀଙ୍କୁ ପାଖକୁ ଆଣିଛନ୍ତି, ତାଙ୍କ ପ୍ରେମ କାହାଣୀ ଆଗକୁ ଯାଉଛି ତାହା ଦେଖିବାକୁ ମିଳିବ। 'ତୁ ଖରା ମୁଁ ଛାଇ' ରେ ଏବେ ଧରାପଡିବ ସବୁ ସତ ମିଛ। 'ଭାଗ୍ୟରେଖା'ରେ ଦେଖିବେ ଜୀବନର ଦୋ'ଛକିରେ ଭାଗ୍ୟ ଓ ରେଖାଙ୍କ ଭାଗ୍ୟରେଖା କେମିତି ସେମାନଙ୍କ ପ୍ରେମ କାହାଣୀ ଆଗକୁ ଯାଉଛି ଓ ଆସିଥିବା ଆକସ୍ମିକ ବିପଦକୁ ଦୁଇଜଣ କିପରି ସାମନା କରୁଛନ୍ତି।



'ସନ୍ଧ୍ୟା ରାଗିଣୀ' ଧାରାବାହିକରେ ପ୍ରିୟଙ୍କା-ଜ୍ୟୋତି

# ଫୁଟ୍‌ବଲ, ରଗ୍‌ବୀରୁ ଆରମ୍ଭ

**ପ୍ୟାରିସ୍,୨୪।୭**

ପ୍ୟାରିସ୍ ଅଲିମ୍ପିକ୍ସର କ୍ରୀଡା ମହାକୁମ୍ଭର ଉଦ୍‌ଘାଟନୀ ସମାରୋହକୁ ଆଉ ଦିନେ ବାକି ରହିଥିବା ବେଳେ ବୁଧବାର ଠାରୁ ଆରମ୍ଭ ହୋଇଛି ଫୁଟବଲ ଓ ରଗ୍‌ବୀ ଟୁର୍ନାମେଣ୍ଟ। ଫୁଟବଲରେ ପ୍ରଥମ ଦିନ ଶକ୍ତିଶାଳୀ ଆର୍ଜେଣ୍ଟିନା ଓ ସ୍ପେନ୍ ନିଜର ଅଭିଯାନ ଆରମ୍ଭ କରିଥିଲେ। ଆର୍ଜେଣ୍ଟିନା ଏହାର ମ୍ୟାଚ୍ ମରକ୍କୋ ବିପକ୍ଷରେ ଖେଳିଥିବା ବେଳେ ସ୍ପେନ୍ ଏହାର ମ୍ୟାଚ୍ ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳିଥିଲା। ଗ୍ରୁପ୍ ସିରେ ସ୍ଥାନ ପାଇଥିବା ସ୍ପେନ୍ ପ୍ରଥମ ମ୍ୟାଚ୍‌ରେ ଉଜବେକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରିଛି। ଅନ୍ୟ ପକ୍ଷରେ ଅଲିମ୍ପିକ୍ସର ପ୍ରଥମ ବିପର୍ଯ୍ୟୟ ଘଟାଇଛି ମରକ୍କୋ। ବିଶ୍ୱ ଚାମ୍ପିୟନ ତଥା କୋପା ଆମେରିକା ଚାମ୍ପିୟନ ଆର୍ଜେଣ୍ଟିନା ସହ ମ୍ୟାଚ୍ ୨-୨ରେ ଡ୍ର ରଖି ପଏଣ୍ଟ ବାଣ୍ଟିଛି ମରକ୍କୋ।



ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ମରକ୍କୋ ଖେଳାଳି।

## ■ ଆର୍ଜେଣ୍ଟିନା ସହ ପଏଣ୍ଟ ବାଣ୍ଟିଲା ମରକ୍କୋ
## ■ ସୁଫିଆନ ରହିମଙ୍କ ଡବଲ୍ ଗୋଲ୍

ଜିଓଫ୍ରି ଗୁଇଚାର୍ଡ ଷ୍ଟାଡିୟମରେ ଖେଳା ଯାଇଥିବା ଗ୍ରୁପ୍ ବି ମ୍ୟାଚ୍‌ରେ ଆର୍ଜେଣ୍ଟିନା ସହ ପଏଣ୍ଟ ବାଣ୍ଟିଛି ମରକ୍କୋ। ସୁଫିଆନ ରହିମିଙ୍କ ଡବଲ୍ ଗୋଲ ବଳରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ସହ ମ୍ୟାଚ୍ ଅମିମାଂସିତ ରଖିଥିଲା ମରକ୍କୋ। ମରକ୍କୋ ପକ୍ଷରୁ ରହିମି(୪୫+୨) ଓ ୫୧ ମିନିଟରେ ଉଭୟ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ୬୮ ତମ ମିନିଟରେ ଜିଲିଆନୋ ସିମୋନ ଓ ୯୦+୧୬ ମିନିଟରେ କ୍ରିଷ୍ଟିଆନ ମେଡିନା ଆର୍ଜେଣ୍ଟିନା ପକ୍ଷରୁ ସ୍କୋର କରିଥିଲେ। ମ୍ୟାଚ୍‌ରେ ଆର୍ଜେଣ୍ଟିନା ୫୪ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମରକ୍କୋ ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ଇଞ୍ଜୁରୀ ସମୟରେ ଖେଳ ଶେଷ ହେବାର ଠିକ୍ ପୂର୍ବରୁ ମେଡିନା ସ୍କୋର କରିବା ସହ ଆର୍ଜେଣ୍ଟିନାକୁ ୧ ପଏଣ୍ଟ ପ୍ରଦାନ କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧରେ ୪୫+୨ ମିନିଟରେ ରହିମି ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୧ ତମ ମିନିଟରେ ଏକ ପେନାଲ୍ଟି ମିଳିଥିବା ବେଳେ ରହିମି ଏଥିରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ।

ପାର୍ସ ଡେସ୍ ପ୍ରିନ୍ସେସରେ ଖେଳା ଯାଇଥିବା ଗ୍ରୁପ୍ ସି ମ୍ୟାଚରେ ସ୍ପେନ୍ ୨-୧ ଗୋଲରେ ଉଜବେକିସ୍ତାନକୁ ପରାସ୍ତ କରିଛି। ସ୍ପେନ୍ ପକ୍ଷରୁ ମାର୍କ ପ୍ୟୁବିଲ୍(୨୮) ଓ ସର୍ଗିଓ ଗୋମେଜ୍(୬୨) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଜବେକିସ୍ତାନ ପକ୍ଷରୁ ଏଲ୍ଡୋର ଶୋମୁରୋଡୋଭ (୪୫+୩) ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ପ୍ୟୁବିଲ୍ ପ୍ରଥମେ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ପ୍ରଥମାର୍ଦ୍ଧ ଶେଷ ହେବା ଠିକ୍ ପୂର୍ବରୁ ଉଜବେକିସ୍ତାନକୁ ଏକ ପେନାଲ୍ଟି ମିଳିଥିଲା। ଏଥିରୁ ସ୍କୋର କରି ଏଲ୍ଡୋର ଶୋମୁରୋଡୋଭ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ।

ରଗ୍‌ବୀ ୭ ଏ ସାଇଡ୍ ପୁରୁଷ ମ୍ୟାଚ୍‌ରେ ଗ୍ରୁପ୍ ବିର ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ବିଜୟୀ ହୋଇଥିଲେ। ଅଷ୍ଟ୍ରେଲିଆ ୨୧-୧୪ରେ ସମୋଆକୁ ପରାସ୍ତ କରିଥିଲା। ଆରମ୍ଭରୁ ସମୋଆ ୭-୦ରେ ଆଗୁଆ ରହିଥିଲା। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୩୧-୧୨ ପଏଣ୍ଟରେ କେନିଆକୁ ପରାସ୍ତ କରିଛି। ଗ୍ରୁପ୍ ସିରେ ସ୍ଥାନ ପାଇଥିବା ଆୟୋଜକ ଫ୍ରାନ୍ସ ଓ ଆମେରିକା ମ୍ୟାଚ୍ ୧୨-୧୨ରେ ଡ୍ରରେ ଶେଷ ହୋଇଛି। ଫ୍ରାନ୍ସ ୧୨-୭ରେ ଆଗୁଆ ରହିଥିଲେ ମଧ୍ୟ ଆମେରିକା ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଡ୍ର ରଖିଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**

PARIS 2024

**ଆଉ ୧ ଦିନ**



ଫ୍ରାନ୍ସ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ରଗ୍‌ବୀ ସେଭେନ୍ ଏ ସାଇଡ୍ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଅଲିମ୍ପିକ୍ସରେ କୋଭିଡ୍: ଅଷ୍ଟ୍ରେଲିଆର ୫ ଖେଳାଳି ସଂକ୍ରମିତ

**ପ୍ୟାରିସ୍,୨୪।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ କୋଭିଡ୍ ସଂକ୍ରମଣର ଭୟ ଦେଖିବାକୁ ମିଳିଛି। ମହିଳା ୱାଟରପୋଲୋ ଦଳର ୫ ଜଣ ସଦସ୍ୟ କୋଭିଡ୍‌ରେ ଆକ୍ରାନ୍ତ ଥିବା ଜଣା ପଡିଛି। ଅଷ୍ଟ୍ରେଲିଆ ଦଳର ଚିଫ୍ ଡି ମିଶନ ରହିଥିବା ଆନ୍ନା ମିଅର୍ସ ଏହି ସୂଚନା ଦେଇଛନ୍ତି। ସଂକ୍ରମିତ ଖେଳାଳିମାନଙ୍କୁ ଅଲଗା ରଖାଯାଇଥିବା ବେଳେ ସେମାନେ ସୁସ୍ଥ ହେଲେ ଅଭ୍ୟାସ କରିବାକୁ ସୁଯୋଗ ମିଳିବ ବୋଲି ମିଅର୍ସ ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣା ପରେ ସମ୍ପୂର୍ଣ୍ଣ ଦଳର କୋଭିଡ୍ ପରୀକ୍ଷଣ କରାଯାଇଛି। ଏହା ସହିତ ଦଳର ସମସ୍ତ ସଦସ୍ୟଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଶ୍ୱାସକ୍ରିୟା ଜନିତ ରୋଗ ଓ ସମସ୍ୟା ରହିଥିବା ସମସ୍ତଙ୍କ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସେ କହିଛନ୍ତି। ପୂର୍ବରୁ ଟୋକିଓ ଅଲିମ୍ପିକ୍ସ ଓ ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ କୋଭିଡ୍ ବବଲ୍ ରହିଥିବା ବେଳେ ଟେଷ୍ଟିଂ ମଧ୍ୟ କଡ଼ାକଡ଼ି କରାଯାଇଥିଲା। କୋଭିଡ୍ ପରବର୍ତ୍ତୀ ପରିସ୍ଥିତିରେ ଏହା ପ୍ରଥମ ଅଲିମ୍ପିକ୍ସ ଅଟେ।



ଅଲିମ୍ପିକ୍ ଗେମ୍ସ ଭିଲେଜ୍‌ରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ଖେଳାଳି ଓ କର୍ମକର୍ତ୍ତା।

# ଅଘୋଷିତ ହିରୋ ପିଅର୍ ଡି କୋର୍ବେଟିନ୍

**ପ୍ୟାରିସ୍,୨୪।୭(ପି.ଟି.)**



ପ୍ୟାରିସ୍ ଅଲିମ୍ପିକ୍ସର କ୍ରୀଡା ମହାକୁମ୍ଭ ଆରମ୍ଭ ହୋଇଯାଇଛି। ତେବେ ମଡର୍ନ ଡେ ଅଲିମ୍ପିକ୍ସର ବାସ୍ତବ ସ୍ରଷ୍ଟା ପିଅର୍ ଡି କୋର୍ବେଟିନ ଇତିହାସ ପୃଷ୍ଠାରେ କେଉଁଠି ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି। ବ୍ରିଟିଶ ଇତିହାସକାର ତଥା ଶିକ୍ଷାବିତ ଥୋମାସ୍ ଆର୍ନୋଲ୍ଡଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପିଅର୍ ଡି କୋର୍ବେଟିନ ଫ୍ରାନ୍ସରେ କ୍ରୀଡାର ପ୍ରଚଳନ କରିଥିଲେ। ଏହାଦ୍ୱାରା ଶିକ୍ଷାରେ ବିପ୍ଳବ ଆଣିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଥିଲା। ୧୮୯୪ରେ ମଡର୍ନ ଅଲିମ୍ପିକ୍ସ ପ୍ରତିଷ୍ଠା ହେବା ପରଠାରୁ କୋର୍ବେଟିନଙ୍କ ସ୍ୱପ୍ନ ବାସ୍ତବ ରୂପ ନେବା ଆରମ୍ଭ କରିଥିଲା। ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡା ସଂଗଠନ ସହ ଆଲୋଚନା କରି ସେ ମଡର୍ନ ଅଲିମ୍ପିକ୍ସ ଆରମ୍ଭ କରିଥିବା ବେଳେ ତାଙ୍କ ସ୍ୱପ୍ନ ସାକାର ହୋଇଥିଲା। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି)ର ସହ ପ୍ରତିଷ୍ଠାତା ଭାବରେ ସେ ରହିଥିଲେ। ୧୮୯୬ରେ ଏଥେନ୍ସରେ ପ୍ରଥମ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ୧୯୨୪ରେ ଫ୍ରାନ୍ସ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିଥିବା ବେଳେ ପିଅର୍ ଡି କୋର୍ବେଟିନଙ୍କୁ ଟାଇଟଲ୍ ଅଫ୍ ବାରନ୍ ସମ୍ମାନ ମିଳିଥିଲା। ୧୯୩୭ରେ ଜେନେଭାରେ କୋର୍ବେଟିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଶହେ ବର୍ଷ ପରେ ଫ୍ରାନ୍ସ ଆଉଥରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଛି। ତେବେ ଫ୍ରାନ୍ସ ଜନସାଧାରଣ କଣ କୋର୍ବେଟିନଙ୍କୁ ମନେ ରଖିଛନ୍ତି। ତେବେ ଏହି ପ୍ରଶ୍ନର ଉତ୍ତର ରଖିଛନ୍ତି କୋର୍ବେଟିନଙ୍କ ପଣନାତୁଣୀ ଆଲେକଜାଣ୍ଡ୍ରା ଡି ନାଭାସେଲ୍ଲେ ଡି କୋର୍ବେଟିନ। ଆଲେକଜାଣ୍ଡ୍ରା କୁହନ୍ତି କୋର୍ବେଟିନଙ୍କ ନାମରେ ଫ୍ରାନ୍ସରେ ୬୦୦ରୁ ଅଧିକ ସ୍ଥାନ ନାମିତ କରାଯାଇଛି। ଏକାଧିକ ଷ୍ଟାଡିୟମ, ସ୍କୁଲ ଓ ସଡକକୁ ତାଙ୍କ ନାମରେ ନାମିତ କରାଯିବା ନିଶ୍ଚିତ ଭାବରେ ଗର୍ବର ବିଷୟ ବୋଲି ସେ କହିଛନ୍ତି।

# ସ୍କ୍ୱାଟ୍‌ରେ କୃଷ୍ଣଚନ୍ଦ୍ରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୪।୭ (ବିଜୟ ରଣା)**

**ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏଥିରେ କୃଷ୍ଣଚନ୍ଦ୍ର ସାହୁ ୫୪୩.୫ କେ.ଜି. ଉତ୍ତୋଳନ କରି ମାଷ୍ଟର-୨ ବିଭାଗର ୮୩କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ସ୍କ୍ୱାଟରେ ୨୨୬କେଜି ଉତ୍ତୋଳନ କରି ସେ ଜାତୀୟ କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ଏହାଛଡ଼ା ସେ ମାଷ୍ଟର-୨ ବୟସ ବିଭାଗରେ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ଓଡ଼ିଶାର ଶର୍ମିଷ୍ଠା ସେନାପତି ମହିଳା ମାଷ୍ଟର-୨ ବିଭାଗର ୭୬ କେଜି ବର୍ଗ ଡେଡ୍ ଲିଫ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଓଭର ଅଲ୍ ରୌପ୍ୟ ଜିତିଛନ୍ତି। ମହିଳା ବେଷ୍ଟ ଲିଫ୍ଟରରେ ସେ ତୃତୀୟ ବେଷ୍ଟ ଲିଫ୍ଟର ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସେମାନେ ୭ଟିରେ ଓଭରଅଲ ପଦକ ହାସଲ କରିପାରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନେ ହେଲେ: **୧.** କୃଷ୍ଣଚନ୍ଦ୍ର ସାହୁ (ସ୍କ୍ୱାଟ-ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ, ଡେଡ୍ ଲିଫ୍ଟ ଓ ଓଭଅଲରେ ସ୍ୱର୍ଣ୍ଣ)। **୨.** ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ (ସ୍କ୍ୱାଟ-ବ୍ରୋଞ୍ଜ, ବେଞ୍ଚ-ରୌପ୍ୟ, ଓଭରଅଲ-ବ୍ରୋଞ୍ଜ)।**୩.** ଉମାକାନ୍ତ ବେହେରା (ବେଞ୍ଚ୍-ରୌପ୍ୟ), **୪.** ବାବୁଲା ସାମଲ (ସ୍କ୍ୱାଟ-ରୌପ୍ୟ, ଡେଡ୍‌ଲିଫ୍ଟ-ସ୍ୱର୍ଣ୍ଣ, ଓଭର ଅଲ୍- ରୌପ୍ୟ)। **୫.** ଗୀତାଞ୍ଜଳି ନାୟକ (ସ୍କ୍ୱାଟ-ରୌପ୍ୟ, ବେଞ୍ଚ-ରୌପ୍ୟ, ଡେଡ୍ ଲିଫ୍ଟ-ସ୍ୱର୍ଣ୍ଣ, ଓଭରଅଲ୍-ରୌପ୍ୟ)। **୬.** ଶର୍ମିଷ୍ଠା ସେନାପତି (ସ୍କ୍ୱାଟ-ରୌପ୍ୟ, ବେଞ୍ଚ-ରୌପ୍ୟ, ଡେଡ୍‌ଲିଫ୍ଟ୍-ସ୍ୱର୍ଣ୍ଣ, ଓଭରଅଲ୍-ରୌପ୍ୟ), **୭.** ବୈଭବ କୁମାର ଥାଣ୍ଡି (ବେଞ୍ଚ୍- ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ, ଓଭରଅଲ-ବ୍ରୋଞ୍ଜ)। **୮.** ସୁଜିତ କୁମାର ଗିରି (ସ୍କ୍ୱାଟ୍-ବ୍ରୋଞ୍ଜ, ବେଞ୍ଚ-ବ୍ରୋଞ୍ଜ, ଓଭର ଅଲ୍-ବ୍ରୋଞ୍ଜ)। ଦଳ ସହିତ ମ୍ୟାନେଜର ଭାବେ ପି. ଶ୍ରୀନିବାସ ଓ କୋଚ୍ ଭାବେ ରାକେଶ ଶତପଥୀ ଖେଳାଳିମାନଙ୍କ ସହିତ ଗସ୍ତ କରିଥିଲେ। ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



କୃଷ୍ଣଚନ୍ଦ୍ର ସାହୁ

## ସଲ୍ଟ ଲେକ୍ ସିଟି ହେବ ୨୦୩୪ ୱିଣ୍ଟର ଗେମ୍ସ ଆୟୋଜକ

**ପ୍ୟାରିସ, ୨୪।୭ (ଏପି):** ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବିଧିବଦ୍ଧ ଭାବେ ସଲ୍ଟ ଲେକ୍ ସିଟିକୁ ୨୦୩୪ ୱିଣ୍ଟର ଗେମ୍ସ ଆୟୋଜନ ଅଧିକାର ପ୍ରଦାନ କରିଛି। ଉତାହ ପ୍ରଦେଶର ରାଜଧାନୀ ସହର ସଲ୍ଟ ଲେକ୍ ସିଟି ଏକମାତ୍ର ପ୍ରାର୍ଥୀ ରହିଥିଲା। ସଲ୍ଟ ଲେକ୍ ସିଟି ୩୨ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ୱିଣ୍ଟର ଗେମ୍ସ ଆୟେଜନ କରିବାକୁ ଯାଉଛି। ଏହାପୂର୍ବରୁ ଏହି ସହର ପ୍ରଥମ ୨୦୦୨ରେ ଇଭେଣ୍ଟର ଆୟୋଜକ ରହିଥିଲା।

# କଟକ ସିନିୟର ମହିଳା ଦଳ ବିଜୟୀ

**ଭୁବନେଶ୍ୱର, ୨୪।୭ (ବିଜୟ ରଣା)**

**ଓସିଏ ମହିଳା ଆନ୍ତଃଜିଲା କ୍ରିକେଟ**

ଚଳିତ ଓସିଏ (ଓଡ଼ିଶା କ୍ରିକେଟ ଆସୋସିଏଶନ) ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ କଟକ ସିନିୟର ମହିଳା ଦଳ ୫୦ ରନରେ ପୁରୀ ସିନିୟର ମହିଳା ଦଳକୁ ପରାସ୍ତ କରିଛି। କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚ ବର୍ଷା ଯୋଗ ୭ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କଟକ ସିନିୟର ମହିଳା ଦଳ ନିର୍ଦ୍ଧାରିତ ୭ ଓଭରରେ ୨ ଉଇକେଟ ବିନିମୟରେ ୬୨ରନ କରିଥିଲା। ତନ୍ମୟୀ ବେହେରା ୨୯ (୨୦ ବଲ୍) ରନ କରି ଅପରାଜିତ ରହିଥିବା ବେଳେ ଶିଖା ସ୍ୱାଇଁ ୨୩ (୨୧) ରନ କରିଥିଲେ। ବିପକ୍ଷ ଦଳର ଚିରାଶ୍ରୀ ରାଉତ ତାଙ୍କ ୨ ଓଭର ବୋଲିଂରେ ୧୦ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପୁରୀ ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ମାତ୍ର ୧୨ ରନ କରିଥିଲା। ଅମୀଶା ସ୍ୱାଇଁ, ରୟଙ୍କା ବିଶ୍ୱାସ ଓ ଶିତଳ ରାଉତ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ତନ୍ମୟୀ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ତନ୍ମୟୀ ବେହେରା

## ଡ୍ରୋନ୍ ଉଡ଼ିବାକୁ ନେଇ ନ୍ୟୁଜିଲାଣ୍ଡ ଦଳର ଅଭିଯୋଗ

**ୱେଲିଂଟନ୍,୨୪।୭(ପି.ଟି.)**

ଖେଳାଳିଙ୍କ ଅଭ୍ୟାସ ସମୟରେ ଡ୍ରୋନ୍ ଉଡାଯାଇଥିବା ଘଟଣାକୁ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ଇଣ୍ଟେଗ୍ରିଟି ୟୁନିଟ୍ ନିକଟରେ ଅଭିଯୋଗ କରିଛି ନ୍ୟୁଜିଲାଣ୍ଡ ଫୁଟବଲ ଦଳ। ନ୍ୟୁଜିଲାଣ୍ଡ ମହିଳା ଦଳ ଅଭ୍ୟାସ କରୁଥିବା ସମୟରେ ଉପରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। କାନାଡ଼ା ଦଳର ସପୋର୍ଟ ଷ୍ଟାଫ୍ ଏହି ଡ୍ରୋନ୍ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା। ଗୁରୁବାର ଡିଫେଣ୍ଡିଂ ଚାମ୍ପିୟନ କାନାଡ଼ା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମହିଳା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହି ଡ୍ରୋନ୍ ଘଟଣା ଗତ ସପ୍ତାହରେ ହୋଇଥିବା ନେଇ ବୁଧବାର ଅଭିଯୋଗ କରିଛି ନ୍ୟୁଜିଲାଣ୍ଡ। ଏହି ଘଟଣା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରାଯିବା ପରେ ଡ୍ରୋନର ପରିଚାଳକ କାନାଡ଼ା ଟିମ୍‌ର ସପୋର୍ଟ ଷ୍ଟାଫ୍ ବୋଲି ଜଣାପଡିଥିଲା। ପରେ ଇଣ୍ଟେଗ୍ରିଟି ୟୁନିଟ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲା ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ କମିଟି। କାନାଡ଼ା ନିକଟରୁ ଏହି ମାମଲାର ସମୀକ୍ଷା ରିପୋର୍ଟ ଆଶା କରିଥିଲା ଦଳ। କାନାଡ଼ା ଫୁଟବଲ ଦଳ ପକ୍ଷରୁ ଏହି ଘଟଣାକୁ ନେଇ କ୍ଷମା ପ୍ରାର୍ଥନା ମଧ୍ୟ କରାଯାଇଛି। କାନାଡ଼ା ସର୍ବଦା ଫେୟାର ପ୍ଲେରେ ବିଶ୍ୱାସ କରିଥାଏ। ଏଭଳି ଘଟଣାକୁ ନେଇ ଆମେ ଅତ୍ୟନ୍ତ ଦୁଃଖିତ ଓ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ କମିଟି ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି। ତେବେ କାନାଡ଼ା ଦଳ ନାମରେ ଏଭଳି ଅଭିଯୋଗ ପ୍ରଥମ ଥର ଆସିନାହିଁ। ୨୦୨୧ରେ ଟରଣ୍ଟୋରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଅଭ୍ୟାସ ସମୟରେ ଡ୍ରୋନ୍ ଉଡ଼ିବା କାରଣରୁ ହଣ୍ଡୁରାସ୍ ଦଳ ଏହାର ଅଭ୍ୟାସ ଅଧାରୁ ବନ୍ଦ କରିଥିଲା।

# ଉଦ୍‌ଘାଟନୀରେ ସନ୍‌ରାଇଜ କ୍ଲବ ବିଜୟୀ

**ଭୁବନେଶ୍ୱର, ୨୪।୭ (ବିଜୟ ରଣା)**

**ଏମ୍‌ଜିଏମ୍ ଫାଓ ଲିଗ୍**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଏମ୍‌ଜିଏମ୍ ଫାଓ ଲିଗ୍ ବୁଧବାର ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଲିଗ୍‌ର ପ୍ରଥମ ମ୍ୟାଚରେ ସନ୍‌ରାଇଜ କ୍ଲବ ୨-୧ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ଫାଓ ସଭାପତି ସମୀର ଦେ'ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଙ୍କଜ ଲୋଚନ ମହାନ୍ତି (ଏମ୍‌ଜିଏମ୍ ଚେୟାରମ୍ୟାନ ଏବଂ ଓସିଏ ଉପସଭାପତି) ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫାଓର ଅନ୍ୟ କର୍ମକର୍ତ୍ତାଗଣ ଯଥା ସମ୍ପାଦକ ଆଶୀର୍ବାଦ ବେହେରା,ଉପସଭାପତି ବିଜୟ ଦାସ, ଦିଲୀପକୁମାର ସାହୁ, ସହଦେବ ରାଉତ ଓ ବିରେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱ ଭୂଷଣ ଘଡ଼େଇ, ଅଭିଜିତ ପଲ୍ ଓ ବିଜୟ କୁମାର ଦାସ ଏବଂ ଫାଓର ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ।



ଏମ୍‌ଜିଏମ୍ ଫାଓ ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ